ଧରିତ୍ରୀ
DHARITRI

ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୭/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, December 27/2023 Page 16 | ₹ 7.00

୫୦ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 34 | ମୂଲ୍ୟ ₹୭/-

୨୦୦୪ ସୁନାମିକୁ ୧୯ ବର୍ଷ: ମୃତକଙ୍କ ଉଦ୍ଦେଶ୍ୟରେ ମତ୍ସ୍ୟଜୀବୀ ପରିବାରର ମହିଳା ପୁରୁଷମାନେ ଚେନ୍ନାଇର ମାରିନା ବିଚ୍‌ରେ ମଙ୍ଗଳବାର କ୍ଷୀର ଢାଳି ପୂଜାର୍ଚ୍ଚନା କରୁଛନ୍ତି।

ମଣିଷ ମୃତ୍ୟୁରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର, ୨୬।୧୨
(ଅସମାପିକା ସାହୁ)

ରାଜ୍ୟରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଏହାକୁ ରୋକିବାରେ ବନ ବିଭାଗ ଫେଲ୍ ମାରିଛି। ଏହି ପ୍ରସଙ୍ଗ ସାରା ଦେଶ ପାଇଁ ଏକ ଚିନ୍ତାଜନକ ବିଷୟ ହୋଇଥିବାବେଳେ ହାତୀଙ୍କ ଦ୍ୱାରା ମଣିଷ ଜୀବନ ହାନିରେ ଓଡ଼ିଶା ଦେଶରେ ଏକ ନମ୍ବରରେ ରହିଛି। ଗତ ୩ବର୍ଷ ହେଲା ସାରା ଦେଶରେ ହାତୀଙ୍କ ଦ୍ୱାରା ମଣିଷ ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଏହି ସଂଖ୍ୟା ଅଧିକ ରହୁଛି। ଏହାକୁ ଦେଖିଲେ ରାଜ୍ୟ ସରକାର ହାତୀ ସୁରକ୍ଷା ପାଇଁ ଯେତିକି ଚିନ୍ତା କରୁଛନ୍ତି, ମନୁଷ୍ୟ ମୃତ୍ୟୁକୁ ସେତିକି ଗୁରୁତ୍ୱ ଦେଉ ନ ଥିବା ମନେହେଉଛି। କେନ୍ଦ୍ର ସରକାରଙ୍କ ତଥ୍ୟାନୁସାରେ, ହାତୀ ଆକ୍ରମଣରେ ୨୦୨୦-୨୧ରେ ଦେଶରେ ୪୬୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧-୨୨ରେ ୫୩୫ ଏବଂ ୨୦୨୨-୨୩ରେ ୬୦୫ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍‌ବେଗଜନକ କଥା ହେଉଛି ଓଡ଼ିଶା ଏହି ତାଲିକାରେ ଏକ ନମ୍ବର ସ୍ଥାନରେ ରହିବାର ଦୁର୍ନାମ ମୁଣ୍ଡେଇଛି। ପ୍ରତିବର୍ଷ ଦେଶରେ ହାତୀ ଦ୍ୱାରା ମରିଥିବା ଲୋକଙ୍କ ସଂଖ୍ୟାର ୨୦ପ୍ରତିଶତରୁ ଊର୍ଦ୍ଧ୍ୱ କେବଳ ଓଡ଼ିଶାର ରହୁଛି। ଗତବର୍ଷ ଏହି ହାର ପାଖାପାଖି ୨୫ପ୍ରତିଶତ ରହିଥିଲା।

ସୂଚନାନୁସାରେ, ୨୦୨୦-୨୧ରେ ଓଡ଼ିଶାରେ ହାତୀ ଦ୍ୱାରା ୯୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ନମ୍ବର ସ୍ଥାନରେ ରହିଥିଲା। ସେହିଭଳି ୨୦୨୧-୨୨ରେ ଏହି ସଂଖ୍ୟା ୧୧୨କୁ ବୃଦ୍ଧି ପାଇଥିଲା। ତେବେ ସେହିବର୍ଷ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିଲା ଓଡ଼ିଶା। ୧୩୩ ସହ ଝାଡ଼ଖଣ୍ଡ ପ୍ରଥମ ସ୍ଥାନରେ ରହିଥିଲା। ୨୦୨୨-୨୩ରେ ପୁଣି ଦେଶ ସହିତ ଓଡ଼ିଶାରେ ବି ଏହି ସଂଖ୍ୟା ବଢ଼ୁଛି। ଓଡ଼ିଶା ୧୪୮ ଜଣଙ୍କ ମୃତ୍ୟୁ ସହିତ ଏକ ନମ୍ବର ସ୍ଥାନରେ ଅଛି। ବିଶେଷ କରି ୨୦୨୩ ଏପ୍ରିଲ ଓ ଜୁନ୍ ମଧ୍ୟରେ ରାଜ୍ୟରେ ହାତୀ ଆକ୍ରମଣରେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ପୂର୍ବତନ ପିସିସିଏଫ୍ ବି. କେ ପଟ୍ଟନାୟକ କହିଛନ୍ତି, ହାତୀ-ମଣିଷ ମୁହାଁମୁହିଁରେ ଉଭୟ ହାତୀ ଓ ମଣିଷର କ୍ଷତି ହୋଇଥାଏ। ଗତ କିଛିବର୍ଷ ହେବ ମଣିଷଙ୍କ ମୃତ୍ୟୁ ସଂଖ୍ୟା ବଢୁଥିବା ଦେଖାଯାଉଛି। ଏହାର ମୁଖ୍ୟ କାରଣ ହେଉଛି ସାଧାରଣ ଲୋକ। ଜଙ୍ଗଲରେ ହାତୀଙ୍କ ବାସସ୍ଥଳୀ ଅଭାବରୁ ହାତୀମାନେ ବାହାରକୁ ଆସୁଛନ୍ତି। ତାକୁ ଘଉଡ଼ାଇଲା ବେଳେ ଜନସାଧାରଣଙ୍କ ଗହଳି ହେଉଛି। ଯାହାଫଳରେ ହାତୀ ଉଗ୍ରରୂପ ନେଇ ଆକ୍ରମଣ କରିବାକୁ ଚେଷ୍ଟା କରୁଛି। ତେଣୁ ଏହି ଘଟଣାରେ ଉଭୟ ବନ ବିଭାଗ ଓ ଜନସାଧାରଣ ସଚେତନ ହେବା ଜରୁରୀ। ଆବଶ୍ୟକ ହାତୀ ଚଲାପଥ ଏବଂ ଉପଯୁକ୍ତ ଖାଦ୍ୟ ମିଳିଲେ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ନ ଯାଇ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଯାଆନ୍ତେ ବୋଲି ପଟ୍ଟନାୟକ କହିଛନ୍ତି। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମଣିଷ ଯେପର୍ଯ୍ୟନ୍ତ ନିଜର ଫସଲକୁ ହାତୀ କବଳରୁ ରକ୍ଷା କରିବା ପାଇଁ ଚେଷ୍ଟା କରୁଥିବ, ସେପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା କମିବା କଷ୍ଟକର। ଫସଲ ପାଇଁ ଦିଆଯାଉଥିବା କ୍ଷତିପୂରଣ ଅର୍ଥ ରାଶିକୁ ଠିକ୍ ଭାବରେ ବଢ଼େଇବା ଦରକାର। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରିନାହିଁ।

ବଢୁଛି ହାତୀ-ମଣିଷ ଲଢ଼େଇ

ଆଜିଠୁ ଭୁବନେଶ୍ୱରରୁ ଝାରସୁଗୁଡ଼ା ବିମାନ ଉଡ଼ାଇବ ଆଲିଆନ୍ସ ଏୟାର

ଭୁବନେଶ୍ୱର, ୨୬।୧୨
(ଅସମାପିକା ସାହୁ)

ରାଜ୍ୟରେ ବ୍ୟାପକ ହେଉଛି ବିମାନ ସେବା। ଯାତାୟାତ ସୁବିଧା ସହ ରାଜ୍ୟ ଅର୍ଥନୀତିର ବିକାଶ ପାଇଁ ରାଜ୍ୟ ସରକାର ବିମାନ ସେବାରେ ନୂଆ ପଦକ୍ଷେପ ନେବା ସହ ଅଧିକରୁ ଅଧିକ ଅଞ୍ଚଳକୁ ଏଥିରେ ଯୋଡୁଛନ୍ତି। ସରକାରଙ୍କ ଆର୍ଥିକ ସହାୟତାରେ ବୁଧବାରଠାରୁ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ସିଧାସଳଖ ବିମାନସେବା ଆରମ୍ଭ କରିବ ଆଲିଆନ୍ସ ଏୟାର। ଏହି ବିମାନ ସପ୍ତାହକୁ ସୋମବାର, ବୁଧବାର, ଶୁକ୍ରବାର ଏବଂ ରବିବାର ୪ଦିନ ଚଳାଚଳ କରିବ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନନ୍ଦରରୁ ଅପରାହ୍ନ ☞ ପୃଷ୍ଠା-୪

ଦୈନିକ ୫୮୨ ଟେକ୍ କର୍ମଚାରୀ ଛଟେଇ

ନୂଆଦିଲ୍ଲୀ, ୨୬।୧୨
(ଆଇଏଏନ୍‌ଏସ୍)

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଅନେକ ନିୟୁତ ଲୋକଙ୍କ ନିଯୁକ୍ତି ପ୍ରତି ବିପଦ ସୃଷ୍ଟି କରିଥିବାବେଳେ ସାରା ବିଶ୍ୱର ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ନିଜ କର୍ମଚାରୀମାନଙ୍କୁ ଛଟେଇ କରିବାରେ ଲାଗିଛନ୍ତି। ଏପରି କି ଛୁଟି ଦିନଗୁଡ଼ିକରେ ବି ଚାକିରିରୁ ବିଦା କରିବାକୁ ପଛାଉ ନାହାନ୍ତି। ସାରା ବିଶ୍ୱରେ ଷ୍ଟାର୍ଟଅପ୍ ଓ ଟେକ୍ କମ୍ପାନୀଗୁଡ଼ିକ ଗତ ୨ ବର୍ଷ ମଧ୍ୟରେ (୨୦୨୩ ଡିସେମ୍ବର ୨୬ ସୁଦ୍ଧା) ୪,୨୫,୦୦୦ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଏହି ଅବଧି ମଧ୍ୟରେ ଭାରତରେ ୩୬,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତି ହରାଇଛନ୍ତି।

ବଡ଼ ଟେକ୍ ଫାର୍ମ ଓ ଷ୍ଟାର୍ଟଅପ୍‌ଗୁଡ଼ିକ ବୈଶ୍ୱିକ ଆର୍ଥିକ ସ୍ଥିତିକୁ ଦେଖାଇ ନିଜ କର୍ମଚାରୀଙ୍କୁ ବିଦା କରିବାର ଧାରା ବଜାୟ ରଖିଛନ୍ତି। ଟେକ୍ନୋଲୋଜି ସେକ୍ଟରର ନିଯୁକ୍ତି ଛଟେଇ ଉପରେ ଅନୁଧ୍ୟାନ କରୁଥିବା ଲେଅଫ୍.ଡଟ୍.ଏଫ୍.ଓ୍ୱାଇ.ଅ।ଇ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ସଦ୍ୟତମ ତଥ୍ୟାନୁସାରେ ୧,୧୭୮ ଟେକ୍ କମ୍ପାନୀ ଚଳିତବର୍ଷ ୨,୬୦,୭୭୧ କର୍ମଚାରୀଙ୍କୁ ବିଦା କଲେଣି। ୨୦୨୨ରେ ୧,୦୬୧ ଟେକ୍ କମ୍ପାନୀ ୧,୬୪,୭୬୯ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଅର୍ଥାତ୍ ଗତ ୨ ବର୍ଷରେ ଦିନକୁ ପ୍ରାୟ ୫୮୨ କର୍ମଚାରୀ ନିଜ ଚାକିରି ହରାଇଛନ୍ତି। ଘଣ୍ଟାକୁ ୨୪ ଜଣ ଚାକିରିରୁ ବିଦା ☞ ପୃଷ୍ଠା-୪

ଖେଳରତ୍ନ, ଅର୍ଜୁନ ପୁରସ୍କାର ଫେରାଇଲେ ଭିନେଶ

ନୂଆଦିଲ୍ଲୀ, ୨୬।୧୨(ପି.ଟି.)

ଭିନେଶ ଫୋଗଟ

ବିବାଦ ଘେରରେ ରହିଥିବା ଏମ୍‌ପି ତଥା ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ମହାସଂଘର ସଭାପତି ଭାବେ ନିର୍ବାଚିତ ହେବାପରେ ବିବାଦ କ୍ରମେ ଘନେଇବାରେ ଲାଗିଛି। ଏହାକୁ ବିରୋଧ କରି ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଚିଠି ଲେଖି ସରକାରଙ୍କୁ ତାଙ୍କ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇ ଦେଇଛନ୍ତି। ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ବଧିର ଅଲିମ୍ପିକ୍ସ ଚାମ୍ପିୟନ ବୀରେନ୍ଦର ସିଂ ଯାଦବ ସେମାନଙ୍କ ପଦ୍ମଶ୍ରୀ ପୁରସ୍କାର ଫେରସ୍ତ କରିବା ପରେ ଏବେ ଭିନେଶ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ 'ଏକ୍ସ' (ପୂର୍ବରୁ ଟୁଇଟର) ଆକାଉଣ୍ଟରେ ପୋଷ୍ଟ କରିଥିବା ଏହି ଚିଠି ଜରିଆରେ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇ ଦେଇଥିବା ଘୋଷଣା କରିଛନ୍ତି। ☞ ପୃଷ୍ଠା-୪

ଆଜିର ସମ୍ପାଦକୀୟ

ଏଆଇ: ନିୟନ୍ତ୍ରଣ ଲୋଡ଼ା

ମୁମ୍ବାଇକୁ ବିସ୍ଫୋରଣରେ ଉଡ଼ାଇବାକୁ ଧମକ

ମୁମ୍ବାଇ, ୨୬।୧୨

କେନ୍ଦ୍ର ଅର୍ଥମନ୍ତ୍ରୀ, ଆର୍‌ବିଆଇ ଗଭର୍ନରଙ୍କ ଇସ୍ତଫା ଦାବି କଲେ ଇମେଲ୍ ପ୍ରେରକ

କେନ୍ଦ୍ର ଅର୍ଥମନ୍ତ୍ରୀ ନର୍ମଳା ସୀତାରାମନ ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଇସ୍ତଫା ଦାବିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ମଙ୍ଗଳବାର ବୋମା ଧମକ ମିଳିଛି। ଆର୍‌ବିଆଇ ସମେତ ଦୁଇ ବୃହତ୍ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ସମେତ ଆର୍ଥିକ ରାଜଧାନୀ ମୁମ୍ବାଇର ୧୧ଟି ସ୍ଥାନ ଉପରେ ବୋମା ଆକ୍ରମଣ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କକୁ ମିଳିଥିବା ଇମେଲ୍‌ରେ ଉଲ୍ଲେଖ ରହିଛି। ଇମେଲ୍ ପଠାଇଥିବା ବ୍ୟକ୍ତି ଜଣକ ସୀତାରାମନ ଓ ଶକ୍ତିକାନ୍ତ ଇତିହାସର ସବୁଠୁ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ବୋଲି ଅଭିଯୋଗ ଆଣିବା ସହ ତୁରନ୍ତ ସେମାନଙ୍କ ଇସ୍ତଫା ଦାବି କରିଛନ୍ତି। ତାହା ନ ହେଲେ ବୁଧବାର ଅପରାହ୍ନ ୧ଟା ୩୦ ମିନିଟ ସମୟରେ ☞ ପୃଷ୍ଠା-୪

ମେନୁରେ ମଟନ୍ ବୋନ୍ ମ୍ୟାରୋ ନ ଥିବାରୁ ବାହାଘର ଭାଙ୍ଗିଲା

ହାଇଦ୍ରାବାଦ, ୨୬।୧୨

ଭୋଜି ମେନୁରେ ମଟନ ବୋନ୍ ମ୍ୟାରୋ ନ ଥିବାରୁ ବର ପରିବାର କ୍ଷୁବ୍ଧ ହୋଇ ବାହାଘର ଭାଙ୍ଗିଦେଇଛନ୍ତି। ତେଲଙ୍ଗାନାର ନିଜାମାବାଦରେ ଏଭଳି ଅଭାବନୀୟ ଘଟଣା ଘଟିଛି। କନ୍ୟା ଘର ନିଜାମାବାଦ ହୋଇଥିବାବେଳେ ବର ଜଗତିଆଲ୍ ଅଞ୍ଚଳର। ଗତ ନଭେମ୍ବରରେ କନ୍ୟାଘରେ ସେମାନଙ୍କର ନିର୍ବନ୍ଧ ହୋଇଥିଲା। ଏଥିରେ ବର ପରିବାର ସଦସ୍ୟ, ସମ୍ପର୍କୀୟ ଓ ଅତିଥିମାନେ ଯୋଗଦେଇଥିଲେ। ତେବେ ନିର୍ବନ୍ଧ ଭୋଜିରେ କନ୍ୟା ପରିବାର ଅତିଥିମାନଙ୍କ ପାଇଁ ମଟନ୍ ବୋନ୍ ମ୍ୟାରୋ ବ୍ୟବସ୍ଥା କରି ନ ଥିଲେ। ମଟନ୍ ବୋନ୍ ମ୍ୟାରୋ ପରଷା ନ ଯିବାରୁ ନିର୍ବନ୍ଧ ପରେ ଗଣ୍ଡଗୋଳ ହୋଇଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ ପୋଲିସ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଗଣ୍ଡଗୋଳ ନ କରିବାକୁ ସ୍ଥାନୀୟ ଥାନାର ଅଧିକାରୀ ବରପକ୍ଷ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ବୋନ୍ ମ୍ୟାରୋ ପରଷା ନ ଯିବା ସେମାନଙ୍କ ପ୍ରତି ଅପମାନ କହି ବରପକ୍ଷ ନରମିବାକୁ ରାଜି ହୋଇ ନ ଥିଲେ। ବୋନ୍ ମ୍ୟାରୋ ମେନୁରେ ନାହିଁ ବୋଲି କନ୍ୟାପକ୍ଷ ଜାଣିଶୁଣି ସେମାନଙ୍କୁ ଜଣାଇ ନ ଥିଲେ ବୋଲି ବରପକ୍ଷ ଯୁକ୍ତି ବାଢ଼ିଥିଲେ। ଶେଷରେ ବରପକ୍ଷ ବାହାଘର ଭାଙ୍ଗି ଚାଲିଯାଇଥିଲେ। ଏହା ଗତ ମାର୍ଚ୍ଚରେ ମୁକ୍ତିଲାଭ କରିଥିବା ତେଲୁଗୁ ଚଳଚ୍ଚିତ୍ର 'ବଲଗାମ୍'ର କାହାଣୀ ଭଳି ବୋଲି କେତେକେ କହିଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ମଟନ୍ ବୋନ୍ ମ୍ୟାରୋ ପାଇଁ ଦୁଇ ପରିବାର ମଧ୍ୟରେ ବିବାଦରୁ ବାହାଘର ଭାଙ୍ଗିଯାଇଥିଲା।



ସଂକ୍ଷେପରେ

ପାକିସ୍ତାନରେ ନିର୍ବାଚନ ଲଢ଼ିବେ ପ୍ରଥମ ହିନ୍ଦୁ ମହିଳା

ଡା.ସବୀରା ପର୍‌କାଶ

ପେଶାୱର,୨୭।୧୨(ପି.ଟି.): ପାକିସ୍ତାନ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ପ୍ରଦେଶିକ ନିର୍ବାଚନରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଜଣେ ମହିଳା ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି। ଡାକ୍ତର ଥିବା ସବୀରା ପର୍‌କାଶ ଶୁକ୍ରବାର ଖାଇବରପଖ୍‌ତୁନ୍‌ଖ୍ୱାର ବୁନେର ଜିଲା ଅନ୍ତର୍ଗତ ପିକେ-୨୫ ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହା ବ୍ୟତୀତ କେପିକେ ବିଧାନସଭାର ମହିଳାଙ୍କ ପାଇଁ ସଂରକ୍ଷଣ ଥିବା ଅନ୍ୟ ଏକ ଆସନ ପାଇଁ ମଧ୍ୟ ସେ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଦଳର ସିନେଟର ରୁବିନା ଖାଲିଦଙ୍କ ଅନୁରୋଧକ୍ରମେ ସବୀରା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜାତିସଂଘ ଦ୍ୱାରା ଘୋଷିତ ଆତଙ୍କବାଦୀ ହାଫିଜ ସୟିଦଙ୍କ ଦ୍ୱାରା ପ୍ରତିଷ୍ଠିତ ପାକିସ୍ତାନ ମର୍କାଜି ମୁସ୍‌ଲିମ୍ ଲିଗ୍ (ପିଏମ୍‌ଏମ୍‌ଏଲ୍) ଆଗାମୀ ସାଧାରଣ ନିର୍ବାଚନ ଲଢ଼ିବାକୁ ଯାଉଛି। ଏହି ଦଳର ନିର୍ବାଚନୀ ଚିହ୍ନ ଚେୟାର ରହିଛି। ଫେବୃୟାରୀ ୮ରେ ପାକିସ୍ତାନରେ ହେବାକୁ ଥିବା ନିର୍ବାଚନରେ ପ୍ରତି ଆସନରେ ଦଳ ପ୍ରାର୍ଥୀ ଦେବ। ହାଫିଜଙ୍କ ପୁଅ ତଲହା ସୟିଦ ଲାହୋର ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି।

ଅପରାଧୀ-ପୋଲିସ ଏନ୍‌କାଉଣ୍ଟର:କନ୍‌ଷ୍ଟେବଲ ମୃତ

କନୌଜ,୨୭।୧୨: ଉତ୍ତରପ୍ରଦେଶର କନୌଜ ଜିଲାରେ ଏକ ଏନ୍‌କାଉଣ୍ଟରରେ ଜଣେ କନ୍‌ଷ୍ଟେବଲ ନିହତ ହୋଇଛନ୍ତି। ଜଣେ ପୁରୁଣା ଅପରାଧୀଙ୍କୁ ଗିରଫ କରିବା ପାଇଁ ପୋଲିସ ଟିମ୍ ଯାଇଥିବାବେଳେ ତାଙ୍କ ପରିବାର ସଦସ୍ୟମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ବିଶୁନ୍‌ଗଢ଼ ଥାନା ଅଞ୍ଚଳରେ ଘଟିଥିବା ଏହି ଗୁଳିବିନିମୟ ବେଳେ କନ୍‌ଷ୍ଟେବଲ ସଚିନ ରାଠି (୨୮) ଗୁରୁତର ଆହତ ହୋଇ କାନପୁର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପୋଲିସର ପାଲଟା ଗୁଳିମାଡ଼ରେ ଅପରାଧୀ ଅଶୋକ କୁମାର ଓରଫ ମୁନ୍ନା ଯାଦବ ଏବଂ ତାଙ୍କ ପୁଅ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଶୋକ କୁମାରଙ୍କ ନାଁରେ ୨୦ ଅପରାଧ ସହ ଏକ ଜାମିନବିହୀନ ଗିରଫ ପରୱାନା ଥିଲା। ସେ ଘରେ ଥିବା ଖବର ପାଇ ସୋମବାର ପୋଲିସ ଟିମ୍ ତାଙ୍କୁ ଗିରଫ କରିବା ଲାଗି ପହଞ୍ଚିଥିଲା।

ଦିଲ୍ଲୀରେ ଘନ କୁହୁଡ଼ି: ଅନ୍ୟ ଏୟାରପୋର୍ଟ ଗଲା ୧୨ ବିମାନ

ନୂଆଦିଲ୍ଲୀ,୨୭।୧୨(ପି.ଟି.)

ଦିଲ୍ଲୀ-ଏନ୍‌ସିଆର୍ ମଙ୍ଗଳବାର ସକାଳେ ଘନ କୁହୁଡ଼ିର ଆସ୍ତରଣରେ ଘୋଡ଼ାଇହୋଇ ରହିବା ସହ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ୍‌କୁ ହ୍ରାସ ପାଇଛି। ଘନ କୁହୁଡ଼ି ଯୋଗୁ ସ୍ୱଳ୍ପ ଦୂରତା ପର୍ଯ୍ୟନ୍ତ ଦୃଶ୍ୟ ହେଉଥିବାରୁ ୧୨ଟି ବିମାନକୁ ଅନ୍ୟତ୍ର ଅବତରଣ ପାଇଁ ପଠାଯାଇଥିବାବେଳେ ବହୁସଂଖ୍ୟାରେ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଦିଲ୍ଲୀ ଆସୁଥିବା ୧୧ଟି ବିମାନକୁ ଜୟପୁର ପଠାଯାଇଥିବାବେଳେ ଲକ୍ଷ୍ନୌରେ ଗୋଟିଏ ବିମାନ ଅବତରଣ କରିଛି। ସକାଳେ ୩୦ରୁ ଊର୍ଦ୍ଧ୍ୱ ବିମାନର ଉଡ଼ାଣ ବିଳମ୍ବ ହୋଇଥିବା ଏୟାରପୋର୍ଟ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ଦିଲ୍ଲୀର ସଫଦରଜଙ୍ଗ, ଆନନ୍ଦବିହାର ଏବଂ ଇଣ୍ଡିଆ ଗେଟ୍ ଆଦି ଅଞ୍ଚଳରେ ଖୁବ୍ କମ୍ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲା। ସେହିପରି କୁହୁଡ଼ି ଯୋଗୁ ୧୪ଟି ଟ୍ରେନ୍ ଦିଲ୍ଲୀରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। କୁହୁଡ଼ି ସତ୍ତ୍ୱେ ଦିଲ୍ଲୀର ବାୟୁ ମାନ ସୂଚକାଙ୍କ ୩୭୪ ରହିଛି, ଯାହାକି ଅତ୍ୟନ୍ତ ନିକୃଷ୍ଟ ମାନର।

ମଙ୍ଗଳବାର ସକାଳେ ନୂଆଦିଲ୍ଲୀର ଘନ କୁହୁଡି ମଧ୍ୟରେ ୨୪ ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ କରୁଛି।

କଶ୍ମୀର ପାଲଟିବ ଗାଜା

ନୂଆଦିଲ୍ଲୀ,୨୭।୧୨

ଭାରତ ଓ ପାକିସ୍ତାନ ଯଦି ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ସମାଧାନ ନ କରନ୍ତି, ତେବେ ଏହା ଗାଜା ଓ ପାଲେଷ୍ଟାଇନ୍ ଭଳି ଦଶା ଭୋଗିବେ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ମଙ୍ଗଳବାର କହିଛନ୍ତି। ଭାରତ ପଡୋଶୀ ଦେଶ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଲେ ଉଭୟ ଦେଶର ବିକାଶ ହେବ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମେ ଆମ ବନ୍ଧୁ ବଦଳାଇପାରିବା ହେଲେ ପଡୋଶୀ ନୁହେଁ ବୋଲି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କହିଥିଲେ। ଯୁଦ୍ଧ ଏକ ବିକଳ୍ପ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବାରୁ ଏବେ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ଉଦ୍ୟମ ହେଉ ବୋଲି ଫାରୁକ୍ କହିଛନ୍ତି। ନୱାଜ ଶରିଫ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ହୋଇଥିବାବେଳେ ଭାରତ ସହ ଆଲୋଚନା ପାଇଁ ସେମାନେ ପ୍ରସ୍ତୁତ ବୋଲି କହିସାରିଲେଣି। ତେବେ ଆଲୋଚନା ପାଇଁ ଆମେ ପ୍ରସ୍ତୁତ ନ ହେବା ପଛରେ କାରଣ କ'ଣ ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି।

ପୁଞ୍ଚରେ ସେନା ଜେରା ପାଇଁ ଉଠାଇନେଇଥିବା ୩ ଜଣ ନାଗରିକଙ୍କ ମୃତ୍ୟୁ ଘଟଣାରେ ଫାରୁକ୍ କହିଛନ୍ତି, ସେନା ଅଫିସରଙ୍କୁ ବଦଳି କରିଦେବା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ ନାହିଁ। ନିରୀହ ଲୋକମାନଙ୍କୁ କ'ଣ ପାଇଁ ନିର୍ଯାତନା ଦେଇ ମାରିଦିଆଗଲା, ତାହାର ତଦନ୍ତ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ପୁଞ୍ଚରେ ୨ଟି ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୪ ଜଣ ଯବାନ ଶହୀଦ ହୋଇଥିଲେ। ଏହି ଘଟଣାରେ ସେନା ୮ ଜଣ ସ୍ଥାନୀୟ ଲୋକଙ୍କୁ ନେଇ ପଚରାଉଚରା କରିଥିଲା। ୩ ଜଣଙ୍କୁ ନିର୍ମମ ଭାବେ ମାଡ଼ ମରାଯିବା ସହ ସେମାନଙ୍କ କ୍ଷତରେ ଲଙ୍କାଗୁଣ୍ଡ ଘଷାଯାଇଥିଲା। ନିର୍ଯାତନା ସହି ନ ପାରି ସେମାନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।


ଫାରୁକ୍ ଅବଦୁଲ୍ଲା

ପାକିସ୍ତାନ ସହ ଆଲୋଚନା ପାଇଁ ଫାରୁକ୍‌ଙ୍କ ପ୍ରସ୍ତାବ

ଅଫିସରଙ୍କ ବଦଳି ନାଗରିକ ମୃତ୍ୟୁର ସମାଧାନ ନୁହେଁ

ଇଟାଭାଟି ଭୁଶୁଡ଼ି ୬ ଶ୍ରମିକ ମୃତ

ହରିଦ୍ୱାର,୨୭।୧୨

ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ମଙ୍ଗଳବାର ଏକ ଇଟାଭାଟି ଭୁଶୁଡ଼ି ୬ ଶ୍ରମିକ ପ୍ରାଣ ହରାଇଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଜିଲାର ଲାହବୋଲି ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ଯିଏ ଏହି ଦୁର୍ଘଟଣା ପାଇଁ ଦାୟୀ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ହରିଦ୍ୱାର ଏସ୍‌ଏସ୍‌ପି ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି। ଇଟାଭାଟିର କାନ୍ଥ ଭୁଶୁଡ଼ିବା ବେଳେ ଶ୍ରମିକମାନେ କାମ କରୁଥିଲେ।

୮ ବର୍ଷ କୋମାରେ ଥିବା ସେନା ଅଫିସରଙ୍କ ମୃତ୍ୟୁ

କରନବୀର ସିଂ ନଙ୍ଗ

ଶ୍ରୀନଗର,୨୭।୧୨

ଦୀର୍ଘ ୮ ବର୍ଷ କାଳ କୋମାରେ ରହିବା ପରେ ସେନାର ଲ୍ୟୁଟ୍‌ନାଣ୍ଟ କଲୋନେଲ କରନବୀର ସିଂ ନଙ୍ଗଙ୍କର ଗତ ରବିବାର ପରଲୋକ ହୋଇଯାଇଛି। ସେନା ପଦକ ବିଜୟୀ ନଙ୍ଗ ୨୦୧୫ ନଭେମ୍ବର ୨୨ରେ ଜମ୍ମୁ-କଶ୍ମୀରର କୁପ୍‌ୱାରାରେ ତଲାସି ଅଭିଯାନରେ ସାମିଲ ଥିବାବେଳେ ଆତଙ୍କବାଦୀଙ୍କ ଆକ୍ରମଣରେ ଗୁରୁତର ହୋଇଥିଲେ। ତାଙ୍କ ମୁହଁରେ ଗୁଳି ବାଜିବାରୁ ସେ ସେବେଠାରୁ କୋମାରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଥିଲେ।

ନିଲମ୍ବନକୁ ଅସ୍ତ୍ର କରିଥିଲା ଶାସକ ଦଳ

ନୂଆଦିଲ୍ଲୀ,୨୭।୧୨(ପି.ଟି.)

ଗଣତନ୍ତ୍ରକୁ ଦୁର୍ବଳ କରିବା, ପାର୍ଲାମେଣ୍ଟ ବ୍ୟବସ୍ଥାକୁ ନଷ୍ଟ କରିବା ଏବଂ ସମ୍ବିଧାନର ତଣ୍ଟି ଚିପିଦେବା ପାଇଁ ଏମ୍‌ପିମାନଙ୍କ ନିଲମ୍ବନକୁ ଶାସକ ଦଳ ଅସ୍ତ୍ର ଭାବେ ବ୍ୟବହାର କରିଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପାର୍ଲାମେଣ୍ଟ ପ୍ରତି ସରକାରଙ୍କ ଅତ୍ୟାଚାରୀ ଓ ଅଂହକାରୀ ମନୋଭାବକୁ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ପତ୍ର ଯଥାର୍ଥ ଦର୍ଶାଇବା ଦୁର୍ଭାଗ୍ୟଜନକ ବୋଲି ଖାର୍ଗେ କହିଛନ୍ତି। ଜଣେ ରାଜ୍ୟ ସଭା ଅଧ୍ୟକ୍ଷ ଭାବେ ନିରପେକ୍ଷତାର ସହ ତାଙ୍କ ଉଦ୍‌ବେଗକୁ ଅନୁଧ୍ୟାନ କରିବା ପାଇଁ ଖାର୍ଗେ ନିବେଦନ କରିଛନ୍ତି। ଏମ୍‌ପିମାନେ ଭୋଟରଙ୍କ ପ୍ରତିନିଧି। ୧୪୬ ଏମ୍‌ପିଙ୍କୁ ନିଲମ୍ବନ କରିବା ଦ୍ୱାରା ସେମାନଙ୍କ ଭୋଟରମାନଙ୍କ ସ୍ୱରକୁ ସରକାର ଚାପି ଦେଇଥିବା କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଜଣାଇଲେ ଖାର୍ଗେ

ଫ୍ରାନ୍ସରେ ଅଟକ ଭାରତୀୟଙ୍କ ମଧ୍ୟରୁ ୨୭୬ ଫେରିଲେ

ମୁମ୍ବାଇ,୨୭।୧୨

ମାନବ ଚାଲାଣ ସନ୍ଦେହରେ ଫ୍ରାନ୍ସରେ ୪ ଦିନ ହେଲା ଅଟକ ଥିବା ୩୦୩ ଭାରତୀୟ ବିମାନଯାତ୍ରୀଙ୍କ ମଧ୍ୟରୁ ୨୭୬ ଜଣ ମଙ୍ଗଳବାର ଭୋର ସମୟରେ ମୁମ୍ବାଇରେ ପହଞ୍ଚିଛନ୍ତି। ସୋମବାର ଅପରାହ୍ନ ୨ଟା ୩୦ ମିନିଟରେ ଏୟାରବସ୍ ଏ୩୪୦ ୨୭୬ ଯାତ୍ରୀଙ୍କୁ ନେଇ ପ୍ୟାରିସ୍ ନିକଟ ଭଟ୍ରି ଏୟାରପୋର୍ଟରୁ ଉଡ଼ାଣ ଭରିଥିଲା। ୫ ନାବାଳକଙ୍କ ସମେତ ଅନ୍ୟ ୨୭ ଯାତ୍ରୀ ଫ୍ରାନ୍ସରେ ଶରଣ ପାଇଁ ଆବେଦନ କରିଥିବାରୁ ସେମାନେ ସେଠାରେ ରହିଛନ୍ତି। ସୂଚନାଯୋଗ୍ୟ, ଦୁବାଇରୁ ୩୦୩ ଜଣ ଭାରତୀୟଙ୍କୁ ନେଇ ନିକାରାଗୁଆ ଯାଉଥିବା ଏକ ବିମାନ ତେଲ ପକାଇବା ପାଇଁ ଫ୍ରାନ୍ସରେ ଅବତରଣ କରିଥିବାବେଳେ ସେଥିରେ ମାନବ ଚାଲାଣ ହେଉଥିବା ସନ୍ଦେହ କରି ଫ୍ରାନ୍ସ କର୍ତ୍ତୃପକ୍ଷ ବିମାନ ସମେତ ସମସ୍ତ ଯାତ୍ରୀଙ୍କୁ ଅଟକ ରଖିଥିଲେ। ତେବେ ଚାଲାଣ ସମ୍ପର୍କିତ କୌଣସି ପ୍ରମାଣ ନ ମିଳିବାରୁ ସେମାନଙ୍କୁ ଛାଡ଼ିଦେବା ଲାଗି ଅଦାଲତ ନିଷ୍ପତ୍ତି ନେଇଥିଲେ।

ଫ୍ରାନ୍ସରୁ ଫେରିଥିବା ଭାରତୀୟ ଯାତ୍ରୀ ମୁମ୍ବାଇ ବିମାନବନ୍ଦରରେ।

ଫୁଟ୍‌ସତ୍

ଡିସେମ୍ବର ୨୫ରେ ୟୁକ୍ରେନ୍ ପାଳିଲା ଖ୍ରୀଷ୍ଟମାସ୍

କ୍ୟିଭ୍

ୟୁକ୍ରେନ୍ ପ୍ରଥମଥର ପାଇଁ ଚଳିତବର୍ଷ ଡିସେମ୍ବର ୨୫କୁ ଖ୍ରୀଷ୍ଟମାସ୍ ଭାବେ ପାଳନ କରିଛି। ରୁଷିଆରେ ଅର୍ଥୋଡକ୍ସ ବିଶ୍ୱାସୀ ପ୍ରତିବର୍ଷ ଏହି ଦିନକୁ ଜାନୁୟାରୀ ୭ରେ ପାଳୁଥିଲେ। ତେବେ ୟୁକ୍ରେନ୍ ସରକାର ଗତ ଜୁଲାଇରେ ଏକ ଆଇନ ପାସ୍ କରି ଏହି ତାରିଖକୁ ବଦଳାଇଛନ୍ତି। ପୂର୍ବରୁ ୟୁକ୍ରେନ୍ ରୁଷିଆର ସମସ୍ତ ଉତ୍ସବ ଦିନକୁ ପାଳୁଥିଲା। ୟୁକ୍ରେନ୍ ସଂଯୁକ୍ତ ରାଷ୍ଟ୍ରର ଦିବସ ଅନୁସାରେ ସମସ୍ତ ଉତ୍ସବ ପାଳନ କରିବ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ଜେନେସ୍କି ରବିବାର ସନ୍ଧ୍ୟାରେ ନ୍ୟୁଜ୍ ଏଜେନ୍ସି ଏଏଫ୍‌ପି ଜରିଆର ଖ୍ରୀଷ୍ଟମାସ୍ ବାର୍ତ୍ତା ଦେଇଥିଲେ। ଗ୍ରେଗୋରିଆନ କ୍ୟାଲେଣ୍ଡର ଅନୁସାରେ ୟୁକ୍ରେନ ଖ୍ରୀଷ୍ଟମାସ୍ ପାଳନ କରିବ ବୋଲି ନିଷ୍ପତ୍ତି ହୋଇଛି। ରୁଷିଆନ୍ ଅର୍ଥୋଡକ୍ସ ଚର୍ଚ୍ଚ ୟୁକ୍ରେନ୍ ପରମ୍ପରାଠାରୁ ପ୍ରବର୍ତ୍ତିତ। ତେବେ ରୁଷିଆନ୍ ଅର୍ଥୋଡକ୍ସ ଚର୍ଚ୍ଚ ପୁରୁଣା ଜୁଲିଆନ କ୍ୟାଲେଣ୍ଡର ବ୍ୟବହାରସ୍ୱରୂପ ଉତ୍ସବ ପାଳୁଛି। ୟୁକ୍ରେନ୍‌ର ଏହି ନିଷ୍ପତ୍ତିକୁ ସମର୍ଥନ କରିବା ଉଚିତ୍। କାରଣ ପରିବର୍ତ୍ତନ ସବୁବେଳେ କଷ୍ଟ ହୋଇଥାଏ, ଯାହାକୁ ସମର୍ଥନ ମିଳୁ ବୋଲି ୟୁକ୍ରେନ୍‌ର ତରୁଣ ଡ୍ୟାନିସ୍ କହିଛନ୍ତି। ତେବେ ୟୁକ୍ରେନ୍‌ର କିଛି ଲୋକ ଏବେ ମଧ୍ୟ ରୁଷିଆର ଅର୍ଥୋଡକ୍ସ ଚର୍ଚ୍ଚ ଏବଂ ଖ୍ରୀଷ୍ଟମାସ୍ ଦିନକୁ ପାଳନ କରୁଛନ୍ତି।

ଜେଲରେ ଗାର୍ଡ ଭାବେ ଜଗନ୍ତି ହଂସ

ବ୍ରାସିଲିଆ: ଜେଲ ଜଗିବା ପାଇଁ ଗାର୍ଡଙ୍କ ବଦଳରେ ସିସିଟିଭି କ୍ୟାମେରା ଲଗାଯାଉଛି। ବ୍ରାଜିଲର ଏକ ଜେଲ ନିଜର ଖାସ୍ ପ୍ରକାରର ଗାର୍ଡଙ୍କ ପାଇଁ ଚର୍ଚ୍ଚାରେ ରହିଛି। ସେଠାରେ ଗାର୍ଡଙ୍କ ସ୍ଥାନରେ ହଂସଙ୍କୁ ରଖାଯାଇଛି; ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଜେଲ ପ୍ରଶାସକଙ୍କ କହିବା କଥା କି, ଏହି ହଂସ ଗାର୍ଡଙ୍କ ଅପେକ୍ଷା ଅଧିକ ପ୍ରଭାବଶାଳୀ। ଏମାନଙ୍କ ଶୁଣିବାର କ୍ଷମତା ଅଧିକ। ଆଉ ଯେତେବେଳେ ସେମାନେ ଆହତ ହୁଅନ୍ତି ସେମାନେ ବହୁତ ଉଚ୍ଚ ଧ୍ୱନି କରି ସମସ୍ତଙ୍କୁ ସାବଧାନ କରିଥାନ୍ତି। ଜେଲର ନିର୍ଦ୍ଦେଶକ ମାର୍କୋସ୍ ରୋବର୍ଟୋ ଡି'ସୁଜା କହିଛନ୍ତି, ସେମାନଙ୍କ ପାଖରେ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ, ବ୍ୟକ୍ତିଗତ ସର୍ଭିଲାନ୍ସ ରହିଛି। ତେବେ ସେମାନେ ଏବେ ହଂସଙ୍କୁ ସର୍ଭିଲାନ୍ସ ରଖିଛନ୍ତି। ବ୍ରାଜିଲର ଜେଲ ପ୍ରାୟ ୧୨ ବର୍ଷ ହେବ କଏଦୀଙ୍କୁ ଜେଲରୁ ଖସିଯିବାରୁ ଅଟକାଇବାକୁ ହଂସ ଉପରେ ନିର୍ଭରଶୀଳ। ରୋମାଞ୍ଚକର କଥା ଏହା କି ହଂସ ୨ ବର୍ଷ ଧରି ଚାଇନାର ସୀମା ଦ୍ୱାରା ଆସୁଥିବା ଅବୈଧ ପ୍ରବାସୀଙ୍କ ପ୍ରବେଶକୁ ରୋକିବାରେ ସକ୍ଷମ ହୋଇଛି।

ଡେଜିଙ୍କ ଫିଟ୍‌ନେସ ଗୁରୁ ସଲ୍‌ମାନ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଡେଜି ଶାହା ଫିଟ୍‌ନେସ ମାମଲାରେ ଅନେକ ସେଲିବ୍ରିଟିଙ୍କଠାରୁ ବେଶ୍ ଅଲଗା। ଭାଇଜାନ୍ ସଲ୍‌ମାନ ଖାନ୍‌ଙ୍କ ସହ ଜେଡି ସ୍କ୍ରିନ ଶେୟାର କରିବା ପରେ ସେ ଏବେ ଡିଜିଟାଲ ଦୁନିଆରେ ପାଦ ଥାପିଛନ୍ତି। ସେ ନିକଟରେ ଏକ ସାକ୍ଷାତ୍‌କାରରେ ତାଙ୍କ ଫିଟ୍‌ନେସ ଉପରେ ଆଲୋଚନା କରିଛନ୍ତି। ଡେଜି ଆରମ୍ଭରୁ ଜଣେ ନୃତ୍ୟଶିଳ୍ପୀ ଥିଲେ। ପରେ କୋରିଓଗ୍ରାଫର ଶବିନା ଖାନ୍ ତାଙ୍କ ପ୍ରତିଭାକୁ ପରଖି ତାଙ୍କୁ ନୃତ୍ୟ ତାଲିମ୍ ଦେଲେ। ଏହାପରେ ଡେଜି ତାଙ୍କର ଆସିଷ୍ଟାଣ୍ଟ ଭାବରେ ଅନେକ ସ୍ଥାନରେ ନୃତ୍ୟ ପ୍ରତିଭାର ପ୍ରଦର୍ଶନ ଦେଲେ। ଆଗରୁ ସେ ତାଙ୍କ ନୃତ୍ୟକୁ ଏକ ଆୟର ମାଧ୍ୟମ ବୋଲି ଭାବୁଥିଲେ। ହେଲେ ଏବେ ସେ ନୃତ୍ୟକୁ ତାଙ୍କର ଫିଟନେସ୍‌ର ମନ୍ତ୍ର ବୋଲି ଭାବୁଛନ୍ତି। ତେବେ ସଲ୍‌ମାନଙ୍କ ବ୍ୟକ୍ତିଗତ ଟ୍ରେନର ଗତ ୪ ବର୍ଷ ହେଲା ଫିଟ୍‌ନେସ ମାମଲାରେ ଡେଜିଙ୍କ ମାର୍ଗଦର୍ଶନ କରୁଛନ୍ତି। ଏଥିସହ ସଲ୍‌ମାନ ମଧ୍ୟ ଡେଜିଙ୍କ ଫିଟ୍‌ନେସ ରୁଟିନ୍ ଉପରେ ଧ୍ୟାନ ଦିଅନ୍ତି। ନିଜକୁ ଫିଟ୍ ରଖିବାକୁ ଯୋଗ, ପ୍ରାଣାୟାମ୍ ସହ ଜିମ୍ ମଧ୍ୟ ଯାଇଥାନ୍ତି। ତେବେ ଏ ସବୁ ପାଇଁ ସେ ସଲ୍‌ମାନଙ୍କୁ ନିଜର ପ୍ରେରଣା ବୋଲି କୁହନ୍ତି।

ସରପଞ୍ଚଙ୍କୁ ଏସ୍‌ଡିଓଙ୍କ ମୁଥ

ଭିଡିଓ ଭାଇରାଲ

- ସରପଞ୍ଚଙ୍କ ନାଁରେ ଆକ୍ରମଣ ଅଭିଯୋଗ ଆଣିଲେ ଏସ୍‌ଡିଓ
- ଉଭୟ ଗିରଫ

ଖପ୍ରାଖୋଲ/ବଲାଙ୍ଗୀର,୨୬।୧୨ (ଅଭୟ ତ୍ରିପାଠୀ/ବୀରେନ୍ଦ୍ର କୁମାର ଖାଙ୍କର)

ସରପଞ୍ଚ ସୁଶୀଳ ଗୁରୁଙ୍କୁ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ ତଳେ ଚାପି ମୁଥ ମାରିବା ବେଳର ଫଟୋ।

ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ପୀଠରେ ୫-ଟି ଅଧୀନରେ ଚାଲିଥିବା ଉନ୍ନୟନ ପ୍ରକଳ୍ପରେ ନିମ୍ନମାନର କାମ ହେଉଥିବା ଅଭିଯୋଗକୁ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ ଓ ଖପ୍ରାଖୋଲ ବ୍ଲକ୍ ସରପଞ୍ଚ ସଂଘ ସଭାପତି ତଥା ଚଙ୍ଗରିଆ ସରପଞ୍ଚ ସୁଶୀଳ ଗୁରୁଙ୍କ ମଧ୍ୟରେ ହାତାହାତି ହୋଇଛି। ଏହି ଘଟଣାକୁ ନେଇ ଉଭୟ ଏସ୍‌ଡିଓ ଦାସ ଓ ସରପଞ୍ଚ ଗୁରୁ ଖପ୍ରାଖୋଲ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ପୃଥକ୍ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ରମାକାନ୍ତ ସାହୁ କହିଛନ୍ତି।

ଅନ୍ୟପକ୍ଷେ ସରପଞ୍ଚ ସଂଘ ସଭାପତି ଗୁରୁଙ୍କୁ ପୂର୍ତ୍ତ ଏସ୍‌ଡିଓ ଦାସ ତଳେ ଚାପି ଦେଇ ମୁଥ ମାରିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି ଖବର ପାଇ ପାଟଣାଗଡ଼ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଖପ୍ରାଖୋଲ ଥାନାରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ପାଟଣାଗଡ଼ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ବିଜେଡି ନେତା ଶିବା ପରିଚ୍ଛା ଖପ୍ରାଖୋଲ ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମାଡ ମାରିବା ଫଟୋ ଭାଇରାଲ ହେବା ପରେ ଜଣେ ଜନପ୍ରତିନିଧିଙ୍କୁ ସରକାରୀ କର୍ମଚାରୀଙ୍କ ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ସହିତ ୫-ଟି ଅଧୀନରେ ଚାଲିଥିବା ହରିଶଙ୍କର ପୀଠ ଉନ୍ନୟନ କାମ ବାସ୍ତବରେ କେମିତି ଚାଲିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଚଙ୍ଗରିଆ ସରପଞ୍ଚ ଗୁରୁ ହରିଶଙ୍କର ପୀଠକୁ ଯାଇ ଉନ୍ନୟନ କାମ ତଦାରଖ କରିଥିଲେ। ସେଠାରେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଏସ୍‌ଡିଓ ଦାସଙ୍କ ଉପସ୍ଥିତିରେ ଉନ୍ନୟନ କାମ କରାଯାଉଥିଲା। ସରପଞ୍ଚ ଗୁରୁ ଉନ୍ନୟନ କାମ ନିମ୍ନମାନର ବୋଲି ଅଭିଯୋଗ କରିଥିଲେ। ଗୋଟିଏ ବସ୍ତା ସିମେଣ୍ଟରେ ୧୦ରୁ ୧୨ବସ୍ତା ବାଲି ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପରେ ସରପଞ୍ଚ ଓ ଏସ୍‌ଡିଓଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଉଭୟେ ଠେଲାପେଲା ହୋଇଥିଲେ। ଏ ନେଇ ଉଭୟେ ପରସ୍ପର ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ସରପଞ୍ଚ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏବଂ ଠେଙ୍ଗାରେ ଆକ୍ରମଣ କରିଥିବା ଏସ୍‌ଡିଓ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୭୪/୨୩ରେ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ସରପଞ୍ଚ ଅଭିଯୋଗ କରିଛନ୍ତି ଯେ, ଏସ୍‌ଡିଓ ତାଙ୍କୁ ଠେଲାପେଲା କରି ମାଡ଼ ମାରିଛନ୍ତି। ଏନେଇ ଥାନାରେ ୨୭୫/୨୩ ନମ୍ବରରେ ମାମଲା ରୁଜୁ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି। ସରପଞ୍ଚଙ୍କୁ ଆକ୍ରମଣ ଘଟଣାକୁ ନେଇ କୋଶଲ ମୁକ୍ତି ମୋର୍ଚ୍ଚା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସ୍‌ଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକ୍ ସରପଞ୍ଚ ସଂଘ ମଧ୍ୟ ଘଟଣାର ତୀବ୍ର ନିନ୍ଦା କରି ଏସ୍‌ଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜନପ୍ରତିନିଧି ସରପଞ୍ଚ ଗୁରୁଙ୍କୁ ଜଣେ ସରକାରୀ ଅଧିକାରୀ ମାଡ ମାରିବା ସମ୍ବିଧାନ ବିରୋଧୀ କାର୍ଯ୍ୟ। ଖାଲି ଗିରଫ ନୁହେଁ, ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଉ ବୋଲି କୋଶଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଦାବି କରିଛନ୍ତି। ଏହା ସହିତ ହରିଶଙ୍କର ପୀଠର ୫-ଟି କାମର ସେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ରେଳଷ୍ଟେଶନରେ ପିଏମ୍ ସେଲ୍ଫି ବୁଥ୍ କରଦାତାଙ୍କ ଅର୍ଥର ଅପବ୍ୟୟ: ଖାର୍ଗେ

ନୂଆଦିଲ୍ଲୀ,୨୬।୧୨(କୁଲ୍‌ଦୀପ୍ ସିଂ)

ଦେଶର ରେଳଷ୍ଟେଶନଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଡ଼ କଟ୍‌ଆଉଟ୍ ଥାଇ ସେଲ୍ଫି ବୁଥ୍ ପ୍ରତିଷ୍ଠା କରଦାତାମାନଙ୍କ ଟିକସ ଅର୍ଥର ନିର୍ଲଜ ଅପବ୍ୟୟ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ମୋଦି ସରକାରଙ୍କ ଆତ୍ମପ୍ରଚାରର କୌଣସି ସୀମା ସରହଦ ନ ଥିବା ଖାର୍ଗେ ଏକ୍ସ'ରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କଟ୍ ଆଉଟ୍ ସହ ୮୨୨ଟି ସେଲ୍ଫି ପଏଣ୍ଟ ସ୍ଥାପନ ପାଇଁ ସେନାକୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ଦୁଃସାହସୀ ଯବାନମାନଙ୍କ ରକ୍ତ ଓ ବଳିଦାନକୁ ରାଜନୀତିକରଣ କରାଯାଉଥିବା ଖାର୍ଗେ ପୂର୍ବରୁ ଅଭିଯୋଗ କରିଥିଲେ। ମୋଦି ସରକାର ରାଜ୍ୟଗୁଡ଼ିକୁ ବନ୍ୟା ଓ ମରୁଡ଼ି ସହାୟତା ଦେଉନାହାନ୍ତି। ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକୁ ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ମିଳୁନାହିଁ। ଶସ୍ତା ନିର୍ବାଚନୀ ଷ୍ଟଣ୍ଟରେ ବିପୁଳ ସରକାରୀ ଅର୍ଥର ଦୁରୁପଯୋଗ କରାଯାଉଛି। ଏଥିସହିତ ଖାର୍ଗେ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ)ରେ ମିଳିଥିବା ଉତ୍ତରର ଏକ କପିକୁ ଶେୟାର କରିଛନ୍ତି, ଯେଉଁଥିରେ ସ୍ଥାୟୀ ଓ ଅସ୍ଥାୟୀ ସେଲ୍ଫିପଏଣ୍ଟ ସ୍ଥାପନ ହୋଇଥିବା ଷ୍ଟେଶନଗୁଡ଼ିକର ତାଲିକା ରହିଛି। ଆର୍‌ଟିଆଇ ତଥ୍ୟ ଅନୁଯାୟୀ ପ୍ରତି 'ଏ' ବର୍ଗର ଷ୍ଟେଶନରେ ଅସ୍ଥାୟୀ ସେଲ୍ଫିପଏଣ୍ଟ ପାଇଁ ୧.୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ 'ସି' ବର୍ଗର ଷ୍ଟେଶନଗୁଡ଼ିକରେ ସ୍ଥାପନ ହୋଇଥିବା ପ୍ରତି ସ୍ଥାୟୀ ସେଲ୍ଫି ବୁଥ୍ ପାଇଁ ୬.୨୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରାଯାଉଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ | ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୨୬।୧୨ (ଅନିଲ ଦାସ)

- ନିମନ୍ତ୍ରଣ ରକ୍ଷାକରି ସେବାୟତଙ୍କୁ ଗୁଆ ଚାଉଳ ଦେଲେ ମୁଖ୍ୟମନ୍ତ୍ରୀ
- ମହାପ୍ରଭୁଙ୍କ କାମ, ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇଦେବେ: ମୁଖ୍ୟମନ୍ତ୍ରୀ
- ପ୍ରକଳ୍ପ ପାଇଁ ସେବାୟତଙ୍କ ତ୍ୟାଗ ଅତୁଳନୀୟ: ପାଣ୍ଡିଆନ୍

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଗଣ, ବରିଷ୍ଠ ସେବାୟତଗଣ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଏକ ୫୦ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପାରମ୍ପରିକ ରୀତିରେ ନିମନ୍ତ୍ରଣ କରିଛନ୍ତି। ସେବାୟତ ଓ ଅନ୍ୟମାନେ ଭୁବନେଶ୍ୱରରେ ପହଞ୍ଚି ପ୍ରଥମେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ କରଥିଲେ। ଏହାପରେ ସେମାନେ ନବୀନ ନିବାସକୁ ଆସିଥିଲେ। ଏହି ସମୟରେ ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିମନ୍ତ୍ରଣ ପାଇଁ ସେବାୟତଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଚାଉଳ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିକ୍ରମା ପ୍ରକଳ୍ପ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାର୍ଯ୍ୟ। ଏହି ପବିତ୍ର କାର୍ଯ୍ୟ ପାଇଁ ଯାହା ଆବଶ୍ୟକ ସମସ୍ତ ସହଯୋଗ ରାଜ୍ୟ ସରକାର ଯୋଗାଇଦେବେ ବୋଲି ସେ କହିଛନ୍ତି। ସେବାୟତମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତଥା ପୁରୀ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କହିଛନ୍ତି, ପୁରୀବାସୀଙ୍କ ତ୍ୟାଗ ଯୋଗୁ ପରିକ୍ରମା ପ୍ରକଳ୍ପ ସମ୍ଭବ ହୋଇପାରିଛି। ସେବାୟତମାନଙ୍କ ଅତୁଳନୀୟ ତ୍ୟାଗ ସବୁଦିନ ପାଇଁ ସମସ୍ତେ ଶ୍ରଦ୍ଧାର ସହ ମନେରଖିବେ। ପରିକ୍ରମା ପ୍ରକଳ୍ପ କାମ ସମୟରେ ଅନେକ ଥର ବହୁତ ଅସୁବିଧା କିପରି ମହାପ୍ରଭୁଙ୍କ ଆଶୀର୍ବାଦରେ ଦୂର ହୋଇଛି ଏବଂ କାମ ସବୁ ଭଲ ଭାବରେ ଆଗେଇ ଚାଲିଥିଲା ସେ ବିଷୟରେ ପାଣ୍ଡିଆନ ନିଜ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିଥିଲେ।

ପୁରୀ ସହରର ବିକାଶ ପାଇଁ ତଥା ସେବାୟତଙ୍କ କଲ୍ୟାଣ ପାଇଁ ଯାହାକିଛି ଆବଶ୍ୟକ ମୁଖ୍ୟମନ୍ତ୍ରୀ ସବୁକିଛି କରିବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଉପଢ଼ୌକନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ପାଇଁ ଏକ ଦିବ୍ୟ ଅନୁଭବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭ କରାଯାଇଛି। ୨୦୨୧ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ, ସାଧୁ ସନ୍ଥ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଲୋକାର୍ପଣ କାର୍ଯ୍ୟରେ ମଧ୍ୟ ସେହିପରି ସାଧୁସନ୍ଥ, ସବୁ ରାଜନୈତିକ ଦଳ ଓ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ। ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ନିୟମିତ ସମୀକ୍ଷା କରୁଛନ୍ତି।

ଭିଜିଲାନ୍ସ ଜାଲରେ ଇଡ୍‌କୋ ସିଜିଏମ୍

ବହୁ କୋଟିର ସମ୍ପତ୍ତି ଠାବ

- ଭୁବନେଶ୍ୱର, କଟକ, ଯାଜପୁରର ୭ ସ୍ଥାନରେ ଯାଞ୍ଚ
- ଘରୁ ମିଳିଲା ପୁଳାପୁଳା ସୁନା, ରୁପା ଅଳଙ୍କାର
- ୨ କୋଠା, ୨ ଫ୍ଲାଟ୍, ୧୦ ପ୍ଲଟ୍ ରହିଥିବା ସୂଚନା

ଭୁବନେଶ୍ୱର,୨୬।୧୨ (ସତ୍ୟଜିତ୍ ରାଉତ)

ସରୋଜ କାନ୍ତ ମହାନ୍ତି

ରାଜ୍ୟ ସରକାରଙ୍କ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ୍ କର୍ପୋରେଶନ୍(ଇଡ୍‌କୋ)ର ଚିଫ୍ ଜେନେରାଲ୍ ମ୍ୟାନେଜର୍ (ପି ଏଣ୍ଡ୍ ଏ) ସରୋଜ କାନ୍ତ ମହାନ୍ତି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ସରୋଜଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ଯାଜପୁର ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ଯାଞ୍ଚ ଚାଲିଛି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ସରୋଜଙ୍କ ଭୁବନେଶ୍ୱର ଇଡ୍‌କୋ ଟାୱାରସ୍ଥିତ ଅଫିସ ଚାମ୍ବର, ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍‌ସ୍ଥିତ ସମ୍ପର୍କୀୟଙ୍କ ଘର, ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦାସ୍ଥିତ ପୈତୃକ ଘର ଆଦି ରହିଛି। ତେବେ ଯାଞ୍ଚରୁ ବିପୁଳ ସମ୍ପତ୍ତି ଭିଜିଲାନ୍ସ ପାଇଥିବା ସୂଚନା ମିଳିଛି। ତାଙ୍କ ଘରୁ ପୁଳାପୁଳା ସୁନା, ରୁପା ଅଳଙ୍କାର ମିଳିଥିବାବେଳେ ୨ କୋଠା, ୨ ଫ୍ଲାଟ୍, ୧୦ ପ୍ଲଟ୍, ବ୍ୟାଙ୍କ ଓ ବୀମା ଜମା ଆଦି ବହୁ କୋଟିର ସମ୍ପତ୍ତି ଠୁଳ କରିଥିବା ଜଣାପଡିଛି। ରିପୋର୍ଟ ଲେଖାହେବା ବେଳକୁ ସରୋଜଙ୍କ କଟକ ନୟାବଜାର ମହାନଦୀ ବିହାରସ୍ଥିତ ୬୨୦୦ ବର୍ଗଫୁଟରେ ଏକ ୩ ମହଲା କୋଠା, ଧର୍ମଶାଳା ବ୍ରହ୍ମବରଦାରେ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ଅମ୍ରିତା ଆଳୟମ୍ ଆପାର୍ଟମେଣ୍ଟରେ ଏକ ୩ ବିଏର୍‌କେ ଫ୍ଲାଟ୍, କଟକ ବାରଙ୍ଗ ପାଟପୁରସ୍ଥିତ ମେଟ୍ରୋ ଗ୍ରୀନ୍ ଉତ୍ସ ଆପାର୍ଟମେଣ୍ଟରେ ଏକ ୩ ବିଏର୍‌କେ ଫ୍ଲାଟ ଠାବ ହୋଇଛି। ସେହିପରି କଟକ, ଭୁବନେଶ୍ୱର ମୁଖ୍ୟ ଅଞ୍ଚଳରେ ୭ ପ୍ଲଟ୍ ସମେତ ମୋଟ ୧୦ଟି ପ୍ଲଟ୍ ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ପ୍ଲଟ୍, କୋଠା ଓ ଫ୍ଲାଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଟିମ୍ ଯାଞ୍ଚ ଜାରି ରଖିଛି। ସେହିପରି ସରୋଜଙ୍କ ଘରୁ ସୁନା ଅଳଙ୍କାର ୭୦୩.୩୮ ଗ୍ରାମ, ୮୬୯ ଗ୍ରାମର ରୁପା ଅଳଙ୍କାର, ବ୍ୟାଙ୍କ, ଜୀବନବୀମା ଓ ପୋଷ୍ଟାଲ ଜମା ୭୦.୫୫ ଲକ୍ଷ ଏବଂ ୨୦.୮୮ ଲକ୍ଷର ଗୋଟିଏ ଚାରି ଚକିଆ ଯାନ ଓ ଦୁଇଟି ଦୁଇ ଚକିଆ ଯାନ ଏବଂ ନଗଦ ଟଙ୍କା ଠାବ ହୋଇଛି। ସରୋଜଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମିଳିଥିବା ସମ୍ପତ୍ତିରୁ କେତେ ଆୟବହିର୍ଭୂତ ବା ସରୋଜ ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ଠୁଳ କରିଛନ୍ତି, ତାହା ହିସାବ ପରେ ଜଣାପଡିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୭ଟି ଟିମ୍‌ରେ ୧୦ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କ ସମେତ ବହୁ କର୍ମଚାରୀ ସାମିଲ ଅଛନ୍ତି।

ରାଜ୍ୟ ସରକାର ଭଡ଼ାରେ ଆଣିବେ ୨ ଏୟାରକ୍ରାଫ୍ଟ

ଭୁବନେଶ୍ୱର, ୨୬।୧୨ (ଅସମାପିକା ସାହୁ)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍(ମହିଳା ଓ ପୁରୁଷ) ୨୦୨୩-୨୪ ଆସନ୍ତା ଫେବୃୟାରୀ ୩ରୁ ଆରମ୍ଭ ହେବ। ଓଡ଼ିଶାରେ ମଧ୍ୟ ଏହାର କେତେକ ଲିଗ୍ ଖେଳାଯିବ। ଏଥିପାଇଁ ସରକାର ଦୁଇଟି ଏୟାରକ୍ରାଫ୍ଟ ଭଡ଼ାରେ ଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଖେଳାଳି ଟିମ୍ ଏବଂ ଅଧିକାରୀଙ୍କ ଯିବା ଆସିବା ପାଇଁ ଏହି ଦୁଇଟି ଏୟାରକ୍ରାଫ୍ଟ ଫେବୃୟାରୀ ୧୦ରୁ ୧୭ତାରିଖ ମଧ୍ୟରେ ଭୁବନେଶ୍ୱରରୁ ରାଉରକେଲା ଏବଂ ଭୁବନେଶ୍ୱରରୁ ଝାରସୁଗୁଡ଼ା ଯାତ୍ରା କରିବ। ଏହି ଏୟାରକ୍ରାଫ୍ଟ ଭଡ଼ାରେ ଆଣିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ କୋଟେଶନ ମାଗିଛନ୍ତି। ଯୋଗ୍ୟ ତଥା ଇଚ୍ଛୁକ ଏୟାରକ୍ରାଫ୍ଟ ଅପରେଟରମାନେ https://tendersodisha.gov.in/nicgep/app ଏବଂ https://ct.odisha.gov.in/tenders ୱେବ୍‌ସାଇଟ୍‌ରୁ କୋଟେଶନ ଫର୍ମ ଡାଉନଲୋଡ୍ କରି ଆବେଦନ କରିବା ପାଇଁ କୁହାଯାଇଛି। ଜାନୁୟାରୀ ୧୬ ଅପରାହ୍ନ ୩ଟା ମଧ୍ୟରେ ସମସ୍ତ ପ୍ରସ୍ତାବଗୁଡ଼ିକ ପହଞ୍ଚିବା ଦରକାର।

ନୂଆବର୍ଷରେ ମାଲକାନଗିରି ବିମାନବନ୍ଦର ଲୋକାର୍ପଣ

ମାଲକାନଗିରି ବିମାନବନ୍ଦର କାର୍ଯ୍ୟ ଚାଲିଛି।

ମାଲକାନଗିରି, ୨୬।୧୨(ଦୁର୍ଯ୍ୟୋଧନ ପାତ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡ଼ିକର ମାଲକାନଗିରି ଜିଲାରେ ହିଁ ଶୁଭାରମ୍ଭ କରିଥାନ୍ତି। ୨୦୨୪ ଜାନୁୟାରୀ ପ୍ରଥମ ସପ୍ତାହରେ ମାଲକାନଗିରି ସଦର ମହକୁମାରେ ନବନିର୍ମିତ ବିମାନବନ୍ଦର ଲୋକାର୍ପିତ ହେବ ବୋଲି କ୍ରୀଡ଼ା ସଚିବ ତଥା ମାଲକାନଗିରିର ପୂର୍ବତନ ଜିଲାପାଳ ଆର୍. ଭିନିଲ୍ କ୍ରିଷ୍ଣା ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ବ୍ୟୟ ହୋଇଥିବା ବେଳେ ଏହାକୁ ୫୦ କୋଟିକୁ ବୃଦ୍ଧିକରି ଯୁଦ୍ଧକାଳୀନ ଭିତ୍ତିରେ ଜିଲା ପ୍ରଶାସନ, ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଏବଂ ଏୟାରପୋର୍ଟ କର୍ତ୍ତୃପକ୍ଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏୟାରପୋର୍ଟ ପରିସରରେ ଅତିଥି ଭବନ, କ୍ୟାଣ୍ଟିନ୍, ବିଶ୍ରାମାଗାର, ଅଗ୍ନିଶମ କେନ୍ଦ୍ର, ୧୬୦୦ ମିଟର ରନୱେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟ ସରକାର ବିମାନବନ୍ଦରକ

ଆଜିର ମନ୍ତବ୍ୟ

ଭୂ ରାଜନୀତି ଓ ରାଜନୈତିକ ସହଭାଗିତା ଭାରତ-ରୁଷିଆର ସମ୍ପର୍କକୁ ଏକ ସକାରାତ୍ମକ ଦିଗରେ ଆଗେଇ ନେବା।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଥାଉ ନ ଥାଉ ପେଟକୁ
ଥୋଇଛି ଯାହା ଥେଣ୍ଟକୁ
ଥୋଡ଼େ ନେଇଯା ବାଟକୁ
ଥିଲେ ଲାଗିବ ଘାଟକୁ।

ସଞ୍ଚିତ ଧନ ପର ଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

ଥଟାରି ଘର ପାରା
କୁଲା ଢାଉଁ ଢାଉଁ ଡରା।

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତିକରି ଜାଣେ ସେ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଜେଏନ୍-୧: ଦେଶରେ ଦିନକରେ ୬୨୮ ଚିହ୍ନଟ, ଓଡ଼ିଶାରେ ଆଉ ଜଣେ

ଭୁବନେଶ୍ୱର, ୨୬।୧୨ (ଅସମାପିକା ସାହୁ)

ପୁଣି ଡରାଇଲାଣି କରୋନା। କରୋନାର ନୂଆ ସବ୍‌ଭାରିଆଣ୍ଟ ଜେଏନ୍-୧ ପାଇଁ ଦେଶର ବିଭିନ୍ନ ରାଜ୍ୟରେ ସଂକ୍ରମଣ ବଢୁଥିବାବେଳେ ହଠାତ୍ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୬ଶହ ଟପିଛି। ଏଥିରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ସୋମବାର ଦେଶରେ ୬୨୮ ଆକ୍ରାନ୍ତ ଚିହ୍ନଟ ପରେ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଟପିଛି। ଗତ ୨୪ ଘଣ୍ଟାରେ କେରଳରେ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି। ଆଗକୁ ନୂଆବର୍ଷ ଆସୁଥିବାରୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ସୋମବାର ଆଉଜଣେ ଆକ୍ରାନ୍ତ ଚିହ୍ନଟ ପରେ ଚିନ୍ତା ଘାରିଛି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସପ୍ତାହକ ମଧ୍ୟରେ ୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସମସ୍ତଙ୍କର ଲକ୍ଷଣ କମ୍ ରହିଛି। ଅପର ରେସ୍‌ପିଓରେଟାରୀ ସିଣ୍ଡ୍ରୋମ, ଯାହା ଥଣ୍ଡା କାଶ ରହିଛି। କେହି ହସ୍ପିଟାଲରେ ନାହାନ୍ତି। ଘରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରଥମ ଦୁଇ ରୋଗୀ କଟକର ହୋଇଥିବାବେଳେ ସେମାନଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରୀ ନାହିଁ। ତୃତୀୟ ରୋଗୀଙ୍କର ପ୍ରୋଟୋକଲ ଅନୁସାରେ କେସ୍ ଷ୍ଟଡି କରାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ତେବେ ସର୍ଭେଲାନ୍ସକୁ ଆହୁରି ବଢ଼ାଯିବ। ଯାହାର ଲକ୍ଷଣ ଦେଖାଯାଉଛି, ସେମାନେ ତୁରନ୍ତ ଟେଷ୍ଟିଂ କରନ୍ତୁ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, କରୋନାର ସବ୍‌ଭାରିଆଣ୍ଟ ଜେଏନ୍.୧ ପାଇଁ ଦ୍ରୁତ ସଂକ୍ରମଣ ହେଉଥିଲେ ବି ଏଥିରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା କମ୍ ରହିଛି। ତେଣୁ ଲୋକେ ମାସ୍କ ପିନ୍ଧିବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି।

ଜାନୁୟାରୀ ୫ରେ ନୀଳଗିରିରୁ ଗଡ଼ିବ ମେମୋ

ବାଲେଶ୍ୱର, ୨୬।୧୨(ମାନସ ବିଶ୍ୱାଳ)

ଆସନ୍ତା ଜାନୁୟାର ୫ରେ ନୀଳଗିରିରୁ ଗଡ଼ିବ ମୋମୋ ଟ୍ରେନ। ଏନେଇ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ ସ୍ପଷ୍ଟ କରିଛନ୍ତି। ଖଡ଼ଗପୁର ଡିଭିଜନର ଡିଆର୍‌ଏମ୍ କେ.ଆର୍. ଚୌଧୁରୀ ମଙ୍ଗଳବାର ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ରେଲୱେ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଡିଆର୍‌ଏମ ଚୌଧୁରୀ ବାଲେଶ୍ୱର ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଯାଞ୍ଚ କରିବା ସହିତ ନୀଳଗିରିରୁ ରେଳ ଚଳାଚଳ ନେଇ ଏମ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ଟେଲିଫୋନ୍‌ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ କଥା ହୋଇଥିଲେ। ତଦନୁଯାୟୀ ଆସନ୍ତା ଜାନୁୟାରୀ ୫ରେ ରେଳମନ୍ତ୍ରୀ ଉପସ୍ଥିତ ରହି ନୀଳଗରି ଷ୍ଟେଶନ ଉଦ୍‌ଘାଟନ ସହ ମେମୋ ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିବେ ବୋଲି ଏମ୍‌ପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ଦିଲ୍ଲୀର ଇସ୍ରାଏଲୀ ଦୂତାବାସ ନିକଟରେ ବିସ୍ଫୋରଣ

ନୂଆଦିଲ୍ଲୀ, ୨୬।୧୨

ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଥିବା ଇସ୍ରାଏଲୀ ଦୂତାବାସ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବିସ୍ଫୋରଣ ହୋଇଛି। ଦିଲ୍ଲୀ ପୋଲିସ ଓ ସୁରକ୍ଷା ଟିମ୍ ସ୍ଥିତି ଅନୁଧ୍ୟାନ ଜାରି ରଖିଥିବା ଦୂତାବାସ ମୁଖପାତ୍ର କହିଛନ୍ତି। ଜଣେ ଅଜଣା ବ୍ୟକ୍ତି ବିସ୍ଫୋରଣ ସମ୍ପର୍କରେ ଦିଲ୍ଲୀ ଅଗ୍ନିଶମ ବିଭାଗକୁ ଫୋନ୍ କରି ଜଣାଇଥିଲେ। ଦୂତାବାସ ପଛ ପାର୍ଶ୍ୱରେ ଥିବା ଏକ ଫାଙ୍କା ପ୍ଲଟ୍‌ରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ। ତେବେ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ ଟିମ୍ ଏବଂ ବମ୍ ସ୍କ୍ୱାଡ୍ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ ମଧ୍ୟ ସେଠାରୁ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ଖୁବ୍ ଜୋର୍‌ରେ ଶବ୍ଦ ହେବା ସହ ଏକ ଗଛ ଉପରେ ଧୂମକୁଣ୍ଡଳୀ ଦେଖିବାକୁ ମିଳିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ଆଜିଠୁ ଭୁବନେଶ୍ୱରରୁ...

ପ୍ରଥମ ପୃଷ୍ଠାରୁ...

୪ ଟା ୧୫ରୁ ଯାତ୍ରା ଆରମ୍ଭ କରି ଝାରସୁଗୁଡ଼ାରେ ଅପରାହ୍ନ ୫ଟା ୩୦ରେ ପହଞ୍ଚିବ। ସେହିପରି ଝାରସୁଗୁଡ଼ାରୁ ପୁଣି ଅପରାହ୍ନ ୫ଟା ୫୫ରୁ ଉଡ଼ାଣ ଆରମ୍ଭ କରି ବିମାନଟି ଭୁବନେଶ୍ୱରରେ ସନ୍ଧ୍ୟା ୭ଟା ୫ରେ ଅବତରଣ କରିବ ବୋଲି ଆଲାଏନ୍ସ ଏୟାରରୁ 'ଏକ୍ସ' ପୋଷ୍ଟରୁ ସୂଚନା ମିଳିଛି।

ଦୈନିକ ୫୮୨...

ହୋଇଛନ୍ତି। ଚାକିରି ହରାଇଥିବା କର୍ମଚାରୀଙ୍କ ମଧ୍ୟରୁ ସର୍ବାଧିକ ରିଟେଲ୍‌ଟେକ୍, କଞ୍ଜୁମରଟେକ୍ ଏବଂ ଫିନ୍‌ଟେକ୍ କମ୍ପାନୀର। ଏଭଳି ଛଟେଇ କରୁଥିବା କମ୍ପାନୀ ତାଲିକାରେ ସାମିଲ ହୋଇଛି ପେଟିଏମ୍। ଏହି ଫିନ୍‌ଟେକ୍ କମ୍ପାନୀ ଖର୍ଚ୍ଚ ହ୍ରାସ କରିବା ପାଇଁ ସୋମବାର ୧,୦୦୦ରୁ ଅଧିକ କର୍ମଚାରୀଙ୍କୁ ବାହାର କରିଦେଇଛି। ସେହିପରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଶେୟାରଚାଟ୍ ୨୦୦ କର୍ମଚାରୀ (କାର୍ଯ୍ୟଶକ୍ତିର ୧୫%)ଙ୍କୁ ଚାକିରି ଛାଡ଼ିବାକୁ କହିଛି। ଗେମ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଲୋକୋରେ ମୋଟ ୧୧୦ କର୍ମଚାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୬% ଅର୍ଥାତ୍ ୪୦ ଜଣଙ୍କୁ ବିଦା କରିଛି। ଗୁଗଲ ସମର୍ଥିତ ଏଡ୍‌ଟେକ୍ ପ୍ଲାଟ୍‌ଫର୍ମ ଅଙ୍କା୨୪୭ ମଧ୍ୟ ୨୫୦–୩୦୦ କର୍ମଚାରୀଙ୍କୁ ବାହାର ରାସ୍ତା ଦେଖାଇଛି। ବାୟଜୁ ନିଜ ବ୍ୟବସାୟିକ ପୁନର୍ଗଠନ ପାଇଁ ୪,୦୦୦ରୁ ୫,୦୦୦ କର୍ମଚାରୀଙ୍କୁ ଛଟେଇ କରିଛି। କ୍ୱିକ୍ ଡେଲିଭରି ପ୍ରୋଭାଇଡର ଡୁଞ୍ଜୋ ମଧ୍ୟ ଅର୍ଥାଭାବ କାରଣରୁ ଗତ ସେପ୍ଟେମ୍ବରରେ ୧୫୦–୨୦୦ ଜଣଙ୍କୁ ବାହାର କରିଦେଇଛି।

ଖୋଲରନ୍, ଅର୍ଜୁନ...

ଗତ ଗୁରୁବାର ହୋଇଥିବା ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନରେ ବ୍ରିଜ୍ ଭୂଷଣଙ୍କ ଅନୁଗତ ଗୋଷ୍ଠୀ ୧୫ଟି ପଦବୀରୁ ୧୩ଟିରେ ବିଜୟଲାଭ କରିଛନ୍ତି। ସଞ୍ଜୟ ସିଂ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବ୍ରିଜ୍ ଭୂଷଣଙ୍କ ଅନୁଗତଙ୍କୁ ଡବ୍ଲ୍ୟୁଏଫ୍‌ଆଇ ପ୍ରଶାସନରେ ସ୍ଥାନ ନ ଦେବା ଲାଗି କୁସ୍ତିଯୋଦ୍ଧାମାନେ ଦାବି କରିଥିଲେ। ନିର୍ବାଚନ ପରେ ରିଓ ଅଲିମ୍ପିକ ବ୍ରୋଞ୍ଜ ବିଜେତା ସାକ୍ଷୀ ମଲିକ ଖେଳରୁ ତାଙ୍କର ଅବସର ଘୋଷଣା କରିଥିଲେ। ତେବେ ପରବର୍ତ୍ତୀ ସମୟରେ ନବନିର୍ବାଚିତ ପରିଚାଳନା କମିଟି ନିଷ୍ପତ୍ତି ନେବାବେଳେ ସମ୍ବିଧାନର ଅନୁସରଣ କରି ନାହିଁ ବୋଲି ଦର୍ଶାଇ କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରିଥିଲା। ବର୍ତ୍ତମାନ ପାଇଁ ଏହି କ୍ରୀଡ଼ା ମହାସଂଘର ପରିଚାଳନା ପାଇଁ ଏକ ଆଡ୍‌ହକ ପ୍ୟାନେଲ ଗଠନ କରିବାକୁ ଭାରତୀୟ ଅଲିମ୍ପିକ ଆସୋସିଏଶନକୁ କହିଛି। ଡବ୍ଲ୍ୟୁଏଫ୍‌ଆଇର ନୂଆ ପ୍ୟାନେଲ ଉଚିତ ପ୍ରକ୍ରିୟା ପାଳନ ନ କରି ତରବରିଆଭାବେ ୧୫ବର୍ଷରୁ କମ୍ ଏବଂ ୨୦ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ପାଇଁ ଦିନ ଧାର୍ଯ୍ୟ କରିଥିଲା। ପ୍ରସ୍ତୁତି ଲାଗି କୁସ୍ତିଯୋଦ୍ଧାଙ୍କ ପାଇଁ ଯଥେଷ୍ଟ ସମୟର ଅଭାବ ରହିଥିଲା। ଏହି କାରଣରୁ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରାଯାଇଥିବା ସରକାରଙ୍କ ତରଫରୁ ଦର୍ଶାଯାଇଥିଲା।

ମୁମ୍ବାଇକୁ ବିସ୍ଫୋରଣରେ...

ମୁମ୍ବାଇର ୧୧ଟି ସ୍ଥାନରେ ୧୧ ବୋମା ପକାଇ ଆକ୍ରମଣ ହେବ ବୋଲି ଧମକ ଦେଇଛନ୍ତି। ମୁମ୍ବାଇ ପୋଲିସ ସେହି ସମସ୍ତ ସ୍ଥାନକୁ ଯାଇ ତଦନ୍ତ ଚଳାଇଥିଲେ ମଧ୍ୟ ବୋମା କିମ୍ବା କୌଣସି ବିସ୍ଫୋରକ ସାମଗ୍ରୀ ପାଇନାହିଁ। ଇମେଲ୍ ପ୍ରେରକ ନିଜ ସାଜିଆ 'ଖିଲାଫତ୍ ଇଣ୍ଡିଆ' ବୋଲି ଉକ୍ତ ଇମେଲ୍‌ରେ ଉଲ୍ଲେଖ କରିଛନ୍ତି। ସେ ଉପରୋକ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ଭାରତୀୟ ଇତିହାସର ସବୁଠୁ ବଡ଼ ଦୁର୍ନୀତି କରାଯାଇଥିବା ମଧ୍ୟ କହିଛନ୍ତି। ମୁମ୍ବାଇର ଏମ୍‌ଆର୍‌ଜି ମାର୍ଗ ଥାନାରେ ମାମଲା ରୁଜୁ ପରେ ପୋଲିସ ତଦନ୍ତ ଚଳାଇଛି।

ଅଯୋଧ୍ୟା ଯିବେନି ସୀତାରାମ

ରାମମନ୍ଦିର ପ୍ରାଣପ୍ରତିଷ୍ଠା

ନିମନ୍ତ୍ରଣକୁ ନେଇ ବିବାଦ ଓ ବିତର୍କ

ଅଯୋଧ୍ୟା/ନୂଆଦିଲ୍ଲୀ, ୨୬।୧୨

ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାକୁ ଥିବାରୁ ଏହା ସ୍ୱତଃ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ତେବେ ଏଥିରେ ସାମିଲ ହେବା ପାଇଁ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ନିମନ୍ତ୍ରଣ ପଠାଯାଇଥିବାରୁ ନାନା ମତ ପ୍ରକାଶ ପାଇଛି। ଲୋକ ସଭା ନିର୍ବାଚନକୁ ୪ ମାସରୁ କମ୍ ସମୟ ବାକି ଥିବାବେଳେ ଏହା ଉପରେ ଭାଜପା ନେତାମାନଙ୍କ ମନ୍ତବ୍ୟ ବିବାଦୀୟ ସ୍ଥିତି ଉପୁଜାଇଛି।

ଜାନୁୟାରୀ ୨୨ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଧର୍ମଗୁରୁ, ଅଭିନେତା, ସେଲିବ୍ରିଟିଙ୍କ ସମେତ କଂଗ୍ରେସ ଓ ବାମପନ୍ଥୀ ନେତାମାନଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଯାଇଛି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ନିମନ୍ତ୍ରଣ ପାଇବା ପରେ ଅଯୋଧ୍ୟାକୁ ଯିବେ ନାହିଁ ବୋଲି କହିଛନ୍ତି। ଏହା ଉପରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'ରେ ଲେଖିଛନ୍ତି, ସୀତାରାମ ନାମଧାରୀ ଜଣେ ବ୍ୟକ୍ତି ଅଯୋଧ୍ୟା ଧାମକୁ ଆସିବେ ନାହିଁ ବୋଲି ଶୁଣିବାକୁ ମିଳୁଛି। ରାଜନୀତିରେ ବିରୋଧ କଲେ ବୁଝିହୁଏ। କିନ୍ତୁ ନିଜ ନାମକୁ ଏତେ ଘୃଣା କରୁଥିବା ବ୍ୟକ୍ତି କେବଳ ଜଣେ କମ୍ୟୁନିଷ୍ଟ ହୋଇଥିବେ। ୟେଚୁରୀଙ୍କ ଦଳୀୟ ପ୍ରତିବଦ୍ଧତା ଭିନ୍ନ ହୋଇଥାଇପାରେ। ତେବେ ରାମଙ୍କୁ ଓ ନିଜ ନାମକୁ ସିପିଆଇଏମ୍ ସାଧାରଣ ସମ୍ପାଦକଙ୍କ ବିରୋଧର କାରଣ ବୁଝି ହେଉନାହିଁ ବୋଲି ବିନୋଦ ପୋଷ୍ଟ କରିଥିବା ଏକ ଭିଡିଓ ମେସେଜ୍‌ରେ ଆକ୍ଷେପ କରିଛନ୍ତି। ସିପିଆଇଏମ୍ ନେତ୍ରୀ ବ୍ରିନ୍ଦା କରାଟ କହିଛନ୍ତି, ଧର୍ମୀୟ କାର୍ଯ୍ୟକ୍ରମର ରାଜନୀତୀକରଣ ଚାଲିଛି। ସେମାନେ ଧର୍ମ ସହ ରାଜନୀତିକୁ ଯୋଡ଼ି ଏହା ଆୟୋଜନ କରୁଛନ୍ତି। ଏକ ରାଜନୈତିକ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ଧର୍ମକୁ ଅସ୍ତ୍ର ରୂପେ ବ୍ୟବହାର କରାଯିବା ଅନୁଚିତ। ତାଙ୍କ ଦଳ ଏହି କାର୍ଯ୍ୟକ୍ରମରେ ଯୋଗଦେବ ନାହିଁ। ଏନେଇ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ନିମନ୍ତ୍ରଣ ସମସ୍ତଙ୍କ ନିକଟକୁ ପଠାଯାଇଛି। କିନ୍ତୁ ପ୍ରଭୁ ରାମଙ୍କଠାରୁ ନିମନ୍ତ୍ରଣ ପାଇଥିବା ଲୋକେ ହିଁ ଆସିବେ।

ପୂର୍ବତନ କଂଗ୍ରେସ ନେତା କପିଲ ସିବଲ କହିଛନ୍ତି, ମୋ ହୃଦୟରେ ରାମ ଅଛନ୍ତି। ତେଣୁ ନିର୍ବାଚନ ପୂର୍ବରୁ ଭାଜପା ଶକ୍ତି ପ୍ରଦର୍ଶନ କରୁଥିବା କୌଣସି ଉତ୍ସବରେ ଯୋଗଦେବା ଅନାବଶ୍ୟକ। ଭାଜପା ରାମଙ୍କ କଥା କହୁଛି। କିନ୍ତୁ ଏହି ଦଳର ନେତାମାନଙ୍କଠାରେ ରାମଙ୍କ ଚରିତ୍ର ଦେଖିବାକୁ ମିଳୁନାହିଁ। ଇତିମଧ୍ୟରେ ସିପିଆଇ ମଧ୍ୟ ରାମମନ୍ଦିର କାର୍ଯ୍ୟକ୍ରମରେ ଯୋଗଦେବାକୁ ମନା କରିଦେଇଛି। ଫଳରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ କହିଛନ୍ତି, ସେମାନେ ଆମକୁ ଉପହାସ କରୁଥିଲେ। ସାହସ ଥିଲେ ଅଯୋଧ୍ୟା ଆସନ୍ତୁ। ଆମେ ସେମାନଙ୍କୁ ମନ୍ଦିର ଦେଖାଇଦେବୁ। ଏନେଇ କଂଗ୍ରେସ ନେତା କେ.ସି. ବେଣୁଗୋପାଳ କହିଛନ୍ତି, ଆମକୁ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ। ଆଲୋଚନା ପରେ ଦଳର ଆଭିମୁଖ୍ୟ ଉପରେ ଆମେ ସ୍ପଷ୍ଟ କରିବୁ। ଅନ୍ୟପକ୍ଷେ ଏହି ପ୍ରସଙ୍ଗରେ ଉଠିଥିବା ବିବାଦ ନିକଟ ଭବିଷ୍ୟତରେ ରାଜନୀତିରେ ଉଷ୍ମତା ବଢ଼ାଇପାରେ ବୋଲି କୁହାଯାଉଛି।

ଡିପ୍‌ଫେକ୍‌ର ପରିଣାମ ସମ୍ପର୍କରେ ସତର୍କକଲା କେନ୍ଦ୍ର

ସୋସିଆଲ ମିଡିଆକୁ ଆଡଭାଇଜରି ଜାରି

ନୂଆଦିଲ୍ଲୀ, ୨୬।୧୨

ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ଆଡଭାଇଜରି ଜାରି କରିଛି। ଡିକ୍‌ଫେକ୍ ରୋକିବା ଦିଗରେ ବର୍ତ୍ତମାନର ଆଇଟି ନିୟମାବଳୀକୁ ଅନୁପାଳନ କରିବାକୁ ସାମାଜିକ ଗଣମାଧ୍ୟମଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଉକ୍ତ ନିୟମାବଳୀରେ ଉଦ୍ଦିଷ୍ଟ ଥିବା ନିଷିଦ୍ଧ ଫଟୋ, ଭିଡିଓ ଆଦି ସମ୍ପର୍କରେ ୟୁଜରମାନଙ୍କୁ ସୋସିଆଲ ମିଡିଆ ଜଣାଇବା ଅନିବାର୍ଯ୍ୟ। ଶରୀରର ଗୋପନୀୟତା, ଅଶ୍ଳୀଳତା ବା ଅଶ୍ଳୀଳ ଫଟୋ ଆଦି ଅନ୍ୟର ଅଧିକାରୀକୁ କ୍ଷୁଣ୍ଣ କରୁଥିବା ବିଷୟବସ୍ତୁକୁ ଶେୟାର କରିବା ଆଇଟି ନିୟମାବଳୀର ରୁଲ୍ ୩(୧)(ଖ)ରେ ନିଷିଦ୍ଧ କରାଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟକୁ ନକଲ କରି ୟୁଜରଙ୍କୁ ବିଭ୍ରାନ୍ତ କରିବା କିମ୍ବା ଧୋକା ଦେଉଥିବା ବିଷୟବସ୍ତୁକୁ ମଧ୍ୟ ନିଷେଧ କରାଯାଇଛି। ପ୍ଲାଟଫର୍ମ ବ୍ୟବହାର ପାଇଁ ପଞ୍ଜୀକରଣ କଲାବେଳେ, ଏସବୁ ନିଷିଦ୍ଧ କଣ୍ଟେଣ୍ଟ ସମ୍ପର୍କରେ ୟୁଜରଙ୍କୁ ଜଣାଇବାକୁ କମ୍ପାନୀ ବାଧ୍ୟ। ସେମାନେ ପ୍ଲାଟ୍‌ଫର୍ମକୁ ଲଗ୍‌ଇନ୍ କଲାବେଳେ ଏବଂ କୌଣସି ତଥା ଅପ୍‌ଲୋଡ୍ କିମ୍ବା ଶେୟାର କଲାବେଳେ ମଧ୍ୟ ନିୟମିତ ଭାବେ ସେମାନଙ୍କ ପାଖକୁ ସ୍ମାରକ ପଠାଯିବା ଆବଶ୍ୟକ ବୋଲି ଆଡଭାଇଜରିରେ କୁହାଯାଇଛି। ସେହିପରି ଆଇଟି ନିୟମାବଳୀର ଉଲ୍ଲଂଘନ କଲେ ଏହାର ଆଇନଗତ ପରିଣାମ ସମ୍ପର୍କରେ ମଧ୍ୟ ପ୍ଲାଟ୍‌ଫର୍ମଗୁଡ଼ିକ ୟୁଜରଙ୍କୁ ଜଣାଇବାକୁ ବାଧ୍ୟ।

ରାଉରକେଲାରୁ ବିମାନ ସେବା ବାତିଲ

ଟିକିସାରୁ ବଞ୍ଚିତ ହେଲା ୩ ମାସର ଶିଶୁକନ୍ୟା

ରାଉରକେଲା, ୨୬।୧୨ (ସଙ୍ଗୀତା ଜେନା/ଦିନେଶ ମିଶ୍ର)

ରାଉରକେଲାରୁ କଲିକତା ଓ ଭୁବନେଶ୍ୱରକୁ ବିମାନସେବା ମଙ୍ଗଳବାର ବାତିଲ ହୋଇଛି। ଫଳରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷେ ବିମାନସେବା ବାତିଲ ଯୋଗୁ ଏକ ୩ ମାସର ଶିଶୁକନ୍ୟାଙ୍କ ଟିକିସାରେ ବାଧା ସୃଷ୍ଟି ହୋଇଛି।

ସପ୍ତାହକୁ ମଙ୍ଗଳବାର, ଗୁରୁବାର ଓ ଶନିବାର ରାଉରକେଲାରୁ କଲିକତାକୁ ବିମାନ ଚଳାଚଳ କରିବାର ଥିଲା। ମଙ୍ଗଳବାର ପ୍ରଥମ ଦିନ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ କଲିକତା ଯିବା ପାଇଁ ରାଉରକେଲା ଏୟାରପୋର୍ଟରେ ପହଞ୍ଚିଥିଲେ। ଅପରାହ୍ନ ୩ଟା ୩୫ ମିନିଟ୍‌ରେ କଲିକତା ଯିବାକୁ ଥିବା ଏଟିଆର-୭୨ ବିମାନଟି ଅନୁକୂଳପାଗ ଯୋଗୁ ଉଡ଼ିପାରି ନ ଥିଲା। ସେହିପରି ମଙ୍ଗଳବାର ରାଉରକେଲାରୁ ଭୁବନେଶ୍ୱରକୁ ମଧ୍ୟ ବିମାନ

ଶାଶୁଙ୍କୁ ହତ୍ୟା: ୨୮ ବର୍ଷ ପରେ ଗିରଫ

ବ୍ରହ୍ମପୁର,୨୬।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ତାମିଲନାଡୁର ଚେନ୍ନାଇରେ ଶାଶୁଙ୍କୁ ହତ୍ୟା କରି ୨୮ ବର୍ଷ ହେଲା ଫେରାର୍ ଥିବା ଜ୍ୱାଇଁ ବ୍ରହ୍ମପୁରରୁ ଗିରଫ ହୋଇଛନ୍ତି। ସେ ହେଲେ ହରିହର ପାଟ୍ଟଯୋଶୀ। ବ୍ରହ୍ମପୁରର ହରିହର ଆସିକାରେ ଦ୍ୱିତୀୟ ବିବାହ କରିଥିଲେ। ସେ ନିୟମିତ ନିଜର ଠିକଣା ବଦଳାଉଥିଲେ। ମଙ୍ଗଳବାର ଟ୍ରେନ୍ ଯୋଗେ ଅନ୍ୟତ୍ର ଚାଲିଯିବାକୁ ଉଦ୍ୟମ କରୁଥିଲେ। ଗୋଷାଣିମୂଆଗାଁ ପୋଲିସ ସହାୟତାରେ ଚେନ୍ନାଇ ପୋଲିସ ତାଙ୍କୁ ଗିରଫ କରିଛି। ହରିହରଙ୍କୁ ସିଜେଏମ୍‌ଙ୍କ କୋର୍ଟରେ ହାଜର ପରେ ଚେନ୍ନାଇ ପୋଲିସ ୫ ଦିନିଆ ଟ୍ରାନଜିଟ୍ ରିମାଣ୍ଡରେ ନେଇଛି।

ଘଟଣାରୁ ପ୍ରକାଶ, ହରିହର ୧୯୯୪ରେ ଚେନ୍ନାଇର ଏକ ପ୍ରିଣ୍ଟିଂ ପ୍ରେସରେ କାମ କରୁଥିଲେ। ଏହି ସମୟରେ ସେଠାକାର ଟେଲି ମାର୍କେଟିଂ କମ୍ପାନୀରେ କାମ କରୁଥିବା ଇନ୍ଦିରା ନାମ୍ନୀ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ସେହିବର୍ଷ

ଗିରଫ ଅଭିଯୁକ୍ତ ହରିହର ପାଟ୍ଟଯୋଶୀ

ଜୁଲାଇ ୧୪ ତାରିଖରେ ଦୁହେଁ ବିବାହ କରିଥିଲେ। କିଛିମାସ ପରେ ପାରିବାରିକ କଳହରୁ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଇନ୍ଦିରା ବିବାହ ବିଚ୍ଛେଦ ପାଇଁ ସେଠାକାର କୋର୍ଟରେ ଆବେଦନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ହରିହର ଇନ୍ଦିରାଙ୍କ ଘରକୁ ଯାଇ ଛୁରିରେ ତାଙ୍କୁ ଓ ଶାଶୁ ରମା ଏବଂ ଶାଳକ କାର୍ତ୍ତିକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଗୁରୁତର ଆହତ ଶାଶୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ହରିହରଙ୍କୁ ଧରିବା ପାଇଁ ସେଠାକାର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ୨୦୦୧ରେ ହରିହର ଆସିକାରେ ଜଣେ ବନ୍ଧୁଙ୍କ ଘରେ ଆତ୍ମଗୋପନ କରିଥିବା ବେଳେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ଏକ କନ୍ୟା ସନ୍ତାନ ଅଛି। ଦ୍ୱିତୀୟ ସ୍ତ୍ରୀ ବ୍ରହ୍ମପୁର ଅନ୍ଧପସରା ଛକରେ ଶାଢ଼ି ଦୋକାନ କରିଛନ୍ତି। ଏ ସମ୍ପର୍କରେ ଖବରପାଇ ସପ୍ତାହକ ତଳେ ଚେନ୍ନାଇର ଏକ ପୋଲିସ ଟିମ୍ ବ୍ରହ୍ମପୁର ଆସିଥିଲା। ଏସ୍‌ପି ଡା. ସର୍ବଣା ବିବେକ.ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୋଷାଣିମୂଆଗାଁ ଥାନା ପୋଲିସ ସେମାନଙ୍କୁ ସହଯୋଗ କରିଥିଲା। ଅଭିଯୁକ୍ତ ହରିହରଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ସେ ଏହା ଜାଣି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ରେଳ ଷ୍ଟେଶନରୁ ତାଙ୍କୁ କାବୁ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି।

ଫସଲ ବଢ଼ାଇବ 'ଇ-ସଏଲ୍'

ବିନା ମାଟିରେ ହେବ ଚାଷ

ନୂଆଦିଲ୍ଲୀ, ୨୬।୧୨(ପି.ଟି.)

ବୈଜ୍ଞାନିକମାନେ ବିଦ୍ୟୁତ୍ ପରିବାହୀ ମୃତ୍ତିକା (ଇ-ସଏଲ୍)ର ବିକାଶ କରିଛନ୍ତି। ଏହି ମାଟିରେ ବାର୍ଲି ଚାରା ହାରାହାରି ୧୫ ଦିନରେ ୫୦ ପ୍ରତିଶତ ଅଧିକ ବଢ଼ିବ ବୋଲି ସେମାନେ ଦାବି କରିଛନ୍ତି। ମୃତ୍ତିକାବିହୀନ କୃଷି ପଦ୍ଧତି (ହାଇଡ୍ରୋପୋନିକ୍ସ)ରେ ରୁଟ୍ ସିଷ୍ଟମକୁ ବ୍ୟବହାର କରାଯାଇଥାଏ, ଯାହା ନୂଆ ମୃତ୍ତିକା ଜରିଆରେ ବୈଦ୍ୟୁତିକ ଭାବେ ସକ୍ରିୟ ହୋଇଥାଏ।

ବିଶ୍ୱ ଜନସଂଖ୍ୟା ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ ହେଉଛି। ତେଣୁ ଏହା ସ୍ପଷ୍ଟ ଯେ, କେବଳ ବର୍ତ୍ତମାନର କୃଷି ପଦ୍ଧତିରେ ବିଶ୍ୱର ଖାଦ୍ୟ ଚାହିଦା ପୂରଣ କରିବା ସମ୍ଭବ ହେବ ନାହିଁ ବୋଲି ସୁଇଡେନ୍‌ର ଲିଙ୍କୋପିଙ୍ଗ ୟୁନିଭର୍ସିଟି ଆସୋସିଏଟ୍ ପ୍ରଫେସର ଏଲେନି ଷ୍ଟାଭ୍ରିନିଡୋଉ କହିଛନ୍ତି। ତେବେ ହାଇଡ୍ରୋପୋନିକ୍ସ ସହାୟତାରେ ଆମେ ସହରୀ ପରିବେଶରେ ଅତ୍ୟନ୍ତ ନିୟନ୍ତ୍ରିତ ବ୍ୟବସ୍ଥାରେ ଖାଦ୍ୟ ଉତ୍ପାଦନ କରିପାରିବା। ଗବେଷକ ଟିମ୍ ହାଇଡ୍ରୋପୋନିକ୍ସ ଉଦ୍ଦେଶ୍ୟରେ ବିଦ୍ୟୁତ୍ ପରିବାହୀ ମୃତ୍ତିକା ବିକଶିତ କରିଛନ୍ତି, ଯାହାକୁ ଇ-ସଏଲ୍ କୁହାଯାଉଛି। ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍ ପତ୍ରିକାରେ ଉକ୍ତ ଗବେଷଣା ପ୍ରକାଶିତ ହୋଇଛି। ହାଇଡ୍ରୋପୋନିକ୍ କୃଷି ହେଉଛି, ଯେଉଁଥିରେ ବିନା ମାଟିରେ ଗଛ ବଢ଼ିଥାଏ। ଏଥିପାଇଁ ଇ-ସଏଲ୍‌ରେ ସଂଯୋଗ ହୋଇଥିବା ଗଛର ଚେର ସେଥିରୁ ଆବଶ୍ୟକ ପାଣି, ପୌଷ୍ଟିକ ତତ୍ତ୍ୱ ଆଦି ସଂଗ୍ରହ କରିଥାଏ। ଏହା ଏକ ଆବଦ୍ଧ ବ୍ୟବସ୍ଥା ଯେଉଁଥିରେ ଜଳର ପୁନଃଚକ୍ରଣ ଜରିଆରେ ପ୍ରତି ଚାରାକୁ ଯେତିକି ପୋଷକ ତତ୍ତ୍ୱ ଆବଶ୍ୟକ, ସେତିକି ମିଳିଥାଏ। ଫଳରେ ଖୁବ୍ କମ୍ ପାଣି ଲାଗିବା ସହ ସମସ୍ତ ପୋଷକ ତତ୍ତ୍ୱ ସିଷ୍ଟମରେ ରହିଥାଏ, ଯାହା ପାରମ୍ପରିକ କୃଷିରେ ସମ୍ଭବ ନୁହେଁ। ଏହି ପଦ୍ଧତିରେ କମ୍ ଜାଗାରେ ଭୂଲମ୍ବ ଭାବେ ଚାଷ କରାଯାଇପାରିବ। ଏଭଳି ପଦ୍ଧତିରେ କେତେକ ପନିପରିବା, ଲେଟୁସ୍ ଆଦି ଚାଷ ହୋଇପାରିବ। ତେବେ ଗୋଖାଦ୍ୟ ପାଇଁ ବ୍ୟବହୃତ ଶସ୍ୟ ବ୍ୟତୀତ ଅନ୍ୟାନ୍ୟ ଶସ୍ୟ ଏହି ପଦ୍ଧତିରେ ଚାଷ ହୋଇପାରିବ ନାହିଁ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADY OFFICE EXECUTIVE
PHULNAKHARA, CUTTACK
FREE ACCOMMODATION
FREE BOARDING
10000 TO 15000
7809525452

WALK-IN-INTERVIEW
SRICHANDAN COLLEGE OF NURSING
Prabhat Lane, Duttatota, Puri
Time: 10am- 2pm/08.01.24
Requirement : Principal Vice Principal & Tutors (ANM/GNM Course
Eligibility : B.Sc Nursing/GNM With Teaching Experience
*Please carry original certificates with a copy of resume
Contact : 6370434309, 9861269241

WANTED
ଧରିତ୍ରୀ DHARITRI Oriya daily
is looking for
DTP OPERATOR (ADVERTISEMENT)
• Candidate should have at least 2 years experience in DTP and Creative Design.
• Proficiency in InDesign, Adobe Photoshop & CorelDraw is a must.
• Must possess good typing speed in both Odia & English.
• Experience in print media will be preferred.
Apply immediately to :
recruitment@dharitri.com
Attractive salary commensurate with experience

ବୀର ସାହିବଜାଦାଙ୍କ ବଳିଦାନ ବିଶ୍ୱ ପାଇଁ ପ୍ରେରଣା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)

'ବୀର ବାଲ୍ ଦିବସ' ଅବସରରେ ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବୀର ବାଲ୍ ଦିବସ ଭାରତୀୟତାର ରକ୍ଷା ପାଇଁ କିଛି କରିବାର ସଂକଳ୍ପର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସଂସ୍କୃତି, ସଭ୍ୟତା ଓ ସ୍ୱାଭିମାନର ରକ୍ଷା ପାଇଁ ଭାରତର ବୀର ସାହିବଜାଦାଙ୍କ ବଳିଦାନ କେବଳ ଭାରତ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ପ୍ରେରଣା। ଆଜିର ବୀର ବାଲ୍ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଇଥିବା ଅଭିଭାଷଣ ଆମ ସମସ୍ତଙ୍କୁ, ବିଶେଷ ଭାବେ ଦେଶର ଯୁବପିଢ଼ିଙ୍କୁ ଆମ ଦେଶର ଐତିହ୍ୟକୁ ନେଇ ଗର୍ବ କରିବା ପାଇଁ ପ୍ରେରଣା ଯୋଗାଇବ। ଯୁବା ସାମର୍ଥ୍ୟକୁ ଦେଶରେ ପୁନଃ ପରିଚିତ କରାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ସେ କହିଛନ୍ତି, ଭାରତ ହେଉଛି ନଚିକେତା, ଅଭିମନ୍ୟୁ, ଏକଲବ୍ୟ, ଧ୍ରୁବ, ଖୁଦିରାମ ବୋଷ, ବାଜି ରାଉତ, କନକଲତା ବରୁଆ, ରାଣୀ ଗାଇଦିନଲ୍ୟୁଙ୍କ ଭଳି ଯୁବପିଢ଼ିଙ୍କ ଦେଶ। ଏହି ମାନେ ବାଲ୍ୟକାଳରେ ମାତୃଭୂମି ପାଇଁ ସବୁ କିଛି ତ୍ୟାଗକରିବା ପୂର୍ବରୁ ନିଜ କଥା ଚିନ୍ତାକରି ନ ଥିଲେ। ଏହି ବୀରମାନଙ୍କ ବଳିଦାନ ଦେଶ ପାଇଁ ପ୍ରେରଣା। ଆମ ଅମୃତପିଢ଼ି ଦେଶର ବୃହତ୍ ଯୁବ ପରମ୍ପରାରୁ ପ୍ରେରଣା ନେବେ ଏବଂ ଗୋଟିଏ ସମୟର ମୂଲ୍ୟକୁ ଅପଚୟ ନ କରି ବିକଶିତ ଭାରତ ସଂକଳ୍ପ ପୂରଣ କରିବା ପାଇଁ ଅଗ୍ରସର ହେବେ ବୋଲି ସେ କହିଛନ୍ତି। ଏହି ଶୁଭଦିନରେ କେନ୍ଦ୍ରମନ୍ତ୍ରୀ ନୂଆଦିଲ୍ଲୀ ସ୍ଥିତ ଗୁରୁଦ୍ୱାର ଶ୍ରୀ ବଙ୍ଗଳା ସାହିବ ଜୀଙ୍କ ଦର୍ଶନ କରିବା ସହ ଦେଶରେ ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ।

କଲେଜ ଅଧ୍ୟକ୍ଷଙ୍କ ନାଁରେ ମାମଲା

■ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ୫ ଅଧ୍ୟାପିକା

ବାରିପଦା,୨୬।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏମ୍‌ପିସି ଜୁନିୟର କଲେଜ) ଅଧ୍ୟକ୍ଷ ଉକ୍ତ କଲେଜର ୫ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୭୯୨/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଲେଜରେ ଅଧ୍ୟାପିକାମାନେ ଦୀର୍ଘଦିନ ଧରି ଶିକ୍ଷାଦାନ କରିଆସୁଛନ୍ତି। ତେବେ କଥା ନ ମାନିଲେ ଅଧ୍ୟକ୍ଷ ସେମାନଙ୍କୁ ଖରାପ ବ୍ୟବାହର ପ୍ରଦର୍ଶନ କରୁଥିବା ବେଳେ କ୍ୟାରିୟର ଖରାପ କରିଦେବାର ଧମକ ଦେଇଚାଲିଛନ୍ତି। ବିଳମ୍ବିତ ରାତିରେ ବିଭିନ୍ନ ଆଳ ଦେଖାଇ ହ୍ୱାଟ୍ସଆପ୍ ଯୋଗେ ଅଧ୍ୟାପିକାମାନଙ୍କୁ ମେସେଜ ଦେଇଥାନ୍ତି। କୌଣସି କାର୍ଯ୍ୟ ନ ଥାଇ ଅଧ୍ୟାପିକାମାନଙ୍କୁ ଚାମ୍ବରରେ ଘଣ୍ଟା ଘଣ୍ଟା ବସାଉଛନ୍ତି। ଏପରିକି ଆଦିବାସୀ ବୋଲି କହି ଗାଳିଗୁଳଜ କରି ମାନସିକ ନିର୍ଯାତନା ଦେଉଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ଶୁଭଙ୍କର ସାହୁଙ୍କୁ ପଚାରିବାରୁ ଅଭିଯୋଗରେ କୌଣସି ସତ୍ୟତା ନ ଥିବା କହିଛନ୍ତି।

ନିମନ୍ତ୍ରଣପତ୍ର ବାଣ୍ଟିବାକୁ ୩୦ ଟିମ୍‌ର ଯାତ୍ରା

୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କ ସହିତ ନିମନ୍ତ୍ରଣ ପାଇଁ ବାହାରିଥିବା ଏକ ଟିମ୍‌ର ସଦସ୍ୟମାନେ।

ପୁରୀ,୨୬।୧୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଆସନ୍ତା ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବାକୁ ଯାଉଛି। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଯେପରି ଭବ୍ୟ ହେବ, ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ବିଭିନ୍ନ ଦେବପୀଠ, ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଗତ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପରିଚାଳନା କମିଟି ସଦସ୍ୟ ଓ ଛତିଶା ନିଯୋଗ ସଦସ୍ୟ ଭବ୍ୟ ଶୋଭାଯାତ୍ରାରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ବାହାରି ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହମାନଙ୍କୁ ପରମ୍ପରା ଅନୁଯାୟୀ ପ୍ରଥମ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ମଙ୍ଗଳବାରଠାରୁ ବିଧିବଦ୍ଧ ଭାବେ ନିମନ୍ତ୍ରଣପତ୍ର ପ୍ରଦାନ ଆରମ୍ଭ ହୋଇଛି। ନୀଳାଦ୍ରି ଭକ୍ତନିବାସଠାରୁ ରାଜ୍ୟ ବାହାରକୁ ୧୭ ଓ ରାଜ୍ୟ ଭିତରେ ଥିବା ବିଭିନ୍ନ ଜିଲାକୁ ୧୩ ଟିମ୍ ନିମନ୍ତ୍ରଣପତ୍ର ବଣ୍ଟନ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ବାହାରିଥିବା ଟିମ୍‌ଗୁଡ଼ିକୁ ଶୁଭେଚ୍ଛା ଜଣାଇଥିଲେ।

କେତୋଟି ଟିମ୍ ନେପାଳର କାଠମାଣ୍ଡୁ, ଦିଲ୍ଲୀ, ଚେନ୍ନାଇ, ମଦୁରାଇ, ଜମ୍ମୁ, କୋଲକାତା, ବନାରସ, ବିଶାଖାପାଟଣା, ତ୍ରିଭେନ୍ଦ୍ରମ, ଅହମ୍ମଦାବାଦ, ମୁମ୍ବାଇ, ଡେରାଡୁନ, ବିଜୟୱାଡା, ତିରୁଭାନନ୍ତପୁରମ୍, ଇନ୍ଦୋର, ନାସିକ ଓ ଝାଡ଼ଖଣ୍ଡ ପ୍ରଭୃତି ସମେତ ୧୨ ଜ୍ୟୋତିର୍ଲିଙ୍ଗ, ଚାରିପୀଠ ଆଦି ବିଭିନ୍ନ ସ୍ଥାନକୁ ଯାତ୍ରା କରିଛନ୍ତି। ସେବାୟତ ପ୍ରତିନିଧିମାନେ ନିମନ୍ତ୍ରଣପତ୍ର ସହ ମହାପ୍ରସାଦ, ତୁଳସୀ, ଓଲାଗି ପତିତପାବନ ବାନା, ବସ୍ତ୍ର, ନିମନ୍ତ୍ରଣ କିଟ୍, ନଡ଼ିଆ, ଚାଉଳ, ପାନ, ଗୁଆ, ମାହାର୍ଦ୍ଦ, ହଳଦୀ ଆଦି ସାଙ୍ଗରେ ନେଇଛନ୍ତି। ଏକ ଟିମ୍ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ପ୍ରଥମ ନିମନ୍ତ୍ରଣପତ୍ର ଅର୍ପଣ କରିଥିଲେ। ପରେ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଟିମ୍ ବିଭିନ୍ନ ଜିଲାରେ ପହଞ୍ଚିବା ପରେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ମନ୍ଦିରଗୁଡ଼ିକରେ ନିମନ୍ତ୍ରଣପତ୍ର ପ୍ରଦାନ କରିବେ। ସେହିପରି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ନିମନ୍ତ୍ରଣ ପତ୍ର ପ୍ରଦାନ ପାଇଁ ସେବାୟତ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ପ୍ରମୁଖ ଦେବପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

Ministry of Finance
Government of India

ଜିଏସ୍‌ଟି ଟିକସଦାତାଗଣ ଧ୍ୟାନଦିଅନ୍ତୁ!

ଦୟାକରି ଆର୍ଥିକବର୍ଷ ୨୦୨୨-୨୦୨୩ ନିମନ୍ତେ ଫର୍ମ ଜିଏସ୍‌ଟିଆର୍-୯* ଏବଂ ଫର୍ମ ଜିଏସ୍‌ଟିଆର୍-୯ସି#ରେ ନିଜର ବାର୍ଷିକ ରିଟର୍ନ ଦାଖଲ କରନ୍ତୁ

ଧାର୍ଯ୍ୟ ତାରିଖ ପୂର୍ବରୁ
୩୧ ଡିସେମ୍ବର ୨୦୨୩

*କେଉଁ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟିଆର୍-୯ ଦାଖଲ କରିବାକୁ ହେବ
ନିମ୍ନଲିଖିତଙ୍କୁ ଛାଡ଼ି ₹୨ କୋଟିରୁ ଅଧିକ (ଆର୍ଥିକବର୍ଷ ୨୦୨୨-୨୦୨୩ ଅବଧିରେ) ସର୍ବମୋଟ ବାର୍ଷିକ କାରବାର କରିଥିବା ସମସ୍ତ ଜିଏସ୍‌ଟି ଟିକସଦାତା:
ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର
ଟିଡିଏସ୍ କାଟକର୍ତ୍ତା
ଟିସିଏସ୍ ସଂଗ୍ରହକାରୀ
କାଜୁଆଲ୍ ଟିକସଯୋଗ୍ୟ ବ୍ୟକ୍ତି
ଅଣ-ନିବାସୀ ଟିକସଯୋଗ୍ୟ ବ୍ୟକ୍ତି

#କେଉଁ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରିବାକୁ ହେବ
ଯେଉଁ ଟିକସଦାତାଙ୍କ ସର୍ବମୋଟ ବାର୍ଷିକ କାରବାର ₹୫ କୋଟିରୁ (ଆର୍ଥିକବର୍ଷ ୨୦୨୨-୨୩ ଅବଧିରେ) ଅଧିକ ହୋଇଥିବ, ସେମାନଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ସହିତ ଫର୍ମ ଜିଏସ୍‌ଟିଆର୍-୯ସିରେ ଏକ ଆତ୍ମ-ପ୍ରମାଣିତ ରିକନ୍‌ସିଲିଏସନ୍ ଷ୍ଟେଟ୍‌ମେଣ୍ଟ ଦାଖଲ କରିବାକୁ ହେବ ।

ଫର୍ମ ଜିଏସ୍‌ଟିଆର୍-୯ ଏବଂ ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରିବାରେ ବିଳମ୍ବ ହେଲେ ବିଳମ୍ବ ଦେୟ ଲାଗୁ ହେବ
ଜିଏସ୍‌ଟି ବାର୍ଷିକ ରିଟର୍ନ ସମ୍ବନ୍ଧୀୟ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

cbc 15502/13/0022/2324

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA

ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

ଏଆଇ: ନିୟନ୍ତ୍ରଣ ଲୋଡ଼ା

ଅତ୍ୟାଧୁନିକ ଯୁଗରେ ବିଜ୍ଞାନର ବଡ଼ ସଫଳତା ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ)। ଏହି କ୍ରମରେ ନିକଟରେ ଗବେଷକମାନେ ଏକ ନୂଆ ଏଆଇ ବିକାଶ କରିଛନ୍ତି, ଯାହା ବ୍ୟକ୍ତିର ଜୀବନକାଳ ଉପରେ ଆକଳନ କରିପାରିବ। ଅର୍ଥାତ୍ ବୁଝିବାକୁ ହେବ ଯେ, ପରୋକ୍ଷରେ ଏହା ଜୀବନକୁ ନିୟନ୍ତ୍ରଣ କରିବାର ବାଟ ଦେଖାଇବ। ଚାଟ୍‌ଜିପିଟି ଭଳି ବୃହତ୍ ଭାଷା ମଡେଲ(ଏଲ୍‌ଏଲ୍‌ଏମ୍)କୁ ଚଳାଉଥିବା ଟ୍ରାନ୍ସଫର୍ମର ମଡେଲକୁ ବ୍ୟବହାର କରି ଏହି ଏଆଇ ପ୍ରସ୍ତୁତ କରାଯାଇଛି। ଏହି ମଡେଲର ନାମ ରଖାଯାଇଛି ଲାଇଫ୍‌୨ ଭିଇସି। ତେବେ ଦେଖାଯାଉଛି, ନିୟମିତ ଭାବେ ମଣିଷ ଜୀବନକୁ ପ୍ରଭାବିତ କରିବା ଭଳି ଏକାଧିକ ଏଆଇ ସାମ୍ନାକୁ ଆସିବାରେ ଲାଗିଛି। ଏହାର ବ୍ୟବହାର ମଧ୍ୟ ବ୍ୟାପକ ହେବାକୁ ଲାଗିଲାଣି। କିନ୍ତୁ ଏଆଇର ଅନେକ ଭଲ ଦିଗ ଉପରେ ଯୁକ୍ତି କରାଯାଉଥିବାବେଳେ ଏହାର ନକାରାତ୍ମକ ପ୍ରଭାବକୁ ଅଣଦେଖା କରାଯିବା ମନେହେଉଛି। ବିଶ୍ୱରେ ଏଆଇର ପ୍ରଭାବକୁ ନେଇ ବିଶେଷଜ୍ଞମାନେ କହିଛନ୍ତି ଯେ, ଏହି ନୂଆ ବୈଷୟିକ ନୂତନତ୍ୱ ମାନବତା ପ୍ରତି ବିପଦ ଆଣିବାର ସମ୍ଭାବନା ଅଧିକ। ଏପରି କି ଚାଟ୍‌ଜିପିଟି ସୃଷ୍ଟି କରିଥିବା ଓପନ୍ ଏଆଇର ବସ୍ ସାମ୍ ଅଲ୍ଟମ୍ୟାନ ଏଆଇକୁ ଏକ ବିପଦ ଭାବେ ଦେଖାଗଲାଣି। ଏହାର ଗମ୍ଭୀରତାକୁ ଦେଖି ଗତ ମେ ମାସରେ ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କଙ୍କ ସମେତ ଅନ୍ୟ କେତେଜଣ ବିଶେଷଜ୍ଞ ଅତ୍ୟାଧୁନିକ ଏଆଇ ବିକାଶ ଉପରେ ସାମୟିକ କଟକଣା ଲଗାଇବା ସକାଶେ ଦାବି କରିଥିଲେ ; ଯାହା ଫଳରେ ଏହାର ସୁରକ୍ଷିତ ଅଗ୍ରଗତି ଉପରେ ନେତୃବର୍ଗ ବିଚାର କରିପାରିବେ। କିନ୍ତୁ ଏ ସମ୍ପର୍କିତ ଗବେଷଣାର କାର୍ଯ୍ୟକାରିତାକୁ ବନ୍ଦ କରାଯାଇ ପାରୁନାହିଁ। ତେବେ 'ଚ୍ୟାଲେଞ୍ଜର ଗ୍ରେ ଆଣ୍ଡ୍ ଖ୍ରୀଷ୍ଟମାସ'ର ମାସିକ ରିପୋର୍ଟ ଦର୍ଶାଇଛି ଯେ, ସୃଜନାତ୍ମକ କାର୍ଯ୍ୟ, ପ୍ରଶାସନିକ ଓ କିରାଣି କାର୍ଯ୍ୟ କରିବା ଲାଗି ଅତ୍ୟାଧୁନିକ ଏଆଇ ଚାଟ୍‌ଜିପିଟିର ବହୁଳ ବ୍ୟବହାର ଶ୍ରମ ବଜାରକୁ କ୍ରମଶଃ ଅଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି । ଚଳିତବର୍ଷ ଜୁନ ସୁଦ୍ଧା ଆମେରିକାରେ ପାଖାପାଖି ୪ ହଜାର ଲୋକ ଛଟେଇ ହେବା ଏଆଇର ନକାରାତ୍ମକ ପ୍ରଭାବକୁ ପ୍ରତିପାଦିତ କରିଛି । ଏହା ବ୍ୟତୀତ ଗୋଲ୍ଡମ୍ୟାନ ସାକ୍ସ ପୂର୍ବାନୁମାନ କରିଛି ଯେ, ଏଆଇର ବ୍ୟାପକ ବ୍ୟବହାର ଯୋଗୁ ସାରା ବିଶ୍ୱରେ ପ୍ରାୟ ୩୦ କୋଟି ପୂର୍ଣ୍ଣକାଳୀନ କର୍ମଚାରୀ ଛଟେଇ ହୋଇପାରନ୍ତି । ଲୋକମାନେ କାମ ହରାଇଲେ ଅସ୍ଥିରତା ବୃଦ୍ଧି ପାଇବାର ସମ୍ଭାବନା ଦେଖାଦେଇପାରେ।

ବିଶ୍ୱରେ ଆମେରିକା, କାନାଡା, ସ୍ୱିଡେନ, ଜାପାନ, ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ, ଚାଇନା, ନରୱେ, ରୁଷିଆ, ଭାରତ, ସିଙ୍ଗାପୁର ଓ ଦକ୍ଷିଣ କୋରିଆ ପ୍ରମୁଖ ଦେଶଗୁଡ଼ିକ ଏଆଇ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ବିଶ୍ୱରେ ଏଆଇ ବଜାର ୨୦୨୨ରେ ୧୩୬.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଏହା ୨୦୩୦ ସୁଦ୍ଧା ୧୮୧୧.୮ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଏହି ଆଧୁନିକ ଟେକ୍ନୋଲୋଜିର ବିକାଶ ଦ୍ୱାରା ସ୍ୱାସ୍ଥ୍ୟ, ଅର୍ଥ, ପରିବହନ ଏବଂ ଖୁଚୁରା ବ୍ୟବସାୟ ଭଳି ଶ୍ରମ ଓ ସେବା କ୍ଷେତ୍ର ଏପର୍ଯ୍ୟନ୍ତ ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଏହାପରେ ଅନ୍ୟସବୁ କ୍ଷେତ୍ର ପ୍ରଭାବିତ ହେବାର ସମ୍ଭାବନା ରହିଛି। ଭାରତର ଅର୍ଥନୀତି ମୁଖ୍ୟତଃ ସେବା କ୍ଷେତ୍ର ଉପରେ ଅଧିକ ନିର୍ଭରଶୀଳ ହୋଇଥିବାରୁ ଏଆଇ ବ୍ୟବହାର ଯେତିକି ବୃଦ୍ଧି ପାଇବ କର୍ମଚାରୀଙ୍କ ଚାହିଦା ସେତିକି କମିବ ଅର୍ଥାତ୍ ଅଧିକରୁ ଅଧିକ ଲୋକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବେ। ଭାରତରେ ଏଆଇ ବଜାରର ଅଭିବୃଦ୍ଧିକୁ ଲକ୍ଷ୍ୟ କଲେ ଏଭଳି ସ୍ଥିତି ଶୀଘ୍ର ଆସିବ ବୋଲି କୁହାଯାଇପାରେ। କାରଣ ଭାରତର ଏଆଇ ବଜାର ୨୦୨୨ରେ ୬୮୦ ମିଲିୟନ ଡଲାର ଥିବାବେଳେ ୨୦୨୫ ସୁଦ୍ଧା ୧୧,୭୮୧ ମିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

ସବୁଠୁ ଚିନ୍ତାଜନକ ହେଉଛି, ଏଆଇର ବ୍ୟବହାର ସେନା କ୍ଷେତ୍ରରେ ବୃଦ୍ଧିପାଇଲେ ପ୍ରତିରକ୍ଷା କାର୍ଯ୍ୟକଳାପ ନିୟନ୍ତ୍ରଣ ଉପରେ ଅଧିକ ପ୍ରଭାବ ପକାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଜିଓ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ଏଆଇ ପାଇଁ ଏହାକୁ ବିକାଶ କରୁଥିବା ଦେଶ କିମ୍ବା ସଂସ୍ଥାଗୁଡ଼ିକ ଲାଗି 'କୋଡ୍ ଅଫ କଣ୍ଡକ୍ଟ' ଆଣିବାକୁ ଏକମତ ହୋଇଛି। ଏହାକୁ ଲକ୍ଷ୍ୟ କରି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ଏଆଇ ପାଇଁ 'ସେଫ୍ଟି ଆଣ୍ଡ ସିକ୍ୟୁରିଟି' ମାନକ ସ୍ଥିର କରିଛନ୍ତି। ଏଆଇକୁ କିଭଳି ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରାଯିବ, ତାହା ନିଶ୍ଚିତ କରିବା ଲାଗି ଇଂଲଣ୍ଡ ବୈଶ୍ୱିକ ଏଆଇ ସୁରକ୍ଷା ସମ୍ମିଳନୀ ଆୟୋଜନ କରିସାରିଛି। କିନ୍ତୁ ଏଆଇର କ୍ରମବିକାଶ ଓ ପ୍ରତିଯୋଗିତାକୁ ଲକ୍ଷ୍ୟ କଲେ ଏହାକୁ ନିୟନ୍ତ୍ରଣ କରାଯିବା କଷ୍ଟକର ହୋଇପଡ଼ିଲାଣି। ଆଣବିକ ଅସ୍ତ୍ର କ୍ଷେତ୍ରରେ ଯଦି ଏଆଇ ବ୍ୟବହାର କରାଯାଏ ତେବେ ଭବିଷ୍ୟତରେ ଏହାର ପ୍ରୟୋଗକୁ କେହି ଆଉ ରୋକିପାରିବେ ନାହିଁ। ଅର୍ଥାତ୍ ଏକ ବଡ଼ ବିନାଶକୁ ଆମନ୍ତ୍ରଣ କରିବା ସାର ହେବ।

କରୋନାର ସମ୍ଭାବ୍ୟ ପୁନରାଗମନ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୦୨୩ ନଭେମ୍ବରରେ ଗୋଟିଏ ଉଦ୍‌ବେଗଜନକ ଖବର ଲୋକଲୋଚନକୁ ଆସିଲା। ବିଷୟଟି ଚାଇନାରେ ଦେଖାଦେଇଥିବା ଏକ ଅଜଣା ସଂକ୍ରାମକ ରୋଗ। ଏଥିରେ ମୁଖ୍ୟତଃ ଶିଶୁମାନେ ପୀଡ଼ିତ ହୋଇଥାନ୍ତି। ଏହାର ଲକ୍ଷଣରୁ ଜଣାଯାଏ ଯେ, ଏହା ଶ୍ୱାସକ୍ରିୟାଜନିତ ରୋଗ। ଏହାର ପ୍ରାଦୁର୍ଭାବର ପରିଣାମ ସ୍ୱରୂପ ଚାଇନାର କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ପ୍ରାୟ ବାରଶହ ପିଲା ଭର୍ତ୍ତି ହେଉଛନ୍ତି। ଏ ସମ୍ପର୍କରେ ସାମାନ୍ୟ ତଥ୍ୟ ଜାଣିବା ପାଇଁ ମାଇକୋପ୍ଲାଜମା ସମ୍ପର୍କରେ କିଛି ତଥ୍ୟର ଆବଶ୍ୟକତା ରହିଛି। ମାଇକୋପ୍ଲାଜମା ହେଉଛି ବାକ୍ଟେରିଆର ଗୋଟିଏ ପ୍ରଜାତି (ସିଙ୍ଗୁଲାର ଫର୍ମ)। ତେବେ ବାକ୍ଟେରିଆର ମୁଖ୍ୟତଃ ସମାନ ଗୁଣ ବିଶିଷ୍ଟ। ସେମାନଙ୍କ କୋଷିକାରେ କଠିନ ଆବରଣ (ସେଲ ମେମ୍ବ୍ରନ) ନ ଥାଏ। ଅବଶ୍ୟ ପ୍ଲାଜମା ଆବରଣ ଥାଏ। ପେନ୍‌ସଲନ ଓ ଅନ୍ୟ କେତେକ ଆଣ୍ଟିବାଇଓଟିକ୍ ସେମାନଙ୍କୁ ନଷ୍ଟ ବା ପ୍ରତିରୋଧ କରିପାରି ନ ଥାଏ, କାରଣ ଏହି ଆଣ୍ଟିବାଇଓଟିକ୍ କାର୍ଯ୍ୟକ୍ଷମ ହେବା ସକାଶେ କୋଷିକାର ଆବରଣ ଆବଶ୍ୟକ।

ମାଇକୋପ୍ଲାଜମା ଆକାର ଅତି କ୍ଷୁଦ୍ର। ଏହା ପରଜୀବୀ ଓ ବିନା ଅମ୍ଳଜାନରେ ତିଷ୍ଠି ପାରେ, ବିଭିନ୍ନ ଆକାର ଧାରଣ କରିଥାନ୍ତି। ଉକ୍ତ ବାକ୍ଟେରିଆ ଯୋଗୁ ଗଳା, ଫୁସ୍‌ଫୁସ୍ ଓ ଶ୍ୱାସନଳୀର ଆସ୍ତରଣ କ୍ଷତିଗ୍ରସ୍ତ ହୁଏ। ଆକ୍ରାନ୍ତ ବ୍ୟକ୍ତିଙ୍କ ନାସା ଓ ଗଳାରେ ଏହି ବାକ୍ଟେରିଆ ରହିଥାନ୍ତି। ଏଥିରେ ପୀଡ଼ିତ ଜଣେ ବ୍ୟକ୍ତି ଛିଙ୍କିଲେ କିମ୍ବା କାଶିଲେ, ଉଦ୍ଭୂତ କଣିକା ନିକଟସ୍ଥ ସୁସ୍ଥ ବ୍ୟକ୍ତିର ଶରୀରରେ ପ୍ରବେଶ କରେ। ଏହି ପ୍ରକାରେ ମାଇକୋପ୍ଲାଜମାଜନିତ ନିମୋନିଆ (ଏମ୍. ନିମୋନିଆ) ବ୍ୟାପିଥାଏ। ଅବଶ୍ୟ ଅଳ୍ପ ସମୟ ପାଇଁ ପୀଡ଼ିତ ବ୍ୟକ୍ତି ସମୟ କଟାଇଲେ ଏହା ପ୍ରଭାବହୀନ ହେବା ସମ୍ଭାବନା ଅଧିକ। ସାଧାରଣତଃ ସ୍କୁଲ, କଲେଜ ଓ ଅନ୍ୟ ଯେଉଁ ସ୍ଥଳରେ ଭିଡ଼ ଜମିଥାଏ, ଏହା ସଂକ୍ରମଣ ପରିବ୍ୟାପ୍ତ ହୁଏ। ବିଶେଷତଃ ଥଣ୍ଡା, କାଶର ଶିକାର ହୋଇଥିବା ବିଦ୍ୟାଳୟ–ସ୍ତରର ପିଲା ଘରକୁ ଫେରି ଏକତ୍ର ରହିଲେ, ପରିବାର ସଦସ୍ୟମାନେ ବେମାରି ଏଡ଼ାଇ ପାରି ନ ଥାନ୍ତି। ସାଧାରଣତଃ ଏହି ପ୍ରକାର ରୋଗ ଗମ୍ଭୀର ନୁହେଁ। ଏଥିରୁ ଆରୋଗ୍ୟ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ଅନାବଶ୍ୟକ। ଏପରି କି ଶେଯରେ ପଡ଼ିରହି ବିଶ୍ରାମ ନେବା ଦରକାର ହୋଇ ନ ଥାଏ। ତେଣୁ ଏହି ପ୍ରକାର ନିମୋନିଆ ୱାକିଂ (କିମ୍ବା ଏଟିପିକାଲ) ନିମୋନିଆ ଭାବେ ପରିଚିତ। ଅବଶ୍ୟ ଏହା ଅସ୍ୱସ୍ତିକର ଅବସ୍ଥାରେ ପକାଇ ଥାଏ, ଯଦିଚ ଏହା ସାମୟିକ। ବିଶେଷତଃ କର୍ମକ୍ଷେତ୍ରରେ ଏହା ଅସ୍ୱଚ୍ଛନ୍ଦ ମନେହୁଏ। ଗଳା କର୍କଶ ହେବା, ବାରମ୍ବାର ନାସିକାରୁ ନିର୍ଗତ ଶ୍ଳେଷ୍ମା, କ୍ଳାନ୍ତି, ମୁଣ୍ଡବ୍ୟଥା, ନିଃଶ୍ୱାସ ପ୍ରଶ୍ୱାସବେଳେ ସୁସୁରିପରି ଶବ୍ଦ ଜାତ ହେବାରୁ କାର୍ଯ୍ୟଧାରା ବିଘ୍ନିତ ହୁଏ।

ତେବେ ଚାଇନା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ ଯେ, ସେଠାରେ ଉପରୋକ୍ତ ଏମ.ନିମୋନିଆ ହ୍ରାସ

ପାଇଲାଣି। କିନ୍ତୁ ଅନ୍ୟପ୍ରକାରେ ଶ୍ୱାସକ୍ରିୟା ସହ ସମ୍ପୃକ୍ତ ରୋଗ ବ୍ୟାପୁଛି। ଏହାର କାରଣ ଭାବେ ଫ୍ଲୁ ଆଡେନୋଭାଇରସ୍ ଓ ରେସ୍ପିରେଟୋରି ସିଙ୍କସିଆଲ ଭାଇରସ (ଆର୍‌ଏସ୍‌ଭି) ନାମକ ଏକ ଭୂତାଣୁ ଚିହ୍ନଟ ହୋଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ଏହି ବିଷୟରେ ଠିକ୍ ତଥ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ତରଫରୁ ମଗାଯାଇଛି। ଅବଶ୍ୟ ଚାଇନାର ଏହା ଏକ ନୂତନ ଅଜଣା ଭୂତାଣୁ ବୋଲି ସ୍ୱୀକାର କରୁ ନାହିଁ। ଚାଇନା ସ୍ୱଷ୍ଟୀକରଣ ଦେଉଛି ଦୀର୍ଘଦିନ ଧରି ଚାଇନାବାସୀ ଅତ୍ୟଧିକ କଠୋର କଟକଣା ମଧ୍ୟରେ ଥିଲେ। ଏହି ଆଚରଣବିଧି ଉଚ୍ଛେଦ ତ୍ୱରିତ ଭାବେ କରିବାରୁ ଲୋକଙ୍କ ପ୍ରତିରୋଧ ଶକ୍ତି ସମ୍ପ୍ରତି କମ୍ ରହିଛି। ଦିନେ ଏତାଦୃଶ ଘଟଣା ଯୁକ୍ତରାଷ୍ଟ୍ର ଓ ପାଶ୍ଚାତ୍ୟ ଦେଶରେ ମଧ୍ୟ ଦେଖାଦେଇଥିଲା। କିନ୍ତୁ ଏହା ସାମୟିକ, ଗମ୍ଭୀର ନୁହେଁ। (ହେଲ୍‌ଥ–ଲାଇନ, ୩୦ ନଭେମ୍ବର ୨୦୨୩।)

ଏହି ପ୍ରସଙ୍ଗରେ ଆର୍‌ଏସ୍‌ଭି, ଫ୍ଲୁ, ନିମୋନିଆ ମଧ୍ୟରେ ତୁଳନା ସମୀଚୀନ ହେବ। ଏହି ପ୍ରଭେଦ ଶିଶୁମାନଙ୍କ ବାପା–ମା' ଓ ଅଭିଭାବକମାନଙ୍କ ସକାଶେ ଅଧିକ ଗୁରୁତ୍ୱ ବହନ କରେ। ଏହି ତିନୋଟି କ୍ଷେତ୍ରରେ ଲକ୍ଷଣ ନେଇ ଅନେକ ସାମଞ୍ଜସ୍ୟ ରହିଛି। ସର୍ଦ୍ଦି, କାଶ, ଏପରି କି କେତେକ କ୍ଷେତ୍ରରେ ଜ୍ୱର ଏକ ସାଧାରଣ ଲକ୍ଷଣ ହୋଇପାରେ।

ତେବେ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା–ଭୂତାଣୁରୁ ହୋଇଥାଏ। ଏହାଦ୍ୱାରା ଜଣେ ଶ୍ୱାସକ୍ରିୟାଜନିତ ଅସୁସ୍ଥତାରେ ପୀଡ଼ିତ ହୁଏ। ସାଧାରଣତଃ ଏହା ଶୀତଋତୁରେ ଦେଖାଦିଏ। ଏଥିରୁ ଜଣକର ମୁଣ୍ଡ ଓ ଅନ୍ୟାନ୍ୟ ଅଙ୍ଗରେ ପୀଡ଼ାଜାତ ହୁଏ। ଜ୍ୱର ମଧ୍ୟ ହେବା ସମ୍ଭବ। ସାଧାରଣ ଥଣ୍ଡା ଓ ଫ୍ଲୁ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ, ଲକ୍ଷଣକୁ ଭିତ୍ତିକରି ସେମାନଙ୍କ ମଧ୍ୟରେ ଏକା ଲକ୍ଷଣ ପ୍ରକଟ ହେଲେ ସୁଦ୍ଧା ଫ୍ଲୁ ଯୋଗୁ ଲକ୍ଷଣମାନ ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଥାଏ। ବିଶେଷତଃ ଆଜ୍‌ମା, କ୍ରୋନିକ ଅବଷ୍ଟ୍ରକ୍‌ଟିଭ୍ ପୁଲମୋନରି ଡିଜିଜ୍ (ସିଓପିଡି), ବହୁମୂତ୍ର, ଏଡ୍‌ସ, କ୍ୟାନ୍‌ସର ପରି ରୋଗ ଦ୍ୱାରା ପ୍ରତିରୋଧକତା ହ୍ରାସ ହୋଇଥିଲେ, ସିକଲସେଲ୍ ଡିଜିଜ୍, ମେଦବୃଦ୍ଧି (ବଡି– ମାସ– ଇଣ୍ଡେକ୍ସ ଚାଳିଶରୁ ଅଧିକ ଥିଲେ), ପୀଡ଼ିତର ବୟସ ପାଞ୍ଚ ବର୍ଷରୁ କମ୍ କିମ୍ବା ପଞ୍ଚଷଠି ବର୍ଷରୁ ଅଧିକ ହେଲେ କିଡ୍‌ନୀ, ହୃଦ୍‌ରୋଗରେ ସମସ୍ୟା ଥିଲେ, ଏହି ବ୍ୟାଧି ପ୍ରତି ବିଶେଷ ସତର୍କ ରହିବା ବିଧେୟ। ଏହି ରୋଗ ପରୀକ୍ଷା ପାଇଁ ଫ୍ଲୁ କିମ୍ବା କୋଭିଡ୍‌୧୯ ଉପାଦେୟ ଉଲ୍ଲେଖନୀୟ ଯେ କିଛି ଶିଶୁଙ୍କ କ୍ଷେତ୍ରରେ ତରଳ ଝାଡ଼ା ଓ ବାନ୍ତି ମଧ୍ୟ ସମ୍ଭବପର।

ତିନିପ୍ରକାର ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ଅଛି– ଏ, ବି, ସି। ଇନ୍‌ଫ୍ଲୁଏଞ୍ଜା ଏ ଏବଂ ବି ଋତୁକାଳୀନ (ଶୀତଋତୁ) ହୋଇଥିବା ବେଳେ ସି–ଶ୍ରେଣୀୟ ବେମାରି ଏତେ ଗୁରୁତର ନୁହେଁ ଓ ଏହା ବର୍ଷ ସାରା ଦେଖାଦିଏ। ସ୍ୱାଇନ ଫ୍ଲୁ (ଏଚ୍–୧ ଏନ୍–୧) ଓ ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଉପ–ଭାଗରେ ଅନ୍ତର୍ଭୁକ୍ତ।

ଆର୍‌ଏସ୍‌ଭି ଏକ ସଂକ୍ରାମକ ରୋଗ। ଏହା ଶ୍ୱାସଯନ୍ତ୍ରକୁ କ୍ଷତି ପହଞ୍ଚାଏ। ନିମୋନିଆ ଓ ଶ୍ୱାସନିକା ପ୍ରବାହ (ବ୍ରୋଙ୍କାଇଟ୍‌ସ) ପରି ଅଧିକ ଗମ୍ଭୀର ବେମାରି ଆଡ଼କୁ ଏହା ବଢ଼ିପାରେ, ଯଦି ଉପଯୁକ୍ତ ପ୍ରତିକାରରେ ହେଳା କରାଯିବ। ପିଲାଙ୍କ ପାଇଁ ଏହା ଅଧିକ ସମ୍ବେଦନଶୀଳ। ପରିସ୍ରାର ପରିମାଣ ହ୍ରାସ ପାଏ। ନିର୍ଜଳୀକରଣ (ଡିହାଇଡ୍ରେଶନ) ପରିଦୃଷ୍ଟ ହୁଏ। ମାତ୍ରାଧିକ ଶ୍ଳେଷ୍ମର ଏହା ଏକ କାରକ। ନିମୋନିଆ ହେଲେ, ଶିଶୁଟିଏ ସାଧାରଣ ଥଣ୍ଡା ଅପେକ୍ଷା ଅଧିକ ରୁଗ୍‌ଣ ହୋଇଯାଏ। ଏହାର ନିଦାନ ପାଇଁ ବେଳେ ବେଳେ ଛାତିର ଏକ୍ସ–ରେ କରାଯାଏ।

ଉତ୍ତର ଚାଇନାରେ ସମ୍ପ୍ରତି ବ୍ୟାପୁଥିବା ଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ (ରେସ୍ପିରେଟରି ଇଲ୍‌ନେସ)। ଏହି ବେମାରି ପୃଷ୍ଠଭୂମିରେ ସାରା ବିଶ୍ୱ ନାନା ଭାବେ ଆଶଙ୍କା ବ୍ୟକ୍ତ କରୁଛି। ଆମେରିକାର ଲୁଇଜିନିଆ ଓ ସାଉଥ୍ କରୋଲିନାରେ ଏହି ରୋଗ କାରଣରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆଲବାମା, କାଲିଫର୍ନିଆ ଇତ୍ୟାଦି ରାଜ୍ୟରେ ସ୍ଥିତି ଗମ୍ଭୀର ହେବା ପରି ପ୍ରତୀତ ହେଉଛି। ୨୦୨୩ ନଭେମ୍ବରର ଶେଷ ସପ୍ତାହରେ ଶତକଡ଼ା ଛଅଭାଗ ଫ୍ଲୁ ପଜିଟିଭ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହା ହୁଏତ ଫ୍ଲୁ କୋଭିଡ୍, ଆର୍‌ଏସିଭି ପରି ଉତ୍କଟ ଶ୍ୱାସଜନିତ ବ୍ୟାଧି ଆଡ଼କୁ ମୁହାଁଇପାରେ। ତେଣୁ ଆମେରିକା ଚାଇନା ମଧ୍ୟରେ ଯାତାୟାତରେ କଟକଣା ଜାରି କରିବାକୁ ସିନେଟର ବହୁ ଜନପ୍ରତିନିଧି ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ଅନୁରୋଧ କରିଛନ୍ତି। ବିଶେଷତଃ ଚାଇନା ଯେପରି କୋଭିଡ୍–୧୯ ଭୂତାଣୁ ଲୁଚାଇଥିଲା ବର୍ତ୍ତମାନ ସେଇ ନୀତି ଅନୁସରଣ କରୁଥାଇ ପାରେ ବୋଲି ସେମାନେ ସୂଚାଇଛନ୍ତି।

ଆମ ଦେଶର କେନ୍ଦ୍ର ସରକାର ମଧ୍ୟ ଶ୍ୱାସକ୍ରିୟାଜନିତ ରୋଗର ସମ୍ଭାବ୍ୟ ପୁନରାବୃତ୍ତି ବିଷୟରେ ସତର୍କ ହେବା ସହ ଯଥେଷ୍ଟ ପ୍ରତିଷେଧକ ବ୍ୟବସ୍ଥା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା କାଳରେ ଯେମିତି ପଦକ୍ଷେପ ନିଆଯାଇଥିଲା, ତାହାର ସମ୍ଭାବିତ ପୁନରାଗମନ ହୋଇଥାଇପାରେ ବୋଲି କେତେକ ମହଲ ଅନୁମାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସତର୍କ ରହିବା ଓ ସ୍ୱଚ୍ଛତା ଅବଲମ୍ବନ କରିବା ଆମର ଧ୍ୟେୟ ହେଉ।

୨୦୧୯ରେ ଚାଇନା କୋଭିଡ୍ ଆବିର୍ଭାବ ବିଷୟ ଦୀର୍ଘକାଳ ଲୁଚାଇ ଥିବାରୁ ଭାରତ ସମେତ ଅନ୍ୟ ରାଷ୍ଟ୍ରମାନେ ତା'ର ସାମ୍ପ୍ରତିକ ସ୍ୱଷ୍ଟୀକରଣକୁ ବିଶ୍ୱାସ କରୁନାହାନ୍ତି। ତେବେ କରୋନା– ଆଶଙ୍କା ଅମୂଳକ ହୋଇପାରେ ବୋଲି କେତେକ ବିଶେଷଜ୍ଞଙ୍କ ମତ।

ମୋ: ୯୦୭୮୭୪୩୮୪୩

ପିଲାଙ୍କ ପିକ୍‌ନିକ୍

ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ସମ୍ପ୍ରତି ଶୀତର ପ୍ରକୋପ ଟିକିଏ ବଢ଼ୁଥିବା ବେଳେ ଖ୍ରୀଷ୍ଟମାସ ଛୁଟି ପାଳନ ଅବସରରେ ମା'ବାପାଙ୍କ ସହ ପିଲାଙ୍କ ବୁଲାବୁଲି ଆରମ୍ଭ ହୋଇଯାଇଛି। ପିଲାଙ୍କ ବିଦ୍ୟାଳୟ ଛୁଟି ରହୁଥିବାରୁ ଇଂଲିଶ ନୂଆବର୍ଷକୁ ବିଦାୟ ସହ ଆଗାମୀ ବର୍ଷକୁ ସ୍ୱାଗତ କରିବା ପାଇଁ ପ୍ରାୟତଃ ଅଧିକାଂଶ ପରିବାରରେ ବାର୍ଷିକ ଭ୍ରମଣ ଛୁଟିର ଯୋଜନା ରହିଥାଏ। ପିଲାମାନେ ଲଗାତର ଭାବରେ ଅଧ୍ୟୟନ କରିବା ପରେ ଟିକିଏ ଖୁସି ଓ ଆନନ୍ଦ ପାଇବା ପାଇଁ ମା'ବାପାଙ୍କ ସହ ବା ଘରର ଆତ୍ମୀୟ ସ୍ୱଜନଙ୍କ ସହ ପିକ୍‌ନିକ୍‌କୁ ମନ ବଳାଇଥାନ୍ତି। ତେବେ ପିକ୍‌ନିକ୍‌ର ପୂର୍ବରୁ ଓ ପରବର୍ତ୍ତୀ ଯାତ୍ରାର ଯୋଜନା ସହ ସ୍ୱାସ୍ଥ୍ୟଗତ ପରିବେଶରେ ବୁଲାବୁଲି ଓ ଖାଇବା ପିଇବା ଦିଗକୁ ଯଥେଷ୍ଟ ସଚେତନ ହେବା ଜରୁରୀ। ଶୀତଦିନେ ପିକ୍‌ନିକ୍ ପଡୁଥିବାରୁ ଭ୍ରମଣ ଯୋଜନା ଥିବା ସ୍ଥାନଟି ଯେପରି ଅତ୍ୟଧିକ ଥଣ୍ଡା ନ ହୋଇଥାଏ ସେ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ପ୍ରାୟତଃ ଶୀତଦିନେ ଅଧିକାଂଶ ପିଲାମାନଙ୍କର ଜ୍ୱରଠାରୁ ଝାଡ଼ା, ବଦ୍‌ହଜମୀ ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଇଥାଏ। ତେବେ ପିଲାଙ୍କୁ ପିକ୍‌ନିକ୍ ନେବାବେଳେ ସମସ୍ତ ଦିଗକୁ ଭଲ ଭାବେ ଯୋଜନାବଦ୍ଧ ଭାବେ ପରିଚା

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଚିତ୍ରକଳା ସମ୍ମିଳନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ମଧୁଲିତାର ୧୮ତମ ସ୍ୱନକ୍ଷତ୍ର ଉତ୍ସବ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ଆଲୋଚନାଚକ୍ର, ଭାରତୀୟ ବିଦ୍ୟା ଭବନ, ସନ୍ଧ୍ୟା ୬ଟା।

କଟକ
- ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟରେ 'ନୂଆ-ଓ'ର ଉଦ୍‌ଯାପନ ଉତ୍ସବ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

ବଡ଼ମ୍ବା
- ମାଣିଆବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ନୂଆ -ଓ' କାର୍ଯ୍ୟକ୍ରମ ଉଦଯାପନ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ, ବିଦ୍ୟାଳୟ ପରିସର, ସକାଳ ୯ଟା ୪୫।
- ଶ୍ରୀଶ୍ରୀ ସପ୍ତେଶ୍ୱର ଦେବ ଆଞ୍ଚଳିକ କଳା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶଙ୍ଖାମେରୀର 'ନୂଆ - ଓ' କାର୍ଯ୍ୟକ୍ରମ ଉଦ୍‌ଯାପନ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ବଡମ୍ବାରେ ନୂତନ ଦେୱାନୀ ଜଜ୍ (ବରିଷ୍ଠ ବିଭାଗ) ତଥା ସହକାରୀ ଦୌରାଜଜ୍‌ଙ୍କ ଅଦାଲତ ଉଦ୍‌ଘାଟନ, ବଡ଼ମ୍ବା ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସର, ପୂର୍ବାହ୍ନ ୧୧ଟା।
- ବଡ଼ମ୍ବା ଶାସ୍ତ୍ରିଜୀ ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ, ସୁନାପାଳ, ମଧ୍ୟାହ୍ନ ୧୨ଟା।

ପୁରୀ
- ଶିଶୁ ସାହିତ୍ୟିକ ସମ୍ମିଳନୀ, ୟୁଥ୍ ହଷ୍ଟେଲ, ପୂର୍ବାହ୍ନ ୧୦ଟା।

ସରିଲା ତୋଷାଳି, ୩୦କୋଟିର ବେପାର

ଭୁବନେଶ୍ୱର,୨୬।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜନତା ମଇଦାନରେ ଚାଲିଥିବା ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ମଙ୍ଗଳବାର ଶେଷ ହୋଇଯାଇଛି। ଡିସେମ୍ବର ୧୫ରୁ ଆରମ୍ଭ ହୋଇଥିବା ଏହି ମେଳାକୁ ୨୫ଲକ୍ଷରୁ ଅଧିକ ଲୋକ ଆସିଥିବାବେଳେ ୩୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଆକଳନ କରାଯାଇଛି। ଶେଷ ଦିନରେ ମଧ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବଜାର ସହିତ ଫୁଡ୍ କୋର୍ଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏବଂ ତ୍ରିପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ 'ତୋଷାଳି' ମଞ୍ଚରେ ଆକର୍ଷଣ ସାଜିଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ସୋନାଲି ମହାପାତ୍ର। ତାଙ୍କ ନେତୃତ୍ୱରେ ସାଥୀ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ସେହିପରି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଖୋର୍ଦ୍ଧା, ପୁରୀ ଓ କଟକରେ ଥିବା ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଟ୍(ସିସିଆଇ)ର ୩୯ଜଣ ଶିଶୁକନ୍ୟା ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଓଡ଼ିଶା ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଅଧ୍ୟକ୍ଷ ଡ. ସୁଦର୍ଶନ ସାହୁ, ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ ପଟେଲ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶୋଭନକୃଷ୍ଣ ସାହୁ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ବିଭାଗୀୟ ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣୀ ପଟ୍ଟନାୟକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ତଥା ଏସ୍‌ଆଇଡିଏସିର ସଦସ୍ୟ ସଚିବ ଶିଶିର କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ତୋଷାଳି ମେଳାରେ ୬୦୦ରୁ ଅଧିକ ଷ୍ଟଲ ଖୋଲାଯାଇଥିଲା। ଏଥିରେ ଓଡ଼ିଶା ତଥା ବିଭିନ୍ନ ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ଜିନିଷ ପ୍ରମୁଖ ଆକର୍ଷଣ ପାଲଟିଥିଲା।

ତୋଷାଳି ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ ଦେବାକୁ ଆସିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶଙ୍କ ସହ ସେବାୟତମାନେ।

'ସରକାରୀ ଚାକିରି ବୟସସୀମା ବୃଦ୍ଧି କରାଯାଉ'

ଭୁବନେଶ୍ୱର, ୨୬।୧୨
(ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସସୀମା ସାଧାରଣବର୍ଗ ପ୍ରାର୍ଥୀଙ୍କ ପାଇଁ ୪୨ ବର୍ଷକୁ ସ୍ଥାୟୀଭାବେ ବୃଦ୍ଧି କରାଯାଉ ବୋଲି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀମାନେ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଆଶାୟୀଙ୍କ କହିବାନୁସାରେ, ବିଧାନସଭାରେ ବିଧାୟକମାନେ ବାରମ୍ବାର ଏହି ଦାବିକୁ ଉପସ୍ଥାପନ କରିଛନ୍ତି। ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ, ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଓ ଅନ୍ୟାନ୍ୟ ବୋର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକାର ଚାକିରିରେ ଖାଲିଥିବା ପଦ ନିୟମାନୁସାରେ ପ୍ରତିବର୍ଷ ପୂରଣ କରାଯାଉନାହିଁ। ରାଜ୍ୟ ସରକାର ୨୦୨୧, ୨୦୨୨ ଓ ୨୦୨୩ ତିନିବର୍ଷ ଲାଗି ନିଯୁକ୍ତି କ୍ଷେତ୍ରରେ ସର୍ବାଧିକ ବୟସସୀମା ୩୨ ବର୍ଷରୁ ୩୮ ବର୍ଷକୁ ବୃଦ୍ଧି କରିଛନ୍ତି । ଏହି ୩ ବର୍ଷ ମଧ୍ୟରୁ ୨୦୨୨ରେ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ କୌଣସି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ। ୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଅଧିକାଂଶ ପରୀକ୍ଷାର୍ଥୀଙ୍କ ଆବେଦନର ବୟସସୀମା ଗଡ଼ିଗଲା। ଯଦି ପୂର୍ବବର୍ଷ ଅନୁସାରେ ଆବେଦନର ବୟସସୀମା ୩୮ ବର୍ଷ ଥାନ୍ତା ତେବେ ସେମାନେ ଆବେଦନ କରିବା ପାଇଁ ସୁଯୋଗ ପାଇଥା'ନ୍ତେ। ସେହିଭଳି ୨୦୨୨ରେ ବିଭିନ୍ନ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ନ ପାଇବାରୁ ବହୁ ଆଶାୟୀ ଏବେ ଆବେଦନରୁ ବଞ୍ଚିତ ହେବେ। ୨୦୦୦ମସିହାରୁ ବର୍ତ୍ତମାନ ଯାଏ ସାଧାରଣବର୍ଗର ଅନେକ ଗରିବ ମେଧାବୀ ଆଶାୟୀ ଚାକିରି ସୁଯୋଗରୁ ବଞ୍ଚିତ ହୋଇଛନ୍ତି । ଏବେ ରାଜ୍ୟର ବିଭିନ୍ନ ବିଭାଗରେ ଲକ୍ଷାଧିକ ପଦ ଖାଲି ପଡିଥିବା ବିଧାନସଭା ତଥ୍ୟରୁ ଜଣାପଡ଼ିଛି। ତେଣୁ ଚାକିରି ଆଶାୟୀଙ୍କ ବୟସସୀମା ୪୨ ବର୍ଷକୁ ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି।

ମିସ୍ ଇଣ୍ଡିଆ ମିଶନ ଡ୍ରିମ୍: ଦ୍ୱିତୀୟ ରନର୍ସ ଅପ୍ ସରନ୍ୟା

ଭୁବନେଶ୍ୱର,୨୬।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

କୋଲକାତାଠାରେ ଆୟୋଜିତ ସୁନ୍ଦରୀ ପ୍ରତିଯୋଗିତା 'ମିସ୍ ଇଣ୍ଡିଆ ୨୦୨୩ ମିଶନ୍ ଡ୍ରିମ୍' ଚଳିତ ମାସ ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର ସରନ୍ୟା ସରନ୍ତରାୟ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସ ଅପ୍‌ହୋଇଛନ୍ତି। ୧୫ ବର୍ଷୀୟା ସରନ୍ୟା ରାମମନ୍ଦିରସ୍ଥିତ ସେଣ୍ଟ ଜୋସେଫ୍ ସ୍କୁଲ୍‌ର ଛାତ୍ରୀ। ଭବିଷ୍ୟତରେ ସରନ୍ୟା ନୃତ୍ୟ ଓ ଅଭିନୟ ବ୍ୟତୀତ ପ୍ରଶାସନିକ ସେବାରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ସରନ୍ୟା ସରନ୍ତରାୟ

ଅଟୋ ଚାଳକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଅନ୍ତା,୨୬।୧୨
(ନୀଳମାଧବ ସାହୁ)

ପାହଲ ଥାନା ନହରକଣ୍ଟା ଗ୍ରାମର ବେହେରା ସାହିରେ ମଙ୍ଗଳବାର ଜଣଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଡାଲା ଅଟୋ ଚାଳକ ନୟାଗଡ଼ର ପ୍ରମୋଦ ସେନାପତି(୨୪)। ପୋଲିସ ୨୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରମୋଦ ୨ମାସ ହେଲା ଏଠାରେ ଭଡ଼ାରେ ରହୁଥିଲେ। ତାଙ୍କ ମା' ବାପା ଭୁବନେଶ୍ୱରରେ ରହୁଥିବାବେଳେ ସେ ଏଠାରେ ଏକାକୀ ଥିଲେ। ସେ ପ୍ରତିଦିନ ସକାଳୁ ଅଟୋ ନେଇ ଯାଇ ରାତିରେ ଫେରନ୍ତି। ହେଲେ ସେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଘରୁ ନ ବାହାରିବାରୁ ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ମାଲିକ କବାଟ ବାଡ଼େଇବା ପରେ ମଧ୍ୟ ଉତ୍ତର ମିଳି ନ ଥିଲା। ଘର ଭିତର ପଟୁ ବନ୍ଦ ଥିବାରୁ ମାଲିକ ଝରକା ପଟେ ପ୍ରମୋଦଙ୍କୁ ସିଲିଂ ହୁକରେ ଗାମୁଛାରେ ଝୁଲୁଥିବା ଦେଖିଥିଲେ। ପରେ ମାଲିକ ପାହଲ ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ବିଭୁଟି ମହାନ୍ତି ଓ ଏସ୍‌ଆଇ ବିଭୂତି ଭୂଷଣ ମୁଦୁଲି ପହଞ୍ଚି ତଦନ୍ତ କରିଥିଲେ। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କାପିଟାଲ ହସ୍ପିଟାଲକୁ ପଠାଇଥିଲେ।

ଶିକ୍ଷାନୁଷ୍ଠାନରେ 'ନୂଆ-ଓ' କାର୍ଯ୍ୟକ୍ରମ ଅବଧି ୧୫ ଯାଏ ବୃଦ୍ଧି

ଭୁବନେଶ୍ୱର, ୨୬।୧୨
(ଅସମାପିକା ସାହୁ)

ସମୀକ୍ଷା ପରେ ନିଷ୍ପତ୍ତି

ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷାନୁଷ୍ଠାନଗୁଡ଼ିକରେ କ୍ରୀଡ଼ା, ସମାଜସେବା, ବିଭିନ୍ନ ପ୍ରକାର ଜ୍ଞାନକୌଶଳ, ଶାରୀରିକ ବିକାଶ ଇତ୍ୟାଦିକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରତିଯୋଗିତା ସହ ନାନା କାର୍ଯ୍ୟକ୍ରମ ଚାଲିଛି। ତେବେ ଏହି କାର୍ଯ୍ୟକ୍ରମର ଅବଧି ବୃଦ୍ଧି ପାଇଁ ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ଭିଡିଓ କନ୍‌ଫରେନ୍ସିଂରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ସମସ୍ତ ଶିକ୍ଷାନୁଷ୍ଠାନରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ପଚାରି ବୁଝିବା ପରେ ଏହାର ଅବଧିକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି ଘୋଷଣା କରିଥିଲେ। ଏଥିସହ ମନ୍ତ୍ରୀ କହିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭିଡିଓଗ୍ରାଫି ଏବଂ ଫଟୋଗ୍ରାଫି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପ୍ରତିଯୋଗିତା କରାଯିବ। ଯେଉଁ ଛାତ୍ରୀଛାତ୍ର ସାମାଜିକ କାର୍ଯ୍ୟକ୍ରମ, ଭିଡିଓଗ୍ରାଫି ଏବଂ ଫଟୋଗ୍ରାଫି ପ୍ରତିଯୋଗିତାରେ ଭାଗ ନେଇଥିବେ ସେମାନଙ୍କୁ ସାମ୍ବ ଲାବ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ। ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ ଏହି 'ନୂଆ-ଓ' କାର୍ଯ୍ୟକ୍ରମ ଚାଲିଛି। ସାମାଜିକ କାର୍ଯ୍ୟକଳାପ ପାଇଁ କୌଣସି ଡେଡ୍‌ଲାଇନ ରହିବ ନାହିଁ। ଏପରିକି ଫେବୃୟାରୀ ପରେ ମଧ୍ୟ ସମାଜସେବା କାର୍ଯ୍ୟକ୍ରମ ଜାରିରହିବ ବୋଲି ସେ ସୂଚନା ଦେଇଥିଲେ।

ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ବିଭାଗୀୟ ପଦାଧିକାରୀ ଓ କଲେଜ ଅଧ୍ୟକ୍ଷମାନେ।

ବୈଠକରେ ଉଚ୍ଚଶିକ୍ଷା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବିଭାଗୀୟ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଓ 'ନୂଆ-ଓ' ଅନୁଦାନପ୍ରାପ୍ତ ୭ ବିଭାଗର ସମସ୍ତ ନୋଡାଲ୍ ଅଫିସର ଓ ରାଜ୍ୟର ସମସ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟାପକମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉପସ୍ଥିତ ଥିଲେ।

ସଞ୍ଜୀ ଦୀପରେ ପୋଡ଼ି ବୃଦ୍ଧା ମୃତ

ଯାଁଳା,୨୬।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଇମ୍ପୋଭ୍ୟାଲି ଥାନା ତଳକ୍ଷେତା ଛକ ନିକଟ ରାଧାଚରଣପୁର ଗ୍ରାମରେ ସଞ୍ଜୀ ଦୀପରେ ପୋଡ଼ି ହୋଇ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ନାରାୟଣ ସାମନ୍ତରାୟଙ୍କ ସ୍ତ୍ରୀ ସଞ୍ଜଳ (୭୩)। ସୂଚନା ମୁତାବକ ଗତ ୧୭ ତାରିଖରେ ସଞ୍ଜଳ ଠାକୁର ଘରେ ଏକ ସଳିତା ଦୀପ ଲଗାଇ ଅନ୍ୟ ଏକ ଦୀପ ଧରି ଛିଡ଼ାହୋଇ ଆଳତି କରୁଥିଲେ। ସେହି ସମୟରେ ତଳେ ଥିବା ଦୀପ ନିଆଁ ତାଙ୍କ ଲୁଗାରେ ଲାଗିଯାଇଥିଲା। ସେ ପାଟି କରିବାରୁ ଘରଲୋକ ନିଆଁ ଲିଭାଇ ଥିଲେ। ସେତେବେଳକୁ ତାଙ୍କର ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ପୋଡ଼ିଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା।

ଭିଜିଲାନ୍ସ ଦ୍ୱାରା କଙ୍କଡ଼ାପାଳର ପୂର୍ବତନ ଭିଏଲ୍‌ଡବ୍ଲ୍ୟୁ ଦଣ୍ଡିତ

କଟକ,୨୬।୧୨ (କାର୍ତ୍ତିକ ସାହୁ)

୨ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଜରିମାନା

ମୋ କୁଡ଼ିଆ ଯୋଜନାରେ ଘର ପ୍ରଦାନ ନିମନ୍ତେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେବା ମାମଲାରେ ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁ ଭିଜିଲାନ୍ସ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ସେ ହେଲେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କଙ୍କଡ଼ାପାଳ ପଞ୍ଚାୟତର ପୂର୍ବତନ ତଥା ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁ ଅଶୋକ କୁମାର ନାୟକ। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ନିମନ୍ତେ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗ କରିବାକୁ ଆଦେଶ ରହିଛି। ଭିଜିଲାନ୍ସ ପକ୍ଷରୁ ଦୋଷୀ ସାବ୍ୟସ୍ତ ଭିଏଲ୍‌ଡବ୍ଲ୍ୟୁଙ୍କ ପେନ୍‌ସନ ବନ୍ଦ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ଜଣାପଡିଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୨୪/୨୦୧୫) ରୁଜୁ ହୋଇଥିଲା।

ହୋଟେଲରେ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୬।୧୨
(ସତ୍ୟଜିତ୍ ରାଉତ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ୍‌ରେ ଥିବା ଏକ ହୋଟେଲରେ ଜଣେ ଯୁବକ ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଅର୍ତାମୁଲ୍‌ର ଦେବାଶିଷ ମିଶ୍ର (୨୯)। ମଙ୍ଗଳବାର ପୋଲିସ ଟିମ୍ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ଦେବାଶିଷଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭାଇ ଶୁଭାଷଶିଷ ମିଶ୍ରଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଦେବାଶିଷ ପୁଣେସ୍ଥିତ ଏକ କମ୍ପାନୀରେ ଚାକିରି କରୁଥିଲେ। ସେ ଭୁବନେଶ୍ୱରରେ ପହଞ୍ଚି ସୋମବାର ୪ଟା ୪୫ ବେଳେ ଉକ୍ତ ହୋଟେଲ୍‌ର ୯୯ ନଂ. ରୁମ୍‌ରେ ରହିଥିଲେ। ମଙ୍ଗଳବାର ସକାଳେ ସେ କବାଟ ଖୋଲି ନ ଥିଲେ। ତେଣୁ ହୋଟେଲ୍ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ସେମାନେ ପୋଲିସକୁ ଏନେଇ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଲା ଭାଙ୍ଗି ରୁମ୍ ଭିତରେ ପଶିଥିଲା। ଦେବାଶିଷ ମୃତ ଅବସ୍ଥାରେ ଫ୍ୟାନ୍‌ରେ ଝୁଲୁଥିବା ଜଣାପଡ଼ିଥିଲା। ତେବେ ଦେବାଶିଷ ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ସୂଚନା ଦିଆଯାଇଛି। ତେବେ କେଉଁ କାରଣ ପାଇଁ ସେ ଏଭଳି ନିଷ୍ପତ୍ତି ନେଲେ ତାହା ଜାଣିବାକୁ ପୋଲିସ ତଦନ୍ତ ଜାରି ରଖିଛି।

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଅନିଲ

@ ବବୁଲ

@ ବିପ୍ଳବ

@ ସାରଦା ପ୍ରସାଦ

@ ମୁକ୍ତି ମଧୁର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇ

ସଂକ୍ଷେପରେ

ବୃନ୍ଦାବନ ଜେନା, ସନ୍ଦୀପ ରାଉତଙ୍କୁ 'ପ୍ରାଚୀ ସମ୍ମାନ'

ଦ୍ୱିତୀୟ ପ୍ରାଚୀ ନୃତ୍ୟ ସଙ୍ଗୀତ ଉତ୍ସବ

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରାଚୀ ସଙ୍ଗୀତ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ପ୍ରାଚୀ ନୃତ୍ୟ ସଙ୍ଗୀତ ଉତ୍ସବ ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପିପିଲି ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ଶେକ୍ ବାବୁ, ଖାଦ୍ୟ ନିଗମର ସଭ୍ୟ ପ୍ରିୟବ୍ରତ ସାମନ୍ତରାୟ, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର ସଭାପତି ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଦୂରଦର୍ଶନର ଗୀତିକାର ବୃନ୍ଦାବନ ଜେନା ଓ ବିଶିଷ୍ଟ ତବଲା ବାଦକ ତଥା ଅଧ୍ୟାପକ ଡ. ସନ୍ଦିପ କୁମାର ରାଉତଙ୍କୁ 'ପ୍ରାଚୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମବେତ କଣ୍ଠ ସଙ୍ଗୀତ, ଓଡ଼ିଶୀ ସଙ୍ଗୀତ, ଭାବାଙ୍ଗ, ଚଣ୍ଡୁ, ଛାନ୍ଦ, ନାଟ୍ୟାଙ୍ଗି ଆଦି ପରିବେଷଣ କରାଯାଇଥିଲା। ଦ୍ୱିତୀୟ ସୋପାନରେ ଡ. ସନ୍ଦୀର ରାଉତ ଓ ସହଯୋଗୀଙ୍କ ଦ୍ୱାରା ତାଳବାଦ୍ୟ ପ୍ରଦର୍ଶନ ଖୁବ ମନଛୁଆଁ ଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ଓ ଲୋକନୃତ୍ୟ ଦେଖିବାକୁ ମିଳିଥିଲା। ପ୍ରତିଷ୍ଠାତା ଗୁରୁ ଡ. ସଜିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

'ଏକ ଷ୍ଟେଶନ, ଏକ ଉତ୍ପାଦ' କାର୍ଯ୍ୟକ୍ରମ

ଭୁବନେଶ୍ୱର ରେଳ ଷ୍ଟେଶନରେ କୃଷକ ଉତ୍ପାଦକ ସଂଗଠନ ଷ୍ଟଲ୍ ଖୋଲିଲା

ଭୁବନେଶ୍ୱର, ୨୭।୧୨ (ଅନୁରାଧା ମହାରଣା)

'ଏକ ଷ୍ଟେଶନ ଓ ଏକ ଉତ୍ପାଦ' କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ କୃଷକ ଉତ୍ପାଦକ ସଂଗଠନ, ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବା ପାଇଁ ନାବାର୍ଡ ଓ ପୂର୍ବତଟ ରେଲୱେ ପକ୍ଷରୁ ଉଦ୍ୟମ କରାଯାଉଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ପଶ୍ଚିମେଶ୍ୱର କୃଷକ ଉତ୍ପାଦକ ସଂଗଠନ ପକ୍ଷରୁ ଏକ ଷ୍ଟଲ୍‌କୁ ନାବାର୍ଡର ସିଜିଏମ୍ ଡ. ସୁଧାଂଶୁ କେକେ ମିଶ୍ର ଓ ପୂର୍ବତଟ ରେଲୱେ ସିନିୟର ଡିସିଏମ୍ ଅମିତେସ୍ ଆନନ୍ଦ ଉଦ୍‌ଘାଟନ କରିଛନ୍ତି। ନାବାର୍ଡ ସହାୟତାରେ ଗଠିତ ଏହି କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାରୀକରଣରେ ଏହି ଷ୍ଟଲ୍ ସୁଯୋଗ ସୃଷ୍ଟି କରିବ ବୋଲି ନାବାର୍ଡ ସିଜିଏମ୍ ଡ. ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ନାବାର୍ଡର ଜେନେରାଲ ମ୍ୟାନେଜର ଡ. ବିବି ସାହୁ, ଡେପୁଟି ଜେନେରାଲ ମ୍ୟାନେଜର କମଳାକାନ୍ତ ପଟ୍ଟନାୟକ ନିରଞ୍ଜନ ଭୂୟାଁ, ଜୟନ୍ତ ସାମଲ, ତୃପ୍ତି ତାପସୀ, ଭୁବନେଶ୍ୱର ଷ୍ଟେସନ ଡାଇରେକ୍ଟର ଏଏମ୍ ଭବହେଲ ନିଗମର ସମ୍ପାଦକ ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ନିଗମ ସଂଗଠନର କାଦମ୍ବିନୀ ପାତ୍ର, ମଧୁସ୍ମିତା ଦାଶ, ସୁସ୍ମିତା ସାହୁ, ଇତିଶ୍ରୀ ପ୍ରଧାନ, ନବକିଶୋର ଦାଶ, ବିରଳା ପ୍ରଧାନ, ଅନିଲ ତରାଣିଆ ପ୍ରମୁଖ ସଭା ପରିଚାଳନା କରିଥିଲେ।

ଏମ୍‌ପିଙ୍କ ପ୍ରଶ୍ନରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ଉତ୍ତର

'ବସ୍ତିବାସିନ୍ଦାଙ୍କ ପାଇଁ ଆଖି ବୁଜିଛି ସ୍ମାର୍ଟସିଟି ଭୁବନେଶ୍ୱର'

ଭୁବନେଶ୍ୱର, ୨୭।୧୨ (ବନ୍ଦନା ସେଠୀ)

■ରାଉରକେଲା ସ୍ମାର୍ଟସିଟିର ଭଲ ପ୍ରଦର୍ଶନ

■ସଂସଦରେ ଉଠିଲା ପ୍ରସଙ୍ଗ

ସ୍ମାର୍ଟସିଟି ମିଶନ୍‌ରେ ସ୍ମାର୍ଟ ହେଉଛି ରାଜଧାନୀ ଭୁବନେଶ୍ୱର। ରାସ୍ତାଘାଟଠାରୁ ଆରମ୍ଭକରି ବିଭିନ୍ନ ପ୍ରକଳ୍ପ ସବୁକିଛି ସ୍ମାର୍ଟ ଭାବେ ଗଢ଼ାଯାଉଛି। ତେବେ ଏହି ସ୍ମାର୍ଟ ମିଶନରେ କିନ୍ତୁ ଭୁବନେଶ୍ୱରର ବସ୍ତିବାସିନ୍ଦାଙ୍କୁ ସାମିଲ କରାଯାଇନାହିଁ। ଗୋଟେପଟେ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଜୀବନଧାରଣରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ସେମାନେ କିନ୍ତୁ ସ୍ମାର୍ଟ ହୋଇପାରୁନାହାନ୍ତି। କାରଣ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ଏପର୍ଯ୍ୟନ୍ତ ତାଙ୍କ ପାଇଁ କୌଣସି ଯୋଜନା କରାଯାଇ ନାହିଁ। ଅପରପକ୍ଷେ ସ୍ମାର୍ଟସିଟି ରାଉରକେଲା ନିଜ ପ୍ରକଳ୍ପରେ ୨୭ଟି ବସ୍ତିକୁ ସାମିଲ କରିଥିବା ସୂଚନା ମିଳିଛି। ୨୦୧୫ ଜୁନ୍ ୨୫ରୁ କେନ୍ଦ୍ର ସରକାର ସ୍ମାର୍ଟସିଟି ମିଶନ ଆରମ୍ଭ କରିଥିଲେ। ସମଗ୍ର ଦେଶରୁ ୧୦୦ ସହରକୁ ସ୍ମାର୍ଟସିଟି କରିବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ରାଜ୍ୟର ୨ ପ୍ରମୁଖ ସହର ଭୁବନେଶ୍ୱର ଓ ରାଉରକେଲାକୁ ସ୍ମାର୍ଟସିଟି ମିଶନରେ ସାମିଲ କରାଯାଇଥିଲା। ମାତ୍ର ଭୁବନେଶ୍ୱର ଅପେକ୍ଷା ରାଉରକେଲା ସ୍ମାର୍ଟସିଟିର ପ୍ରକଳ୍ପ କାର୍ଯ୍ୟକ୍ଷମ ହାର ଭଲ ରହିଥିବାବେଳେ ଅର୍ଥ ବିନିଯୋଗ କରିବାରେ ମଧ୍ୟ ଆଗରେ ରହିଛି। ଏପରିକି ସ୍ମାର୍ଟସିଟି ପ୍ରକଳ୍ପ ଅଧୀନରେ ରାଉରକେଲା ସ୍ମାର୍ଟସିଟି ୨୭ଟି ବସ୍ତିର ବିକାଶ କରିଥିବା ସଂସଦରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ୨୦୨୩ ନଭେମ୍ବର ୨୭ ପର୍ଯ୍ୟନ୍ତ ସ୍ମାର୍ଟସିଟି ମିଶନ ଆରମ୍ଭ ହେବା ପରଠାରୁ ୮ ବର୍ଷ ୭ ମାସ ମଧ୍ୟରେ ବିଏସ୍‌ସିଏଲ୍‌କୁ ମୋଟ ୯୯୭.୯୩ କୋଟି ଅର୍ଥ ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ୯୧୧.୮୬ କୋଟି ଟଙ୍କା ବିନିଯୋଗ କରାଯାଇଛି। ୩୩ ପ୍ରକଳ୍ପରୁ ୨୭ଟିର କାର୍ଯ୍ୟ ଶେଷ ହୋଇଥିବାବେଳେ ୧୫୮୭.୦୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବାକି ୬ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାବେଳେ ଏଥିରେ ଖର୍ଚ୍ଚ ଲାଗି ୪୯୫.୭୩ କୋଟି ଟଙ୍କା ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ରାଉରକେଲା ସ୍ମାର୍ଟସିଟିକୁ ମୋଟ ୯୩୯ କୋଟି ଅର୍ଥ ପ୍ରଦାନ କରାଯାଇଥିବାବେଳେ ସେଥିରୁ ୭୯୨.୯୨ କୋଟି ଟଙ୍କା ବିନିଯୋଗ କରାଯାଇଛି। ମୋଟ ୬୪ଟି ପ୍ରକଳ୍ପ ମଧ୍ୟରୁ ୫୯ଟିର କାର୍ଯ୍ୟ ଶେଷ ହୋଇଛି। ଏଥିଲାଗି ୧୧୫୫.୨୪ କୋଟି ଖର୍ଚ୍ଚ ହୋଇଛି। ବାକି ୫ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାବେଳେ ଏଥିରେ ଖର୍ଚ୍ଚ ଲାଗି ୩୫୭.୮୨ କୋଟି ଲକ୍ଷ୍ୟ ରଖାଯାଇଥିବା ସୂଚନା ରହିଛି। ଅପରପକ୍ଷେ ସ୍ମାର୍ଟସିଟି ମିଶନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଇତିମଧ୍ୟରେ ୩ ଥର ତା'ର ଅବଧି ବୃଦ୍ଧି କରିଛି। ଆସନ୍ତା ଜୁନ୍ ୨୦୨୪ ସୁଦ୍ଧା ସମସ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବାକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ତେଣୁ ଇତିମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଇବା ବିଏସ୍‌ସିଏଲ୍ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। କାରଣ ଶେଷ ହୋଇଥିବା ୨୭ଟି ପ୍ରକଳ୍ପ ମଧ୍ୟରୁ ଏକାଧିକର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡିଛି। ସ୍ମାର୍ଟ କିଓସ୍କ ହେଉ କି ମୋ ସାଇକେଲ, ମାଗଣା, ୱାଇଫାଇ ହେଉ କି ବହୁତଳ ପାର୍କିଂ, ସ୍ମାର୍ଟ ସଲ୍ୟୁଶନ ସେଣ୍ଟର ଆଦି ପ୍ରକଳ୍ପ ଠିକ୍ ଭାବେ ଲୋକଙ୍କ ସେବାରେ ଲାଗିପାରିନାହିଁ। ଏପରିକି ବିଏସ୍‌ସିଏଲ ପକ୍ଷରୁ ସହରରେ ଲାଗିଥିବା ୭୫ଟି କିଓସ୍କରୁ ୬୨ଟି କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଲୋକେ ଏହାର ବ୍ୟବହାର ପ୍ରତି ଆଗ୍ରହ ଦେଖାଉନାହାନ୍ତି। ସେହିପରି ୟୁନିଟ୍-୨ ମାର୍କେଟ ବିଲ୍‌ଡିଂ ଓ ଶହୀଦନଗରରେ ଦୁଇଟି ବହୁତଳ ପାର୍କିଂସ୍ଥଳ ନିର୍ମାଣ ହୋଇଥିଲେ ମଧ୍ୟ ଏଥିରେ ପାର୍କିଂ ଫି' ଅଧିକ ଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏଠାରେ ଗାଡି ରଖିବାକୁ ଲୋକେ ମଙ୍ଗୁନାହାନ୍ତି।

ସୂଚନାଯୋଗ୍ୟ, ସ୍ମାର୍ଟସିଟି ମିଶନ ଅଧୀନରେ ଓଡ଼ିଶାରେ ହୋଇଥିବା ବସ୍ତି ବିକାଶ ପ୍ରକଳ୍ପର ବିବରଣୀ ସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରଦାନ କରିବାକୁ ଏମ୍‌ପି ଓରାମ ପ୍ରଶ୍ନ କରିଥିଲେ। ବସ୍ତିବାସିନ୍ଦାଙ୍କ ପାଇଁ ବିଏସ୍‌ସିଏଲ ଟଙ୍କାଟିଏ ଖର୍ଚ୍ଚ କରି ନ ଥିବାବେଳେ ଗୋଟିଏ ବି ପ୍ରକଳ୍ପ ହାତକୁ ନେଇ ନ ଥିବା ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ରଖାଯାଇଥିବା ଉତ୍ତରରୁ ଜଣାପଡ଼ିଛି।

ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପୀ ଆଶୁତୋଷ ପରିଡ଼ା ଓ ଚିନ୍ମୟ ସାହୁ ନୃତ୍ୟ ପରିବେଷଣ କରୁଛନ୍ତି।

ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଏହି ପାଞ୍ଚଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ବିଦେଶ, ଦେଶ ତଥା ରାଜ୍ୟର ପ୍ରାୟ ୩୫୦ରୁ ଅଧିକ କଳାକାର ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ସନ୍ଧ୍ୟାରେ ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସଙ୍ଗୀତ ନାଟକ ଏକାଡେମୀ ସଭାପତି ଗୁରୁ ଅରୁଣା ମହାନ୍ତି, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସିକତା ଦାସ ଓ ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କ ଦ୍ୱାରା ଅର୍ଦ୍ଧନାରୀଶ୍ୱର ନୃତ୍ୟରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଦ୍ୱାରା ନୃତ୍ୟାଭିନୟ ସଖୀ ହେ... ଏବଂ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଆଶୁତୋଷ ପରିଡ଼ା ଓ ଚିନ୍ମୟ ସାହୁଙ୍କ ଦ୍ୱାରା ବାଳି ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଏକକ ନୃତ୍ୟ ପର୍ଯ୍ୟାୟରେ ଲକି ପ୍ରଜ୍ଞାନ ପ୍ରତିଷ୍ଠିତା ମହାନ୍ତିଙ୍କ ଦ୍ୱାରା ଅଭିନୟ ମା ଭବାନୀ ପରେ ପରେ ସୁକୃତି ଦାସଙ୍କ ଦ୍ୱାରା ଶିବ ପଞ୍ଚାକ୍ଷର, ଶ୍ରୀଜିତା ସାନ୍ୟାଲ ଓ ସୁରଜିତ ସୋମ୍ୟାଙ୍କ ଦ୍ୱାରା ବେହାଗ ପଲ୍ଲବୀ, କୁଞ୍ଜଲତା ମିଶ୍ରଙ୍କ ଦ୍ୱାରା ଚଣ୍ଡୁ ପରିବେଷିତ ହୋଇଥିଲା। ଏହାପରେ ଏକକ ନୃତ୍ୟ ପର୍ଯ୍ୟାୟରେ ସଞ୍ଜୀବ କୁମାର ଜେନାଙ୍କ ଦ୍ୱାରା ସରସ୍ୱତୀ ପଲ୍ଲବୀ ଓ ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ନୂପୁର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ବର୍ଷା ବସନ୍ତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଞ୍ଚାଳନା କରିଥିଲେ।

ଏକାମ୍ରରେ ବିଜେଡିର ପ୍ରତିଷ୍ଠା ଦିବସ

ପୁରୁଣା ଭୁବନେଶ୍ୱର,୨୭।୧୨(ସୁବାସ ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ମଇଁଷି ଖାଲଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳରୁ ବହୁ ସଂଖ୍ୟାରେ ବିଜୁପ୍ରେମୀ, ଯୁବ, ଛାତ୍ର, ମହିଳା ସଂଗଠନ, କର୍ପୋରେଟର, ବୁଦ୍ଧିଜୀବୀ, ବିଜୁ ଆଇନଜୀବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ସୁଶାସନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଉପାଧ୍ୟକ୍ଷ ଡ. ସନ୍ତୋଷ ଜେ, ବରିଷ୍ଠ ନେତା ପ୍ରତାପ ଜେନା, ସ୍ଥାନୀୟ କର୍ପୋରେଟର କେ ଶାନ୍ତି, ଅଜିତ୍ ବେହେରା, ସନ୍ତୋଷ ସିଂ, ମହାମାୟା ସ୍ୱାଇଁ, ଶ୍ରୀଧର ବେହେରା, ଶିବ ନାରାୟଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ମଇଁଷିଖାଲଠାରେ ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା।

୩ ନର୍ସରି ମାଲିକ ଗଣିଲେ ୪୮ହଜାର ତଣ୍ଡ

ଭୁବନେଶ୍ୱର, ୨୭।୧୨ (ବନ୍ଦନା ସେଠୀ)

ପରିମଳ ନିୟମ ଖିଲାପ କରିବାରୁ ୩ଟି ନର୍ସରିକୁ ତଣ୍ଡ ଗଣିବାକୁ ପଡିଛି। ମଙ୍ଗଳବାର ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ କଳିଙ୍ଗ ବିହାର ଅଞ୍ଚଳର ୩ଟି ନର୍ସରି ମାଲିକଙ୍କଠାରୁ ୪୮ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ୨୫କେଜି ପଲିଥିନ୍ ଜବତ କରିଛି। ଏମାନେ ନିଜ ଆଖପାଖ ୫ମିଟର ପରିମିତ ଅଞ୍ଚଳକୁ ସଫା ରଖୁ ନ ଥିବାବେଳେ ପଲିଥିନ୍ ବ୍ୟବହାର କରୁଥିଲେ। ଖବର ପାଇ ବିଏମ୍‌ସିର ଟିମ୍ ସେଠାରେ ଚଢ଼ାଉ କରିଥିଲା। ସେହିପରି ୱାର୍ଡ ନଂ. ୬୩ ଅଞ୍ଚଳରେ ଖୋଲାରେ ନିର୍ମାଣାଧୀନ ବର୍ଜ୍ୟ ପକାଇଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସହରକୁ ସଫା ରଖିବା ସହ ନିଜ ଆଖପାଖ ଅଞ୍ଚଳକୁ ପରିଷ୍କାର ରଖିବା ପାଇଁ ବିଏମ୍‌ସି ସର୍ବଦା ସଚେତନ କରିଆସୁଛି। ମାତ୍ର କିଛି ଅମାନିଆ ଏହାକୁ ମାନୁ ନ ଥିବାରୁ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

ସରିଲା ଜାତୀୟ ରଗ୍‌ବୀ, ଭଲିବଲ୍ ପ୍ରତିଯୋଗିତା

ରଗ୍‌ବୀରେ ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୨୭।୧୨(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଭୁବନେଶ୍ୱରରେ ୫ ଦିନ ଧରି ଚାଲିଥିବା ୬୭ତମ ଜାତୀୟସ୍ତରୀୟ ୧୪ବର୍ଷରୁ କମ୍ ବାଳିକା- ବାଳକ ବିଦ୍ୟାଳୟ ସମୂହ ରଗ୍‌ବୀ ଏବଂ ଭଲିବଲ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରଗ୍‌ବୀ ବାଳକ ବର୍ଗରେ ବିହାର ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶା ରନର୍ସଅପ୍ ହୋଇଛି। ସେହିପରି ବାଳିକା ବର୍ଗରେ ମଧ୍ୟ ବିହାର ଚାମ୍ପିୟନ ହୋଇଛି। ତେବେ ଓଡ଼ିଶା ରନର୍ସ ଅପ୍ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନରେ ରହିଛି।

ଅନ୍ୟପଟେ ଭଲିବଲ୍ ପ୍ରତିଯୋଗିତାରେ ବାଳକ ବର୍ଗରେ ସିବିଏସ୍‌ଇ ୱେଲ୍‌ଫେୟାର ସୋସାଇଟି ଚାମ୍ପିୟନ ହୋଇଥିବାବେଳେ ଉତ୍ତରପ୍ରଦେଶ ରନର୍ସଅପ୍ ହୋଇଛି ଏବଂ ତାମିଲନାଡୁ ତୃତୀୟ ସ୍ଥାନ ଅଧିକାର କରିଛି। ବାଳିକା ବର୍ଗରେ ଉତ୍ତରପ୍ରଦେଶ ଚାମ୍ପିୟନ ହୋଇଥିବାବେଳେ ହରିୟାଣା ରନର୍ସଅପ୍ ହୋଇଛି ଏବଂ ଆନ୍ଧ୍ରପ୍ରଦେଶ ତୃତୀୟ ସ୍ଥାନ ଦଖଲ କରିଛି। ରାଜ୍ୟରୁ ମୋଟ୍ ୩୧ଟି ୟୁନିଟ୍ ଏଥିରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଶାସନ ସଚିବ ଅଶ୍ୱଥି ଏସ୍. ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦିଲୀପ ତିର୍କୀ, ସମ୍ମାନିତ ଅତିଥି ଭାବେ କେ. ରବିକୁମାର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାସ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରିଥିଲେ।

୬ରୁ ଶିଶିର ସରସ ମେଳା, ଏବର୍ଷ ୪୦୦ଷ୍ଟଲ

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓରମାସ ଦ୍ୱାରା ଆସନ୍ତା ଜାନୁୟାରୀ ୬ରୁ ଜାତୀୟ ସ୍ତରୀୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ମେଳା 'ଶିଶିର ସରସ-୨୦୨୪' ଆରମ୍ଭ ହେବ। ୧୫ ତାରିଖ ପର୍ଯ୍ୟନ୍ତ ବରମୁଣ୍ଡା ପଡ଼ିଆରେ ଚାଲିବାକୁ ଥିବା ଏହି ମେଳା ପାଇଁ ମଙ୍ଗଳବାର ୟୁନିଟ-୮ସ୍ଥିତ ଏସ୍‌ଆଇଆର୍‌ଡି ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ମେଳା ବିଷୟରେ ଆଲୋଚନା

ସଂକ୍ଷେପରେ

ମଦ ବିକ୍ରି ଅଭିଯୋଗରେ ୩ ଗିରଫ: ମଦ, ବାଇକ୍ ଜବତ

ବେଗୁନିଆ,୨୬।୧୨(ହରପ୍ରସନ୍ନ ପଣ୍ଡା)
ବେଗୁନିଆ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ମଦ ବେପାରୀଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ରଣପୁର ଥାନା ଅଧୀନ ଆମଝର ଗ୍ରାମର ବିକାଶ ଶ୍ରୀଚନ୍ଦନ, ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ଗ୍ରାମର ବୀଣାପାଣି ନାୟକ ଓ ପଙ୍କାଳସାହିର ବିଜୟ ନାୟକ। ଏଥିସହ ପୋଲିସ ୧୦୬ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରିଛି। ଏନେଇ ପୋଲିସ ୩ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ ଜାଗିନ ରାଓ, ଏଏସ୍ଆଇ ବିରଞ୍ଚି ନାରାୟଣ ମହାନ୍ତି, ରଞ୍ଜନ ଦାସ, କନଷ୍ଟେବଳ ବିକାଶ ଚନ୍ଦ୍ର ରାଉତ, ମନୋଜ ଜୟସିଂ ଏବଂ ଚିନ୍ମୟୀ ସେଠୀ ପ୍ରମୁଖ ସୋମବାର ରାତିରେ ଏହି ଚଢ଼ାଉ କରିଥିଲେ। ବିକାଶ ଏକ ବାଇକ୍‌ରେ ୮୦ ଲିଟର ଦେଶୀ ମଦ ଆଣି ଆସୁଥିବାବେଳେ ବେଗୁନିଆ ବ୍ଲକ ସିକୋ ଫାଣ୍ଡି ଅଧୀନ ଗଉଡ଼ିଆପଡ଼ା ରାସ୍ତାରୁ ତାଙ୍କୁ ଗିରଫ କରି ତାଙ୍କଠାରୁ ମଦ ଏବଂ ବାଇକ୍ ଜବତ କରିଥିଲେ। ସେହିପରି ବୀଣାପାଣି ତାଙ୍କ ଘର ସାମ୍ନାରେ ମଦ ବିକ୍ରି କରୁଥିବାବେଳେ ତାଙ୍କଠାରୁ ୧୪ ଲିଟର ଦେଶୀ ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଛି। ବିଜୟ ଗ୍ରାମ ରାସ୍ତାରେ ମଦ ବିକ୍ରି କରୁଥିବାବେଳେ ତାଙ୍କୁ ଗିରଫ କରି ତାଙ୍କଠାରୁ ୧୨ଲିଟର ମଦ ଜବତ କରିଛି।

ବୋଲଗଡ଼ ମହୋତ୍ସବ 'ଆଶା' ଉଦ୍‌ଘାଟିତ

ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୋଲଗଡ଼,୨୬।୧୨(ଦେବବ୍ରତ ହୋତା)
ବୋଲଗଡ଼ ମହୋତ୍ସବ 'ଆଶା-୨୩' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଘାଟନ ଦିବସର ମଞ୍ଚ ପୂଜନ କରାଯାଇଥିଲା। ଗଡ଼ଦେବୀ ମା' ରାମଚଣ୍ଡୀଙ୍କ ନିକଟରୁ ଢୋଲ, ମୃଦଙ୍ଗ, ଝାଞ୍ଜ ଓ ଶଙ୍ଖଧନି ମଧ୍ୟରେ ପଟୁଆରରେ ମଶାଲ ଅଣାଯାଇ ଠାକୁରାଣୀଙ୍କ ପତାକା ମଞ୍ଚାଗ୍ରେ ସ୍ଥାପନ କରାଯାଇଥିଲା। ଅପରାହ୍ନରେ କୁଇଜମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର ଓ ସହଯୋଗୀ ମନମୋହନ କହଲସିଂହଙ୍କ ଦ୍ୱାରା ପିଲାଙ୍କ ପାଇଁ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଖୋଲା ଆକାଶ ରଙ୍ଗମଞ୍ଚରେ ବିଭିନ୍ନ ଗ୍ରାମ୍ୟ କଳାକୃତି ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ, ଆସନ ଗ୍ରହଣ, ପୁଷ୍ପଗୁଚ୍ଛ ପ୍ରଦାନ ଓ ଅତିଥି ପରିଚୟ ପରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୋଲଗଡ଼ ମହୋତ୍ସବ କମିଟି ସଭାପତି, ସ୍ଥାନୀୟ ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାଳିଚରଣ ଜୟସିଂହ ଓ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ମହୋତ୍ସବ କମିଟି ଉପାଧ୍ୟକ୍ଷ କୃଷ୍ଣମୋହନ ପାଲଟାସିଂହ, ସମ୍ପାଦକ ବୀର ଦାସ, ଉପଦେଷ୍ଟା ପ୍ୟାରୀମୋହନ ଦାସ, ଶିକ୍ଷାବିତ୍ ସୁମନ୍ତ ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ାବିତ ଅନନ୍ୟା ଓ କଣ୍ଠଶିଳ୍ପୀ ଅବିନାଶ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନେ କଳାକାର ପୁପୁନ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ଭଞ୍ଜ କିଶୋର ଯତି ଓ ଲକ୍ଷ୍ମୀଧର ଚୌଧୁରୀ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମଗୁଡ଼ିକୁ ଅଖିଳେଶ ମହାପାତ୍ର, ଶ୍ରୀକାନ୍ତ ନାୟକ ଓ ଇନ୍ଦ୍ରସ୍ୱରୂପ ସାହୁ ପ୍ରମୁଖ ଉପସ୍ଥାପନ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ପ୍ରଫୁଲ୍ଲ ମହାନ୍ତି ଧନ୍ୟବାଦ ଦେଇଥିଲେ।

ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ଶ୍ରୀପୂର୍ଣ୍ଣ ବିଗ୍ରହଙ୍କୁ ନିମନ୍ତ୍ରଣ

ଶ୍ରୀପୂର୍ଣ୍ଣ ବିଗ୍ରହଙ୍କ ଉଦ୍ଦେଶ୍ୟରେ ନିମନ୍ତ୍ରଣ ପତ୍ର ଦିଆଯାଉଛି।

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)
ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଯୋଗଦେବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଜଗନ୍ନାଥ ମନ୍ଦିର ସମେତ ପ୍ରମୁଖ ମନ୍ଦିର, ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରାଯିବ। ଏଥିଲାଗି ୩୦ ଟିମ୍ ଗଠନ କରାଯାଇଛି। ମଙ୍ଗଳବାର ଏକ ଟିମ୍ ଭୁବନେଶ୍ୱର ଆସି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ କରିବା ପରେ ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)ଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ଏହି ଟିମ୍‌କୁ ମନ୍ଦିର ପକ୍ଷରୁ ନାମ ସଂକୀର୍ତ୍ତନ ସହ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ଟିମ୍‌ରେ ବରିଷ୍ଠ ସେବାୟତ ନାରାୟଣ ପ୍ରତିହାରୀ, ନୋଡାଲ ଅଫିସର ପୁରୀ ସହକାରୀ ଶ୍ରମ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ ଏବଂ ଅନ୍ୟମାନେ ରହିଛନ୍ତି। ଶ୍ରୀଅନନ୍ତ ପୁରୁଷୋତମ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ନିମନ୍ତ୍ରଣପତ୍ର ଗ୍ରହଣ କରିଥିଲେ। ବୋଲଗଡ଼ର ତୃତୀୟଦେବା, ଦଧିମାଛଗାଡ଼ିଆର ଦାରୁକ୍ଷେତ୍ର ଓ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ନଇରୀ, କାଙ୍କଣ ଶିଖରୀରେ ମଧ୍ୟ ନିମନ୍ତ୍ରଣ ପ୍ରଦାନ କରାଯାଇଛି। ଏହି ଅବସରରେ ଉପଜିଲାପାଳ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ନିମନ୍ତ୍ରଣପତ୍ର ଗ୍ରହଣ କରାଯାଇଛି। ଆସନ୍ତା ଜାନୁୟାରୀ ୧୭ ତାରିଖ ଲୋକାର୍ପଣ ଉତ୍ସବରେ ପ୍ରତି ମନ୍ଦିରରୁ ଦୁଇଜଣ ଲେଖାଏ ଯୋଗଦାନ କରିବେ। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସମସ୍ତ ସୁବିଧା ଉପଲବ୍ଧ କରାଯିବ। ସେହିପରି ସେବାୟତ ନାରାୟଣ ପ୍ରତିହାରୀ କହିଲେ, ଶ୍ରୀଲିଙ୍ଗରାଜ ଏବଂ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଦର୍ଶନର ସୁଯୋଗ ମିଳିଲା। ପୂର୍ଣ୍ଣବିଗ୍ରହଙ୍କ ଦର୍ଶନ ପାଇ ଆମେ ଅତ୍ୟନ୍ତ ଆନନ୍ଦିତ। ଲୋକର୍ପଣ ଉତ୍ସବ ପାଇଁ ଶ୍ରୀପୂର୍ଣ୍ଣବିଗ୍ରହଙ୍କ ପୀଠରେ ନିମନ୍ତ୍ରଣ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

ଖବରଦାତା ରବି ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)
ଖୋର୍ଦ୍ଧାର ବରିଷ୍ଠ ଖବରଦାତା ରବି ସାହୁଙ୍କ ବିୟୋଗରେ କାର୍ଯ୍ୟରତ ଖବରଦାତାମାନଙ୍କ ପକ୍ଷରୁ ମଙ୍ଗଳବାର ସାମ୍ବାଦିକ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଶୁଭ୍ରାଂଶୁ ସାମନ୍ତାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସନତ ପଟ୍ଟନାୟକ, ଜୟନ୍ତ ରାୟ, ଦିଲୀପ ପଟ୍ଟନାୟକ, ପ୍ରସନ୍ନ ପାଇକରାୟ, ଗୋପାଳକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଖବରଦାତାମାନେ ରବି ସାହୁଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସ୍ମୃତି ଚାରଣ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ ମେଳାପି ଓ ମିଷ୍ଟଭାଷୀ ଥିଲେ। ଦୀର୍ଘ ବର୍ଷ ଧରି ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରି ସେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ବିୟୋଗ ଖୋର୍ଦ୍ଧା ଅଞ୍ଚଳରେ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା।

ମଞ୍ଚେଶ୍ୱରକୁ ହରାଇ ଫାଇନାଲରେ ଢେଙ୍କାନାଳ

ବେଗୁନିଆ,୨୬।୧୨(ହରପ୍ରସନ୍ନ ପଣ୍ଡା)
ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ଗ୍ରାମସ୍ଥିତ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୪ର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ଫାଇନାରେ ପ୍ରବେଶ କରିଛି। ଢେଙ୍କାନାଳ ସୁର ପ୍ରତାପ କ୍ରିକେଟ କ୍ଲବ ଓ ଭୁବନେଶ୍ୱର ମଞ୍ଚେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁର ପ୍ରତାପ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୪୯ ରନ୍ କରିଥିଲା। ଜବାବରେ ଭୁବନେଶ୍ୱର ମଞ୍ଚେଶ୍ୱର କ୍ରିକେଟ କ୍ଲବ ବ୍ୟାଟିଂ କରି ୬ ଉଇକେଟ ହରାଇ ୨୩୧ ରନ୍ କରି ପରାଜୟ ହୋଇଥିଲା। ଖେଳରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କର ମୁଖ୍ୟ ପରିଚାଳକ ସନ୍ତୋଷ ସେନାପତି, ସହକାରୀ ପରିଚାଳକ ରାଜାରାମ ପାଢ଼ୀ, ହୋଟେଲ ସ୍ପେସ ସେଟର ପରିଚାଳନା ନିର୍ଦ୍ଦେଶକ ଗଜାନନ ଶର୍ମା, ଆଦିତ୍ୟ ଫାର୍ମାର ଓଡ଼ିଶାର ମୁଖ୍ୟ ଅମରେଶ ଦାସ ଓ ଶିକ୍ଷାପ୍ରେମୀ ରାଜ କିଶୋର ପାଣିଗ୍ରାହୀ, ସଭାପତି ମାନସ ରଞ୍ଜନ ଦାଶ ଓ ସମ୍ପାଦକ ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ରମାକାନ୍ତ ପାତ୍ର ଓ ବିଜୟ ପାଇକରାୟ ପରିଚାଳନା କରିଥିବାବେଳେ ରେଫରୀ ଭାବେ ଶଙ୍କର୍ଷଣ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ସିଦ୍ଧେଶ୍ୱର ବେହେରା ଓ ସଞ୍ଜୟ ପାଣିଗ୍ରାହୀ ସ୍କୋରର ଦାୟିତ୍ୱ ତୁଲାଇଥିବାବେଳେ ଏଥିରେ କର୍ମକର୍ତ୍ତା ସହଯୋଗ କରିଥିଲେ।

ଖେଳାଳୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

୪ର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ବିଜେଡି ଛାଡ଼ି ଭାଜପାରେ ମିଶିଲେ ୩ ସମିତି ସଭ୍ୟ

କୃଷ୍ଣପ୍ରସାଦ, ୨୬।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)
କୃଷ୍ଣପ୍ରସାଦ ବ୍ଲକର ୩ ବିଜେଡି ସମର୍ଥିତ ସମିତିସଭ୍ୟ ଭାଜପାରେ ଯୋଗଦେଇଛନ୍ତି। ନାରୀନେତ୍ରୀ ଉପାସନା ମହାପାତ୍ରଙ୍କ ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସିଆଣ୍ଡି ପଞ୍ଚାୟତର ସମିତିସଭ୍ୟ ଲଳିତ କୁମାର ତରାଇ, ବଡ଼ଝାଡ଼ ପଞ୍ଚାୟତର ସମିତିସଭ୍ୟ ଉମାକାନ୍ତ ସେଠୀ ଓ ସିଆଳ ପଞ୍ଚାୟତର ସମିତିସଭ୍ୟ ଭୀମସେନ ସେଠୀ ଭାଜପାରେ ସାମିଲ ହୋଇଛନ୍ତି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ରାଜକୁମାର ରଞ୍ଜନ ସିଂ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର, ନାରୀନେତ୍ରୀ ଉପାସନା ମହାପାତ୍ରଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିଯୋଗୁ ବିଜେଡିକୁ ଝଟ୍‌କା ଲାଗିଛି।

ଭାରତୀୟ ରେଲୱେର ଘରୋଇକରଣ ବନ୍ଦ କରିବା ଓ ନିଯୁକ୍ତି ଦାବିରେ ସିଆଇଟିୟୁ ଏବଂ ସମସ୍ତ ରେଲୱେ ଶ୍ରମିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜଟଣୀସ୍ଥିତ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳର ରେଳମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। (ଫଟୋ-(ରବୀନ୍ଦ୍ରନାଥ ମହାକୁଡ଼)

ଆକ୍ରମଣ, ଲୁଟ ଘଟଣାରେ ଜଣେ ଗିରଫ

ଜଟଣୀ,୨୬।୧୨(ରବୀନ୍ଦ୍ରନାଥ ମହାକୁଡ଼)
ଜଟଣୀ ପୋଲିସ ଏକ ମରଣାନ୍ତକ ଆକ୍ରମଣ ଏବଂ ଲୁଟ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ତାଙ୍କ ସହଯୋଗୀ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ଗ୍ରାମ ବଞ୍ଚାରିଆ ସାହିର କୃଷ୍ଣଚନ୍ଦ୍ର ରଥ(୧୯)। ତାଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଓ ମୋଟରସାଇକେଲ ଜବତ ହୋଇଛି। ଏହି ଘଟଣାରେ ସ୍ୱରୂପ ନାୟକଙ୍କ ଅଭିଯୋଗ କ୍ରମେ ଜଟଣୀ ଥାନାରେ ଏକ କେସ୍ (ନଂ. ୪୩୬/୨୩) ରୁଜୁ କରିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

ମାନସିଂହ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କୃଷ୍ଣପ୍ରସାଦ, ୨୬।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)
ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳାଠାରେ ମାନସିଂହ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ଦଳେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବହୁ ସାହିତ୍ୟିକ ଯୋଗଦେଇ ପ୍ରେମ ଓ ପ୍ରଣୟର କବି ଡ. ମାୟାଧର ମାନସିଂହଙ୍କ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନ ରାଜ୍ୟସ୍ତରୀୟ କବିତା ଆସରରେ ଅନୁଷ୍ଠାନ ଉପଦେଷ୍ଟା କିଶୋର ଚନ୍ଦ୍ର ବିଶୋୟୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ୧୨୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ପିନାକୀ ମିଶ୍ର ମୁଖ୍ୟ ଅତିଥି, ଅଧ୍ୟାପକ ସତ୍ୟନାରାୟଣ ଦଳେଇ, ଭାରତୀ ହୋତା, ହିମାଂଶୁ ପରିଡା, ଅଖିଳ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। କବିତାଗୁଡ଼ିକୁ ଅଧ୍ୟାପିକା ଶିବାନୀ ଜେନା, ଅଧ୍ୟାପିକା ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଏବଂ ଅଧ୍ୟାପକ କୁଳମଣି ମେହେର ସଂଯୋଜନା କରିଥିଲେ।

ଦିଲୀପ କୁମାର ସ୍ୱାଇଁଙ୍କୁ ମାନସିଂହ ସ୍ମୃତି ସମ୍ମାନ

- ବିଭିନ୍ନ ପୁସ୍ତକ ଉନ୍ମୋଚିତ
- ୧୫ ସାହିତ୍ୟିକ ସମ୍ମାନିତ

ଦ୍ୱିତୀୟ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରେମର ଅସ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁ ଯୋଗଦେଇ ଏ ମାଟି ସ୍ପର୍ଶରେ କବିତା ସ୍ୱତଃ ଝରିଆସେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ. ସୁଶାନ୍ତ ଦାସ, ଚିତ୍ତରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ଚିରଞ୍ଜିତ, ଡ. ଲକ୍ଷ୍ମୀନାରାୟଣ ଦାସ, ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା ଉପସ୍ଥିତ ଥିଲେ। ଡ. ଦିଲୀପ କୁମାର ସ୍ୱାଇଁଙ୍କୁ ମାନସିଂହ ସ୍ମୃତି ସମ୍ମାନ, ପ୍ରଫେସର ସରୋଜିନୀ ବରାଇଙ୍କୁ ମାନସିଂହ ଗଳ୍ପ ସମ୍ମାନ, ଡ. ମମତାରାଣୀ ନାୟକଙ୍କୁ ମାନସିଂହ କବିତା ସମ୍ମାନ ଓ ତୀର ତରଙ୍ଗ ପ୍ରକାଶନଙ୍କୁ ମାନସିଂହ ପ୍ରକାଶକ ସମ୍ମାନ ପ୍ରଦାନ କରାଯାଇଥିଲା। କାଶୀନାଥ ଜେନା, ବିଦ୍ୟାଧର ପ୍ରଧାନ, ମନିଷା ବିଶ୍ୱାଳ ଓ ବିଜୟ ଚନ୍ଦ୍ର ମିଶ୍ରଙ୍କୁ ସାରସ୍ୱତ ସାଧକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଇଂ. ସରୋଜ ମହାପାତ୍ର, ଇଂ. ଯାମିନୀକାନ୍ତ ଦାଶ, ପିନାକୀ ମିଶ୍ରଙ୍କ ସମେତ ୮ଜଣ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଇଥିଲା। ଏଇ ସହକାର ପତ୍ରିକାର ସ୍ୱନକ୍ଷତ୍ର ବିଶେଷାଙ୍କ ସମେତ ଭାରତୀ ହୋତାଙ୍କ କବିତା ସଙ୍କଳନ ଶବ୍ଦକନ୍ୟାର ସିକ୍ତ ସ୍ୱର, ସୁରେଶ ଚନ୍ଦ୍ର ଚୌହାନଙ୍କ ତେଜସ୍ୱୀ, ଜ୍ୟୋତ୍ସ୍ନାରାଣୀ ଦେବୀଙ୍କ ପପଲ ପୁ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସଭାପତି ବିଷ୍ଣୁପ୍ରସାଦ ଦଳେଇ ପୌରୋହିତ୍ୟ ଓ ସମ୍ପାଦକ ଲଳିତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ବିଦ୍ୟାଧର ଦଳବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିବାବେଳେ ସହସଂଯୋଜକ ରାଜେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

ପିଲା

ଚଳନ୍ତା କାର୍ ଜଳିଗଲା

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଢେଙ୍କାନାଳରୁ କେନ୍ଦ୍ରାପଡା ଜିଲା ଆଳି ଥାନା ଅଧୀନ ମୋହନପୁର ଗ୍ରାମକୁ ଯାଉଥିବା ଏକ କାର (ଓଡ଼ି୦୫ସି-୦୦୦୮) ଶଟ୍ ସର୍କିଟ ଯୋଗୁ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏଥିରେ ଥିବା କାର ମାଲିକ ଦୀନବନ୍ଧୁ ମିଶ୍ର ଓ ତାଙ୍କର ଜଣେ ସାଙ୍ଗ ସହିଦ ଖାନ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୋମବାର ରାତି ପ୍ରାୟ ୩ଟାରେ ସେମାନେ କାରରେ ଯାଉଥିବାବେଳେ ଆଠଗଡ଼-ଧବଳେଶ୍ୱର ରାସ୍ତାର ଘଣ୍ଟିଶୋଲ ନିକଟ ସୁବର୍ଣ୍ଣମଞ୍ଜରୀପୁର ଗ୍ରାମ ନିକଟରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ସେମାନେ କାରକୁ ରଖି ବାହାରକୁ ଚାଲି ଆସିଥିଲେ। ପରେ କାର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖୁଣ୍ଟୁଣୀ ପୋଲିସ ପହଞ୍ଚି ଆଠଗଡ଼ ଦମକଳ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା।

ସଂକ୍ଷେପରେ

ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

କଟକ ସଦର,୨୬।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ଥିବା ମହାନଦୀ ସେତୁର ଆଲୋକୀକରଣ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପରେ କଟକ ସଦର ବ୍ଲକ ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଟକ ସଦର ବିଡିଓ ରୁମନା ଜାପ୍ରୀ, ବିଭୂତି ଭୂଷଣ ପରିଡ଼ା, ଗଗନ ବିହାରୀ ମହାପାତ୍ର, ସତ୍ୟ ସିଦ୍ଧାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘଦିନ ହେବ ଉକ୍ତ ସେତୁ ଉପର ଅନ୍ଧକାର ରହିଥିବାରୁ ଚୋରି ଓ ଦୁର୍ଘଟଣା ବୃଦ୍ଧି ପାଇଥିଲା। ତେଣୁ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏଥିପାଇଁ ଅର୍ଥ ମଞ୍ଜୁର କରାଯାଇଛି।

ଶିବିରରୁ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ

କଣ୍ଟାପଡା,୨୬।୧୨(ସୁରନାରାୟଣ ସାହୁ)

ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଆଳି ବିଧାୟକ ପ୍ରମୋଦ କୁମାର ମଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। କଣ୍ଟାପଡା ବ୍ଲକ ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରା, ସରପଞ୍ଚ ସଞ୍ଜୟ କୁମାର ରାଉତରାୟ, ଜିଲା ପରିଷଦ ସଭ୍ୟ ପୀୟୂଷ ମିଶ୍ର, ସଭ୍ୟା କ୍ରିଷ୍ଣାରାଣୀ ବେହେରା, ମିଶନ ଶକ୍ତି ସଭାପତି ସରଳା ସାମନ୍ତରାୟ, ସମ୍ପାଦକ ବିଷ୍ଣୁପ୍ରିୟା ପାତ୍ର, ବିଜେଡି ନେତା ନକୁଳ ରାଉତ ଶିବିର ପରିଚାଳନା କରିଥିଲେ।

ବିଜେଡି ପ୍ରତିଷ୍ଠା ଦିବସ

ଚୌଦ୍ୱାର,୨୬।୧୨(ଆଶୁତୋଷ ଦାସ)

ଚୌଦ୍ୱାରରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡ଼ାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବିରୂପା ବ୍ୟାରେଜ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉଦ୍‌ବୋଧନ ଦେଇଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବନେତା ଅର୍ଜୁନ ପଣ୍ଡା, କାଉନ୍‌ସିଲର ଆଶୁତୋଷ ଦାସ, ଅଜୟ କୁମାର ବେହେରା, ରଙ୍ଗଲତା ସାହୁ, ରଞ୍ଜୁଲତା ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

'ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତୁ'

ନାଳନ୍ଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କଟକ,୨୬।୧୨ (କାର୍ତ୍ତିକ ସାହୁ)

ମହମ୍ମଦିଆ ବଜାରସ୍ଥିତ ନାଳନ୍ଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ କଟକ ସାରଳା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପାଠ ପଢ଼ିବା ସହିତ ଭଲ ମଣିଷ ହେବା ପାଇଁ ଅଭିଭାବକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟର ସମ୍ପାଦକ ଶିବ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ବିଜୟ ଦଳାଇ, ସମ୍ମାନିତ ଅତିଥି କର୍ପୋରେଟର ଆରତୀ ସାହୁ, କର୍ପୋରେଟର ଦୀପାଞ୍ଜଳି ସିଂ, ରୀତାଞ୍ଜଳି ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଶ୍‌ବୀର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟ ଶିକ୍ଷକ ପ୍ରୀତମ ଦାସ ଓ ବୁଲୁ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

'ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଅଭିନବ ପ୍ରୟାସ ଶିଶୁ ଉତ୍ସବ'

ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟିତ

କଟକ,୨୬।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ର ୪୦ତମ ରାଜ୍ୟସ୍ତରୀୟ ଶିଶୁଉତ୍ସବ କଟକ ନୟାସଡ଼କସ୍ଥିତ ମୁଖ୍ୟାଳୟର କୈଳାସ ଚନ୍ଦ୍ର ମହାପାତ୍ର ଅଡିଟୋରିୟମଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଓଷ୍ଟା ଦୀର୍ଘ ୪୦ ବର୍ଷ ଧରି ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ଶକ୍ତିକୁ ବିକାଶ କରିବା ପାଇଁ ଶିଶୁଉତ୍ସବର ଅଭିନବ ପ୍ରୟାସ କରିଆସୁଛି। ଏହି ଅବସରରେ ଶିକ୍ଷାପ୍ରଦୀପ ବିଶେଷାଙ୍କ 'ଆମରି ଶିଶୁ' ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତ ଶିଶୁ ସମାନ। ସବୁ ଶିଶୁ ମୁଖ୍ୟଧାରାକୁ ନ ଆସିଲେ ଅଧୁରା ରହିବ ପୃଥିବୀ। ସମ୍ମାନିତ ଅତିଥି ଅମିୟ କୁମାର ମହାନ୍ତି କହିଛନ୍ତି, ଶିଶୁ ମନର ସୁପ୍ତ ପ୍ରତିଭାର ବିକାଶ ପାଇଁ ଓଷ୍ଟା ପ୍ରୋତ୍ସାହନ ଓ ପ୍ରେରଣା ଯୋଗାଏ। ଅନ୍ୟତମ ସମ୍ମାନିତ ଅତିଥି ଅଭିନେତ୍ରୀ ନମ୍ରତା ସିଂହଦେଓ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ ନାଚ, ଗୀତ, ଖେଳକୁଦରେ ଭାଗନେବାକୁ ଗୁରୁତ୍ୱାରୋପ କରିଥିଲେ। ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ଅଧ୍ୟକ୍ଷତା କରି ଶିଶୁ ଉତ୍ସବ ଲୋକାଭିମୁଖୀ କାର୍ଯ୍ୟକ୍ରମ ରୂପେ ଆଦୃତ ହୋଇଛି ବୋଲି କହିଥିଲେ। ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଶିଶୁ ପ୍ରତିଭା ବିକାଶରେ ଓଷ୍ଟାର ପ୍ରତିବଦ୍ଧତା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଶିଶୁମାନଙ୍କୁ ଉତ୍ସାହ ଓ ଆଶୀର୍ବାଦ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ପଢ଼ାଚାପରୁ ମୁକ୍ତ କରି ଅନ୍ତର୍ନିହିତ ଶକ୍ତିର ବିକାଶ କରିବା ପାଇଁ ଅଭିଭାବକମାନେ ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ଶିଶୁର ସ୍ୱାଧୀନତା, ସାମାଜିକ, ଶୈକ୍ଷିକ, ସାଂସ୍କୃତିକ ଅଧିକାର ସମ୍ପର୍କରେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ହେଉ ବୋଲି କହିଥିଲେ। ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ସନ୍ତୋଷ କୁମାର ନାୟକ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ସଙ୍ଗଠନ ସଭାପତି ଅକ୍ଷୟ କୁମାର ମିଶ୍ର ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ୩ ଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ଜିଲାର ୩୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ: ଲକ୍ଷ୍ମଣ ଏକାଦଶ ବିଜୟୀ

କଟକ ସଦର,୨୬।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଆକା ଆନୁକୂଲ୍ୟରେ ମଙ୍ଗଳବାର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଅଜୁବା ଏକାଦଶକୁ ୮ ରନ୍‌ରେ ହରାଇ ଢେଙ୍କାନାଳର ଲକ୍ଷ୍ମଣ ଏକାଦଶ ବିଜୟୀ ହୋଇଥିଲା।

ପ୍ରଥମେ ଟସ୍ ଜିତି ଲକ୍ଷ୍ମଣ ଏକାଦଶ ନିର୍ଦ୍ଧାରିତ ୮ ଓଭରରେ ୧୧୫ ରନ୍ ସଂଗ୍ରହ କରିଥିଲା। ପରେ ଅଜୁବା ଏକାଦଶ ୧୦୭ ରନ୍ ସଂଗ୍ରହ କରିପାରିଥିଲା। ଆକା ସଭାପତି ଦେବବ୍ରତ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡ଼ା, ଭବାନୀ ଶଙ୍କର ରାୟ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଜାଦ ରିଜୁଇ ସ୍ୱାଗତ ଭାଷଣ ଦେଇଥିଲେ।

ଅତିଥିଙ୍କ ଗହଣରେ ବିଜୟୀ ଟିମ୍‌ର ଖେଳାଳିମାନେ।

'ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ଜଗନ୍ମୋହନ ଲାଲ'

କାର୍ଯ୍ୟକ୍ରମରେ ନାଟ୍ୟକାର ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ଆଦିନାଟ୍ୟକାର ସମ୍ମାନ ପ୍ରଦାନ କରାଯାଉଛି।

କଟକ,୨୬।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିନାଟ୍ୟକାର ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କ ୧୧୦ତମ ସ୍ମୃତି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ କୁମାର ଶତପଥୀ ଉଦ୍‌ଘାଟନ କରି କହିଛନ୍ତି, ସମକାଳରେ ଭାରତୀୟ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ଥିଲେ ଜଗନ୍ମୋହନ ଲାଲ। ମୁଖ୍ୟବକ୍ତା ନାଟ୍ୟକାର ବିଜୟ କୁମାର ଶତପଥୀ କହିଛନ୍ତି, ଜଗନ୍ମୋହନ ଥିଲେ ଓଡ଼ିଆ ସାମାଜିକ ନାଟକର ପ୍ରଥମ ସ୍ରଷ୍ଟା। ଆଧୁନିକ ଚିନ୍ତାଚେତନାରେ ତାଙ୍କ ବ୍ୟକ୍ତିତ୍ୱ ଥିଲା ପରିପୂର୍ଣ୍ଣ। ସମ୍ମାନିତ ବକ୍ତା ସେକ୍ ମସୁଦ ଅଲି ଜଗନ୍ମୋହନଙ୍କୁ କାଳଜୟୀ ସ୍ରଷ୍ଟା ଭାବେ ଅଭିହିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ନାଟ୍ୟକାର ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ଆଦିନାଟ୍ୟକାର ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଛନ୍ତି, ଜଗନ୍ମୋହନ ଲାଲ ଥିଲେ ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ନିର୍ମାତା। ସାହିତ୍ୟର ବିବିଧ ଦିଗରେ ସେ ଲେଖନୀ ଚାଳନା କରି ସ୍ୱକୀୟ ବିଚାରଧାରାର ସୂଚନା ଦେଇଥିଲେ। ସ୍ମୃତି ସଂସଦର ସମ୍ପାଦକ ସୁକାନ୍ତ ପ୍ରସାଦ ନନ୍ଦ ବିବରଣୀ ପାଠ, କମଳ ମାହନ୍ତି ସ୍ୱାଗତ ଭାଷଣ, ଡ. ଅଭୟ କୁମାର ରାଉତ ମାନପତ୍ର ପାଠ ଓ ଦୀପକ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ

କଟକ,୨୬।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ହେବ। ଏଥିରେ ଯୋଗଦେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରମୁଖ ମନ୍ଦିରର ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଶ୍ରୀମନ୍ଦିରର ଏକ ସେବାୟତ ପ୍ରତିନିଧି ଦଳ ଆସି କଟକ ଚଣ୍ଡୀମନ୍ଦିର ଏବଂ ନିଆଳିର ମାଧବାନନ୍ଦଜୀଉ ମନ୍ଦିରର ପୂଜକ ଓ ସେବାୟତମାନଙ୍କୁ ନିମନ୍ତ୍ରଣ କରିଛନ୍ତି। କଟକ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଦଇତାପତି ଓ ସେବକମାନଙ୍କୁ ସ୍ୱାଗତ କରାଯାଇଥିଲା। ଦଇତାପତି ଜିତେନ୍ଦ୍ର ଦାସମହାପାତ୍ର, ଭଗବାନ ଦାସମହାପାତ୍ର ଓ ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶଙ୍କ ଦ୍ୱାରା ପ୍ରେରିତ ନିମନ୍ତ୍ରଣ ପତ୍ର, ସନନ୍ଦ ଏବଂ ମହାପ୍ରସାଦ ଦେଇ ନିମନ୍ତ୍ରଣ କରିଥିଲେ। କଟକ ଚଣ୍ଡୀମନ୍ଦିର ପୂଜକ ବିକ୍ରମ କେଶରୀ ପଣ୍ଡା, ମନୋଜ ପଣ୍ଡା, ସୁକଦେବ ପଣ୍ଡା, ରାମଚନ୍ଦ୍ର ପଣ୍ଡା ଓ ରଞ୍ଜିତ ପଣ୍ଡା ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ସେହିପରି ମାଧବାନନ୍ଦଜୀଉ ମନ୍ଦିର ପକ୍ଷରୁ ପୂଜକ ଦେବାଶିଷ ପୁଷ୍ପାଳକ, ସୁରେଶ ପୁଷ୍ପାଳକ, ତ୍ରିଲୋଚନ ପୁଷ୍ପାଳକ, କୃଷ୍ଣଚନ୍ଦ୍ର ପୁଷ୍ପାଳକ, ମନୋଜ ପୁଷ୍ପାଳକ ନିମନ୍ତ୍ରଣ ସ୍ୱୀକାର କରିଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ପୁରୀ ଡେପୁଟୀ କଲେକ୍ଟର ବିବେକାନନ୍ଦ ସାହୁଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ସେବାୟତ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଆଜିଠୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ମଙ୍ଗୁଳି-ଜଗତପୁର,୨୬।୧୨(ମାନସ ସାମଲ)

କଟକ ବାଲିଯାତ୍ରା ପଡିଆରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଜଗତପୁରସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କର କହିଛନ୍ତି, ଉକ୍ତ ମେଳାରେ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇ ଉନ୍ନତ ମାନର କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିବେ। ଏଥିସହ ୧୪ ବ୍ଲକ ଚାଷୀଙ୍କୁ କୃଷି ସମ୍ପର୍କିତ ଉନ୍ନତ ଜ୍ଞାନକୌଶଳ, କୃଷକ ପାଠଶାଳା ବିଷୟରେ ତାଲିମ ଦିଆଯିବ। ଏହି ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଅତିରିକ୍ତ ଜିଲା ସୂଚନା ଅଧିକାରୀ ସ୍ୱାଗତିକା ବେହେରା, କୃଷି ଅଧିକାରୀ ଅଶୋକ କୁମାର କର, ଜ୍ୟୋତି ଶେଖର ଦାସ, ଅସୀମା ମିଶ୍ର, ମୋନାଲିସା ବେହେରା ଉପସ୍ଥିତ ଥିଲେ।

ରାଜନେତା କୈଳାସ ବେହେରାଙ୍କ ପରଲୋକ

ଚୌଦ୍ୱାର,୨୬।୧୨(ଆଶୁତୋଷ ଦାସ)

ବରିଷ୍ଠ ରାଜନେତା, ଚୌଦ୍ୱାରର ପୂର୍ବତନ ନଗରପାଳ, ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି କୈଳାସ ଚନ୍ଦ୍ର ବେହେରା(୮୨)ଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ରୋଗରେ ପୀଡ଼ିତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଉପ ନଗରପାଳ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଭାଜପା ନେତା ନୟନ କିଶୋର ମହାନ୍ତି, କଂଗ୍ରେସର କିଶୋର ସାମଲ, ବିଜୟ ବେହେରା, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଇଙ୍ଗାର ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ଥାନୀୟ ମଙ୍ଗଳାସାହିସ୍ଥିତ ବେହେରାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୬।୧୨।୨୦୨୩

୫,୩୧,୧୧୩ ଟଙ୍କା	
ସୁନା	୦.୪୪୦ ଗ୍ରାମ୍
ରୁପା	୦୯.୫୦୦ ଗ୍ରାମ୍

'ତ୍ରାହି ଦୁର୍ଗା'ରେ ଦର୍ଶକ ବିଭୋର

୨୩ତମ ନିମାପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ନିମାପଡ଼ା,୨୬।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ମନୋରମ ଶୀତୁଆ ସନ୍ଧ୍ୟାର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ନିମାପଡ଼ା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପଲାଇନ ନିମାପଡ଼ା ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ୨୩ ତମ ନିମାପଡ଼ା ମହୋତ୍ସବର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ବିଧାୟକ ତଥା ମହୋତ୍ସବ କମିଟି ସଭାପତି ସମୀର ରଞ୍ଜନ ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ଏନଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ଯୋଗଦେଇଥିଲେ। ଏହି ଅବସରରେ ହେଲ୍ପଲାଇନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ ଓ ମହୋତ୍ସବ କମିଟି ସଂଯୋଜକ ଅନ୍ୱେଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାର ପ୍ରଥମ ଚରଣରେ ଓଡ଼ିଶୀ ନୃତ୍ୟଶୈଳୀରେ ପାୟଲ ଡ୍ୟାନ୍ସ ଏକାଡେମୀ କଟକର କଳାକାରମାନେ ପ୍ରଥମ ଛନ୍ଦରେ ତ୍ରାହି ଦୁର୍ଗା ଓ ଆଧୁନିକ ନୃତ୍ୟଶୈଳୀରେ ବେଲି ଡ୍ୟାନ୍ସ ଓ ଗୋ ଶମ୍ଭୁ ପରିବେଷଣ କରିଥିଲେ। ଦ୍ୱିତୀୟ ଚରଣରେ ଆଦିଶକ୍ତି ନୃତ୍ୟ ଏକାଡେମୀ କୋଲକତାର କଳାକାରମାନେ ପ୍ରଥମ ଛାନ୍ଦରେ ଭାରତ ନାଟ୍ୟମ ନୃତ୍ୟଶୈଳୀରେ ଶିବ ତାଣ୍ଡବ, ଦ୍ୱିତୀୟ ଛାନ୍ଦରେ ଶ୍ରୀ ଦୁର୍ଗା ବନ୍ଦନା ଓ ତୃତୀୟ ଛାନ୍ଦରେ ପଶ୍ଚିମ ବଙ୍ଗର ଲୋକନୃତ୍ୟ ପରିବେଷଣ କରିଥିଲେ। ତୃତୀୟ ଚରଣରେ ଗଡ଼ମେକର ପଜାମୁଣ୍ଡାଇ କଳାକାରମାନେ ରସରକେଲି ଓ କ୍ରିୟେଟିଭ ନୃତ୍ୟ ପରିବେଷଣ କରିଥିଲେ। ଶେଷ ପର୍ଯ୍ୟାୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ଶ୍ରୀରାମ ନାଟ୍ୟ ସଂସଦ, ବାଙ୍କୀର କଳାକାରମାନେ ଚିତାକର୍ଷକ ଲଉ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ହେଲ୍ପଲାଇନ ଉପଦେଷ୍ଟା ଶରତ ଚନ୍ଦ୍ର ସିଂଦେଓ, ମହେନ୍ଦ୍ର ସିଂଭାଟିଆ, ସଦାଶିବ ସାହୁ, ରାଜକିଶୋର ମିଶ୍ର ଏବଂ ସ୍ୱର୍ଗତ ନୃସିଂହ ବେହେରାଙ୍କୁ ବିଧାୟକ ସମୀର ଦାଶ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା କମେଡିଆନ ନନ୍‌ସେନ୍ସସ ମଣି ହସକଥା କହି ଉପସ୍ଥିତ ଦର୍ଶକଙ୍କୁ ହସର ଖୋରାକ ଯୋଗାଇ ଦେଇଥିଲେ। ଶୀତୁଆ ସନ୍ଧ୍ୟାରେ ହଜାର ହାଜର ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ଥଣ୍ଡା ସାଙ୍ଗକୁ ରଙ୍ଗୀନ ଆଲୋକ ମଧ୍ୟରେ ଅନୁଷ୍ଠିତ ମୀନବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମହୋତ୍ସବ ଅବସରରେ ନିମାପଡ଼ା ପୋଲିସ ପକ୍ଷରୁ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଓ ଆଇଆଇସି ବାମଦେବ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତାପ ରାଉତ ଓ ନିରଞ୍ଜନ ପଲତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ହେଲ୍ପଲାଇନର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନିମାପଡ଼ା ମହୋତ୍ସବର ୨ୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ନୂଆ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

କଣାସ,୨୬।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକସ୍ତରୀୟ ନୂଆ ଓ କ୍ରୀଡ଼ା ପ୍ରତିଯୋଗିତାର ମଙ୍ଗଳବାର ସ୍ଥାନୀୟ ଦୋକନ୍ଦା ମେଳଣପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। କ୍ରିକେଟ୍, ଭଲିବଲ୍, କବାଡ଼ି ଓ ଖୋ-ଖୋ ଆଦି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇ ଆସନ୍ତା ୬ ତାରିଖରେ ଉଦ୍‌ଯାପିତ ହେବ। ଶିକ୍ଷକ ସୁଶାନ୍ତ ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ାର ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ କରି ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆ ଓ କ୍ରୀଡ଼ାର ରୂପରେଖ ସମ୍ପର୍କରେ କଣାସ ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ସୂଚନା ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, କଣାସ ବ୍ଲକ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ, ସିଡିପିଓ ସ୍ମିତା ମହାନ୍ତି, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସାମନ୍ତରାୟ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ତେବେ ଆରମ୍ଭ ହୋଇଥିବା କ୍ରିକେଟ୍ ଖେଳରେ ଅତିଥି କରତାଳି ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଜଳ ଅମଳ ପ୍ରକଳ୍ପ, ପକ୍କା ବ୍ରିଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୨୬।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସମ୍ପଦ ଓ ଡ୍ରେନେଜ୍ ବିଭାଗ ପକ୍ଷରୁ ୧୦ କୋଟିଟଙ୍କା ବ୍ୟୟ ଅଟକଳରେ ନୂତନ ଅମଳ ପ୍ରକଳ୍ପ, ସଫେଇ ନାଳ ଉପରେ ପକ୍କା ବ୍ରିଜ୍ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ନୂତନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କାଉନସିଲର କବିତା ପ୍ରଧାନ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଯୁବନେତା ବ୍ରଜେନ୍ଦ୍ର ପ୍ରଧାନ, ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଣ୍ଡିଆ ସାହି ଓମ୍‌ଫେଡ୍ କଲୋନୀଠାରୁ ମୁଗେଇ ନଦୀରେ ଜଳ ନିଷ୍କାସନ ପାଇଁ କିଆକଣ୍ଟା ଗ୍ରାମ ଓ ଦଲେଇ ସାହିଠାରେ ଚେକଡ୍ୟାମ୍, ଫୁଟ ବ୍ରିଜ୍ ନିର୍ମାଣ, ପାଟପୁର ମେଳକ କିଆକଣ୍ଟା ଶାଖା ନାଳ ଉପରେ ପୋଲ ଓ ମୁଗେଇ ନାଳ ଉପରେ ଜଳ ଅମଳ ପ୍ରକଳ୍ପ ନିର୍ମାଣର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ଦାଶ କହିଛନ୍ତି। କାର୍ଯ୍ୟକ୍ରମରେ ଜଳ ସମ୍ପଦ ଓ ଡ୍ରେନେଜ୍ ବିଭାଗ ଅଧିକାରୀ ଯୋଗଦେଇଥିଲେ। ବିଭିନ୍ନ ଭୂମି ପୂଜା, ଭିତ୍ତି ପ୍ରସ୍ତର ସ୍ଥାନରେ ଶହ ଶହ ବ୍ୟକ୍ତି, ବହୁ ମହିଳା ବିଧାୟକ ଦାଶଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ।

ସମୁଦ୍ରରେ ଭାସିଯାଉଥିବା ୭ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୬।୧୨(ଅଜିତ୍ ମହାନ୍ତି)

ସମୁଦ୍ରରେ ଗାଧୋଇବାବେଳେ ଭାସି ଯାଉଥିବା ୭ଜଣ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ମଙ୍ଗଳବାର ଅପରାହ୍ନ ୩ଟାରେ ହୋଟେଲ ସାଗରିକା ବେଳାଭୂମିର ସେକ୍ଟର-୭ରେ କେତେଜଣ ପର୍ଯ୍ୟଟକ ଗାଧୋଉଥିଲେ। ଏହି ସମୟରେ ପଶ୍ଚିମବଙ୍ଗ ଅଞ୍ଚଳର ଦୁଇଜଣ ପର୍ଯ୍ୟଟକ ହଠାତ୍ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ସେମାନଙ୍କ ପାଟି ଶୁଣି ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡମାନେ ସେମାନଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ଦୁଇ ପର୍ଯ୍ୟଟକ ହେଲେ ପଶ୍ଚିମବଙ୍ଗ କୋଲକାତାରୁ ଆସିଥିବା ସୁଶିଲ ଗୋୟାଲ (୫୧) ଏବଂ ଇସିତା ବାର୍ନାଜୀ (୨୬)। ଉଦ୍ଧାର ପରେ ଦୁଇ ପର୍ଯ୍ୟଟକ ସୁସ୍ଥ ଥିବା ସୂଚନା ମିଳିଛି। ସେହିପରି ଅପରାହ୍ନ ୩ଟା ୨୫ରେ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳରୁ ପୁରୀ ବୁଲିବାକୁ ଆସିଥିବା ହରିଜିତ୍ ଇସଲାଲା (୧୧) ଓ ମାସୁର ଫାକିମ୍ (୧୫) ଦିଗବାରିଣୀ ଖୁଣ୍ଟି ନିକଟ ସେକ୍ଟର -୧ରେ ଗାଧୋଉଥିବାବେଳେ ଭାସି ଯାଇଥିଲେ। ଲାଇଫ ଗାର୍ଡମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅପରାହ୍ନ ୪ଟା ୧୫ରେ ଝାଡ଼ଖଣ୍ଡ ଧାନବାଦ୍ ଅଞ୍ଚଳରୁ ଆସିଥିବା ଅରୁଣ କୁମାର(୧୬), ରାଜ ମଣ୍ଡଳ (୧୮) ଏବଂ ସୁଚି ମଣ୍ଡଳ (୨୪) ବେଳାଭୂମିର ଚୈତନ୍ୟ ଛକ ସେକ୍ଟର-୯ରେ ଗାଧୋଉଥିବା ସମୟରେ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ସେମାନଙ୍କ ପାଟି ଶୁଣି ଲାଇଫଗାର୍ଡମାନେ ୩ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।

ନାବାଳିକା ଅପହରଣ, ମାମଲା ରୁଜୁ

ନିମାପଡ଼ା,୨୬।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନିକଟ ଛକରେ ଥିବା ଏକ ହୋଟେଲକୁ ମାଛ ତରକାରି ଆଣିବାକୁ ଯାଇ ଅପହରଣ ହୋଇଥିବା ନାବାଳିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୪୫୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଝିଅକୁ ଉଦ୍ଧାର କରିବାକୁ ତାଙ୍କ ପରିବାର ଲୋକେ ପୋଲିସ ନିକଟରେ ଦାବି କରିଛନ୍ତି।

ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି

ପୁରୀ,୨୬।୧୨(ଅଜିତ ମହାନ୍ତି)

ଆଗାମୀ ଇଂଲିଶ ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇ ପୁରୀରେ ଲକ୍ଷାଧିକ ଭକ୍ତ ତଥା ପର୍ଯ୍ୟଟକଙ୍କ ସମାଗମ ହେବ। ବଡ଼ଦିନରେ ଭକ୍ତଙ୍କ ଧାଡ଼ି ମାର୍କେଟ ଛକ ପର୍ଯ୍ୟନ୍ତ ଲମ୍ବିଥିଲା। ଦୀର୍ଘ ସମୟ ଧରି ଭକ୍ତମାନେ ଅପେକ୍ଷା କରି ଶେଷରେ ଧୈର୍ଯ୍ୟହରା ହୋଇ ଧାଡ଼ିଭାଙ୍ଗି ବ୍ୟାରିକେଡ୍ ଏଡାଇ ସିଂହଦ୍ୱାର ଦେଇ ଦର୍ଶନ ପାଇଁ ଧସେଇ ପଶିଥିଲେ। ଏହା ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଅନେକ ଭକ୍ତ ବିନା ଯାଞ୍ଚରେ ଶ୍ରୀମନ୍ଦିରକୁ ପ୍ରବେଶ ସହ ମୋବାଇଲ ନେଇ ଯାଇଥିଲେ। ଶ୍ରୀମନ୍ଦିରକୁ ଆସୁଥିବା ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇ ନାହିଁ ବୋଲି ସଂଘ ଅଭିଯୋଗ ଆଣିଛି। ଏବେଠାରୁ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରା ନ ଗଲେ ଯଦି ନୂଆ ବର୍ଷରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୁଏ ତେବେ କିଏ ଦାୟୀ ରହିବ ବୋଲି ସଂଘ ପ୍ରଶ୍ନ କରିଛି। ସେହିପରି ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଆବାହକ ଅନିଲ କୁମାର ସାହୁ, ସୁରେଶ ମହାପାତ୍ର, ଉମାଶଙ୍କର ସାହୁ, ପ୍ରତାପ ମହାପାତ୍ର, ବିଜୟ ସାହୁ, ଲାଲା ଅନନ୍ତ କୁମାର ସିଂହ, ବ୍ୟୋମକେଶ ଚିନରା ଓ ପ୍ରଦୀପ କୁମାର ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଚନ୍ଦ୍ରଭାଗାଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

କୋଣାର୍କ,୨୬।୧୨(ଜ୍ୟୋତିରାଜ ମହାନ୍ତି)

ବିଜେଡର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଛୋଟାରାମ ଦାସ ଆଶ୍ରମଠାରୁ ଏକ ବିରାଟ ପଟୁଆରରେ ବାହାରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନି, ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନି ଦେଇ ଚନ୍ଦ୍ରଭାଗା ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରପ୍ରେକ୍ଷୀରେ କୋଣାର୍କ ଏନ୍‌ଏସ ସଫେଇର ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ସେଠୀ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଶତାଧିକ ବିଜେଡି କର୍ମୀଙ୍କ ଦ୍ୱାରା ଚନ୍ଦ୍ରଭାଗା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଛୋଟାରାମ ଦାସ ଆଶ୍ରମଠାରେ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଜିତାଇବାକୁ ଉପସ୍ଥିତ ଶତାଧିକ କର୍ମୀ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ବରିଷ୍ଠ ବିଜେଡ ନେତା ତଥା ରାଜ୍ୟ ପରିଷଦ ସଭ୍ୟ ଦିବାକର ଛାଟୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ଅସ୍ତରଙ୍ଗ ବ୍ଲକ ପୂର୍ବତନ ବିଜେଡି ସଭାପତି ସାଇ ରଞ୍ଜନ ପ୍ରଧାନ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କୋଣାର୍କର ଏନ୍‌ଏସି ବିଜେଡି ନେତା ବିମ୍ବାଧର ବେଉରା, ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ପାର୍ଥସାରଥି ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

ଚନ୍ଦ୍ରଭାଗା ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତୃବୃନ୍ଦ ଓ କର୍ମୀ।

ଜଗା ୟୁନାଇଟେଡ୍ ସେମିରେ ପ୍ରବେଶ

ବଳଙ୍ଗା,୨୬।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମିନି ଷ୍ଟାଡିୟମରେ ମା' ଲଙ୍କେଶ୍ୱରୀ ଫୁଟ୍‌ବଲ କ୍ଲବ ପକ୍ଷରୁ ୨୨ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭଞ୍ଜ କ୍ଲବ ଭଞ୍ଜନଗରକୁ ହରାଇ ଜଗା ୟୁନାଇଟେଡ୍ ଭୁବନେଶ୍ୱର ସେମିରେ ପ୍ରବେଶ କରିଛି। ଏହି ମ୍ୟାଚ ଭଞ୍ଜ କ୍ଲବ ଭଞ୍ଜନଗର ଓ ଜଗା ୟୁନାଇଟେଡ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ଭଞ୍ଜ କ୍ଲବକୁ ୧-୦ ଗୋଲରେ ହରାଇ ଜଗା ୟୁନାଇଟେଡ୍ ବିଜୟୀ ହୋଇଛି। କ୍ଲବର ସମ୍ପାଦକ କୃପାସିନ୍ଧୁ ଦତ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରମୁଖ ଅତିଥି ଭାବେ ସାମାଜିକ କର୍ମୀ ଚିନ୍ତାମଣି ବରାଳ, ସୁବ୍ରତଚନ୍ଦ୍ର ମହାନ୍ତି, ଅଧ୍ୟାପକ ସ୍ୱୟଂଶାସିତ ମହାବିଦ୍ୟାଳୟ ନିମାପଡ଼ା, ଏଚ୍‌ପି ଗ୍ୟାସ୍ ଆଞ୍ଚଳିକ ବିକ୍ରେତା ରାଜଲକ୍ଷ୍ମୀ ପୃଷ୍ଟି, ବଳଙ୍ଗା ଥାନା ସବ୍‌ଇନ୍‌ସ୍ପେକ୍ଟର ଅନୁପମ ପ୍ରତୀକ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଜଗା ୟୁନାଇଟେଡ୍‌ର ମହେଶ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ରେଫରି ବିଜୟ ମଙ୍ଗରାଜ, ରାକେଶ ବେହେରା, ଅମିତ୍ ନାୟକ, ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ବୁଧବାର ମ୍ୟାଚ୍ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟ୍ସ କ୍ଲବ ବଳଙ୍ଗା ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳାଯିବ।

ମଙ୍ଗଳା କ୍ଲବକୁ ହରାଇ ସେମିରେ ଜୁଭେନାଇଲ

କାକଟପୁର,୨୬।୧୨(ଶୁଭଦର୍ଶନ ମିଶ୍ର)

୩୪ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍

୩୪ତମ ରାଜ୍ୟସ୍ତରୀୟ କପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମଙ୍ଗଳା କ୍ଲବ କାକଟପୁରକୁ ହରାଇ ଜୁଭେନାଇଲ କଟକ ସେମିରେ ପ୍ରବେଶ କରିଛି। ଏହି ମ୍ୟାଚ ଏମ୍‌ସିସି କାକଟପୁର ଏବଂ ଜୁଭେଲାଇନ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି କାକଟପୁର ବ୍ୟାଟିଂ କରି ୨୨ ଓଭର ୨ ବଲରେ ସମସ୍ତ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଜବାବରେ ଜୁଭେଲାଇଲ ୨୪ ଓଭର ୮ ଉକେଟରେ ବିଜୟୀ ହୋଇଥିଲା। ଜୁଭେନାଇଲର ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଏହି ପୁରସ୍କାରକୁ ସାଇ କୃପା ଇଲେକ୍ଟ୍ରୋନିକ୍ସର ସ୍ୱତ୍ତାଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରଦାନ କରିଥିଲେ। ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ପାରାମାଉଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ, ମ୍ୟାନେଜର ଭାଗବତ ସ୍ୱାଇଁ, କୁନା, ସଞ୍ଜୟ ସାମଲ, ଶ୍ୟାମସୁନ୍ଦର ରଣା ଏବଂ କ

ମୋ ବସ୍ ଧକ୍କାରେ ଜଣେ ବ୍ୟକ୍ତି ଆହତ

ବାରଙ୍ଗ,(ଲିଙ୍ଗରାଜ ରାଉତ): ମୋ ବସ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ମୋ ବସ୍ ଧକ୍କାରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ବ୍ୟକ୍ତି ଜଣଙ୍କ ନନ୍ଦନକାନନ ଥାନା ରଘୁନାଥପୁରର ସୁରେନ୍ଦ୍ର ମହାରଣା ବୋଲି ଜଣାପଡ଼ିଛି। ମଙ୍ଗଳବାର ସୁରେନ୍ଦ୍ର ବାରଙ୍ଗରୁ ପଠିବା କିଣି ବାଇକ୍‌ରେ ଫେରୁଥିଲେ। ସେହି ସମୟରେ ବାରଙ୍ଗ ନୂଆ ରୋଡ଼ ଗୋଲେଇ ଛକ ସମ୍ମୁଖରେ ମୋ ବସ୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସୁରେନ୍ଦ୍ର ଗାଡ଼ି ସହ ତଳେ ପଡ଼ିଯାଇଥିଲେ। ନନ୍ଦନକାନନ ପୋଲିସ ସୁରେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପ୍ରକାଶ।

ପୋଲିସ କବ୍‌ଜାରେ ଆଉ ଏକ ବାଉନ୍‌ସର୍ ଗ୍ୟାଙ୍ଗ

୫ ଅଭିଯୁକ୍ତ ଗିରଫ, ଏକାଧିକ ଫେରାର

- ଜମି ଦଖଲ ପାଇଁ କମ୍ପାନୀ ମାଲିକଙ୍କୁ ଆକ୍ରମଣ, ଲୁଟ୍ କରିଥିଲେ
- ଏକାଧିକ ଘଟଣାରେ ସମ୍ପୃକ୍ତ, ଭୟରେ ପାଟି ଖୋଲୁ ନ ଥିଲେ ଲୋକେ

ଚନ୍ଦ୍ରଶେଖରପୁର ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ୫ ଅଭିଯୁକ୍ତ।

ଭୁବନେଶ୍ୱର,୨୬।୧୨(ସତ୍ୟଜିତ୍ ରାଉତ)

କମିଶନରେଟ୍ ପୋଲିସ ହାତରେ ରାଜଧାନୀରେ ଆଉ ଏକ ବାଉନ୍‌ସର୍ ଗ୍ୟାଙ୍ଗ ଧରାପଡ଼ିଛି। ଜମି ଦଖଲ କରିବାକୁ ଏକ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ମାଲିକଙ୍କୁ ଆକ୍ରମଣ ସହ ଲୁଟ୍ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏହି ବାଉନ୍‌ସର ଗ୍ୟାଙ୍ଗର ୫ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଟିଆ ଗ୍ରାମର ଅଜିତ ମହାନ୍ତି, ରଶ୍ମିରଞ୍ଜନ ପରିଡା ଓରଫ ଟିକୁ, ଗାଡ଼କଣ ଗ୍ରାମର ପ୍ରଦୀପ୍ତ ସାହୁ ଓରଫ ପଦିଆ, ଅନ୍ଧାରୁଆ ଗ୍ରାମର ସତ୍ୟବ୍ରତ ବେହେରା ଓରଫ ନନ୍ଦ ଓ ସମିର ବାରିକ୍ ଓରଫ ମୁନା। ସେମାନଙ୍କଠାରୁ ୧୬ ହଜାର ୮୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଏକାଧିକ ବାଉନ୍‌ସର ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବାକୁ ଖୋଜାଚାଲିଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଶୈଳଶ୍ରୀ ବିହାର ଅଞ୍ଚଳର ବାସିନ୍ଦା ମାନସ କୁମାର ବେହେରାଙ୍କ ଭୂମି ଇନ୍‌ଫ୍ରା ପ୍ରାଇଭେଟ୍ ଲିଃ ନାମରେ ଏକ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ରହିଛି। ତାଙ୍କର ଡମଣା ଗାଁ ନିକଟରେ ଏକ ପ୍ଲଟ୍ ରହିଛି। ଅନ୍ୟପକ୍ଷରେ ଉକ୍ତ ଜମି ସାମ୍ନାରେ ଶୁଭମ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀର ମଧ୍ୟ ଏକ ପ୍ଲଟ୍ ରହିଛି। ମାନସଙ୍କ ପ୍ଲଟ୍‌କୁ ଯାତାୟାତ ପାଇଁ ମୁଖ୍ୟ ରାସ୍ତାରୁ ଶୁଭମ୍ କନ୍‌ଷ୍ଟ୍ରକ୍ସନ୍‌ର ପ୍ଲଟ୍ କଡ଼ ଦେଇ ୩୦ ଫୁଟ୍‌ର ଏକ ରାସ୍ତା କରାଯାଇଥିଲା। ଏଥିପାଇଁ ଉଭୟ କମ୍ପାନୀ ମଧ୍ୟରେ ଚୁକ୍ତି ମଧ୍ୟ ହୋଇଛି। ଏହି ରାସ୍ତା ପାଇଁ ବିବାଦ ଓ ଗଣ୍ଡଗୋଳ ପରେ ମାମଲା ସାମ୍ନାକୁ ଆସିଛି। ଶୁଭମ୍ କନ୍‌ଷ୍ଟ୍ରକ୍ସନ୍‌ର ଉକ୍ତ ପ୍ଲଟ୍‌ର ପରିଚାଳନା ଦାୟିତ୍ୱରେ ରହିଥିବା ଅଭିଯୁକ୍ତ ଅଜିତ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ସେ ବାଉନ୍‌ସର ଗ୍ୟାଙ୍ଗକୁ ଡାକି ଭୂମି ଇନ୍‌ଫ୍ରା ମାଲିକ ମାନସଙ୍କୁ ଆକ୍ରମଣ କରିଥିଲେ। ଅନ୍ୟତମ ଅଭିଯୁକ୍ତ ପଦିଆ ଡିସେମ୍ବର ୨ ପୂର୍ବାହ୍ନରେ ମାନସଙ୍କୁ ଉକ୍ତ ପ୍ଲଟ୍ ନିକଟକୁ ଫୋନ୍‌ରେ ଡାକିଥିଲେ। ମାନସ ପହଞ୍ଚିବା ପରେ ଉକ୍ତ ୩୦ ଫୁଟ୍‌ର ରାସ୍ତା ଦଖଲ କରିବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଅଜିତ, ପଦିଆ ଓ ଅନ୍ୟ ବାଉନ୍‌ସରମାନେ ମାନସଙ୍କୁ ନିସ୍ତୁକ ମାଡ଼ ମାରି ତାଙ୍କଠାରୁ ୨୨ହଜାର ୭୫୦ଟଙ୍କା ଲୁଟିନେଇଥିଲେ। ଏପରିକି ମାନସଙ୍କ ପ୍ଲଟ ଜଗୁଥିବା ସିକ୍ୟୁରିଟି ଗାର୍ଡ ନନ୍ଦ ମଧ୍ୟ ଅଭିଯୁକ୍ତଙ୍କ ସହ ମିଶିଯାଇ ସେମାନଙ୍କୁ ସହଯୋଗ କରିଥିଲେ। ମାନସଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୬୫୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏହି ମାମଲାରେ ଶୁଭମ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀର ମାଲିକଙ୍କ ହାତ ରହିଛି କି ନାହିଁ, ତାହା ଜାଣିବାକୁ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ତେବେ ଏହି ବାଉନ୍‌ସର ଗ୍ୟାଙ୍ଗ ଦୀର୍ଘବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ଏଭଳି ଏକାଧିକ କାଣ୍ଡ ଘଟାଉଥିଲେ ମଧ୍ୟ ଅଧିକାଂଶ ଘଟଣାରେ ଭୟରେ ଲୋକେ ପୋଲିସ ନିକଟରେ ଅଭିଯୋଗ କରୁ ନ ଥିବା ଜଣାପଡିଛି।

କଳିଙ୍ଗନଗର ପୋଲିସ ଫାଣ୍ଡି ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୧୨ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗ ନଗରରେ ମଙ୍ଗଳବାର ଏକ ନୂଆ ପୋଲିସ ସହାୟତା କେନ୍ଦ୍ର ବା ଫାଣ୍ଡି(ପୋଲିସ୍ ଏଡ୍ ପୋଷ୍ଟ୍) ଖୋଲିଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହାର ଶୁଭ ଉଦଘାଟନ କରିଥିଲେ। ଉତ୍ସବରେ ଅତିରିକ୍ତ ପୋଲିସ କମିଶନର ବ୍ରିଜେଶ କୁମାର ରାୟ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଶିକ୍ଷା ଓ ଅନୁସନ୍ଧାନର ପ୍ରତିଷ୍ଠାତା ସଭାପତି ମନୋରଞ୍ଜନ ନାୟକଙ୍କ ସମେତ ଅନ୍ୟ ବରିଷ୍ଠ

ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ପୋଲିସ ସହାୟତା କେନ୍ଦ୍ର ହେବା ଦ୍ୱାରା କଳିଙ୍ଗନଗର ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ କରାଯାଇପାରିବ। ଏଠାକୁ ଆସୁଥିବା ଅଭିଯୋଗକାରୀମାନେ କମ୍ ସମୟ ମଧ୍ୟରେ ସହାୟତା ପାଇପାରିବେ ବୋଲି ସୂଚନା ଦିଆଯାଇଛି।

ଝାରଖଣ୍ଡ ରାଜ୍ୟ ଗ୍ରାମୀଣ ପଥ ବିକାସ ପ୍ରାଧିକରଣ (JSRRDA)
ଏଫ୍‌ଏଫ୍‌ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚି –834004, ଝାରଖଣ୍ଡ
ଈ–ନିବିଦା ଆମଂତ୍ରଣ ସୂଚନା

ଈ–ନିବିଦା ସଂଖ୍ୟା:- 200 /2023-24 ଦିନାଂକ :- 23.12.2023

ମୁଖ୍ୟ ଅଭିୟଂତା, ଜେ.ଏସ.ଆର.ଆର.ଡି.ଏ., ରାଁଚି ଦ୍ୱାରା ନିମ୍ନବିବରଣ କେ ଅନୁସାର e-procurement ପଦ୍ଧତି ସେ ନିବିଦା ଆମଂତ୍ରିତ କୀ ଜାତୀ ହୈ।

କ୍ରମ ସଂ	ଆଇଡେଣ୍ଟିଫିକେଶନ ସଂଖ୍ୟା / ପୈକେଜ ସଂଖ୍ୟା	ପ୍ରଖଣ୍ଡ କା ନାମ		କାର୍ଯ୍ୟ କା ନାମ	ପ୍ରାକଳିତ ରାଶି ଅଙ୍କ ମେଁ (ଲାଖ ମେଁ)	ପ୍ରାକଳିତ ରାଶି ଅକ୍ଷର ମେଁ (ରୁପୟେ ମେଁ)	କାର୍ଯ୍ୟ ସମାପ୍ତି କୀ ଅବଧି
1	2	3		4	5	6	7
1	JH-M-GUM-03 / 2023-24	ରାୟଡୀହ	1	କାଂସୀର ରୋଡ ସେ ଲୁରୁକୋନା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.720 କିଂମୀ.)	1255.625	ବାରହ କରୋଡ଼ ପଚପନ ଲାଖ ବାସଠ ହଜାର ପାଁଚ ସୌ ରୁ. ମାତ୍ର	09 ମହୀନା
		ରାୟଡୀହ	2	ମୋକରା ସେ କରମଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.000 କିଂମୀ.)			
		ରାୟଡୀହ	3	କୋନ୍ଡ୍ରା ସେ ତାରାଲାୟା (ପାର୍ଟ–ଏ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.450 କିଂମୀ.)			
		ରାୟଡୀହ	4	ସିଲମ ଲୋଧାମ ସେ କୋଠାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.650 କିଂମୀ.)			
		ରାୟଡୀହ	5	କୋନ୍ଡ୍ରା ସେ ତାରାଲାୟା (ପାର୍ଟ–ବୀ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–2.450 କିଂମୀ.)			
		ରାୟଡୀହ	6	କୁଲମୁଣ୍ଡା – ବେହରାଟୋଲୀ ସେ ପୀବୋ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–3.000 କିଂମୀ.)			
		ରାୟଡୀହ	7	T01 ସେ ଲସରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4. 100 କିଂମୀ.)			
		ରାୟଡୀହ	8	ଏନ୍‌ଏଚ–78 ସେ ଜୈନାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.600 କିଂମୀ.)			
2	JH-M-GUM-04 / 2023-24	ପାଲକୋଟ	1	ସେମରା ସେ ଖରବାଡୀହ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.000 କିଂମୀ.)	1393.709	ତେରହ କରୋଡ଼ ତିରାନ୍ବେ ଲାଖ ସତ୍ତର ହଜାର ନୌ ସୌ ରୁ. ମାତ୍ର	09 ମହୀନା
		ପାଲକୋଟ	2	ତେତରଟୋଲୀ ସେ ଯୋଗୀମଠ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.500 କିଂମୀ.)			
		ପାଲକୋଟ	3	ଦେବଗାଂବ ସେ ରେବରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4. 800 କିଂମୀ.)			
		ପାଲକୋଟ	4	ଖରବାଡୀହ ସେ ଗୋଇନଘରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.800 କିଂମୀ.)			
		ପାଲକୋଟ	5	ରୋକେଡେଗା ସେ ଭବରାଟୋଲୀ (ପାର୍ଟ– ବୀ.) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–12.200 କିଂମୀ.)			

2. ବେବସାଇଟ ମେ ନିବିଦା ପ୍ରକାଶନ କୀ ତିଥି:–29.12.2023
3. ଈ–ନିବିଦା ପ୍ରାପ୍ତି କୀ ଅଂତିମ ତିଥି ଏବଂ ସମୟ:– 16.01.2024 ଅପରାହ୍ନ 5.00 ବଜେ ତକ।
4. ନିବିଦା ଖୋଲନେ କୀ ତିଥି ଏବଂ ସମୟ:–17.01.2024 ,ଅପରାହ୍ନ 5.00 ବଜେ।
5. ନିବିଦା ଆମଂତ୍ରିତ କରନେ ବାଲେ ପଦାଧିକାରୀ କା ନାମ ଏବଂ ପତା:– ମୁଖ୍ୟ ଅଭିୟଂତା କା କାର୍ଯ୍ୟାଳୟ, ଜେ.ଏସ.ଆର.ଆର.ଡି.ଏ., ରାଁଚି, ଏଫ୍‌ଏଫ୍‌ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚି –834004, ଝାରଖଣ୍ଡ।
6. ଈ–ନିବିଦା ପ୍ରକୋଷ୍ଠ କା ଦୂରଭାଷ ସଂ– .....

ବିସ୍ତୃତ ଜାନକାରୀ କେ ଲିଏ ବେବସାଇଟ **jharkhandtenders.gov.in** ମେ ଦେଖା ଜା ସକତା ହୈ।

ମୁଖ୍ୟ ଅଭିୟଂତା
ଜେ.ଏସ.ଆର.ଆର.ଡି.ଏ., ରାଁଚି।

PR 314381 Rural Work Department(23-24)D

ହୋହଲ୍ଲା କରି ଫେରିଲେ ପର୍ଯ୍ୟଟକ

ବାରଙ୍ଗ,୨୬।୧୨(ଲିଙ୍ଗରାଜ ରାଉତ)

ରାଜ୍ୟ ଓ ରାଜ୍ୟ ବାହାରୁ ନନ୍ଦନକାନନ ପ୍ରାଣୀଉଦ୍ୟାନକୁମଙ୍ଗଳବାର ବୁଲିବାକୁଆସିଥିବା ପର୍ଯ୍ୟଟକ ହନ୍ତସନ୍ତ ହୋଇ ଫେରିଛନ୍ତି। ପ୍ରାଣୀ ଉଦ୍ୟାନ ବନ୍ଦ ରହିଥିବା ଦେଖି ନନ୍ଦନକାନନ ମୁଖ୍ୟ ଗେଟ୍ ସମ୍ମୁଖରେ କେତେକ ପର୍ଯ୍ୟଟକ ହୋହଲ୍ଲା କରିଥିବା ଦେଖିବାକୁ ମିଳିଛି। ପାଖାପାଖି ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ନିରାଶରେ ଫେରିଥିବା ଜଣାପଡ଼ିଛି। ବଡ଼ଦିନ ପାଇଁ ନନ୍ଦନକାନନ ପ୍ରାଣୀଉଦ୍ୟାନ ସୋମବାର ଖୋଲା ରହିଥିବାବେଳେ ମଙ୍ଗଳବାର ବନ୍ଦ ଥିଲା, ଯାହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବହୁ ପ୍ରଚାର ପ୍ରସାର ମଧ୍ୟ କରାଯାଇଥିଲା। ହେଲେ ପର୍ଯ୍ୟଟକ ନନ୍ଦନକାନନ ମଙ୍ଗଳବାର ଖୋଲା ରହିଥିବା ଭାବି ସକାଳୁ ସକାଳୁ ଭିଡ଼ ଜମାଇଥିଲେ। ନନ୍ଦନକାନନର ମୁଖ୍ୟ ଗେଟ୍ ସମ୍ମୁଖରେ ଗେଟ ଖୋଲାଯାଉ ବୋଲି ନାରାବାଜି ଦେଇଥିଲେ। ଗେଟ୍ ସମ୍ମୁଖରେ କର୍ତ୍ତୃପକ୍ଷ ପହଞ୍ଚି ବୁଝାଶୁଝା କରିବାକୁ ନାକେଦମ ହୋଇଯାଇଥିଲେ। ପାଖାପାଖି ୧ ଘଣ୍ଟା କାଳ ନାରାବାଜି ଦେବା ପରେ ଶେଷରେ ପର୍ଯ୍ୟଟକ ହନ୍ତସନ୍ତ ହୋଇ ସେଠାରୁ ଫେରିଥିଲେ।

ଜିରୋ ନାଇଟ୍ ସେଲିବ୍ରେଶନ୍ ପାଇଁ ଜାରିହେଲା ନିୟମାବଳୀ

ଭୁବନେଶ୍ୱର,୨୬।୧୨ (ସତ୍ୟଜିତ୍ ରାଉତ)

ନୂଆ ବର୍ଷକୁ ଉତ୍ସାହର ସହ ପାଳନ କରିବାକୁ ସବୁଠି ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ବିଶେଷକରି ରାଜଧାନୀରେ ଜିରୋ ନାଇଟ୍ ସେଲିବ୍ରେଶନ୍ ପାଇଁ ହୋଟେଲ୍ ଏବଂ ବାର୍ ଆଦିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବାକୁ ଯୋଜନା ହୋଇଛି। ନୂଆବର୍ଷ ସେଲିବ୍ରେଶନ୍‌କୁ ସୁରକ୍ଷିତ ତଥା ଶୃଙ୍ଖଳିତ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେବେ ହୋଟେଲ୍ ଏବଂ ବାର୍ ଆଦିରେ ଜିରୋ ନାଇଟ୍ ପାଳନ ପାଇଁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ କେତେକ ନିୟମାବଳୀ ଜାରି ହୋଇଛି। ମଙ୍ଗଳବାର ଟ୍ରାଫିକ୍ ଅଡିଟୋରିୟମ ହଲ୍‌ରେ ଏକ ବୈଠକ ହୋଇଥିଲା। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅବକାରୀ ଅଧିକାରୀ ଏବଂ ଭୁବନେଶ୍ୱରର ସମସ୍ତ ହୋଟେଲ ଓ ବାର୍ ମାଲିକମାନେ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ପରେ ଏସବୁ ନିୟମାବଳୀ ଜାରି ହୋଇଛି। ସେଗୁଡ଼ିକ ହେଲା, ହୋଟେଲ୍ ଏବଂ ବାର୍‌ଗୁଡ଼ିକ ରାତି ୧୨ଟା ପର୍ଯ୍ୟନ୍ତ ଖୋଲିପାରିବେ। ରାତି ୧ଟା ୩୦ ଯାଏ ଖୋଲିବାକୁ ହେଲେ ସ୍ୱତନ୍ତ୍ର ଅନୁମତି ନେବାକୁ ହେବ। ୬୫ ଡେସିବଲରୁ ଅଧିକ ଲାଉଡ୍ ସ୍ପିକର୍ ବାଜିବ ନାହିଁ। ବିଦ୍ୟାଳୟ, ଡାକ୍ତରଖାନା ଆଦି ନୀରବ ଅଞ୍ଚଳର ୧୦୦ ମିଟର ପରିସୀମା ମଧ୍ୟରେ କୌଣସି ପ୍ରକାର କାର୍ଯ୍ୟକ୍ରମ ଓ ଲାଉଡ୍ ସ୍ପିକର୍ ବ୍ୟବହାର ହେବ ନାହିଁ। ଆବଦ୍ଧ ପରିସରଗୁଡ଼ିକରେ ଦଳାଚକଟା ଭଳି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପ୍ରବେଶ ଏବଂ ପ୍ରସ୍ଥାନ ପଥ ରଖାଯିବ। କାର୍ଯ୍ୟକ୍ରମରେ କୌଣସି ଅଶ୍ଳୀଳତା ପ୍ରଦର୍ଶନ ହେବ ନାହିଁ। ଆୟୋଜକ ସଂସ୍ଥାଗୁଡ଼ିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବେ। ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ଆଦି ପରିଚାଳନା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜିତ କରାଇବେ। ଏଥିସହ ବିଦ୍ୟୁତ୍ ଦୁର୍ଘଟଣାକୁ ଏଡାଇବା ପାଇଁ ସତର୍କତା ଅବଲମ୍ବନ କରିବେ। ପ୍ରବେଶ, ପ୍ରସ୍ଥାନ ଏବଂ ସମାବେଶ ସ୍ଥଳୀରେ ସିସିଟିଭି ଲଗାଇବେ। ଡ୍ରାଇଭିଂ ପାଇଁ ଅସମର୍ଥ ବ୍ୟକ୍ତି ଯେପରି ସୁରକ୍ଷିତ ଭାବରେ ଘରକୁ ଫେରିବେ, ଆୟୋଜକ ସଂସ୍ଥାଗୁଡ଼ିକ ପାଞ୍ଚ ଜଣ ଡ୍ରାଇଭର ରଖିବେ। ଜରୁରିକାଳୀନ

କେନରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୍, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୍, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତାଙ୍କ ଠାରୁ **କାନାରା ବ୍ୟାଙ୍କର, ଶିଖରପୁର ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୬.୦୧.୨୦୨୪ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ. ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେପ୍ରଦତ୍ତ। ଅମାନତ ରାଶି ତା.୧୨.୦୧.୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।

ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା	ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ	ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି	ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି
ଶିଖରପୁର ଶାଖା, ଫୋନ୍: ୯୦୪୦୨୧୪୮୪୫ / **ଋଣଗ୍ରହୀତା: ମେସର୍ସ ଉମା କୁଏଲାରୀ ଆଣ୍ଡ୍ ୱାର୍କସପ୍, ସ୍ୱତ୍ୱାଧିକାରୀ: ଶ୍ରୀ ନୀଳମାଧବ ଆଚାରୀ,** ପିତା: ସୀମାଦ୍ରୀ ରଘୁନାଥ ଆଚାରୀ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ବେବି ଆଚାରୀ,** ସ୍ୱାମୀ: ଶ୍ରୀ ନୀଳମାଧବ ଆଚାରୀ, **୨) ଶ୍ରୀ ସୀମାଦ୍ରୀ ରଘୁନାଥ ଆଚାରୀ,** ପିତା: ୺ ସୀମାଦ୍ରୀ ତୁମ୍ବେଶ୍ୱର ଆଚାରୀ, ସମସ୍ତଙ୍କ ଠିକଣା- ସା: ଭିକାରିପଡା, ପୋ/ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୦	**ଶ୍ରୀ ସୀମାଦ୍ରୀ ରଘୁନାଥ ଆଚାରୀ,** ପିତା: ୺ ସୀମାଦ୍ରୀ ତୁମ୍ବେଶ୍ୱର ଆଚାରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୪/୪୪, ପ୍ଲଟ୍ ନଂ.: ୩୫୯, କ୍ଷେତ୍ର: ଏକର୦.୦୫ ଡ଼ିସିମିଲି, ମୌଜା: ଭିକାରିପଡ଼ା, ତହସିଲ: ଓଡଗାଁ, ଜିଲ୍

ବୈଦ୍ୟେଶ୍ୱର କ୍ରିକେଟ୍: ସେମିରେ ଢେଙ୍କାନାଳ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବୈଦ୍ୟେଶ୍ୱର ଦିଶା କ୍ଲବ ପକ୍ଷରୁ ବୈଦ୍ୟେଶ୍ୱର ମିନିଷ୍ଟାଡିୟମରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟରେ ମାର୍ଥାପୁର (ଢେଙ୍କାନାଳ) ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ବୈଦ୍ୟେଶ୍ୱର ଏବଂ ମାର୍ଥାପୁର ମଧ୍ୟରେ ଖେଳା ଯାଇଥିଲା। ବୈଦ୍ୟେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୫ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ମାର୍ଥାପୁର (ଢେଙ୍କାନାଳ) ୯ ଉଇକେଟ୍ ବିନିମୟରେ ୧୭ ଓଭର ୨ଟି ବଲ୍ ଖେଳି ୧୨୬ ରନ୍ କରି ବିଜୟୀ ହୋଇଥିଲା। ଭକ୍ତବନ୍ଧୁ ଦାସ ୩୪ବଲ୍‌ରୁ ୨୮ରନ୍ ସ୍କୋର କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ କଂଗ୍ରେସ ନେତା

ବାଙ୍କୀ,୨୬।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଅଞ୍ଚଳର ଚାଷୀଙ୍କ ଜମିକୁ ସବୁଦିନିଆ ଜଳସେଚନ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଡମପଡ଼ା ବ୍ଲକ ମୁରାରୀପୁରସ୍ଥିତ କାଳିକା ପ୍ରସାଦଠାରେ ଏକ ବୃହତ୍ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ପ୍ରକଳ୍ପ ନିର୍ମାଣରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଓ ଦୁର୍ନୀତି କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏନେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ବାଙ୍କୀର କଂଗ୍ରେସ ନେତା ଡ. ସ୍ମୃତିରଞ୍ଜନ ଲେଙ୍କା କାଳିକା ପ୍ରସାଦସ୍ଥିତ ନିର୍ମାଣାଧୀନ ପ୍ରକଳ୍ପ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଚାଷୀଙ୍କ ପାଇଁ ଦୀର୍ଘମିଆଦୀ ସୂତ୍ରରେ କରାଯାଉଥିବା ଏହି ପ୍ରକଳ୍ପ କାର୍ଯ୍ୟରେ ଯେପରି କୌଣସି ପ୍ରକାର ନିମ୍ନମାନର କାର୍ଯ୍ୟ କରା ନ ଯାଏ ସେନେଇ ପ୍ରକଳ୍ପ ଅଧିକାରୀଙ୍କ ସହ ଲେଙ୍କା ଆଲୋଚନା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ ଲେଙ୍କାଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

'ନିର୍ଯାତନାର ଶିକାର ହେଲେ କଲେଜ ସେଲ୍‌କୁ ଜଣାଅ'

ବାଙ୍କୀ,୨୬।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ତାଲୁକ୍ ଆଇନସେବା କମିଟି ପକ୍ଷରୁ ମଙ୍ଗଳବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦୃଶ୍ୟଶ୍ରାବ ଗୃହରେ ଯୌନ ନିର୍ଯାତନା ନିରାକରଣ ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସିନିୟର୍ ଡିଭିଜନ୍ ସିଭିଲ୍ ଜଜ୍ ନବନୀତା ଦାଶ ଉଦ୍‌ଘାଟନ କରିଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ସହ ଯୌନ ନିର୍ଯାତନା ହେଲେ କଲେଜରେ ଥିବା ସେଲ୍‌କୁ ଜଣାଇବା ଲାଗି ପରାମର୍ଶ ଦେଇଥିଲେ। ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଏହି ନିର୍ଯାତନାର ବିଭିନ୍ନ ଦିଗ ଉପରେ ଆଲୋକପାତ

ତାଲୁକ୍ ଆଇନ ସେବା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ରମାନେ ।

କରିଥିଲେ। ଅତିଥିଭାବେ ଅଧ୍ୟାପକ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଓ ଡକ୍ଟର ଅଭିମନ୍ୟୁ ଦେଓ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅଧ୍ୟାପିକା ସାଗରିକା ଦାସ, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପିକା ଶିବାନୀ ଦେବଦର୍ଶିନୀ ପ୍ରଧାନ, ଅଧ୍ୟାପକ ଶ୍ୟାମଲାଲ୍ ଭୋଏ, ଅଧ୍ୟାପକ ମହାଦେବ ପ୍ରଧାନ ଓ ରଞ୍ଜିତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ.ଶ୍ରୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବାଙ୍କୀ କୋର୍ଟ ନାଜର ପ୍ରଶାନ୍ତ କୁମାର ବେହେରା, ତାଲୁକ୍ ଆଇନ୍ ସେବା କମିଟି କର୍ମଚାରୀ ହରେକୃଷ୍ଣ ମୁର୍ମୁ ,ଦୀପ୍ତିମୟୀ ନାୟକ ଓ ସୁକାନ୍ତ ହାତୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ପାଞ୍ଚଗାଁ ଫୁଟ୍‌ବଲ: ଚାଉଳିଆଗଞ୍ଜୀ ବିଜୟୀ

ତିଗିରିଆ,୨୬।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ୮ମ ପାଞ୍ଚଗାଁ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ଯାଇଛି। ଏଥିରେ ଚାଉଳିଆଗଞ୍ଜୀ ବିଜୟୀ ହୋଇଛି। ଏହି ମ୍ୟାଚ ବୀର ବିର୍ସା କ୍ଲବ ଭୁବନେଶ୍ୱର ଓ ଚାଉଳିଆଗଞ୍ଜୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଚାଉଳିଆଗଞ୍ଜୀ ଦଳର ୧୨ ନଂ. ଖେଳାଳି ଅମର ରାଉତ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତିୟାର୍ଦ୍ଧରେ ଚାଉଳିଆଗଞ୍ଜୀର ୧୦ ନଂ ଖେଳାଳି ରାମ ସାହୁ, ଗୋଟିଏ ଗୋଲ ସ୍କୋର କରିଥିବାବେଳେ ବୀର ବିର୍ସା ଦଳର ୧୪ ନଂ. ଖେଳାଳି ଗୋଟିଏ ଗୋଲ ସ୍କୋର କରିଥିଲେ। ଫଳରେ ୨-୧ ଗୋଲରେ ଚାଉଳିଆଗଞ୍ଜୀ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁବ ଅହେମ୍ମଦ ଖାଁ, ପୂର୍ବତନ ସମିତି ସଭ୍ୟ ସରୋଜ ଦାଶ ଓ ନୂଆପାଟଣା ସରପଞ୍ଚ ସୋମନାଥ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ସେକ୍ ହାୟତ୍ ମ୍ୟାଚ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଅବଦୁଲ ମାଟିନ ଓ ଶକ୍ତି ରଞ୍ଜନ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସୁବାସ ମୁଦୁଲି କାର୍ଯ୍ୟ ସମ୍ପାଦନ କରିଥିଲେ।

ଜନଶୁଣାଣିରେ ୫୪ ଅଭିଯୋଗ

ମାହାଙ୍ଗା,୨୬।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ କଟକ ଅତିରିକ୍ତ ଜିଲାପାଳ ଶିବୋ ଟୋପୋଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୪ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରେ ଯୋଗାଣ ବିଭାଗର ୧୪, ଭତ୍ତା ୫, ଆବାସ ସମ୍ପର୍କିତ ୯, ପୋଲିସ ସହାୟତା ୬, ତହସିଲ ଓ ବ୍ଲକ କାର୍ଯ୍ୟାଳୟ ୮, ଜଳସମ୍ପଦ ବିଭାଗ, ଶିକ୍ଷା ୧, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୧ ଓ ଅନ୍ୟାନ୍ୟ ୪ଟି ଅଭିଯୋଗ ରହିଛି। ଏହି କାର୍ଯ୍ୟକ୍ରମରେ ଏସପି ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୬।୧୨ (ଅଶୋକ କୁମାର ମହାପାତ୍ର)

ସାଲେପୁର ଥାନା ଅଧୀନ କୁଳିଆ ବଜାରରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ଥାନା ଶିଶୁଆ ପଞ୍ଚାୟତ ପୁରୁଷୋତମପୁର ଗ୍ରାମର ଦୀପ୍ତିରଞ୍ଜନ ବିଶ୍ୱାଳ(୩୦)। ଖବରପାଇ ପୋଲିସ ପହଞ୍ଚି ବାଇକ୍ ଜବତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଦୀପ୍ତିରଞ୍ଜନ ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ଆପିଲୋ ଗ୍ରାମ ଶ୍ୱଶୁର ଘରୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଲୋକେ ଦୀପ୍ତିରଞ୍ଜନକୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭଉଣୀ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୪୩୯/୨୦୨୩)ରୁଜୁ ହୋଇଛି।

ମା'ମାନଙ୍କୁ ସ୍ୱାବଲମ୍ବୀ କରାଇଛନ୍ତି ରାଜ୍ୟ ସରକାର

ବାଙ୍କୀ/ସାଲେପୁର/ ଆଠଗଡ/ତିଗିରିଆ/ ବଡ଼ମ୍ବା/ନିଶ୍ଚିନ୍ତକୋଇଲି,୨୬।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଅରବିନ୍ଦ ଭୂୟାଁ/ସତ୍ୟ ପ୍ରସାଦ ରଥ/ ଜାଫର ଖାଁ/ ମାୟାଧର ମଲ୍ଲିକ/ ଅଶୋକ ମହାପାତ୍ର)

ବାଙ୍କୀରେ ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବାଙ୍କୀ ଏନ୍‌ଏସି ଅଧ୍ୟକ୍ଷା ମାଣିକ ସାହୁ, ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ , ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାଗୀରଥି ପାଣି ପ୍ରମୁଖ ଯୋଗଦେଇଥିଲେ। ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆତ୍ମା କମିଟି ସଭାପତି ଦିଲୀପ ଦାଶ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଠଗଡ଼ରେ ବ୍ଲକ ଓ ଏନ୍‌ଏସି ପକ୍ଷରୁ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଚାରା ରୋପଣ, ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ଆୟୋଜିତ ରକ୍ତଦାନ ଶିବିରରୁ ୩୮୬ ୟୁନିଟ୍ ରକ୍ତ ସଂଗୃହୀତ

ନିଜିଗଡ଼ଠାରେ ଆୟୋଜିତ ବିଜେଡି ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଅପରାହ୍ନରେ ବ୍ଲକ ବିଜେଡି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ବ୍ଲକ ବିଜେଡ ସଭାପତି ରବୀନ୍ଦ୍ର ନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ତିଗିରିଆରେ ବ୍ଲକ ଯୁବ ଛାତ୍ର ବିଜେଡି ତରଫରୁ ବିଜେଡି ପ୍ରତିଷ୍ଠା ଦିବସରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଠଗଡ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଏହି ଗଣଦୌଡ ନୂଆପାଟଣସ୍ଥିତ ଅର୍ଜୁନ ସୁବୁଦ୍ଧି ହାଇସ୍କୁଲଠାରୁ ନୂଆସଡ଼କ ପର୍ଯ୍ୟନ୍ତ ଯାଇଥିଲା। ପରେ ନିଜିଗଡ଼ଠାରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ବଡ଼ମ୍ବା ବ୍ଲକ ସୁନାପାଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଏହାକୁ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ନିଶ୍ଚନ୍ତକୋଇଲି ବଜାରରେ ମାହାଙ୍ଗା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ କହିଥିଲେ, ମା'ମାନଙ୍କୁ ସ୍ୱାବଲମ୍ବୀ କରାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିଛନ୍ତି ରାଜ୍ୟ ସକରାର। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ରୋଜି ସେଥି, ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ପରିଚାଳନା କରିଥିଲେ।

ଝାରଖଣ୍ଡ ରାଜ୍ୟ ଗ୍ରାମୀଣ ପଥ ବିକାସ ପ୍ରାଧିକରଣ (JSRRDA)
ଏଫ୍‌ଏଫ୍‌ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚି –834004, ଝାରଖଣ୍ଡ
ଇ–ନିବିଦା ଆମନ୍ତ୍ରଣ ସୂଚନା

ଇ–ନିବିଦା ସଂଖ୍ୟା:- 200 /2023-24 ଦିନାଂକ :- 23.12.2023

ମୁଖ୍ୟ ଅଭିୟଂତା, ଜେ.ଏସ.ଆର.ଆର.ଡି.ଏ., ରାଁଚି ଦ୍ୱାରା ନିମ୍ନବିବରଣ କେ ଅନୁସାର e-procurement ପଦ୍ଧତି ସେ ନିବିଦା ଆମଂତ୍ରିତ କୀ ଜାତୀ ହୈ।

କ୍ର. ସଂ.	ଆଇଡେଣ୍ଟିଫିକେଶନ ସଂଖ୍ୟା / ପୈକେଜ ସଂଖ୍ୟା	ପ୍ରଖଣ୍ଡ କା ନାମ		କାର୍ଯ୍ୟ କା ନାମ	ପ୍ରାକଳିତ ରାଶି ଅଙ୍କ ମେଁ (ଲାଖ ମେଁ)	ପ୍ରାକଳିତ ରାଶି ଅକ୍ଷର ମେଁ (ରୁପୟେ ମେଁ)	କାର୍ଯ୍ୟ ସମାପ୍ତି କୀ ଅବଧି
1	2	3		4	5	6	7
1	JH-M-GUM-03 / 2023-24	ରାୟଡୀହ	1	କାଂସୀର ରୋଡ ସେ ଲୁରୁକୋନା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.720 କିଂମୀ.)	1255.625	ବାରହ କରୋଡ଼ ପଚପନ ଲାଖ ବାସଠ ହଜାର ପାଁଚ ସୌ ରୁ. ମାତ୍ର	09 ମହୀନା
		ରାୟଡୀହ	2	ମୋକରା ସେ କରମଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.000 କିଂମୀ.)			
		ରାୟଡୀହ	3	କୋନ୍ଡ୍ରା ସେ ତାରାଲାୟା (ପାର୍ଟ–ଏ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.450 କିଂମୀ.)			
		ରାୟଡୀହ	4	ସିଲମ ଲୋଧାମ ସେ କୋଠାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.650 କିଂମୀ.)			
		ରାୟଡୀହ	5	କୋନ୍ଡ୍ରା ସେ ତାରାଲାୟା (ପାର୍ଟ–ବୀ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–2.450 କିଂମୀ.)			
		ରାୟଡୀହ	6	କୁଲମୁଣ୍ଡା – ବେହରାଟୋଲୀ ସେ ପୀବୋ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–3.000 କିଂମୀ.)			
		ରାୟଡୀହ	7	T01 ସେ ଲସରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.100 କିଂମୀ.)			
		ରାୟଡୀହ	8	ଏନ୍‌ଏଚ–78 ସେ ଜୈନାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.600 କିଂମୀ.)			
2	JH-M-GUM-04 / 2023-24	ପାଲକୋଟ	1	ସେମରା ସେ ଖରବାଡୀହ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.000 କିଂମୀ.)	1393.709	ତେରହ କରୋଡ଼ ତିରାନ୍ବେ ଲାଖ ସତ୍ତର ହଜାର ନୌ ସୌ ରୁ. ମାତ୍ର	09 ମହୀନା
		ପାଲକୋଟ	2	ତେତରଟୋଲୀ ସେ ଯୋଗୀମଠ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.500 କିଂମୀ.)			
		ପାଲକୋଟ	3	ଦେବଗାଂବ ସେ ରେବରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.800 କିଂମୀ.)			
		ପାଲକୋଟ	4	ଖରବାଡୀହ ସେ ଗୋଇନଘରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.800 କିଂମୀ.)			
		ପାଲକୋଟ	5	ରୋକେଡେଗା ସେ ଭବରାଟୋଲୀ (ପାର୍ଟ– ବୀ.) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–12.200 କିଂମୀ.)			

2. ବେବସାଇଟ ମେ ନିବିଦା ପ୍ରକାଶନ କୀ ତିଥି:–29.12.2023
3. ଇ–ନିବିଦା ପ୍ରାପ୍ତି କୀ ଅଂତିମ ତିଥି ଏବଂ ସମୟ:– 16.01.2024 ଅପରାହ୍ନ 5.00 ବଜେ ତକ।
4. ନିବିଦା ଖୋଲନେ କୀ ତିଥି ଏବଂ ସମୟ:–17.01.2024 ,ଅପରାହ୍ନ 5.00 ବଜେ।
5. ନିବିଦା ଆମଂତ୍ରିତ କରନେ ବାଲେ ପଦାଧିକାରୀ କା ନାମ ଏବଂ ପତା:– ମୁଖ୍ୟ ଅଭିୟଂତା କା କାର୍ଯ୍ୟାଳୟ, ଜେ.ଏସ.ଆର.ଆର.ଡି.ଏ., ରାଁଚି, ଏଫ୍‌ଏଫ୍‌ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚି –834004, ଝାରଖଣ୍ଡ।
6. ଇ–ନିବିଦା ପ୍ରକୋଷ୍ଠ କା ଦୂରଭାଷ ସଂ– .....

ବିସ୍ତୃତ ଜାନକାରୀ କେ ଲିଏ ବେବସାଇଟ **jharkhandtenders.gov.in** ମେ ଦେଖା ଜା ସକତା ହୈ।

ମୁଖ୍ୟ ଅଭିୟଂତା
ଜେ.ଏସ.ଆର.ଆର.ଡି.ଏ., ରାଁଚି।

PR 314381 Rural Work Department(23-24)D

n-245

GOVT. OF ODISHA
DIRECTORATE OF HIGHER SECONDARY EDUCATION
SCHOOL & MASS EDUCATION DEPARTMENT

NOTICE

Govt. Letter No. 28439/SME, Dt. 11.12.2023

The counseling of 482 candidates recommended by the State Selection Board, Odisha pursuant to advertisement No.1 of 2023 for the post of Post Graduate Teacher in 18 subjects is scheduled to be held on 28.12.2023 from 09.00 AM onwards at Buxi Jagabandhu Bidyadhar Higher Secondary School, Bhubaneswar as per the schedule given below for choice locking/allotment of Higher Secondary Schools in their favour. The place of posting shall be decided during the counseling programme in pursuance of GA & PG Department Resolution No.14327/Gen. Dated 04.07.2017. The candidate(s) who remain absent during the counseling programme, shall be allotted Higher Secondary Schools from remaining school(s) after all choices have been exhausted. The district and subject wise vacancy position shall be made available from 26.12.2023 in SAMS portal (https://samsodisha.gov.in/newHSS/JuniorNoticeDtl.aspx)

Entry : Gate 02		Entry : Gate 01	
Venue : Hall No. 106		Venue : Hall No. 19	
Name of the Subject	Time	Name of the Subject	Time
Botany, Commerce Education, Physics, Zoology	09.00 AM	Hindi, Logic, Mathematics, Psychology, Sanskrit, Sociology	09.00 AM
Chemistry, Economics, Home Science	11.00 AM	Political Science	11.00 AM
English, History	02.00 PM	Odia	02.00 PM

Further, the induction programme of the 482 newly recruited Post Graduate Teachers for 226 numbers Non-Govt. Aided Higher Secondary Schools under School and Mass Education Department is scheduled to be held on **29.12.2023 at 02.00 PM** onwards in Odisha State Convention Centre, Lok Seva Bhawan Bhubaneswar. Only the newly recruited PGTs shall be allowed to enter into the Convention Centre.

Hon'ble Chief Minister has given his kind consent to grace the occasion and will address the newly recruits.

For more information please contact: **0674-2500800/2390939**

Sd/-
Director

OIPR-11033/11/0020/2324

କେନରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୍, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୍, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ

ଆନ୍ଧ୍ରକୁ ଧାନ ଚାଲାଣ, ପ୍ରଶାସନ ଚୁପ୍

ଖୋର୍ଦ୍ଧା,୨୬।୧୨ (ପ୍ରଭାତ ପାଣିଗ୍ରାହୀ)

ଦୁଇ ଦିନ ପରେ ଖୋର୍ଦ୍ଧା ଜିଲାରେ ଖୋଲିବ ଧାନମଣ୍ଡି। ତେବେ ବିଭିନ୍ନ ଗାଁରେ ପଶିଲେଣି ଆନ୍ଧ୍ର ବେପାରୀ। ସେମାନେ ସ୍ଥାନୀୟ ବେପାରୀଙ୍କୁ ହାତ କରି ଗ୍ରାମାଞ୍ଚଳରୁ ଟ୍ରକ ଯୋଗେ ଧାନ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଛନ୍ତି। ଏ କ୍ଷେତ୍ରରେ ପ୍ରଶାସନ ଚୁପ୍ ବସିଛି। ତେଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଆନ୍ଧ୍ର ବେପାରୀମାନେ ବାଣପୁର, ଚିଲିକା, ବୋଲଗଡ଼, ବେଗୁନିଆ, ଟାଙ୍ଗୀ ଓ ଖୋର୍ଦ୍ଧା ବ୍ଲକର ବିଭିନ୍ନ ଗ୍ରାମରୁ ସ୍ଥାନୀୟ ବେପାରୀଙ୍କ ସହାୟତାରେ ଧାର୍ଯ୍ୟ ଦରଠାରୁ କମ୍ ମୂଲ୍ୟରେ ଧାନ ଉଠାଉଥିବା ଜଣାପଡ଼ିଛି।

ଖୋର୍ଦ୍ଧା ଜିଲାରେ ଡିସେମ୍ବର ୨୯ରୁ ଧାନ ସଂଗ୍ରହ କରାଯିବ। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଜିଲାରେ ୧୫୪ ମଣ୍ଡିରେ ଧାନ ସଂଗ୍ରହ ହେବ। ଖରିଫ ଧାନ ସଂଗ୍ରହ ଲାଗି ୧୩୯ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ) ଏବଂ ୧୫ଟି ଉପକେନ୍ଦ୍ର କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୧୧ହଜାର ୭୬୪ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ୬ପ୍ରତିଶତ ବୃଦ୍ଧି ପାଇଛି। ଗତବର୍ଷ ଖରିଫ ଋତୁରେ ୪୮ ହଜାର ୪୦୮ ଚାଷୀ ପଞ୍ଜୀକୃତ କରିଥିବା ବେଳେ ଚଳିତ ବର୍ଷ ୫୧ ହଜାର ୧୫୧ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଦୈନିକ ୧୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତବର୍ଷ ୧୫ଶହ କୁଇଣ୍ଟାଲ ଧାନ ଉଠାଯିବ।

ଖୋର୍ଦ୍ଧା ଜିଲାରେ ମୋଟ ୧ଲକ୍ଷ ୨୪ ହଜାର ୭୬୮ ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ହେକ୍ଟରୁ କମ୍ ପରିମାଣର ଚାଷ ଜମି ଥିବା ନାମମାତ୍ର ଚାଷୀଙ୍କ ସଂଖ୍ୟା ୬୫,୮୧୩, କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୪୭,୧୯୪। ତଥ୍ୟ ମୁତାବକ ୨୦୨୨ରେ ୪୬ ହଜାର, ୨୧୨୧ରେ ୪୪ ହଜାର ଏବଂ ୨୦୨୦ରେ ୪୩ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଅର୍ଥାତ୍ ମୋଟ ଚାଷୀର ୪୦ରୁ ୫୦ପ୍ରତିଶତ ମଧ୍ୟରେ ସୀମିତ। ଏହା ଏକ ଚିନ୍ତାଜନକ ବିଷୟ। ଯେତିକି ପରିମାଣ ଚାଷ ହେଉଛି, ତାହାଠାରୁ କମ୍ ପ୍ରତିଶତ ଚାଷ ଧାନ ବିକ୍ରି କରୁଛନ୍ତି। ଭାଜପା କୃଷକ ନେତା

■ ଅଭାବୀ ବିକ୍ରି ଲାଗି ପ୍ରଶାସନକୁ ଦାୟୀକଲେ ଚାଷୀ

■ ମଣ୍ଡି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ : ଜିଲାପାଳ

ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଧାନବିକ୍ରି ନେଇ ପ୍ରଶାସନିକ ଅବହେଳା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ୬ରୁ ୭ହଜାର ଚାଷୀ ଧାନ ବିକ୍ରି କରି ନ ପାରି ରହିଯାଉଛନ୍ତି। ପ୍ରତିବର୍ଷ ଜିଲା ପାଇଁ ଆସୁଥିବା ଟାର୍ଗେଟ ସନ୍ତୋଷଜନକ ନୁହେଁ। ପୁଣି ପ୍ୟାକ୍ସକୁ ଟାର୍ଗେଟ ଆସି ନ ଥିବା ବେଳେ ଟୋକନ ଅବଧି ଶେଷ ଯୋଗୁ ଚାଷୀ ଧାନ ବିକ୍ରି କରି ନ ପାରି ବାଧ୍ୟ ହୋଇ କମ୍ ଦାମରେ ବେପାରୀ ହାତକୁ ଟେକି ଦେଉଛନ୍ତି। କୃଷକ ନେତା ସୁରେଶ ମାନସିଂ କହିଛନ୍ତି, ଧାନମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ। ମଣ୍ଡି ମିଲର୍ସଙ୍କ ମନମାନିରେ ଚାଲୁଛି। ଧାର୍ଯ୍ୟ ତାରିଖରେ ଚାଷୀଙ୍କ ଧାନ ଉଠୁନାହିଁ। ଟୋକନ ଲାପ୍ସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଯୁବ ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ଗତବର୍ଷ ନକଲି ଚାଷୀଙ୍କ ଠାରୁ କୁଇଣ୍ଟାଲ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଅନେକ ଚାଷୀ ପତିତ ଜମି, ଗୋଚର ଜମି, ପଡ଼ିଆ ପଡିଥିବା ଚାଷଜମି କାଗଜପତ୍ର ଦେଖାଇ ନାମ ପଞ୍ଜୀକରଣ କରିଥିଲେ। ଏନେଇ ବିଭିନ୍ନ ଚାଷୀ ସଙ୍ଗଠନ ଏହାର ତୀବ୍ର ବିରୋଧ କରିଥିଲେ। ଗତବର୍ଷ ଅଭାବୀ ବିକ୍ରି ସହ ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଟାର୍ଗେଟ ଦେବାରେ ବିଳମ୍ବ ଓ ଟୋକନ ଲାପ୍ସ କାରଣରୁ ଅନେକ ଚାଷୀ ଧାନ ବିକ୍ରିକରି ନ ପାରି ଅସୁବିଧା ଭୋଗିଥିଲେ। ଆଗାମୀ ଖରିଫ ଋତୁରେ ଚାଷୀ କିଭଳି ମଣ୍ଡିରେ ସୁବିଧାରେ ଧାନ ବିକ୍ରି କରିପାରିବେ, ସେଥିପ୍ରତି ଦୃଷ୍ଟିଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ମଣ୍ଡିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ଚାଷୀଙ୍କ ପାଇଁ ସମସ୍ତ ସୁବିଧା କରାଯିବ। ମଣ୍ଡିକୁ ଦଲାଲମୁକ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଛି।

ସେମିଫାଇନାଲରେ ସୋନପୁର

ଟାଙ୍ଗୀ, (ଖୋର୍ଦ୍ଧା)୨୬।୧୨(ରଘୁନାଥ ସାହୁ)

କୁହୁଡ଼ି ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ୍

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ମଙ୍ଗଳବାର ସୋନପୁର ଫୁଟବଲ କ୍ଲବ୍ ଓ ୟୁନିୟନ ସ୍ପୋର୍ଟିଂ କୋଲକାତା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳର ଅନ୍ତର୍ଯ୍ୟାମୀ ଓ ଲକି ବୟ ଦୁଇଟି ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ। ଫଳରେ ସୋନପୁର ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ବିଦେଶୀ ନାୟକ, ଗୋପାଳ ସାମନ୍ତରାୟ, ଅପର୍ତ୍ତି ବେହେରା ଖେଳ ପରିଚାଳନା କରିଥିଲେ। ବିଜୟ କୁମାର ରାଉତ ମ୍ୟାଚ୍ କମିଶନର ଥିଲେ। ଅତିଥି ଭାବେ ଆଞ୍ଚଳିକ କମିଟିର ସଭାପତି ଲଲାଟ କେଶରୀ ମଙ୍ଗରାଜ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସୋନପୁର ଦଳର ଲକି ବୟ ଓ କୋଲକାତା ଦଳର ଦୀପ ଧାରାଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ଉପସଭାପତି ଶୁଭେନ୍ଦୁ ମାନସିଂହ, ସହସମ୍ପାଦକ କମଳାକାନ୍ତ ସାମନ୍ତରାୟ, ଶ୍ରୀବତ୍ସ ପରିଡ଼ା ପ୍ରମୁଖ ସଂଯୋଜନା କରିଥିଲେ। ବୁଧବାର କିଶୋର କ୍ଲବ ଭୁବନେଶ୍ୱର ଓ ହାଓଡ଼ା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।

ଝାରଖଣ୍ଡ ରାଜ୍ୟ ଗ୍ରାମୀଣ ପଥ ବିକାସ ପ୍ରାଧିକରଣ (JSRRDA)

ଏଫ୍ଏଫ୍ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚୀ –834004, ଝାରଖଣ୍ଡ

ଈ–ନିବିଦା ଆମଂତ୍ରଣ ସୂଚନା

ଈ–ନିବିଦା ସଂଖ୍ୟା:- 200 /2023-24 — ଦିନାଂକ :- 23.12.2023

ମୁଖ୍ୟ ଅଭିୟଂତା, ଜେ.ଏସ.ଆର.ଆର.ଡି.ଏ., ରାଁଚୀ ଦ୍ୱାରା ନିମ୍ନବିବରଣ କେ ଅନୁସାର e-procurement ପଦ୍ଧତି ସେ ନିବିଦା ଆମଂତ୍ରିତ କୀ ଜାତୀ ହୈ।

କ୍ର.ସଂ	ଆଇଡେଣ୍ଟିଫିକେଶନ ସଂଖ୍ୟା / ପୈକେଜ ସଂଖ୍ୟା	ପ୍ରଖଣ୍ଡ କା ନାମ		କାର୍ଯ୍ୟ କା ନାମ	ପ୍ରାକଳିତ ରାଶି ଅଙ୍କ ମେଁ (ଲାଖ ମେଁ)	ପ୍ରାକଳିତ ରାଶି ଅକ୍ଷର ମେଁ (ରୁପୟେ ମେଁ)	କାର୍ଯ୍ୟ ସମାପ୍ତି କୀ ଅବଧି
1	2	3		4	5	6	7
1	JH-M-GUM-03 / 2023-24	ରାୟଡୀହ	1	କାଂସୀର ରୋଡ ସେ ଲୁରୁକୋନା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.720 କିଂମୀ.)	1255.625	ବାରହ କରୋଡ଼ ପଚପନ ଲାଖ ବାସଠ ହଜାର ପାଁଚ ସୌ ରୁ. ମାତ୍ର	09 ମହୀନା
		ରାୟଡୀହ	2	ମୋକରା ସେ କରମଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.000 କିଂମୀ.)			
		ରାୟଡୀହ	3	କୋନ୍ଡ୍ରା ସେ ତାରାଲାୟା (ପାର୍ଟ–ଏ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.450 କିଂମୀ.)			
		ରାୟଡୀହ	4	ସିଲମ ଲୋଧାମ ସେ କୋଠାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.650 କିଂମୀ.)			
		ରାୟଡୀହ	5	କୋନ୍ଡ୍ରା ସେ ତାରାଲାୟା (ପାର୍ଟ–ବୀ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–2.450 କିଂମୀ.)			
		ରାୟଡୀହ	6	କୁଲମୁଣ୍ଡା – ବେହରାଟୋଲୀ ସେ ପୀବୋ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–3.000 କିଂମୀ.)			
		ରାୟଡୀହ	7	T01 ସେ ଲସରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.100 କିଂମୀ.)			
		ରାୟଡୀହ	8	ଏନ୍ଏଚ–78 ସେ ଜୈନାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.600 କିଂମୀ.)			
2	JH-M-GUM-04 / 2023-24	ପାଲକୋଟ	1	ସେମରା ସେ ଖରବାଡୀହ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.000 କିଂମୀ.)	1393.709	ତେରହ କରୋଡ଼ ତିରାନ୍ବେ ଲାଖ ସତ୍ତର ହଜାର ନୌ ସୌ ରୁ. ମାତ୍ର	09 ମହୀନା
		ପାଲକୋଟ	2	ତେତରଟୋଲୀ ସେ ଯୋର୍ଗୀମଠ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.500 କିଂମୀ.)			
		ପାଲକୋଟ	3	ଦେବଗାଂ ସେ ରେବରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.800 କିଂମୀ.)			
		ପାଲକୋଟ	4	ଖରବାଡୀହ ସେ ଗୋଇନଘରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.800 କିଂମୀ.)			
		ପାଲକୋଟ	5	ରୋକେଡେଗା ସେ ଭବରାଟୋଲୀ (ପାର୍ଟ– ବୀ.) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–12.200 କିଂମୀ.)			

2. ବେବସାଇଟ ମେ ନିବିଦା ପ୍ରକାଶନ କୀ ତିଥି:–29.12.2023
3. ଈ–ନିବିଦା ପ୍ରାପ୍ତି କୀ ଅଂତିମ ତିଥି ଏବଂ ସମୟ:– 16.01.2024 ଅପରାହ୍ନ 5.00 ବଜେ ତକ।
4. ନିବିଦା ଖୋଲନେ କୀ ତିଥି ଏବଂ ସମୟ:–17.01.2024 ,ଅପରାହ୍ନ 5.00 ବଜେ।
5. ନିବିଦା ଆମଂତ୍ରିତ କରନେ ବାଲେ ପଦାଧିକାରୀ କା ନାମ ଏବଂ ପତା:– ମୁଖ୍ୟ ଅଭିୟଂତା କା କାର୍ଯ୍ୟାଳୟ, ଜେ.ଏସ.ଆର.ଆର.ଡି.ଏ., ରାଁଚୀ, ଏଫ୍ଏଫ୍ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚୀ –834004, ଝାରଖଣ୍ଡ।
6. ଈ–ନିବିଦା ପ୍ରକୋଷ୍ଠ କା ଦୂରଭାଷ ସଂ– .....

ବିସ୍ତୃତ ଜାନକାରୀ କେ ଲିଏ ବେବସାଇଟ **jharkhandtenders.gov.in** ମେ ଦେଖା ଜା ସକତା ହୈ।

ମୁଖ୍ୟ ଅଭିୟଂତା
ଜେ.ଏସ.ଆର.ଆର.ଡି.ଏ., ରାଁଚୀ।

PR 314381 Rural Work Department(23-24)D

'୨୦୨୪ରେ ଘରେ ଘରେ ଶୁଭିବ ଶଙ୍ଖ'

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ତଥା ବିଜେଡିର ବରିଷ୍ଠ ନେତୃବୃନ୍ଦ।

ଖୋର୍ଦ୍ଧା,୨୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

ଜୟୀ ରାଜଗୁରୁ ଟାଉନ ହଲ୍‌ରେ ମଙ୍ଗଳବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଏବଂ ଲୋକଙ୍କ ଭଲପାଇବା ଯୋଗୁ ବିଜେଡି ଆଞ୍ଚଳିକ ଦଳ ହୋଇଥିଲେ ମଧ୍ୟ ଏକ ମହାଦ୍ରୁମରେ ପରିଣତ ହୋଇଥିବା କହିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଘରେ ଘରେ ଶଙ୍ଖ ବାଜିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ନବୀନଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଲାଗି ନେତା ଓ କର୍ମୀମାନେ ସଙ୍କଳ୍ପ ନେଇଥିଲେ।

ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ବିଜୟ ପାଲଟାସିଂହ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଣ୍ଣା ମାନଧାତା, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ମହମ୍ମଦ ଆରିଫ୍ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ଦିଲୀପ କୁମାର ହୋତା ପରିଚାଳନା କରିଥିଲେ। କାଉନସିଲର କମଳ ପ୍ରଧାନ, ଅନିଲ ରାମ, ଗୁଟୁ ବଳିୟାରସିଂହ, ପ୍ରଶାନ୍ତ ସେଠୀ, ଜିଲା ମହିଳା ଉପସଭାନେତ୍ରୀ ରଶ୍ମି ମିଶ୍ର ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ବିଧାୟକ ମିତ୍ର ଏବଂ ଦଳୀୟ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ପରିକ୍ରମା ପ୍ରକଳ୍ପ ପାଇଁ ତୃତୀୟା ଦେବ ନିମନ୍ତ୍ରିତ

ବୋଲଗଡ଼,୨୬।୧୨(ଦେବବ୍ରତ ହୋତା): ଆସନ୍ତା ୧୭ ତାରିଖ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଚତୁଃପାର୍ଶ୍ୱ ବେଢ଼ା ପରିକ୍ରମା ଶୁଭ ପ୍ରକଳ୍ପର ଉଦ୍‌ଘାଟନ ହେବ। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରର ପ୍ରମୁଖ ଜଗନ୍ନାଥ ମନ୍ଦିରର ମୁଖ୍ୟ କାର୍ଯ୍ୟକର୍ତ୍ତା ଓ ସେବାୟତଙ୍କୁ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ବୋଲଗଡ଼ ସଦର ମହକୁମାରେ ସ୍ଥାପିତ ତୃତୀୟା ଦେବ ଜଗନ୍ନାଥଙ୍କୁ ଆମନ୍ତ୍ରିତ କରାଯାଇଥିଲା। ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ଏକ ୪ଜଣିଆ ଦଳ ମନ୍ଦିରରେ ପହଞ୍ଚି ସାଥିରେ ଆଣିଥିବା ନିମନ୍ତ୍ରଣ ପତ୍ର ଭୋଗ, ମହାପ୍ରସାଦ ଠାକୁରଙ୍କ ନିକଟରେ ଅର୍ପଣ କରିଥିଲେ। ଏହାସହିତ ୨ଜଣ ପୁରୀକୁ ଯିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରତିନିଧି ଦଳରେ ନାରାୟଣ ପ୍ରତିହାରୀ, ସୋମନାଥ ପ୍ରତିହାରୀ, କଳିଯୁଗ ହରିଶ୍ଚନ୍ଦ୍ର ପ୍ରତିହାରୀ ଓ ଶ୍ରମ ଅଧିକାରୀ ବିକ୍ରମ ପ୍ରଧାନ ସାମିଲ ଥିଲେ। ବୋଲଗଡ଼ ଜଗନ୍ନାଥ ମନ୍ଦିର ପକ୍ଷରୁ ଉଦ୍‌ଘାଟନ ଉତ୍ସବରେ ଯୋଗଦେବାକୁ ସେବାୟତ ବୈକୁଣ୍ଠ ମହାପାତ୍ର ଓ ପରିଚାଳନା ସଭ୍ୟ ଲଲାଟେନ୍ଦୁ କେଶରୀ ସିଂଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ତହସିଲଦାର ନିବେଦିତା ପରିଡ଼ା, ବିଡିଓ ଶରତଚନ୍ଦ୍ର ମଲ୍ଲିକ, ମିଶନଶକ୍ତି ଅଧିକାରିଣୀ ସୁରୁଚି ସୁପ୍ରୀତି ସାହୁ, ବୋଲଗଡ଼ ମନ୍ଦିର ଟ୍ରଷ୍ଟି ରବୀନ୍ଦ୍ର ପରିଡ଼ାଙ୍କ ସମେତ ବହୁ ମହିଳା ପୁରୁଷ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଓ ଜଗନ୍ନାଥପ୍ରେମୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

n-245

GOVT. OF ODISHA
DIRECTORATE OF HIGHER SECONDARY EDUCATION
SCHOOL & MASS EDUCATION DEPARTMENT

NOTICE

Govt. Letter No. 28439/SME, Dt. 11.12.2023

The counseling of 482 candidates recommended by the State Selection Board, Odisha pursuant to advertisement No.1 of 2023 for the post of Post Graduate Teacher in 18 subjects is scheduled to be held on 28.12.2023 from 09.00 AM onwards at Buxi Jagabandhu Bidyadhar Higher Secondary School, Bhubaneswar as per the schedule given below for choice locking/allotment of Higher Secondary Schools in their favour. The place of posting shall be decided during the counseling programme in pursuance of GA & PG Department Resolution No.14327/Gen. Dated 04.07.2017. The candidate(s) who remain absent during the counseling programme, shall be allotted Higher Secondary Schools from remaining school(s) after all choices have been exhausted. The district and subject wise vacancy position shall be made available from 26.12.2023 in SAMS portal (https://samsodisha.gov.in/newHSS/JuniorNoticeDtl.aspx)

Entry : Gate 02		Entry : Gate 01	
Venue : Hall No. 106		Venue : Hall No. 19	
Name of the Subject	Time	Name of the Subject	Time
Botany, Commerce Education, Physics, Zoology	09.00 AM	Hindi, Logic, Mathematics, Psychology, Sanskrit, Sociology	09.00 AM
Chemistry, Economics, Home Science	11.00 AM	Political Science	11.00 AM
English, History	02.00 PM	Odia	02.00 PM

Further, the induction programme of the 482 newly recruited Post Graduate Teachers for 226 numbers Non-Govt. Aided Higher Secondary Schools under School and Mass Education Department is scheduled to be held on **29.12.2023 at 02.00 PM** onwards in Odisha State Convention Centre, Lok Seva Bhawan Bhubaneswar. Only the newly recruited PGTs shall be allowed to enter into the Convention Centre.

Hon'ble Chief Minister has given his kind consent to grace the occasion and will address the newly recruits.

For more information please contact: **0674-2500800/2390939**

Sd/-
Director

OIPR-11033/11/0020/2324

କେନରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୍, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୍, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ

ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

ପାର୍କିଂସ୍ଥଳ ନ ଥାଇ ଫି' ଆଦାୟ ପାଇଁ ନିଲାମ

କୋଣାର୍କ,୨୬।୧୨(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ପାର୍କିଂ ସ୍ଥଳର ଉପଯୁକ୍ତ ବ୍ୟବସ୍ଥା ନ ଥାଇ ପାର୍କିଂ ଫି' ଆଦାୟ ପାଇଁ ନିଲାମ ଦିଆଯାଇଥିବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। କୋର୍ଟ ଏହି ମାମଲାର ବିଚାର କରି ଏଥିରେ ପକ୍ଷଭୁକ୍ତ ଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ସଚିବ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ, ଗୋପ ତହସିଲଦାର ଓ କୋଣାର୍କ ଥାନା ଅଧିକାରୀ ଆଦି ୫ ପ୍ରତିପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ଆସନ୍ତା ଫେବୃୟାରୀ ୨ ସୁଦ୍ଧା ଜବାବ ଦାଖଲ କରିବାକୁ ଜଷ୍ଟିସ ବି.ପି. ରାଉତରାୟଙ୍କ ଖଣ୍ଡପୀଠ ଆଦେଶ ଦେଇଛନ୍ତି।

କୋର୍ଟ ବିବରଣୀରୁ ପ୍ରକାଶ ଯେ, କୋଣାର୍କ ଏନ୍‌ଏସି ପକ୍ଷରୁ ପାର୍କିଂସ୍ଥଳୀ ନ ଥିବାରୁ ଦୀର୍ଘ ୪ବର୍ଷ ହେବ ପାର୍କିଂ ଫି' ଆଦାୟ ହେଉ ନ ଥିଲା। କେବଳ ବେସରକାରୀ ଭାବେ କର୍ମଚାରୀଙ୍କ ଦ୍ୱାରା ପାର୍କିଂ ଫି' ଆଦାୟ କରାଯାଉଥିଲା। ଏହି ପ୍ରକ୍ରିୟାରେ ଏନ୍‌ଏସିର ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ କରି କାଉନସିଲରମାନେ ତୁରନ୍ତ ପାର୍କିଂ ଫି ଆଦାୟ ନିଲାମ କରିବାକୁ ଦାବି କରିଥିଲେ। ୭.୯.୨୩ରେ ଏନ୍‌ଏସି ପକ୍ଷରୁ ନିଲାମ ଦିଆଯାଇଥିଲା। ଏଥିରେ କାର୍ତ୍ତିକ ପ୍ରଧାନ ନାମକ ବ୍ୟକ୍ତି ପ୍ରାୟ ୫୬ ଲକ୍ଷ ଟଙ୍କାରେ ୬ ମାସ ପାଇଁ ନିଲାମ ନେଇଥିଲେ। କିନ୍ତୁ ନିଲାମ ଇସ୍ତାହାରରେ ଦର୍ଶାଯାଇଥିବା ୬ଟି ପାର୍କିଂସ୍ଥଳ ମଧ୍ୟରୁ କେବଳ ଗୋଟିଏ ମାତ୍ର ପାର୍କିଂସ୍ଥଳ ଚନ୍ଦ୍ରଭାଗା ରେ ଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ରାସ୍ତାରେ ଠିଆହୋଇଥିବା ଗାଡିରୁ ବେଆଇନ ଭାବେ ପାର୍କିଂ ଫି' ଆଦାୟ ନେଇ ପ୍ରାୟ ସବୁଦିନ ବାହାର ପର୍ଯ୍ୟଟକଙ୍କ ସହିତ ଗଣ୍ଡଗୋଳ ସୃଷ୍ଟି ହେଉଥିଲା। ଏନେଇ ଏନ୍‌ଏସି ସମାଲୋଚିତ ହୋଇଥିଲା। ୨୮.୧୦.୨୦୨୩ରେ କୋଣାର୍କ ଥାନା ପକ୍ଷରୁ ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଆଦିଙ୍କୁ ନେଇ ଏକ ବୈଠକ କରାଯାଇ ତହସିଲଦାରଙ୍କ ସହିତ ଯୋଗାଯୋଗ ପୂର୍ବକ ତୁରନ୍ତ ପାର୍କିଂସ୍ଥଳ ବ୍ୟବସ୍ଥା କରିବାକୁ ଏନ୍‌ଏସିକୁ କୁହାଯାଇଥିଲା। କିନ୍ତୁ ୨ ମାସ ବିତିଯାଇଥିଲେ ମଧ୍ୟ ତହସିଲଦାରଙ୍କୁ ଯୋଗାଯୋଗ କିମ୍ବା ସ୍ଥାୟୀ ପାର୍କିଂସ୍ଥଳୀ ବ୍ୟବସ୍ଥା କରାଗଲା ନାହିଁ। ନିଲାମଧାରୀ ସୂଚନା ଅଧିକାର ଆଇନ ବଳରେ ବିବରଣୀ ମାଗି ନିରାଶ ହେଲେ। ସେ ନିଜ ପଇସା ଫେରସ୍ତ ପାଇବା ପାଇଁ ଦରଖାସ୍ତ ଦେଇଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ଏଣୁ ବାଧ୍ୟହୋଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ କୋଣାର୍କ ବାର୍ ଆସୋସିଏସନ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ଓ ଆଇନଜୀବୀ ଶିବ ଶଙ୍କର ମହାନ୍ତି ମକଦ୍ଦମା ପରିଚାଳନା କରୁଛନ୍ତି।

ମା'ମାନଙ୍କ ପଣତକାନି ଆମ ଶକ୍ତି

ବ୍ରହ୍ମଗିରି,୨୬। ୧୨(ସ୍ୱାଧୀନ ଚମ୍ପତ୍ତିରାୟ): ମା'ମାନଙ୍କ ପଣତ କାନି ଓ ତାଙ୍କ ଆଶୀର୍ବାଦ ଆମର ଶକ୍ତି। ସେମାନଙ୍କ ଆଶୀର୍ବାଦ ଓ ଭଲପାଇବା ଯୋଗୁ ବିଜେଡି ତା'ର ୨୭ତମ ପ୍ରତିଷ୍ଠା ଉତ୍ସବ ପାଳନ କରିବାରେ ସକ୍ଷମ ହୋଇଛି। ଏଣୁ ଆମେ ମହିଳା ସଶକ୍ତୀକରଣ ପ୍ରତି ଧ୍ୟାନ ଦେଇଆସିଛୁ। ମଙ୍ଗଳବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ସାତପଡ଼ାଠାରେ ବିଜେଡିର ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ସଞ୍ଜୟ ଦାସ ବର୍ମା ମହିଳାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଜେଡି କର୍ମୀ ବ୍ରହ୍ମଗିରି ବଜାରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସାତପଡ଼ାଠାରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ ଦାସ ବର୍ମା ଯୋଗଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଭଗବାନ ନାୟକ, ପୁରୀ ସଦର ଅଧ୍ୟକ୍ଷ ବାବୁ ପାତ୍ର ଓ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସାକ୍ଷୀଗୋପାଳ କଲେଜର ପ୍ଲାଷ୍ଟିକ୍ ବର୍ଜନ ଅଭିଯାନ

ସାକ୍ଷୀଗୋପାଳ,୨୬।୧୨(ଭରତ ରାଉତ)

ଆଜିର ମଣିଷର ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍, ପଲିଥିନ୍ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବହାରିକ ବସ୍ତୁରେ ପରିଣତ ହୋଇଯାଇଛି। ଏହି ଦ୍ରବ୍ୟ ଏବେ ମଣିଷର ସମସ୍ତ କାର୍ଯ୍ୟରେ ବିଦ୍ୟମାନ ରହୁଛି ଏବଂ ଦିନକୁ ଦିନ ଏହାର ବ୍ୟବହାର ହୁ ହୁ ବଢ଼ି ଚାଲିଛି। ଏଣୁ ଏହାର ଅତ୍ୟଧିକ ବ୍ୟବହାର ଯୋଗୁ ବର୍ତ୍ତମାନ ଏହି ବସ୍ତୁଟି ମାନବ ଜୀବନରେ ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ଏହାକୁ ପୋଡ଼ିଲେ ଏଥିରୁ ବିଷାକ୍ତ ବାୟୁ ନିର୍ଗତ ହେଉଥିବାବେଳେ ମାଟିରେ ପୋତିଲେ ତା'ର ଉର୍ବରତା ନଷ୍ଟ କରେ, ଏଣେତେଣେ ପକାଇଲେ ପରିବେଶ ନଷ୍ଟ କରିଦିଏ। ତେଣୁ ଏହାର ବ୍ୟବହାରକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଏବେ ଏହା ଏକ ଆହ୍ୱାନ। ଏହିପରି ଏକ ସଚେତନତାର ବାର୍ତ୍ତା ନେଇ ଓଡ଼ିଶା ରାଜ୍ୟ ସରକାର ପ୍ରାୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁକ୍ତ ୨ ଏବଂ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପ୍ଲାଷ୍ଟିକ୍ ବର୍ଜନ ଅଭିଯାନ କାର୍ଯ୍ୟକ୍ରମ ନିକଟ ଆଦର୍ଶ ଗ୍ରାମ ନୂଆଗାଁରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଛାତ୍ରୀଛାତ୍ର ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ ହିମାଂଶୁ ଶେଖର ପତିଙ୍କ ନିର୍ଦ୍ଦେଶନାରେ ଗ୍ରାମରେ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୁକ୍ତ ୩ ନୋଡାଲ ଅଫିସର ପ୍ରଫେସର ଚନ୍ଦ୍ରଶେଖର ତ୍ରିପାଠୀ, ଯୁକ୍ତ ୨ ନୋଡାଲ ଅଫିସର ପ୍ରଫେସର ଧନୁର୍ଦ୍ଧର ମୁଦୁଲି, ପ୍ରଫେସର ରତ୍ନାକର ସାହୁ, ଡ. ଶଙ୍କର୍ଷଣ ପ୍ରଧାନ, ପ୍ର. ସ୍ୱର୍ଣ୍ଣଲତା ମାହାରୀ, ପ୍ର. ବିଜୟଲକ୍ଷ୍ମୀ ମିଶ୍ର, ପ୍ର. ଜିତେନ ଦାସ, ପ୍ର. ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପିଲାଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜନ ଉପରେ ଏଭଳି ସଚେତନତାର ହୃଦୟସ୍ପର୍ଶୀ ନାଟକ ଦେଖି ନୂଆଗାଁ ଗ୍ରାମବାସୀ ଭୂୟସୀ ପ୍ରଶଂସା କରିଥିଲେ। ସେହି ଗ୍ରାମର ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ଇଞ୍ଜିନିୟର ସତ୍ୟନାରାୟଣ ମିଶ୍ର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

କାମିୟା ପ୍ରସଙ୍ଗ ନେଇ ଜିଲା ଯୁବ କଂଗ୍ରେସ ଦେଲା ଏତଲା

ପୁରୀ,୨୬।୧୨(ଅଜିତ୍ ମହାନ୍ତି): ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କୁ ପ୍ରବେଶ କରାଇବା ସହ ମହାପ୍ରସାଦ ସେବନ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଡ୍ରୋନ କ୍ୟାମେରା ଉଡ଼େଇବାକୁ ବିରୋଧ କରି ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏପରି କି ପାଣ୍ଡିଆନଙ୍କ ବିରୋଧରେ ଏକ ଲିଖିତ ଏତଲା ଟାଉନ ଥାନାରେ ପ୍ରଦାନ କରାଯାଇଛି। ଗତ ନଭେମ୍ବର ୨୯ରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଜନୈକା ମହିଳା କାମିଆ ଜାନୀଙ୍କୁ ଭୋର ୪ଟାରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରାଇ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରାଇଥିଲେ। ଏହାପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏବଂ ଶ୍ରୀସେତୁ ତଥା ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପର ପ୍ରଚାର ପ୍ରସାର କରିବା ସହିତ ରାଧାବଲ୍ଲଭ ମଠରେ ଶ୍ରୀମହାପ୍ରସାଦ ସେବନ କରାଇ ଭିଡିଓ ବାର୍ତ୍ତା ମାଧ୍ୟମରେ ନିଜର ପ୍ରଚାର କରାଇଥିଲେ। ପୂର୍ବରୁ କାମିଆ ଗୋମାଂସ ଭକ୍ଷଣ କରିବା ଓ ଭିଡିଓ ମାଧ୍ୟମରେ ତା'ର ସ୍ୱାଦ, ଦର ଆଦି ପ୍ରଚାର କରିଥିଲେ। ତେଣୁ ତାଙ୍କୁ ପାଣ୍ଡିଆନ ମନ୍ଦିର ଭିତରେ ପ୍ରବେଶ କରାଇବା ନିନ୍ଦନୀୟ ଏବଂ ହିନ୍ଦୁ ବିରୋଧୀ କାର୍ଯ୍ୟ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି କାର୍ଯ୍ୟକୁ ବିରୋଧ କରି ଜିଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ସହ ମୁଖପାତ୍ର ସ୍ୱାଧୀନ ପଣ୍ଡା, ସଦର ବ୍ଲକ ସଭାପତି ରାମଚନ୍ଦ୍ର ସାହୁ, ରଶ୍ମୀକାନ୍ତ ସାହୁ, ମନୋଜ ମଣ୍ଡଳ, ଅନିଲ ବେଜଙ୍କ ନେତୃତ୍ୱରେ ବହୁ ଯୁବକର୍ମୀ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଏତଲା ଦେଇଛନ୍ତି।

ଝାରଖଣ୍ଡ ରାଜ୍ୟ ଗ୍ରାମୀଣ ପଥ ବିକାସ ପ୍ରାଧିକରଣ (JSRRDA)

ଏଫ୍‌ଏଫ୍‌ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚି –834004, ଝାରଖଣ୍ଡ

ଈ–ନିବିଦା ଆମନ୍ତ୍ରଣ ସୂଚନା

ଈ–ନିବିଦା ସଂଖ୍ୟା:- 200 /2023-24 ଦିନାଂକ :- 23.12.2023

ମୁଖ୍ୟ ଅଭିୟଂତା, ଜେ.ଏସ.ଆର.ଆର.ଡି.ଏ., ରାଁଚି ଦ୍ୱାରା ନିମ୍ନବିବରଣ କେ ଅନୁସାର e-procurement ପଦ୍ଧତି ସେ ନିବିଦା ଆମଂତ୍ରିତ କୀ ଜାତୀ ହୈ।

କ୍ର.ସଂ.	ଆଇଡେଣ୍ଟିଫିକେଶନ ସଂଖ୍ୟା / ପୈକେଜ ସଂଖ୍ୟା	ପ୍ରଖଣ୍ଡ କା ନାମ		କାର୍ଯ୍ୟ କା ନାମ	ପ୍ରାକଳିତ ରାଶି ଅଙ୍କ ମେଁ (ଲାଖ ମେଁ)	ପ୍ରାକଳିତ ରାଶି ଅକ୍ଷର ମେଁ (ରୁପୟେ ମେଁ)	କାର୍ଯ୍ୟ ସମାପ୍ତି କୀ ଅବଧି
1	2	3		4	5	6	7
1	JH-M-GUM-03 / 2023-24	ରାୟଡୀହ	1	କାଂସୀର ରୋଡ ସେ ଲୁରୁକୋନା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.720 କିଂମୀ.)	1255.625	ବାରହ କରୋଡ଼ ପଚପନ ଲାଖ ବାସଠ ହଜାର ପାଁଚ ସୌ ରୁ. ମାତ୍ର	09 ମହୀନା
		ରାୟଡୀହ	2	ମୋକରା ସେ କରମଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.000 କିଂମୀ.)			
		ରାୟଡୀହ	3	କୋଣ୍ଡ୍ରା ସେ ତାରାଲାୟା (ପାର୍ଟ–ଏ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.450 କିଂମୀ.)			
		ରାୟଡୀହ	4	ସିଲମ ଲୋଧାମ ସେ କୋଠାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.650 କିଂମୀ.)			
		ରାୟଡୀହ	5	କୋଣ୍ଡ୍ରା ସେ ତାରାଲାୟା (ପାର୍ଟ–ବୀ) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–2.450 କିଂମୀ.)			
		ରାୟଡୀହ	6	କୁଲମୁଣ୍ଡା – ବେହରାଟୋଲୀ ସେ ପୀବୋ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ।(ଲଂ–3.000 କିଂମୀ.)			
		ରାୟଡୀହ	7	T01 ସେ ଲସରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.100 କିଂମୀ.)			
		ରାୟଡୀହ	8	ଏନ୍‌ଏଚ–78 ସେ ଜୈନାଟୋଲୀ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.600 କିଂମୀ.)			
2	JH-M-GUM-04 / 2023-24	ପାଲକୋଟ	1	ସେମରା ସେ ଖରବାଡୀହ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.000 କିଂମୀ.)	1393.709	ତେରହ କରୋଡ଼ ତିରାନ୍ବେ ଲାଖ ସତ୍ତର ହଜାର ନୌ ସୌ ରୁ. ମାତ୍ର	09 ମହୀନା
		ପାଲକୋଟ	2	ତେତରଟୋଲୀ ସେ ଯୋଗୀମଠ ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–5.500 କିଂମୀ.)			
		ପାଲକୋଟ	3	ଦେବଗାଂ ସେ ରେବରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–4.800 କିଂମୀ.)			
		ପାଲକୋଟ	4	ଖରବାଡୀହ ସେ ଗୋଇନଘରା ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–2.800 କିଂମୀ.)			
		ପାଲକୋଟ	5	ରୋକେଡେଗା ସେ ଭବରାଟୋଲୀ (ପାର୍ଟ– ବୀ.) ତକ ପଥ କା ସୁଦୃଢ଼ୀକରଣ କାର୍ଯ୍ୟ। (ଲଂ–12.200 କିଂମୀ.)			

2. ବେବସାଇଟ ମେ ନିବିଦା ପ୍ରକାଶନ କୀ ତିଥି:–29.12.2023
3. ଈ–ନିବିଦା ପ୍ରାପ୍ତି କୀ ଅଂତିମ ତିଥି ଏବଂ ସମୟ:– 16.01.2024 ଅପରାହ୍ନ 5.00 ବଜେ ତକ।
4. ନିବିଦା ଖୋଲନେ କୀ ତିଥି ଏବଂ ସମୟ:–17.01.2024 ,ଅପରାହ୍ନ 5.00 ବଜେ।
5. ନିବିଦା ଆମଂତ୍ରିତ କରନେ ବାଲେ ପଦାଧିକାରୀ କା ନାମ ଏବଂ ପତା:– ମୁଖ୍ୟ ଅଭିୟଂତା କା କାର୍ଯ୍ୟାଳୟ, ଜେ.ଏସ.ଆର.ଆର.ଡି.ଏ., ରାଁଚି, ଏଫ୍‌ଏଫ୍‌ପି ଭବନ, ତୃତୀୟ ତଲ୍ଲା, ଧୁର୍ବା, ରାଁଚି –834004, ଝାରଖଣ୍ଡ।
6. ଈ–ନିବିଦା ପ୍ରକୋଷ୍ଠ କା ଦୂରଭାଷ ସଂ– .....

ବିସ୍ତୃତ ଜାନକାରୀ କେ ଲିଏ ବେବସାଇଟ **jharkhandtenders.gov.in** ମେ ଦେଖା ଜା ସକତା ହୈ।

ମୁଖ୍ୟ ଅଭିୟଂତା
ଜେ.ଏସ.ଆର.ଆର.ଡି.ଏ., ରାଁଚି।

PR 314381 Rural Work Department(23-24)D

ବିଜେଡି ପ୍ରତିଷ୍ଠା ଦିବସରେ ୫ଶହ କର୍ମୀଙ୍କ ଶପଥ ପାଠ

ନିମାପଡ଼ା,୨୬।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ବିଜେଡିର ପ୍ରତିଷ୍ଠା ଦିବସ ସମାରୋହ ବିଜେଡି କାର୍ଯ୍ୟାଳୟଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସାମୁହିକ ଭାବେ ୫ଶହ କର୍ମୀ ଶପଥପାଠ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଦଳୀୟ କାର୍ଯ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ସଭାପତି ଅଶୋକ ସାହୁ, ଗୋପ ବ୍ଲକର ବିଜେଡି ସଭାପତି ମଧୁସୂଦନ ପାଇକରାୟ, ନିର୍ବାଚନ ମଣ୍ଡଳୀ ସମ୍ପାଦକ ରବୀନ୍ଦ୍ର ନାୟକ, ଯୁବନେତା ଅରୁଣ ପ୍ରସାଦ ଦାସ, ସନ୍ତୋଷ ଓଝା, ସନ୍ତୋଷ ଦାସ, ମହିଳାନେତ୍ରୀ କୌଶଲ୍ୟା ସାହୁ, ସତ୍ୟଜିତ୍ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବିଜେଡି ପ୍ରାର୍ଥୀଙ୍କ ବିପୁଳ ବିଜୟ ପାଇଁ ସମସ୍ତ ଦଳୀୟ କର୍ମୀ ଓ ନେତୃବୃନ୍ଦ ନିଷ୍ଠାର ସହକାର୍ଯ୍ୟ କରିବାକୁ ବିଧାୟକ ଦାଶ ଆହ୍ୱାନ ଦେଇଥିଲେ। ସମାରୋହରେ ବହୁ ଦଳୀୟ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, କାଉନସିଲରଙ୍କ ସମେତ ପ୍ରାୟ ହଜାରେ ଦଳୀୟ କର୍ମୀ ଯୋଗଦେଇଥିଲେ।

କେନରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତାଙ୍କ ଠାରୁ **କାନାରା ବ୍ୟାଙ୍କର, ଶିଖରପୁର ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତିରେ"** ତା.୧୬.୦୧.୨୦୨୪ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ. ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେପ୍ରଦତ୍ତ। ଅମାନତ ରାଶି ତା.୧୨.୦୧.୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।

ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା	ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ	ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି	ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି
ଶିଖରପୁର ଶାଖା, ଫୋନ୍: ୯୦୪୦୨୧୪୮୪୫ / **ଋଣଗ୍ରହୀତା: ମେସର୍ସ ଉମା କୁଏଲାରୀ ଆଣ୍ଡ୍ ୱାର୍କସପ୍, ସ୍ୱତ୍ୱାଧିକାରୀ: ଶ୍ରୀ ନୀଳମାଧବ ଆଚାରୀ,** ପିତା: ସୀମାଦ୍ରୀ ରଘୁନାଥ ଆଚାରୀ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ବେବି ଆଚାରୀ,** ସ୍ୱାମୀ: ଶ୍ରୀ ନୀଳମାଧବ ଆଚାରୀ, **୨) ଶ୍ରୀ ସୀମାଦ୍ରୀ ରଘୁନାଥ ଆଚାରୀ,** ପିତା: ୱ ସୀମାଦ୍ରୀ ତୁମ୍ବେଶ୍ୱର ଆଚାରୀ, ସମସ୍ତଙ୍କ ଠିକଣା- ସା: ଭିକାରିପଡା, ପୋ/ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୦	**ଶ୍ରୀ ସୀମାଦ୍ରୀ ରଘୁନାଥ ଆଚାରୀ,** ପିତା: ୱ ସୀମାଦ୍ରୀ ତୁମ୍ବେଶ୍ୱର ଆଚାରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍

ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ଦଳୀୟ ନେତୃମଣ୍ଡଳୀଙ୍କ ସହ (ବାମ), ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିର, ପ୍ରତିଷ୍ଠା ଦିବସରେ ବିଜେଡି ପକ୍ଷରୁ ଆୟୋଜିତ ସାଇକେଲ ରାଲି ।

ବିଜେଡି ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୨(ଅନିଲ ଦାସ)

ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀରେ ପାଳିତ ହୋଇଛି। ଦଳର ଲକ୍ଷ ଲକ୍ଷ କର୍ମୀ ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ସାମାଜିକ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ସେମାନେ ଓଡ଼ିଶାବାସୀଙ୍କ ସେବା ଏବଂ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସଙ୍କଳ୍ପ ନେବା ସହ ଏକ ସଶକ୍ତ, ସମୃଦ୍ଧ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ବ୍ରତୀ ହେବେ ବୋଲି ଶପଥପାଠ କରିଛନ୍ତି।

ପ୍ରତିଷ୍ଠା ଦିବସ ଅବସରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦର ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାଜ୍ୟବାସୀଙ୍କୁ ବିଶ୍ୱାସ ଓ ଭରସା ଦେଇ କହିଛନ୍ତି ଯେ ପ୍ରବାଦପୁରୁଷ ବିଜୁବାବୁଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କ ହିତରେ କାର୍ଯ୍ୟ କରିବା ପାଇଁ ୧୯୯୭ ଡିସେମ୍ବର ୨୬ ତାରିଖରେ ବିଜୁ ଜନତା ଦଳ ପ୍ରତିଷ୍ଠା ହୋଇଥିଲା । ୨୬ ବର୍ଷ ଧରି ସେହି ଦଳ ନିରବଚ୍ଛିନ୍ନ ଭାବେ ଓଡ଼ିଶାବାସୀଙ୍କ ସେବାକରି ଆସୁଛି ଏବଂ ଓଡ଼ିଶାର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟକରି ଆସୁଛି। ସେବା ଓ ସାମାଜିକ ଅଙ୍ଗୀକାରବଦ୍ଧତା ଯୋଗୁ ଆଜି ଏହା ଦେଶର ଏକ ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବେ ପ୍ରଶଂସନୀୟ ପରିଚିତି ହାସଲ କରିଛି ଏବଂ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଏକ ଛୋଟ ଚାରାରୁ ମହାଦ୍ରୁମରେ ପରିଣତ ହୋଇଥିବା ବିଜେଡି ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଓ ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ ହୋଇ ନିଷ୍ଠାପର ଭାବେ କାମ କରିଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

୨୭ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

■ସମୃଦ୍ଧ, ସଶକ୍ତ, ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ସଙ୍କଳ୍ପ ନେଲେ ଅସଂଖ୍ୟ କର୍ମୀ

ଏହି ଅବସରରେ ସକାଳ ୭ଟାବେଳେ ଶଙ୍ଖ ଭବନରେ ବିଜୁ ଜନତା ଦଳର ପତାକା ଉତ୍ତୋଳନ କରାଯିବା ସହ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୮ଟାରେ ବିଜୁ ଜନତା ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ସାଇକେଲ ରାଲି କଟକର ଆନନ୍ଦ ଭବନରୁ ବାହାରି ସାଢ଼େ ୯ଟା ବେଳେ ବିମାନବନ୍ଦରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଏହି ସାଇକେଲ ଶୋଭାଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ବିଧାୟକ ସୌଭିକ୍ ବିଶ୍ୱାଳ, ରାଜେନ୍ଦ୍ର ସାହୁ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ରାଜ୍ୟ ଯୁବ ବିଜେଡି ଉପଦେଷ୍ଟା ପ୍ରଣବ ବଳବନ୍ତରାୟ, ରାଜ୍ୟ ଯୁବ ବିଜେଡିସଭାପତି ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ଦିବ୍ୟଶଙ୍କର ମିଶ୍ର, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ସମସ୍ତେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶଙ୍ଖଭବନରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ ହୋଇଥିଲା।

ମା'ମାନଙ୍କ ପାଇଁ ଆସନ ଛାଡ଼ିବାକୁ ପଡ଼ିବ: ପ୍ରଶାନ୍ତ

ଜଗତ୍‌ସିଂହପୁର, ୨୬।୧୨ (ପ୍ରମୋଦ କୁମାର ନାୟକ)

ଆସନ୍ତା ସାଧାରଣ ନିର୍ବାଚନରେ ଓଡ଼ିଶାର ୧୪୭ ବିଧାନସଭା ଆସନ ପାଇଁ ଦଳୀୟ ଟିକେଟ ବଣ୍ଟାହେବ। ଏହି ଟିକେଟ ପାଇବା ପାଇଁ ଆମ୍ଭେମାନେ ଚେଷ୍ଟା କରୁଛୁ। କିନ୍ତୁ କିଏ ଟିକେଟ ପାଇବେ ନ ପାଇବେ ସେଇଟା ଅଲଗା କଥା। ଏପରି କି ମୁଁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଟିକେଟ ପାଇବି କି ନାହିଁ ତାହା ବଡ଼ ପ୍ରଶ୍ନ ନୁହେଁ। ମଙ୍ଗଳବାର ସ୍ଥାନୀୟ ସାରଦା ମଣ୍ଡପ ପରିସରରେ ଅନୁଷ୍ଠିତ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପଦାଙ୍କ ଅନୁସରଣ କରି ନବୀନ ପଟ୍ଟନାୟକ ଆଗାମୀ ସାଧାରଣ ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩ ଭାଗ ବିଧାୟକ ପଦବୀ ସଂରକ୍ଷଣ କରିବାକୁ ଯାଉଛନ୍ତି। ଏହା ହେଲେ ଅନେକ ମା'ଙ୍କୁ

ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

ବିଜେଡି ଟିକେଟ୍ ମିଳିବ। ତେଣୁ ଆମେ ଯେଉଁମାନେ ବିଧାୟକ ଅଛୁ ପ୍ରତ୍ୟେକ ମା'ମଙ୍କୁ ଛାଡ଼ିବା ପାଇଁ ଏକପ୍ରକାର ମାନସିକସ୍ତରରେ ପ୍ରସ୍ତୁତ ହୋଇଗଲୁଣି। ବିଧାୟକ ମୁଦୁଲିଙ୍କ ଏହି ଉକ୍ତି ଉପସ୍ଥିତ କେତେଜଣ ଦଳୀୟ କର୍ମୀଙ୍କୁ ଅତିଷ୍ଠ କରି ଦେଇଥିଲା। ଏପରି କି କେତେଜଣ ପ୍ରଶାନ୍ତ ମୁଦୁଲି ଜଗତ୍‌ସିଂହପୁରରୁ ବିଜେଡି ପ୍ରାର୍ଥୀ ହୁଅନ୍ତୁ ବୋଲି ଚିତ୍କାର କରିଥିଲେ। ଏହି ସମୟରେ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ବିଧାୟକ ମୁଦୁଲି ସମର୍ଥକମାନଙ୍କୁ ଚୁପ ରହିବାକୁ କହିବା ସହ ପ୍ରସଙ୍ଗର ଦିଗ ବଦଳାଇ ଦେଇଥିଲେ। ଜିଲାର ସ୍ୱାସ୍ଥ୍ୟସେବା ଉପରେ ସେ କହିଥିଲେ, ଜିଲା ମୁଖ୍ୟ ଚିକିତ୍ସାଳୟ ଶଯ୍ୟା ସଂଖ୍ୟା ୩୦୦କୁ ବୃଦ୍ଧି ପାଇଛି। ଏନେଇ ନିକଟରେ ସର୍ବେକ୍ଷଣ ସରିଛି। ଆଗକୁ ଜିଲାର କୌଣସି ଜଣେ ରୋଗୀ ଯେପରି କଟକ ବଡ ଡାକ୍ତରଖାନା ନ ଯିବେ ସେନେଇ ପଦକ୍ଷେପ ନିଆଯାଉଛି। ବିକାଶ ଚାଲିଥିଲେ ସୁଦ୍ଧା ବ୍ୟକ୍ତିଗତସ୍ତରରେ କିଛି ଅଭାବ, ଅସୁବିଧା ରହିଯାଇଛି। ବିଶେଷକରି ଚାଉଳ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେଜଣ ବାସଗୃହରୁ ବଞ୍ଚିତ ରହିଛନ୍ତି। କିନ୍ତୁ ଏହି ସଂଖ୍ୟା ନଗଣ୍ୟ। ଆଗାମୀ ଦିନରେ ସେସବୁର ସମାଧାନ ହୋଇଯିବ ବୋଲି ବିଧାୟକ ମୁଦୁଲି କହିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଗୋଷ୍ଠୀ ବିବାଦ ପରୋକ୍ଷରେ ପଦାକୁ ଆସିଥିଲା। କେତେଜଣ ନେତା ଅସନ୍ତୁଷ୍ଟଙ୍କ ଉପରେ ବର୍ଷିଥିଲେ। ବିଶେଷକରି ଗତ ପୌର ନିର୍ବାଚନରେ ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀଙ୍କ ପରାଜୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଜେଡି ପ୍ରାର୍ଥୀ ବହୁ ଭୋଟରେ ଜିତିଥାନ୍ତେ। କିନ୍ତୁ ପରୋକ୍ଷରେ ଦଳର ପୂର୍ବତନ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କୁହାଯାଇଥିଲା ଯେ, କେତେଜଣ କୁଚକ୍ରିଙ୍କ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ସେମାନଙ୍କୁ ସତର୍କ ରହିବାକୁ ପଡ଼ିବ ବୋଲି ଏହି କାର୍ଯ୍ୟକ୍ରମରେ ଚେତାବନୀ ଦିଆଯାଇଥିବା ଦେଖିବାକୁ ମିଳିଛି।

୬ଷ୍ଠ ଥର ହାତେଇବାକୁ ଶାସକ ଦଳର ରଣନୀତି

ଫୁଲବାଣୀ,୨୬।୧୨(ରାକେଶ କୁମାର ରାଉତ)

ଶାସକ ବିଜୁ ଜନତା ଦଳ(ବିଜେଡି) ୨୦୦୦ ମସିହାରୁ କନ୍ଧମାଳ ଜିଲା ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀକୁ ହାତରେ ରଖିଆସିଛି । ଏଥର ୬ଷ୍ଠ ପାଳିରେ ମଧ୍ୟ ବିଜେଡି ଏହି ସିଟ୍‌କୁ ହାସଲ କରିବାକୁ ରଣନୀତି ପ୍ରସ୍ତୁତ କରିଚାଲିଛି । କିନ୍ତୁ ଦଳ ପୁଣି ନୂଆ ନା ପୁରୁଣା ମୁହଁଙ୍କୁ ସୁଯୋଗ ଦେବ, ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ସେପଟେ ବିରୋଧୀ ଭାଜପା ଏବଂ କଂଗ୍ରେସର ରାଜନୈତିକ ତତ୍‌ପରତା ସେଭଳି ଦୃଷ୍ଟିଗୋଚର ହେଉନାହିଁ। କହିବାକୁ ଗଲେ ଭାଜପାରେ କିଛି ନୂଆ ମୁହଁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ସ୍ଥିତି ଅସ୍ପଷ୍ଟ ରହିଛି।

ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ । ଏହା ଫୁଲବାଣୀ ପୌରପାଳିକା ସମେତ ଫୁଲବାଣୀ, ଫିରିଙ୍ଗିଆ, ଖଜୁରିପଡ଼ା ଓ ଚକାପାଦ ବ୍ଲକକୁ ନେଇ ଗଠିତ। ପୂର୍ବରୁ କଂଗ୍ରେସର ଗଢ଼ ଭାବେ ପରିଚିତ ଏହି କ୍ଷେତ୍ରକୁ ୨୦୦୦ ମସିହାରୁ ବିଜେଡି ନିଜ ଅକ୍ତିଆରରେ ରଖି ତା'ର ପ୍ରଭାବ ବିସ୍ତାର କରିଚାଲିଛି। ଗତ ତିନୋଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ଭାଜପା କ୍ରମାଗତ ଶକ୍ତି ବୃଦ୍ଧି କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ପଦ୍ମନାଭ ବେହେରା ଏଠାରୁ ଦୁଇ ଥର ବିଧାୟକ ହୋଇ ମନ୍ତ୍ରୀ ହେବାର ସୁଯୋଗ ପାଇଥିଲେ। ସେ ୧୯୯୦ରେ ଜନତା ଦଳ ଓ ୨୦୦୪ରେ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟଲାଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବୀରମହାରାଜପୁର ଯିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀମାନେ ବାରମ୍ବାର ବିଜୟୀ ହୋଇଆସୁଛନ୍ତି। ପଦ୍ମନାଭଙ୍କ ପରେ ୨୦୦୯ରେ ଦେବେନ୍ଦ୍ର କହଁର, ୨୦୧୪ରେ

ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ

ଦୁଗୁନି କହଁର ଓ ୨୦୧୯ରେ ଅଙ୍ଗଦ କହଁର ଦଳୀୟ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ଏଭଳି ସ୍ଥିତିରେ ବର୍ତ୍ତମାନର ବିଧାୟକ ଅଙ୍ଗଦଙ୍କୁ ଦଳ ପୁନର୍ବାର ସୁଯୋଗ ଦେବା ଭଳି ଦେଖାଯାଉନାହିଁ ବୋଲି ଆଲୋଚନା ହେଉଛି । ଦୁଗୁନି ସମ୍ଭବତଃ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛନ୍ତି। କାରଣ ତାଙ୍କୁ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ବାକି ରହିଲେ ଫୁଲବାଣୀ ଅଞ୍ଚଳର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର । ବିଗତ ଦୁଇଟି ସାଧାରଣ ନିର୍ବାଚନରେ ସେ ଆଶାୟୀ ଥିଲେ ମଧ୍ୟ ଦଳୀୟ ଟିକେଟ ହାତେଇପାରି ନ ଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ପ୍ରୟାସ ଜାରି ରଖିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ଫୁଲବାଣୀ ବ୍ଲକରୁ କେବଳ ଦେବେନ୍ଦ୍ରଙ୍କୁ ବାଦ୍ ଦେଲେ ବିଜେଡି ସବୁ ନିର୍ବାଚନରେ ଫିରିଙ୍ଗିଆ ବ୍ଲକରୁ ହିଁ ପ୍ରାର୍ଥୀ ଚୟନ କରିଛି। ତେଣୁ ଆଗାମୀ ନିର୍ବାଚନରେ ଏହି ଧାରା ବଦଳିବ କି ଅପରିବର୍ତ୍ତିତ ରହିବ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜାରି ରହିଛି। ଫିରିଙ୍ଗିଆ ବଡ଼ ବ୍ଲକ ହୋଇଥିବା ବେଳେ ପଦ୍ମନାଭ ବେହେରାଙ୍କ ଏହା ନିଜସ୍ୱ ଅଞ୍ଚଳ । ଏବେ ବି ଜିଲା ରାଜନୀତିରେ ତାଙ୍କ ପ୍ରଭାବ ରହିଛି। ଆଗାମୀ ପ୍ରାର୍ଥୀ ମଧ୍ୟ ଏଠାରୁ ହେବା କିଛି ଅସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି। ବିଜୟ ସମ୍ଭାବନା ଦୃଷ୍ଟିରୁ ଅନ୍ୟ ଦଳ ଅପେକ୍ଷା ବିଜେଡି ଆଗୁଆ ରହିଛି ।

ଗତ ପଞ୍ଚାୟତ ନିର୍ବାଚନରେ ୬ଟି ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି ୪ଟିରେ ବିଜୟୀ ହୋଇଥିବା ବେଳେ ଭାଜପାକୁ ଦୁଇଟି ଆସନ ମିଳିଥିଲା । କଂଗ୍ରେସ ଖାତା ଖୋଲି ପାରି ନ ଥିଲା । ୧୯୮୫ରେ ଶେଷଥର ପାଇଁ ଅଭିମନ୍ୟୁ ବେହେରା କଂଗ୍ରେସ ପ୍ରାର୍ଥୀ ହିସାବରେ ଫୁଲବାଣୀ ବିଧାୟକ ହୋଇଥିଲେ। ତା' ପରଠାରୁ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଗତ ସମସ୍ତ ନିର୍ବାଚନରେ କଂଗ୍ରେସ ନୂଆ ନୂଆ ପ୍ରାର୍ଥୀଙ୍କୁ ନେଇ ପରୀକ୍ଷା କରିଛି। କିନ୍ତୁ ସଫଳ ହୋଇନାହିଁ। ୨୦୨୪ ପାଇଁ ମଧ୍ୟ ଦଳରେ କୌଣସି ଉଦୀୟମାନ ପ୍ରାର୍ଥୀ ଦେଖାଯାଉ ନ ଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ତୁଳନାରେ ଭାଜପାର ଭୋଟ ହାର ଅପେକ୍ଷାକୃତ ଭଲ ଥିଲେ ମଧ୍ୟ କିଏ ପ୍ରାର୍ଥୀ ହେବେ, ତାହା ଏବେ ସମସ୍ତଙ୍କ ଅଗୋଚରରେ ରହିଛି।

ବିଜେଡି ଧାନକିଣାରେ ଟଙ୍କା ଆଦାୟ କରୁଛି: ଭାଜପା

ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)

ଧାନକିଣାରେ ଏକ ବଡ ସିଣ୍ଡିକେଟ୍ କାମ କରୁଛି। ରାଜ୍ୟ ସରକାରଙ୍କ କୃଷି, ଯୋଗାଣ ଏବଂ ସମବାୟ ବିଭାଗର ମିଳିତ ମଧ୍ୟୁଚନ୍ଦ୍ରିକାରେ ମିଲର୍ସମାନେ ସାମିଲ ଅଛନ୍ତି। ଧାନ କିଣାରେ ବର୍ଷକୁ ହଜାରେ କୋଟି ଟଙ୍କାର ଦଳୀୟ ପାଣ୍ଠି ବିଜେଡି ସଂଗ୍ରହ କରୁଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି ଯେ, ବାସ୍ତବରେ ବିଜେଡି ରାଜ୍ୟ ଚାଷୀକୁଳର କାଳ ସାଜିଛି। ରାଜ୍ୟର ଚାଷୀଙ୍କ କୌଣସି ଅର୍ଥନୈତିକ ଉନ୍ନତି ହୋଇନାହିଁ। ବିଜେଡିର ୨୪ ବର୍ଷର ଶାସନରେ ଚାଷୀଙ୍କ ମୁଣ୍ଡ ପିଛା ଆୟ ମାତ୍ର ୨୭ ଟଙ୍କା ବଢିଛି । ବିଜେଡି ଶାସନକୁ ଆସିବା ସମୟରେ ଚାଷୀଙ୍କ ଆୟ ମାତ୍ର ୫୦୮୫ ଟଙ୍କା ଥିଲା। ଏବେ ୨୪ ବର୍ଷ ପରେ ଏହା ବୃଦ୍ଧି ପାଇ ମାତ୍ର ୫୧୧୨ ଟଙ୍କାରେ ପହଞ୍ଚିଛି। ରାଜ୍ୟରେ ଚାଷୀଙ୍କ ଆୟ ସର୍ବଭାରତୀୟ ସ୍ତରର ଆୟଠାରୁ ସବୁଠାରୁ କମ୍ ଏବଂ ବ୍ୟୟରେ ମଧ୍ୟ କମ୍ । ଏହା ଚାଷୀଙ୍କୁ ବିଜେଡି ସରକାରର ସବୁଠୁ ବଡ ଉପହାର କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଧାନ କଟା କାର୍ଯ୍ୟ ଆରମ୍ଭ ହୋଇସାରିଛି। ବିଶେଷ ଭାବେ ପଶ୍ଚିମ ଓଡିଶାରେ ଏହି କାର୍ଯ୍ୟ ବହୁ ଜୋର୍‌ରେ ଧରିଛି। ମହା ଆଡମ୍ବରରେ ଲଘୁକ୍ରିୟା ସଦୃଶ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଓ ଅବ୍ୟବସ୍ଥିତ ମଣ୍ଡି ବ୍ୟବସ୍ଥା। ଘୋଷଣା ସର୍ବସ୍ୱ ବିଜେଡି ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ସୁବ୍ୟବସ୍ଥିତ ମଣ୍ଡି କାର୍ଯ୍ୟକାରୀ କରିବାରେ ଅକ୍ଷମ ବୋଲି ପ୍ରମାଣିତ ହୋଇଛି । କଟନୀ ଛଟନୀର ଶିକାର ହେଉଥିବା ଚାଷୀକୁଳ ଆଜି ମଧ୍ୟ ଅଭାବୀ ବିକ୍ରିର ଶିକାର ହେଉଛନ୍ତ ବୋଲି ମନୋଜ କହିଛନ୍ତି।

ଆଦିବାସୀଙ୍କ ଉନ୍ନତି ପାଇଁ କିଛି କରିନାହାନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଏକ ଆଦିବାସୀ ବିରୋଧୀ ସରକାର ଚାଲିଛି। ଦୀର୍ଘ ୨୪ ବର୍ଷ ଶାସନରେ ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ଏ ସରକାର କେବେ କାର୍ଯ୍ୟ କରିନାହିଁ। ତତ୍କାଳୀନ ବିଜେଡି-ଭାଜପା ମେଣ୍ଟ ସରକାର ୨୦୦୬ ଜାନୁୟାରୀ ୨ରେ ଟାଟା କମ୍ପାନୀକୁ ଜମି ଯୋଗାଇଦେବା ଉଦ୍ଦେଶ୍ୟରେ କଳିଙ୍ଗନଗରଠାରେ ୧୩ ଜଣ ନିରୀହ ଆଦିବାସୀଙ୍କୁ ଗୁଳିକରି ହତ୍ୟାକଲେ। କଳିଙ୍ଗନଗର ନରସଂହାର ଏ ଅର୍ଦ୍ଧଶତାବ୍ଦୀ ଇତିହାସରେ ସବୁଠୁ ବର୍ବରୋଚିତ, ଲୋମହର୍ଷଣକାରୀ ଓ ସରକାର ପ୍ରାୟୋଜିତ ହତ୍ୟାକାଣ୍ଡ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ନିଜ ଭିଟାମାଟି ପାଇଁ ସଂଗ୍ରାମ କରୁଥିବା ନିରୀହ ଆଦିବାସୀଙ୍କ ରକ୍ତରେ ବିଜେଡି-ଭାଜପା ମେଣ୍ଟ ସରକାର ସେତେବେଳେ ହୋଲି ଖେଳିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡ ବିରୋଧରେ ଭାଜପା ମୁହଁ ଖୋଲି ନ ଥିଲା। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କଳିଙ୍ଗ ନଗର ଆସି ଏହାକୁ 'ଗ୍ରେଟ୍ ଟ୍ରାଜେଡି' ବୋଲି କହିଥିଲେ। ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଲକ୍ଷେ ଟଙ୍କା ଏବଂ ତତ୍କାଳୀନ ଉପା ସରକାର ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖା ଦିଆଯାଇଥିଲା। ସାରା ରାଜ୍ୟର ବିଭିନ୍ନ ଜିଲାରେ ଆଦିବାସୀ ସମ୍ପ୍ରଦାୟ ପ୍ରତି ରାଜ୍ୟ ସରକାରଙ୍କ କ୍ରୁର ଆଚରଣ ଅତ୍ୟନ୍ତ ନିନ୍ଦନୀୟ। କଳିଙ୍ଗନଗର ଭଳି ରାୟଗଡ଼ା ଜିଲାର ମାଇକଞ୍ଚ, ନବରଙ୍ଗପୁର ଜିଲାର ରାଇଘର ଓ କନ୍ଧମାଳ ଜିଲାର ଗୁମୁଡୁମାହାଠାରେ ଏବଂ ଓଡ଼ିଶାର ବିଭିନ୍ନ ଜିଲାରେ ରାଜ୍ୟ ସରକାର ଆଦିବାସୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ବେଦାନ୍ତ କମ୍ପାନୀ

ପଏଣ୍ଟ ଭାଗକଲା ଓଡ଼ିଶା ଜଗରନଟ୍ସ

ଭୁବନେଶ୍ୱର, ୨୬।୧୨
(ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚଟି ୩୪-୩୪ ପଏଣ୍ଟରେ ଅମୀମାଂସିତ ରହିଛି। ଫଳରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା

ଅଲ୍‌ଟିମେଟ ଖୋ ଖୋ

ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ପଏଣ୍ଟ ଭାଗ କରିଛନ୍ତି। ଓଡ଼ିଶା ଦଳ ପକ୍ଷରୁ ଦୀପକ ସାହୁ ସର୍ବାଧିକ ୮ ପଏଣ୍ଟ ହାସଲ କରିଥିଲେ। ସେହିପରି ଚେନ୍ନାଇ ପକ୍ଷରୁ ରାମ୍‌ଜି କାଶ୍ୟପ ୮ ପଏଣ୍ଟ ପାଇଥିଲେ। ଏହା ମଧ୍ୟରେ ୩ ଦର୍ଶନୀୟ ସ୍କାଏଡାଇଭ୍ସ ପଏଣ୍ଟ ସାମିଲ ଥିଲା। କେବଳ ସେତିକି ନୁହେଁ ସେ ଲକ୍ଷ୍ମଣ ଗାଓ୍ୱାସଙ୍କ ସହ ୫.୨୮ ମିନିଟ ତିଷ୍ଠି ବୋନସ ପଏଣ୍ଟ ହାସଲ କରିଥିଲେ। ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ୨ଟି ଲେଖାଏ ମ୍ୟାଚରୁ ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ଗୁଜରାଟ ଜାଏଣ୍ଟ୍ସ ୨ ମ୍ୟାଚରୁ ୬ ପଏଣ୍ଟ ସହ ଶୀର୍ଷସ୍ଥାନ ଅଧିକାର କରିଛି।



ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ରାଜକିଶୋର ମହାନ୍ତି)

ଗୁଜରାଟ ଜାଏଣ୍ଟ୍ସର କ୍ରମାଗତ ଦ୍ୱିତୀୟ ବିଜୟ

ଗୁଜରାଟ ଜାଏଣ୍ଟ୍ସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗୁଜରାଟ ୩୪-୩୦ ପଏଣ୍ଟରେ ମୁମ୍ବାଇ ଖିଲାଡିଜ୍‌କୁ ପରାସ୍ତ କରିଛି। ଫଳରେ ମୁମ୍ବାଇ ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଗୁଜରାଟ ପକ୍ଷରୁ ଅଭିନନ୍ଦନ ପାଟିଲ ୧୪ ପଏଣ୍ଟ ହାସଲ କରି ହିରୋ ବିବେଚିତ ହୋଇଥିଲେ। ସେହିପରି ଫୈଜନ୍‌ଖା ପଠାନ, ସୁୟାଶ ଗାର୍ଗାଟେ ଓ ଶୁଭମ ଥୋରାଟ୍ ୫ ମିନିଟରୁ ଅଧିକ ସମୟ ପର୍ଯ୍ୟନ୍ତ ମ୍ୟାଚରେ ତିଷ୍ଠିରହି ଗୁଜରାଟ ବିଜୟରେ ଯୋଗଦାନ ଦେଇଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଖିଲାଡିସ୍ ପକ୍ଷରୁ ରୋହନ କୋରେ ସର୍ବାଧିକ ୮ ପଏଣ୍ଟ ହାସଲ କରିଥିଲେ। ମୁମ୍ବାଇ ଖିଲାଡିଜ ବୁଧବାର ଡିଫେଣ୍ଡିଂ ଚାମ୍ପିୟନ୍ ଓଡିଶା ଜଗରନଟ୍ସକୁ ଭେଟିବ। ଅନ୍ୟ ଏକ ମ୍ୟାଚରେ ରାଜସ୍ଥାନ ୱାରିୟର୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ମୁକାବିଲା ହେବ।

କ୍ରିଷ୍ଣାଙ୍କ ଗୋଲ୍‌ରେ ଓଏଫ୍‌ସି ବିଜୟୀ

ନୂଆଦିଲ୍ଲୀ, ୨୬।୧୨

ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୦ ଗୋଲ୍‌ରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି। ଦଳ ପକ୍ଷରୁ ରୟ କ୍ରିଷ୍ଣା ୨୧ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଚଳିତ ସିଜନରେ ଏହା ହେଉଛି ତାଙ୍କର ୫ମ ବ୍ୟକ୍ତିଗତ ଗୋଲ୍। ସୋମବାର ମ୍ୟାଚରେ ଓଡ଼ିଶା ଏଫ୍‌ସି ପ୍ରଧାନ୍ୟ

ଗୋଲ୍ ଦେବା ପରେ ରୟ କ୍ରିଷ୍ଣା।

ବିସ୍ତାର କରି ଆକ୍ରମଣାତ୍ମକ ଖେଳିଥିଲା। କିନ୍ତୁ ବିପକ୍ଷ ଦଳ ଡିଫେନ୍ସର ଦୃଢ଼ ପ୍ରତିରୋଧ ଯୋଗୁ ଦଳ ଅଧିକ ଗୋଲ ସ୍କୋର କରିପାରି ନ ଥିଲା। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୧୧ଟି ମ୍ୟାଚରେ ଏହା ହେଉଛି ୬ଷ୍ଠ ବିଜୟ। ଦଳ ୨୧ ପଏଣ୍ଟ ସହ ଗୋଆ (୨୩ ପଏଣ୍ଟ) ଓ କେରଳ ବ୍ଲାଷ୍ଟର୍ସ (୨୩ ପଏଣ୍ଟ) ପଛକୁ ଆଇଏସ୍‌ଏଲ ଲିଗ୍ ଟେବୁଲରେ ତୃତୀୟ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୨୯ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ରାଜ୍ୟ ଡେଡ୍‌ଲିଫ୍ଟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ନ୍ୟାଶନାଲ ୟୁନିଭର୍ସିଟି ଆଥଲେଟିକ୍ସ ଉଦ୍‌ଘାଟିତ

ପଦକ ପ୍ରଦାନ ଅବସରରେ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ଭୁବନେଶ୍ୱର, ୨୬।୧୨
(ବିଜୟ ରଣା)

କିଟ୍ ଓ କିସ୍ ଆଥଲେଟିକ୍ସ ଷ୍ଟାଡିୟମରେ ନ୍ୟାଶନାଲ ୟୁନିଭର୍ସିଟି ଆଥଲେଟିକ୍ସ ଚାମ୍ପିୟନଶିପ୍ (ପୁରୁଷ ଓ ମହିଳା) ସୋମବାରଠାରୁ ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର କ୍ରୀଡ଼ା ଓ କ୍ରୀଡ଼ାବିଦ୍‌ମାନଙ୍କୁ ଉତ୍ସାହିତ କରିଆସୁଛନ୍ତି। ଛାତ୍ରମାନଙ୍କର ଦିନକୁ ଦିନ ଖେଳ ପ୍ରତି ଆଗ୍ରହ ବଢିବାରେ ଲାଗିଛି। ଚାମ୍ପିୟନଶିପ୍‌ରେ ୪୦୦ରୁ ଅଧିକ ୟୁନିଭର୍ସିଟିର ୪୫୦୦ରୁ ଊର୍ଦ୍ଧ୍ୱ ଆଥଲେଟ ଏବଂ ପାଖାପାଖି ୫୦୦କୋଚ୍ ଓ ଅଫିସିଆଲ ଭାଗ ନେଉଛନ୍ତି। ଆଥଲେଟଙ୍କ ମଧ୍ୟରେ ବହୁ ଅଲିମ୍ପିଆନ, ଏସିଆଡ୍ ପଦକ ବିଜେତା ବ୍ୟତୀତ ବହୁ ଅନ୍ତର୍ଜାତୀୟ ଆଥଲେଟ ରହିଛନ୍ତି। ୨୯ତାରିଖରେ ଉଦ୍‌ଯାପିତ ହେବାକୁଥିବା ଏହି ଚାମ୍ପିୟନଶିପ୍‌ରେ ୫,୦୦୦ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ସମସ୍ତ ଖେଳାଳି, କୋଚ୍ ଓ ଅଫିସିଆଲଙ୍କ ଲାଗି କିଟ୍‌ରେ ଖାଦ୍ୟ ଓ ରହଣୀ ବ୍ୟବସ୍ଥା କରାଯାଇଥିବା କିଟ୍-କିସ୍‌ର ଯୋଗ ଓ କ୍ରୀଡ଼ା ମହାନିର୍ଦ୍ଦେଶକ ଡକ୍ଟର ଗଗନେନ୍ଦୁ ଦାଶ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଆଥଲେଟ ଅମିୟ ମଲିକ, ଏଆଇୟୁ ଅବଜରଭର ପ୍ରଫେସର ତାରାକାନ୍ତ ପଟ୍ଟନାୟକ, ଭିସି କିଟ୍ ପ୍ରଫେସର ସରଣଜିତ ସିଂ ଏବଂ ରେଜିଷ୍ଟ୍ରାର ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଆଇସିସି ସହ କୋକାକୋଲାର ଚୁକ୍ତି

ନୂଆଦିଲ୍ଲୀ,୨୬।୧୨(ପି.ଟି.)

ମୃଦୁ ପାନୀୟ କମ୍ପାନୀ କୋକାକୋଲା ସହିତ ଆଇସିସି ଏହାର ସହଭାଗିତା ୨୦୩୧ ଯାଏ ବୃଦ୍ଧି କରିଛି। ମଙ୍ଗଳବାର ଚୁକ୍ତି ନବୀକରଣ ହୋଇଥିବା ବେଳେ ଆସନ୍ତା ୮ ବର୍ଷ ଯାଏ ଉଭୟ ମିଳିତ ଭାବରେ କାର୍ଯ୍ୟ କରିବା ସ୍ପଷ୍ଟ ହୋଇଛି। ଫଳରେ ୨୦୧୯-୨୦୩୧ ଯାଏ ଉଭୟଭ ମିଳିତ ଭାବରେ କାର୍ଯ୍ୟ କରିବେ। ଏହି ସମୟ ସୀମା ମଧ୍ୟରେ ଆଇସିସି ଦିନକିଆ ବିଶ୍ୱକପ, ଆଇସିସି ଟି୨୦ ବିଶ୍ୱକପ ଓ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ କୋକାକୋଲା ଓ ଆଇସିସି ମଧ୍ୟରେ ସହଭାଗିତା ଦେଖିବାକୁ ମିଳିବ। ଆଟଲାଣ୍ଟାର ଏହି କମ୍ପାନୀ ୨୦୧୯ରେ ପ୍ରଥମ ଥର ଆଇସିସି ସହ ଚୁକ୍ତି କରିଥିଲା। ଭାରତରେ ଖେଳା ଯାଇଥିବା ଦିନକିଆ କ୍ରିକେଟ ବିଶ୍ୱକପ ୨୦୨୩ରେ ଥମ୍‌ସ ଅପ୍ ଓ ଲିମ୍‌କା ସ୍ପୋର୍ଟ୍ସର ବିଜ୍ଞାପନ ଦେଖିବାକୁ ମିଳିଥିଲା। ସେହିପରି ସ୍ପ୍ରାଇଟ୍ ପକ୍ଷରୁ 'ଠଣ୍ଡ ରଖ' ନାମରେ ଏକ କ୍ୟାମ୍ପେନ ଚଳା ଯାଇଥିଲା। ପ୍ରତିଦ୍ୱନ୍ଦୀ ମୃଦୁ ପାନୀୟ କମ୍ପାନୀକୁ ଟକ୍କର ଦେବା ପାଇଁ ଆଇସିସି ସହିତ ଚୁକ୍ତି ୮ ବର୍ଷ ବୃଦ୍ଧି କରାଯାଇଛି।

ଡେଡ୍‌ଲିଫ୍ଟରେ ଭାଗନେଲେ ୨୫୦ ପ୍ରତିଯୋଗୀ

ଭୁବନେଶ୍ୱର, ୨୬।୧୨
(ତପନ ସ୍ୱାଇଁ)

ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ କରାଟେ ସ୍କୁଲ ପରିସରରେ ଶକ୍ତିଉତ୍ତୋଳନର ଡେଡ୍‌ଲିଫ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ଜିଲାରୁ ପାଖାପାଖି ୨୫୦ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଆରମ୍ଭରେ ପୂର୍ବତନ ଶକ୍ତିଉତ୍ତୋଳକ ତଥା ରାଜ୍ୟ ସଂଘ ସଦସ୍ୟ ଚିତ୍ତରଞ୍ଜନ ମିଶ୍ରଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିଯୋଗୀଙ୍କ ସଂଖ୍ୟା ଆଶାତୀତଭାବେ ବୃଦ୍ଧି ପାଇଥିବାରୁ ପ୍ରଥମଥରପାଇଁ ୨ଟି ଷ୍ଟେଜରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁରେନ୍ଦ୍ର ନାଥ ଗୌଡ଼ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଦୁର୍ଗା ସାମନ୍ତରାୟ, ଚିତ୍ତରଞ୍ଜନ ସ୍ୱାଇଁ, ହରିପ୍ରସାଦ ପଟ୍ଟନାୟକ, ସମରେନ୍ଦ୍ର ରାଉତରାୟ, ପ୍ରଦୀପ କୁମାର ପାତ୍ର, ଅନୁପମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

Government of Odisha
OFFICE OF THE EXECUTIVE ENGINEER, RURAL WORKS DIVISION, JEYPORE
e-Procurement for Road Works
Bid Identification No: EERWJYP-Online-13/2023-24

Letter No.4951 **Date:21.12.2023**

No.O-1989:01.Name of the Work:Building Works, 02.Total Number of Works: 01 (One) No. 03.Approximate Estimated Cost: Rs.71.35 Lakhs (approximately), 04.Class of Contractor: "B" Class. 05. Period of Completion: within 6 months, 06. Other details:

Procurement Officer	Bid Identification No.	Sl.No. of work in notice	Availability of Tender online for bidding		Last date and time of seeking tender clarificaton	Date of Technical Bid
			From	To		
Executive Engineer, R.W.Division, Jeypore	Online Tender/13/ RWD-JYP/2023-24	Sl.No.1	30.12.2023 at 11.00 A.M.	14.01.2024 upto 5.00 PM	12.01.2024 at 01.30 P.M.	15.01.2024 at 11.00 A.M.

Further details can be seen from the website www.tendersodisha.gov.in./nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
* N.B.: Any Addendum or Corrigendum will be available in the website only.
OIPR- 25160/11/0014/2324 **Sd./- Executive Engineer, Rural Works Division, Jeypore**

GOVERNMENT OF ODISHA
"e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Short Tender Call Notice
E-mail: rbcirclekhurda@gmail.com
Bid Identification No.CCE-Khordha (R&B) Circle-38/2023-24
Memo No.2941, Dt.22.12.2023

No.B-1497: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Temple works as detailed in the table below.
1. Nature of Work: Temple & Building Works, 2. No. of Work: 2 Nos. 3. Tender Cost: Rs.10000.00 (Online). 4. Class of Contractor: B & A Class. 5. Available of Bid document in the website: From 10.00 AM of Dt.27.12.2023 upto 05.00 PM of Dt.03.01.2024 upto 5.00 PM. 6. Date of Opening of Bid: Dt.04.01.2024 at 11.30 AM. 7. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0047/2324

ପୌରପାଳିକା କାର୍ଯ୍ୟାଳୟ,ଢେଙ୍କାନାଳ
ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧
ଇ-ମେଲ୍: dhenkanalm.hud@gmail.com
ପତ୍ର ସଂଖ୍ୟା-5142 ତା.26.12.2023 ରିଖ
ଅଭିବ୍ୟକ୍ତି ପ୍ରକାଶନ (EXPRESSION OF INTEREST)

No.C-2203:ଏତଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ୨୩ ଗୋଟି ୱାର୍ଡର ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ପୁରୁଣା ବର୍ଜ୍ୟବସ୍ତୁ (**Legacy Waste**) ପରିଚାଳନା ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା (**Implementing Agency/Implementing Partner**) ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ଏବଂ ଯୋଗ୍ୟ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) ମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା.୦୬.୦୧.୨୦୨୪ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଅଭିବ୍ୟକ୍ତି ପ୍ରକାଶନଟି ତା.୦୬.୦୧.୨୦୨୪ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନପତ୍ର ଢେଙ୍କାନାଳ ଜିଲ୍ଲା ୱେବସାଇଟ୍ www.dhenkanal.nic.in ଏବଂ ଢେଙ୍କାନାଳ ପୌରପାଳିକା ୱେବସାଇଟ www.dhenkanalmunicipality.com ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପାର ଉପରେ "ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ (Legacy Waste)" କାର୍ଯ୍ୟର ଆବେଦନ ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ହେବେ ।

ବି.ଦ୍ର.:- ଯେକୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି EXPRESSION OF INTEREST କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି ।

ସ୍ୱା./-ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା
OIPR-13146/11/0039/2324

Government of Odisha
Sports & Youth Services Department
Sports Hostel, Bhubaneswar
Email ID:sportshostelbhubaneswar@gmail.com
Quotation/Tender Call Notice
No.536, Dt.22.12.2023

No.TT-36: Sports & Youth Services Department, Government of Odisha invites sealed quotations/ tenders from reputed Travel Agencies/ Tour Operators/ Private Individuals for hiring of Bus on monthly basis for Sports Hostel inmates, Bhubaneswar. The details of the document are available at the below mentioned website.
Website: http://sports.odisha.gov.in.
Interested firms/ parties/ agencies are advised to study the Quotation/ Tender Call Notice carefully before submitting their bids.
Important Dates and Information:
Bid Publication date - 23.12.2023
Pre-Bid meeting date & time - 03.01.2024
Last date and time of submission of proposal -Date 08.01.2024, Time: 03.00 PM.
Opening of the Technical Bid -Date 08.01.2024, Time 04.00 PM
Sd./- Officer-in-Charge
Sports Hostel, Bhubaneswar
OIPR-29001/11/0128/2324

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER
EASTERN MINOR IRRIGATION CIRCLE, KEONJHAR
Tel.No.(06766) 254768, e-Mail ID:seemickeonjhar@yahoo.com
"e" Procurement Notice
Identification No.02 EMIC (KJR/2023-24)

No.A-1079: The Additional Chief Engineer, Eastern Minor Irrigation Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1.	Name of the Works	:	Civil Construction Work
2.	Total No. of Works	:	05 (Five)
3.	Estimated Cost	:	Varies from Rs.90.84 Lakh to 151.21 Lakh (Approx.)
4.	Class of Contractor	:	As mentioned against work
5.	Period of Completion	:	As mentioned against work
6.	Date & time of availability of bid document in the portal	:	30.12.2023 at 10.00 AM to 11.01.2024 upto 5.00 PM
7.	Last date/time for receipt of bid in the portal	:	11.01.2024 upto 5.00 PM
8.	Date/Time of Opening of Technical Bid	:	12.01.2024 at 11.30 AM at Office of the Addl.C.E., Eastern Minor Irrigation Circle, Keonjhar
9.	Date/Time of Opening of Financial Bid	:	19.01.2024 at 11.30 AM
10.	Name & Address of the Officer Inviting the Bid	:	Addl. Chief Engineer, Eastern Minor Irrigation Circle, Keonjhar
11.	Mode of Payment of Bid cost & Bid Security	:	Online

12. Further details can be seen from the "e" Procurement Portal **https://tendersorissa.gov.in.**

Sd./- Additional Chief Engineer
Eastern Minor Irrigation Circle, Keonjhar
OIPR-32270/11/0003/2324

No.CAD-3409
obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.11466 **Date:21.12.2023**
File: PCF-941
NOTICE INVITING TENDER

1.	Name of Work	Supply, Installation & Testing & Architecture Engineering & Construction Collection Commercial Single User Annual Subscription Renewal.
2.	Quantity	5 (Five)
3.	Bid Identification No.	77/Tender/OBCC/2023-24
4.	Class of Contractor	Authorised Supplier/ dealer/ Manufacturer
5.	Bid Processing Fee (only in online mode)	Rs.4,720.00 (Including GST)
6.	Date of availability of bid document in e-procurement Portal	From Dt.27.12.2023
7.	Last date & time of receipt of online Bid	Upto 4.00 PM on 08.01.2024
8.	Date of Bid Opening	08.01.2024 at 4.30 PM

9. Further details can be seen from the e-Procurement portal https://www.tendersodisha.gov.in.
10. OBCC has the right to accept or reject the Notice/ DTCN without assigning any reason thereof.

Sd./- Sr. Chief General Manager-I
OIPR-34161/11/0096/2324

Government of Odisha
Sports & Youth Services Department
Reference No:--PT1-SYS-SH-SH-0015-2015/ **Date:22.12.2023**
Request for Proposal

No.TT-35: Sports & Youth Services Department, Government of Odisha invites bids from reputed agencies to the "RFP for Supply of Generic Sport Kits for Athletes of Sports Hostels" DSYS Odisha.
The details of the document are available at the below mentioened website.
Website:https://sports.odisha.gov.in/ https://tendersodisha.gov.in/
Interested firms/parties/agencies are advised to study the RfP document carefully before submitting their bid.
Important Dates and Information:
Date of Publication : 22.12.2023
Last date and time for sending Pre-bid queries: Date: 27.12.2023, Time: 5.00 P.M.
Pre-bid-Meeting- Date:28.12.2023, Time: 11.00 AM
Last date and time of submission of proposal: Date:11.01.2024, Time: 4.00 PM
Opening of the Technical Bid -Date 11.01.2024, Time:5.00 PM
Sd./-
Commissioner-cum-Secretary
OIPR-29001/11/0127/2324

VSS INSTITUTE OF MEDICAL SCIENCES & RESEARCH (VIMSAR)
Ayur Vihar, Burla, Sambalpur, Odisha - 768017
Walk-in-Interview for Selection of Medical Physicists and Veterinary Assistant Surgeon in VIMSAR on Contractual Basis
Advt. Notice No. 1201/1202/Director/VIMSAR/Dt.18.12.2023

No. E-666: Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in**.
Date of Walk-in-Interview: 04.01.2024.

Sd./- Director, VIMSAR, Burla
OIPR-11056/11/0001/2324

GOVERNMENT OF ODISHA
"e" PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
1st Corrigendum to Bid Identification No. CE-W.B.P.(O) - 37/2023-24

No. B-1495: Following changes are made to the Invitation for the work "Construction of H.L. Bridge over river Brahmani at Talcher connecting Talcher to Khalpal in the District of Agnul under State Plan for the year 2023-24" vide Bid Identifcation No. CE-WBP(O)-37/2023-24.
- The last date of submission of tender is extended upto 5.00 P.M. of Dt. 05.01.2024.
- Bids received online shall be opened at 3.00 P.M. of 06.01.2024.

All other terms and conditions remain unchanged,
Sd./- Chief Engineer
World Bank Project, Odisha
OIPR-34003/11/0078/2324

ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ
SPECIAL DEVELOPMENT COUNCIL, KANDHAMAL
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର
OFFICE OF THE PROJECT ADMINISTRATOR, ITDA, PHULBANI
ST & SC DEVELOPMENT DEPARTMENT, GOVT. OF ODISHA
Tel.: 06842-254149, E-mail: itdaphulbani@gmail.com
No. 2930 **Date: 22.12.2023**
TENDER CALL NOTICE

No. CAD-3434: Sealed tenders are invited by Special Development Council (SDC) Kandhamal from the intending reputed/Regd. Firms/Bidders/Supplies Agencies for "Musical Instruments & Dance Costumes" for distribution to the Tribal Cultural & Dance Troupes under Special Development Council of Kandhamal district with following terms and

ଆତଙ୍କ ରଚିଲା ଐତିହ୍ୟ ପ୍ରାଣୀ

କେତେବେଳେ ଜୀବିକା ଉଜୁଡୁଛି ତ ପୁଣି କେବେ ବଳି ପଡୁଛି ଜୀବନ। ଘର, ବିଲ, ବାଡ଼ି କେଉଁଠି ବି ମିଳୁନି ନିସ୍ତାର। ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ରେଞ୍ଜରେ ଏପରି ଆତଙ୍କ ରଚିଥିବା ଐତିହ୍ୟପ୍ରାଣୀ ହାତୀକୁ ନେଇ ବର୍ଷତମାମ ହତାଶ ହୋଇପଡ଼ିଥିଲେ ଅଞ୍ଚଳବାସୀ। ମାତ୍ର ବର୍ଷଟିଏ ମଧ୍ୟରେ ଏହି ୨ ଜିଲାରେ ୪୭ ଜଣଙ୍କ ପ୍ରାଣ ନେଇଛି ହାତୀ। କେବଳ ଅନୁଗୋଳ ଜିଲାର ବନ୍ତଳା ରେଞ୍ଜରେ ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ଅନୁଗୋଳ ରେଞ୍ଜରେ ୪ ଓ ତାଳଚେର ଏବଂ ସାତକୋଶିଆ ରେଞ୍ଜରେ ଜଣେ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ଜିଲାର ଅଢ଼େଇ ହଜାରରୁ ଅଧିକ ଲୋକଙ୍କୁ କ୍ଷୟକ୍ଷତିରେ ପକାଇଛି ହାତୀ। ଏମାନଙ୍କ ମଧ୍ୟରୁ ଅନେକଙ୍କ ଘର ଭାଙ୍ଗିଛି। ଜମିରେ ଫସଲ ଉଜାଡ଼ିଛି। କ୍ଷତିପୂରଣ ପାଇଁ ଆବେଦନ କରିଥିବା କ୍ଷତିଗ୍ରସ୍ତଙ୍କ ୨୧୪୨ ଦରଖାସ୍ତକୁ ମଞ୍ଜୁରି ମିଳିଥିବା ବେଳେ କ୍ଷତିପୂରଣ ଆକାରରେ ୯୩.୮୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଛି। ଢେଙ୍କାନାଳ ଜିଲାରେ ଯାଇଛି ସବୁଠୁ ଅଧିକ ଲୋକଙ୍କ ଜୀବନ। ଜିଲାର ବିଭିନ୍ନ ରେଞ୍ଜ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ୨୬ଜଣଙ୍କ ପ୍ରାଣ ହରଣ କରିଛି। ଫସଲ କ୍ଷୟକ୍ଷତିର ପରିମାଣ ମଧ୍ୟ କିଛି କମ୍ ନୁହେଁ। ଏସବୁ ଅଞ୍ଚଳରେ ହାତୀ ଆତଙ୍କ ରୋକାଯିବା ଅତି ଜରୁରୀ ହୋଇଥିଲେ ବି ବନ ବିଭାଗ ଏଥିରେ ସମ୍ପୂର୍ଣ୍ଣ ସଫଳତା ପାଇପାରୁ ନାହିଁ। ଏପରି କି ହାତୀର ଗତିବିଧି ଉପରେ ନଜର ରଖିବା ଓ ଲୋକଙ୍କୁ ଆଗୁଆ ସତର୍କ ସୂଚନା ଦେବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍, ଗଜସାଥୀ ବ୍ୟବସ୍ଥା କରାଯାଇଛି। ହେଲେ ଏସବୁ ଯୋଜନା କିପରି ଫେଲ ମାରୁଛି ତାହା ହାତୀ ଆକ୍ରମଣରେ ବଢୁଥିବା ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ହେଉଛି।

ସମୟ ଏବେ ସ୍ମୃତିର। ଅତୀତ ହେବାକୁ ଘଟଣାସବୁ ମାଗିଲେଣି ଅନୁମତି। ପାସୋରିବା ପୂର୍ବରୁ ଆଉଥରେ ଲେଉଟାଇବା ସେହି ପୁରୁଣା ଫର୍ଦ୍ଦ। ବିଦାୟୀ ବର୍ଷରେ ଢେଙ୍କାନାଳ, ଅନୁଗୋଳ ଜିଲାର ଅନେକ ଖବର ଥିଲା ବହୁଚର୍ଚ୍ଚିତ। ସନ୍ଦେହରୁ ଶେଷ ହୋଇଥିଲା ଏକ ସମ୍ପର୍କ। ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ କରିଥିଲା ମଙ୍ଗଳାକୋଠି। ବିବାଦ ବଢ଼ାଇଥିଲା ପୂଜ୍ୟପୂଜାଙ୍କୁ ତ୍ରୁଟିପୂର୍ଣ୍ଣ ପରିଧାନ। ଏନ୍‌ଏଚ୍ ୫୫ ସମ୍ପ୍ରସାରଣରେ ବିଳମ୍ବ ନେଇ ମୁଣ୍ଡଟେକିଥିଲା ଜୋର୍‌ଦାର ଆନ୍ଦୋଳନ। ବର୍ଷକ ଯାକ ଆତଙ୍କ ରଚିଥିଲା ଐତିହ୍ୟପ୍ରାଣୀ ହାତୀ। ତଥାପି ଜମିପଟ୍ଟା ଦେବାରେ ଦେଶରେ ପ୍ରଥମ ହେବା ସହ ପୁରସ୍କୃତ ହୋଇଥିଲା ଢେଙ୍କାନାଳ ପ୍ରଶାସନ। ଆରବ ରାଷ୍ଟ୍ରରେ ପହଞ୍ଚିପାରିଥିଲା ସ୍ୱାଦିଷ୍ଟ ଆମ୍ରପଲ୍ଲି। ଜିଆଇ ଟ୍ୟାଗ୍‌ର ଶେଷ ସୋପାନ ଛୁଇଁପାରିଥିଲା ମଗଜି ଲଡ଼ୁ। ଗଡ଼ିଥିଲା ବନ୍ଦେ ଭାରତ ଏକ୍ସପ୍ରେସ୍। ପର୍ବତାରୋହଣରେ ବିଭାରାଣୀ ପାଟରା, କମନୱେଲଥ୍ ଭାରୋତ୍ତୋଳନରେ ହୃଦାନନ୍ଦ ଦାସ, ଚନ୍ଦ୍ରାୟନ-୩ରେ ବୈଜ୍ଞାନିକ ରଶ୍ମି ବେହେରା ସଫଳତାର ଶିଖର ସ୍ପର୍ଶ କରିଥିବା ବେଳେ ଢେଙ୍କାନାଳର ବିଶିଷ୍ଟ ଭାଷାବିତ୍, ସ୍ତମ୍ଭକାର ଓ ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ଥିଲା ଗୌରବର ଗାଥା।

ସନ୍ଦେହରୁ ଶେଷ ହୋଇଥିଲା ସମ୍ପର୍କ

ବୟସ ହୋଇଥିଲା ମାତ୍ର ୧୩। ଅଷ୍ଟମ ଶ୍ରେଣୀରେ ପଢୁଥିଲେ ନାବାଳିକା। ଏକମାସ ତଳେ ପୈତୃକ ଗାଁ ତାଳଚେର ବ୍ଲକ ଡଅଁରାରୁ ମା' ବାପାଙ୍କ ସହ ଚାଲି ଆସିଥିଲେ ଅନୁଗୋଳ ସଦର ଥାନା କୁଇଓସ୍ଥିତ ନୂଆ ଘରକୁ। ବର୍ଷେ ତଳୁ ଏନ୍‌ଟିପିସି ଥାନା ବଡ଼ଗୁଣ୍ଡୁରୀ ଗ୍ରାମର ରଞ୍ଜନ ବେହେରା (୨୫) ତାଙ୍କ ସହ ଚିହ୍ନ ପରିଚୟ ହୋଇଥିଲେ। ଜଣେ ରାଜନେତାଙ୍କ ଗାଡ଼ି ଚଳାଉଥିବା ରଞ୍ଜନ ନିୟମିତ ଫୋନରେ ନାବାଳିକାଙ୍କ ସହ କଥା ହେଉଥିଲେ। ମେସେଜ ଦେଉଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କ ସହ ଆଉ ଯୋଗାଯୋଗ କରିପାରି ନ ଥିଲେ। ଫୋନ କିମ୍ବା ମେସେଜରେ କଥାବର୍ତ୍ତା ହୋଇ ନ ପାରିବାରୁ ସନ୍ଦେହରେ ପଡ଼ିଥିବା ରଞ୍ଜନ ଶେଷରେ ରକ୍ତମୁଖା ହୋଇ ନାବାଳିକାଙ୍କ ଡଣ୍ଟି କାଟି ସବୁ ସମ୍ପର୍କ ଶେଷ କରିଦେଇଥିଲେ। ମେ ୮ ପୂର୍ବାହ୍ନ ୮ଟା ୩୦ର ଏହି ହତ୍ୟାକାଣ୍ଡ କେବଳ ଅନୁଗୋଳ ନୁହେଁ, ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଘଟଣାର ୧୮ ଦିନ ପରେ ପୋଲିସ ଝାରସୁଗୁଡ଼ାରୁ ଅଭିଯୁକ୍ତ ରଞ୍ଜନଙ୍କୁ ଧରିବା ପୂର୍ବରୁ ନିଜେ ରଞ୍ଜନ ସାମାଜିକ ଗଣମାଧ୍ୟମରେ ହତ୍ୟାକାଣ୍ଡର ରହସ୍ୟ ଉପରୁ ପରଦା ହଟାଇଦେଇଥିଲେ।

ଖୋଲିଲା ମେଡିକାଲ, ଗଡ଼ିଲା ବନ୍ଦେ ଭାରତ

ସେପ୍ଟେମ୍ବର ୨୪ ଥିଲା ଢେଙ୍କାନାଳ ଓ ଅନୁଗୋଳ ଜିଲା ପାଇଁ ଏକ ଆନନ୍ଦର ମୁହୂର୍ତ୍ତ। ଏହି ଦୁଇ ଜିଲା ଦେଇ ଗଡ଼ିଥିଲା ବହୁ ପ୍ରତୀକ୍ଷିତ ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀରୁ ରାଉରକେଲା ଯାଏ ଚଳାଚଳ ଆରମ୍ଭ କରିଥିବା ଏହି ଏକ୍ସପ୍ରେସ୍ ପୁରୀରୁ ଆସି ଢେଙ୍କାନାଳ ଷ୍ଟେଶନରେ ଅପରାହ୍ନ ସାଢ଼େ ୨ଟାରେ ପହଞ୍ଚିବା ପରେ ଏହାକୁ ଜୋର୍‌ଦାର ସ୍ୱାଗତ କରାଯାଇଥିଲା। ବନ୍ଦେ ଭାରତ ସହ ସେଲ୍‌ଫି ନେବାକୁ ଷ୍ଟେଶନରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଅପରାହ୍ନ ସାଢ଼େ ୩ଟାରେ ଏହି ଏକ୍ସପ୍ରେସ୍ ଅନୁଗୋଳ ଷ୍ଟେଶନ ଛୁଇଁବା ପରେ ସହସ୍ରାଧିକ ଲୋକ ଏହାକୁ ବିପୁଳ ଉତ୍ସାହର ସହ ସ୍ୱାଗତ କରିଥିଲେ। ସେହିପରି ତାଳଚେରଠାରେ ପବିତ୍ରମୋହନ ପ୍ରଧାନ ସରକାରୀ ମେଡିକାଲ, ବିଶ୍ୱସ୍ତରୀୟ ଲାଇବ୍ରେରି ବ୍ଲକ ଡାଇମଣ୍ଡ, ଅନୁଗୋଳର ଅତ୍ୟାଧୁନିକ ବସ୍ ଟର୍ମିନାଲ ଓ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଯୋରନ୍ଦା ଏବଂ ଭୁବନ ବ୍ଲକର ଗୋରଡ଼ିଆ-ସରଦେଇପୁର ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ମହିମା ସେତୁର ଲୋକାର୍ପଣ ବେଶ୍ ଉଲ୍ଲେଖନୀୟ ଥିଲା।

ମଥା ଉଚ୍ଚ କଲା ମଗଜି ଲଡ଼ୁ

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ମଗଜି ଲଡ଼ୁ ଜିଆଇ ଟ୍ୟାଗ୍‌ର ଶେଷ ସୋପାନ ଛୁଇଁଛି। ସେପ୍ଟେମ୍ବର ୧ରେ ଏହା ଜିଓଗ୍ରାଫିକାଲ ଜର୍ନାଲ ମାଗାଜିନର ପୃଷ୍ଠା-୪୫ରେ ସ୍ଥାନ ପାଇ ଢେଙ୍କାନାଳର ମଥାକୁ ଉଚ୍ଚ କରିପାରିଛି। ୭ ଡିସେମ୍ବର ୨୦୨୦ରେ ଢେଙ୍କାନାଳ ସହର ମୀନାବଜାର ସ୍ଥିତ ଢେଙ୍କାନାଳ ସୁଇଟ୍ ଆ।ସୋ।ସି।ଏଶନ ପକ୍ଷରୁ ମଗଜି ଲଡ଼ୁକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ ପାଇଁ ଦରଖାସ୍ତ ନଂ-୭୨୪କୁ ପଞ୍ଜୀକୃତ କରାଯାଇଥିଲା। ଓୟୁଏଟି ସହଯୋଗରେ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବା ପାଇଁ ନିୟମ ଅନୁଯାୟୀ ବିଭିନ୍ନ ପାହାଚ ଅତିକ୍ରମ କରିଥିଲା। ସମଗ୍ର ଦେଶ ଓ ରାଜ୍ୟ ପାଇଁ ଢେଙ୍କାନାଳବାସୀଙ୍କ ଏହା ଏକ ଉପହାର ସଦୃଶ।

ଆରବ ରାଷ୍ଟ୍ରକୁ 'ଆମ୍ରପଲ୍ଲି'

ବିଦେଶୀ ବଜାରରେ ସ୍ୱାଦ ବାଣ୍ଟିବାକୁ ପ୍ରଥମ କରି ସିଧାସଳଖ ଦୁବାଇ ଯାଇଥିଲା ଢେଙ୍କାନାଳର ଅର୍ଗାନିକ୍ 'ଆମ୍ରପଲ୍ଲି'। ଆରବ ରାଷ୍ଟ୍ରକୁ ପ୍ରଥମ ଥର ପାଇଁ ଏହି ପ୍ରଜାତିର ୨ ଟନ୍ ଆମ୍ବ ରପ୍ତାନି କରାଯାଇଥିଲା। ପୂର୍ବରୁ ଏହା କେବଳ ବାଲାଂଦେଶ ବଜାରରେ ଉପଲବ୍ଧ ଥିବାବେଳେ ପରୋକ୍ଷରେ ଦୁବାଇ ରପ୍ତାନି ହେଉଥିଲା। କିନ୍ତୁ ଚଳିତ ବର୍ଷ ସିଧାସଳଖ ଚାଷୀଙ୍କ ଆମ୍ବ ଢେଙ୍କାନାଳ ବ୍ରାଣ୍ଡିଂ ସହ ଦୁବାଇ ପଠାଯିବା ଏଠାକାର ଚାଷୀଙ୍କ ପାଇଁ ଏକ ଉଲ୍ଲେଖନୀୟ ଘଟଣା ଥିଲା। ଏହାଛଡ଼ା ୫୦ ହଜାର ମେଟ୍ରିକ୍ ଟନ୍ ସହ ଉତ୍ପାଦନରେ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରିଥିଲା ଢେଙ୍କାନାଳ ଜିଲା।

ପୂଜ୍ୟପୂଜାଙ୍କୁ ତ୍ରୁଟିପୂର୍ଣ୍ଣ ପରିଧାନ

ବିଶିଷ୍ଟ ଗାନ୍ଧିବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପରିଧାନ ସମ୍ପର୍କରେ ଜାଣିପାରିଲାନି ଅନୁଗୋଳ ପୌର ପ୍ରଶାସନ। ଗୋପବନ୍ଧୁ ଉଦ୍ୟାନରେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତିକୁ ଶାର୍ଟ, ପ୍ୟାଣ୍ଟ ଓ ବୁଟ୍ ପିନ୍ଧାଯିବାକୁ ନେଇ ଏପ୍ରିଲ ପ୍ରଥମ ସପ୍ତାହରେ ଦେଖାଦେଇଥିଲା ବିବାଦ। ତେବେ ତ୍ରୁଟି ସୁଧାରିବାକୁ ଯାଇ ପୌର ପ୍ରଶାସନ ନବକୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ ଯେଉଁ ଧୋତି ପିନ୍ଧାଇଥିଲା ତାହା ମଧ୍ୟ ଆଉ ଏକ ବିବାଦକୁଜନ୍ମଦେଲା। ନାଗପୁରିଆ ଭଳିଧୋତି ପିନ୍ଧାଯାଇଥିବା ନେଇ ଅଭିଯୋଗ ଉଠିବା ପରେ ଶେଷରେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିଥିଲେ। ଓଡ଼ିଶା ବିଧାନସଭା ସମ୍ମୁଖରେ ଥିବା ନବକୃଷ୍ଣଙ୍କ ପ୍ରତିମୂର୍ତ୍ତି ଢାଞ୍ଚାରେ ଆଉ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପରେ ତାହାକୁ ଅନୁଗୋଳରେ ପୁନଃସ୍ଥାପନ କରାଯିବ ବୋଲି ସରକାର କହିଥିଲେ।

ମଙ୍ଗଳା କୋଠିରେ ଅମଙ୍ଗଳ

୧୩ ବର୍ଷୀୟ ସଞ୍ଜୀବଙ୍କ ଦେହ କିଛି ବର୍ଷ ହେବ ଖରାପ ରହୁଥିଲା। ପଡ଼ୋଶୀ ଗାଁ ଟୁସରଠାରେ ପୂଜା ପାଉଥିବା ମଙ୍ଗଳା କୋଠିରେ ମାନସିକ ରଖି ପୂଜା କଲେ ପୁଅ ଭଲ ହୋଇଯିବ ବୋଲି ଶୁଣିବା ପରେ ମା' ବାସନ୍ତୀ ବିଶ୍ୱାଳ ଜୁଲାଇ ୨୨ ରାତିରେ ପୁଅକୁ ନେଇ ଉକ୍ତ ମଙ୍ଗଳା କୋଠିରେ ଅଧିଆ ପକାଇଥିଲେ। ହେଲେ ମଙ୍ଗଳା କୋଠିରେ ହୋଇଗଲା ଅମଙ୍ଗଳ। ୨୩ ତାରିଖ ସକାଳୁ ନିଖୋଜ ହୋଇଯାଇଥିବା ସଞ୍ଜୀବଙ୍କ ଝୁଲନ୍ତା ମୃତଦେହ ଆଠମଲ୍ଲିକ ବ୍ଲକ ବାରେଣୀ ଜଙ୍ଗଲରୁ ଗଳିତ ଅବସ୍ଥାରେ ୨୮ ତାରିଖରେ ମିଳିବା ପରେ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ ଏହା ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା। ସଞ୍ଜୀବଙ୍କୁ ବଳି ଦିଆଯାଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ମଙ୍ଗଳା କୋଠିର ମହିଳା ପୂଜକ ଓ ୨ ପୁଅଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଜନ ଅସନ୍ତୋଷ ଥମି ନ ଥିଲା। ମଙ୍ଗଳା କୋଠିକୁ ନେଇ ଭୟର ବାତାବରଣ ଦେଖାଦେବାରୁ ଆଖପାଖ ଅଞ୍ଚଳର ପିଲାଙ୍କ ସ୍କୁଲ ଯିବା ମଧ୍ୟ ବନ୍ଦ ହୋଇଯାଇଥିଲା। ଲୋକଙ୍କ ଭିତରୁ ସେହି ଭୟ ଦୂର କରିବାକୁ ମାସାଧିକ କାଳ ଧରି ପ୍ରଶାସନକୁ ସେଠାରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡ଼ିଥିଲା। ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

ପଟ୍ଟା ଦେବାରେ ଦେଶରେ ପ୍ରଥମ

ସହରାଞ୍ଚଳରେ ରହୁଥିବା ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାରେ ଢେଙ୍କାନାଳ ଜିଲା ପ୍ରଶାସନ ସମଗ୍ର ଦେଶ ଓ ରାଜ୍ୟରେ ପ୍ରଥମ ହୋଇଥିଲା। ଜିଲା ପ୍ରଶାସନର ଏହି ସଫଳତା ପାଇଁ ରାଜ୍ୟ ସରକାର ଢେଙ୍କାନାଳ ଜିଲା ପ୍ରଶାସନକୁ ଅଗଷ୍ଟ ୨୮ରେ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତତ୍କାଳୀନ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ କୁମାର ବେହେରା, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲା ମଙ୍ଗଳ ଅଧିକାରୀ ଦେବୀ ପ୍ରସାଦ ପରିଜା, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଏବଂ କାଉନସିଲରମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

ଶିଖର ଛୁଇଁଲା ସଫଳତା

ପର୍ବତାରୋହଣ କ୍ଷେତ୍ରରେ ସେପ୍ଟେମ୍ବର ୨୨ ଥିଲା ଢେଙ୍କାନାଳ ଜିଲା ପାଇଁ ବେଶ୍ ଗର୍ବ ଓ ଗୌରବ ଦିବସ। ମେରାମଣ୍ଡଳୀର ଝିଅ ବିଭାରାଣୀ ପାଟରା (୨୭) ଆଫ୍ରିକାର ଉଚ୍ଚତମ ପର୍ବତମାଳା ତାଞ୍ଜାନିଆସ୍ଥିତ ମାଉଣ୍ଟ କିଲିମାଞ୍ଜାରୋ ସଫଳତାର ସହ ଆରୋହଣ କରିଥିଲେ। ସେ ଏହି ଶୃଙ୍ଗର ୫୮୯୫ ମିଟର ଆରୋହଣ କରି ଜଗନ୍ନାଥଙ୍କ ଫଟୋ ଓ ପତିତପାବନ ବାନା ସହିତ ତ୍ରିରଙ୍ଗା ପତାକା ଉଡ଼ାଇଥିଲେ। ସେହିପରି ଉତ୍ତରପ୍ରଦେଶର ଗ୍ରେଟର ନୋଇଡା ଠାରେ ଜୁଲାଇ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କମନୱେଲଥ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଚମକିଥିଲେ ଢେଙ୍କାନାଳର ପୁଅ। ଜୁଲାଇ ୧୪ରେ ୭୩ କେଜି କାଟେଗୋରିରେ ସେ ସ୍ୱର୍ଣ୍ଣପଦକ ହାସଲ କରି ହୃଦୟ ଜିଣିଥିଲେ କୁଣ୍ଡୁଣିଆ ସାହିର ହୃଦାନନ୍ଦ ଦାସ। ସେହିପରି ଚନ୍ଦ୍ରାୟନ-୩ ସଫଳତା ପଛରେ ଥିଲା ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳର ଝିଅ ତଥା ଇସ୍ରୋର ବରିଷ୍ଠ ବୈଜ୍ଞାନିକ ରଶ୍ମି ବେହେରାଙ୍କ ସହଯୋଗ। ଅଗଷ୍ଟ ୨୬ରେ ଏହି ଖବର ଜଣାପଡ଼ିବା ପରେ ଢେଙ୍କାନାଳ ଜିଲାବାସୀଙ୍କ ମଧ୍ୟରେ ଖେଳିଯାଇଥିଲା ଖୁସିର ଲହରି। ଢେଙ୍କାନାଳର ବିଶିଷ୍ଟ ଭାଷାବିତ୍, ସ୍ତମ୍ଭକାର ଓ ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ଢେଙ୍କାନାଳ ମାଟି ପାଇଁ ଥିଲା ସବୁଠୁ ବଡ଼ ଗୌରବର ମୁହୂର୍ତ୍ତ। ଏପ୍ରିଲ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ତର୍ଯ୍ୟାମୀଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ।

ବିଦାୟୀ ବର୍ଷ ୨୦୨୩ ଆର୍ଥିକ ଓ ବାଣିଜ୍ୟ ବେପାରରେ ଆଣିଛି ଅନେକ ପରିବର୍ତ୍ତନ। କୋଭିଡ୍ ପରବର୍ତ୍ତୀ ସମୟରେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଭାରତ ଉଭା ହୋଇଛି। ଦେଶର ଜିଡିପି ୩ ଟ୍ରିଲିୟନ ଡଲାର ଅତିକ୍ରମ କରିଛି। ହେଲେ ହିଣ୍ଡେନବର୍ଗର ରିପୋର୍ଟ ଆଦାନୀ ଗ୍ରୁପ୍‌କୁ ଅକଳରେ ପକାଇ ପୁଞ୍ଜିବଜାରକୁ ହଲଚଲ କରିଛି। ଏହି ବର୍ଷରେ ୨୦୦୦ ଟଙ୍କିଆ ନୋଟ ଇତିହାସ ପାଲଟିଥିବା ବେଳେ ସୁନା ଦର ୬୦,୦୦୦ ଟପିଛି। ଏପଟେ ଓଡ଼ିଶା ଦେଶର ଅନ୍ୟତମ ବୃହତ୍ ପୁଞ୍ଜି ଆକୃଷ୍ଟକାରୀ ରାଜ୍ୟ ହେବାର ଗୌରବ ଅର୍ଜନ କରିଛି। ଏତେ ସତ୍ତ୍ୱେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଉପଭୋକ୍ତାଙ୍କୁ ହନ୍ତସନ୍ତ କରିଦେଇଛି। ପୁରୁଣା ବର୍ଷ ବାଣିଜ୍ୟ ବଳୟରେ କିଭଳି ଗ୍ରାଫ୍ ଟାଣିଯାଇଛି ତାହାକୁ ନେଇ ଏହି ପ୍ରତିବେଦନ।

ଇତିହାସ ହେଲା ୨୦୦୦ ଟଙ୍କିଆ

କଳାଧନ ରୋକିବା ଓ ନକଲି ମୁଦ୍ରା ପ୍ରଚଳନ ଉପରେ ରୋକ ଲଗାଇବା ଲକ୍ଷ୍ୟରେ ଭାରତ ସରକାର ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ କରିଥିଲେ। ସେତେବେଳେ ଦୁଇଟି ବଡ଼ ନୋଟ୍ ୫୦୦ ଓ ୧୦୦୦ଟଙ୍କିଆକୁ ବଦଳାଇ ସେହି ସ୍ଥାନରେ ନୂଆ ୫୦୦ ଟଙ୍କିଆ ଓ ଗୋଲାପି ରଙ୍ଗର ୨୦୦୦ ଟଙ୍କିଆ ଆଣିଥିଲେ। ହେଲେ ଚଳିତବର୍ଷ ଶେଷ ଆଡ଼କୁ ୨୦୦୦ଟଙ୍କିଆ ନୋଟ ଇତିହାସ ପାଲଟିଛି। ୨୦୨୩ ଅଗଷ୍ଟରେ ୨୦୦୦ ଟଙ୍କିଆ ନୋଟର କାରବାରକୁ ବନ୍ଦ କରାଯିବା ସହ ତାହାକୁ ପ୍ରତ୍ୟାହାର କରିନିଆଯାଇଥିଲା।ପ୍ରାଥମିକପର୍ଯ୍ୟାୟରେଦେଶରବିଭିନ୍ନବ୍ୟାଙ୍କଜରିଆରେ୨୦୦୦ଟଙ୍କିଆନୋଟରବଦଳକରାଯାଇଥିଲା। ବର୍ତ୍ତମାନ କେବଳ ଆର୍‌ବିଆଇ ଜରିଆରେ ଉକ୍ତ ନୋଟ ବଦଳରେ ଅନ୍ୟାନ୍ୟ ନୋଟ ହିତାଧିକାରୀଙ୍କୁ ଦିଆଯାଉଛି।

୨୦୦୦ ଟଙ୍କିଆ ନୋଟ୍ ବଦଳାଇବା ପାଇଁ ଭୁବନେଶ୍ୱର ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଭିଡ଼।

ଜିଏସ୍‌ଟି ସଂଗ୍ରହ ରେକର୍ଡ

ଦେଶର ଅର୍ଥନୀତି ଓ ରାଜସ୍ୱ ବୃଦ୍ଧି ପାଇଁ ସରକାର ଏକକ ଟିକସ ବ୍ୟବସ୍ଥା 'ସାମଗ୍ରୀ ଏବଂ ସେବା ଟିକସ' (ଜିଏସ୍‌ଟି) ଲାଗୁ କରିଛନ୍ତି। କ୍ରମାଗତ ଜିଏସ୍‌ଟି ସଂଗ୍ରହ ପ୍ରତି ଆର୍ଥିକ ବର୍ଷରେ ନୂଆ ମାଇଲଖୁଣ୍ଟ ହାସଲ କରିଚାଲିଛି। ଏପରିକି ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ଆର୍ଥିକ ବର୍ଷର ଜିଏସ୍‌ଟି ରେକର୍ଡ ପରିମାଣରେ ସଂଗ୍ରହ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୬ଷ୍ଠ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ କ୍ରମାଗତ ୨୧ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ଅଧିକ ରହିଛି। ସେହିଭଳି ଦ୍ୱାଦଶ ଥର ପାଇଁ ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସିଦ୍ଧାର୍ଥ ମହାନ୍ତି

ଜାତୀୟ ସ୍ତରରେ ଓଡ଼ିଆଙ୍କ ପ୍ରଭାବ

ଦେବାଶିଷ ପଣ୍ଡା

ଶୁଭ୍ରକାନ୍ତ ପଣ୍ଡା

ଦେବଦତ୍ତ ଚାନ୍ଦ

୨୦୨୩ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଓଡ଼ିଆ ପ୍ରତିଭାମାନେ ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ବିଭିନ୍ନ ସଂସ୍ଥାର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ଶୁଭ୍ରକାନ୍ତ ପଣ୍ଡା ଫିକି ଇଣ୍ଡିଆର ସଭାପତି, ସିଦ୍ଧାର୍ଥ ମହାନ୍ତି ଏଲ୍‌ଆଇସିର ଚେୟାରମ୍ୟାନ, ଆଇଆର୍‌ଡିଏର ଚେୟାରମ୍ୟାନ ଦେବାଶିଷ ପଣ୍ଡା, ବ୍ୟାଙ୍କ୍ ଅଫ୍ ବରୋଦାର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ ପ୍ରମୁଖ ରାଜ୍ୟ ସକାଶେ ଗୌରବ ଆଣିଛନ୍ତି।

ଓଡ଼ିଶାରେ ନିପ୍ପନ

ପ୍ରାକୃତିକ ସମ୍ବଳ ଓ ଶିଳ୍ପ ଅନୁକୂଳ ବାତାବରଣ ଯୋଗୁ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଓଡ଼ିଶାମୁହାଁ ହୋଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୨୦.୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ସୁଯୋଗ ସୃଷ୍ଟି କରି ନବୀନ ପଟ୍ଟନାୟକ ଦେଶରେ ଅନ୍ୟତମ ସଫଳ ମୁଖ୍ୟମନ୍ତ୍ରୀ ଆଖ୍ୟା ପାଇଲେଣି। ବିଦାୟୀ ବର୍ଷରେ ଚର୍ଚ୍ଚିତ ନିବେଶ ମଧ୍ୟରେ ନିପ୍ପନ ଷ୍ଟିଲ ଆଗରେ ଅଛି। ଏପ୍ରିଲ୍ ୩ରେ ନିପ୍ପନ ଷ୍ଟିଲ୍ କର୍ପୋରେଶନର ଅଧ୍ୟକ୍ଷ ଇଜି ହାସିମୋତୋଙ୍କ ସହ ସେ ଆଲୋଚନା କରିଥିଲେ। ସେହି ଅନୁଯାୟୀ କେନ୍ଦ୍ରାପଡ଼ାରେ ୨୪ ନିୟୁତ ଟନ୍ ଇସ୍ପାତ ପ୍ଲାଣ୍ଟ ସ୍ଥାପନ କରରାଯିବାର ଯୋଜନା ରହିଛି।

ଅକଳରେ ଆଦାନୀ ଗ୍ରୁପ୍

ଚଳିତ ଆର୍ଥିକ ବର୍ଷର ଆଦ୍ୟ ସମୟରୁ ସାରା ଦେଶରେ ଆଦାନୀ ଝଡ଼ ବୋହିଥିଲା। ଆମେରିକୀୟ ସର୍ଟସେଲର ସଂସ୍ଥା 'ହିଣ୍ଡେନବର୍ଗ' ଆଦାନୀ ସାମ୍ରାଜ୍ୟରେ ହୋଇଥିବା ଆର୍ଥିକ ହେରଫେର ସଂକ୍ରାନ୍ତୀୟ ଏକ ରିପୋର୍ଟ ପ୍ରକାଶ କରିବା ପରେ ସମଗ୍ର ପୃଥିବୀରେ ହଇଚଇ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ଆଦାନୀ ଗ୍ରୁପ୍ ଓ ପୁଞ୍ଜିବଜାର ଉପରେ ସିଧାସଳଖ ପଡ଼ିଥିଲା। କେବଳ ସେତିକି ନୁହେଁ, ଏହି ଘଟଣା ରାଜନୈତିକ ରୂପ ଧାରଣ କରି ଢେର ଦିନ ଚର୍ଚ୍ଚାରେ ରହିଲା। ଦିନକ ପାଇଁ ବିଶ୍ୱର ୨ନମ୍ବର ଧନୀ ବ୍ୟକ୍ତି ହୋଇଯାଇଥିବ ଗୌତମ ଆଦାନୀ ହିଣ୍ଡେନବର୍ଗ ରିପୋର୍ଟ ପରେ ବିଶ୍ୱ ଧନଶାଳୀ ତାଲିକାର ୨୫ ନମ୍ବରକୁ ଖସି ଯାଇଥିଲେ।

ସର୍ବୋଚ୍ଚ ସ୍ତରରେ ଶେୟାର ବଜାର

ବିଦାୟୀ ବର୍ଷ ଶେୟାର ବଜାର ସକାଶେ ସ୍ମରଣୀୟ ହୋଇରହିବ। ବର୍ଷ ପ୍ରାରମ୍ଭରୁ ବଜାର କାରବାର ଅନିଶ୍ଚିତତା ଦେଇ ଗତି କରିଥିବାବେଳେ ଶେଷଆଡ଼କୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୭୨,୦୦୦ ଅଙ୍କରେ ପହଞ୍ଚିଥିବାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ପ୍ରାୟ ୨୨,୦୦୦ ଅଙ୍କରେ ରହିଥିଲା। ସେହିଭଳି ଚଳିତ ବର୍ଷ ପ୍ରାୟ ୧୦୦ରୁ ଅଧିକ ନିବେଶକ କମ୍ପାନୀ ନୂତନ ଭାବେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇରେ ପଞ୍ଜୀକୃତ ହୋଇଛନ୍ତି।

ନୂଆ ରୂପରେ ଏୟାର ଇଣ୍ଡିଆ

ଚଳିତ ବର୍ଷ ପ୍ରାରମ୍ଭରୁ ବେଶ୍ ଚର୍ଚ୍ଚାରେ ଥିବା ଏୟାର ଇଣ୍ଡିଆ ନଭେମ୍ବର ବେଳକୁ ନୂଆ ରୂପରେ ସେବା ଯୋଗାଇଥିଲା। ଦେଶର ଏକମାତ୍ର ରାଷ୍ଟ୍ରାୟତ୍ତ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ ବର୍ଷ ପ୍ରାରମ୍ଭରେ ଆନୁଷ୍ଠାନିକ ଭାବେ କ୍ରୟ କରିବା ସହିତ ନିଜ ମାଲିକାନାରେ ସାମିଲ କରାଇଥିଲା। ଏପରିକି ପ୍ରାଥମିକ ପର୍ଯ୍ୟାୟରେ ବିମାନର ରଙ୍ଗ ଓ ଡିଜାଇନ ଏବଂ ପରେ ବିମାନ ସେବାରେ ନିୟୋଜିତ ଯଥା ଏୟାର ହୋଷ୍ଟେସ, ପାଇଲଟ ଓ କ୍ରିଉଙ୍କର ପୋଷାକ (ଡ୍ରେସ କୋଡ୍)କୁ ମଧ୍ୟ ବଦଳାଇ ନୂଆ ରୂପରେ ଉଭା ହୋଇଛି।

ସୁନା ଦର ୬୦,୦୦୦ ପାର୍

ବର୍ଷ ୨୦୨୩ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ସୁନା ଦର ଉଚ୍ଚା ରହିଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭୂରାଜନୈତିକ ସମସ୍ୟା ଓ ଯୁଦ୍ଧ ଭଳି ସ୍ଥିତି ଯୋଗୁ ଅନ୍ତର୍ଜାତୀୟ ସୁନା ବଜାରରେ ମଧ୍ୟ ଅସ୍ଥିରତା ଦେଖାଦେଇଥିଲା। ସେହି କାରଣରୁ ଆମଦାନୀ ସୁନା ଦର ୫୫ରୁ ୬୫ ହଜାର ଟଙ୍କା ମଧ୍ୟରେ କାରବାର ହୋଇଥିଲା। ୨୦୨୩ ଶେଷ ବେଳକୁ ସାରା ଦେଶରେ ଅସଂଖ୍ୟ ବାହାଘର ଓ ବ୍ରତଘର ଭଳି ସାମାଜିକ ଉତ୍ସବ ଯୋଗୁ ଅଳଙ୍କାର ଚାହିଦା ବଢ଼ିଯାଇଥିଲା। ଫଳରେ ଏହି ମୂଲ୍ୟବାନ ହଳଦିଆ ବସ୍ତୁର ଦର ପ୍ରତି ୧୦ ଗ୍ରାମ୍ ପିଛା ୫୫ରୁ ୫୮ ହଜାର ଟଙ୍କା ରହିଛି।

ସୁବ୍ରତ ରଏ

ପିଆର୍‌ଏସ୍ ଓବେରୟ

ଏସ୍‌ପି ହିନ୍ଦୁଜା

କେଶୁବ ମହିନ୍ଦ୍ରା

ଶ୍ରେଷ୍ଠ ଶିଳ୍ପପତିଙ୍କ ଶେଷ ବର୍ଷ

ଦୀର୍ଘ ଦଶନ୍ଧି ଧରି ଭାରତୀୟ ଶିଳ୍ପ ଜଗତରେ ପକ୍ଷ ମେଲାଇଥିବା କେତେକ ଶ୍ରେଷ୍ଠ ଶିଳ୍ପପତିଙ୍କ ପାଇଁ ୨୦୨୩ ଥିଲା ସୂର୍ଯ୍ୟାସ୍ତର ସମୟ। ସେମାନେ ଥିଲେ 'ସାହାରା ଇଣ୍ଡିଆ'ର ଅଧ୍ୟକ୍ଷ ସାହାରାଶ୍ରୀ ସୁବ୍ରତ ରଏ, 'ଓବେରୟ ଗ୍ରୁପ'ର ଚେୟାରମ୍ୟାନ ପିଆର୍‌ଏସ୍ ଓବେରୟ, ହିନ୍ଦୁଜା ଗ୍ରୁପର ଅଧ୍ୟକ୍ଷ ଏସ୍‌ପି ହିନ୍ଦୁଜା ଏବଂ ମହିନ୍ଦ୍ରା ଗ୍ରୁପର ଚେୟାରମ୍ୟାନ କେଶୁବ ମହିନ୍ଦ୍ରା।

ଓଡ଼ିଶାରେ ଏମ୍‌ଏନ୍‌ସିର ଶାଖା

ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟଠାରେ ଡେଲଏଟ୍‌ର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ।

ଗତ କିଛି ବର୍ଷ ହେବ ଓଡ଼ିଶା ସାରା ଦେଶର ଏକ ପ୍ରମୁଖ ବାଣିଜ୍ୟିକ ହବ୍ ଭାବେ ଉଭା ହୋଇଛି। ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ଆଦ୍ୟ କାଳରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍‌ଏନ୍‌ସି) ଓଡ଼ିଶାରେ ସେଗୁଡ଼ିକର ଶାଖା କାର୍ଯ୍ୟାଳୟ ଖୋଲିଛନ୍ତି। ଚଳିତବର୍ଷ ରାଜଧାନୀ ଭୁବନେଶ୍ୱରଠାରେ ପିଡବ୍ଲ୍ୟୁସି, କନ୍‌ସେଣ୍ଟ୍ରିକ୍ସ, ହାପିଏଷ୍ଟ ମାଇଣ୍ଡ, ଇନ୍‌ଫୋସିସ ବିପିଏସ୍, ଡେଲଏଟ୍, ଆଇବିଏମ୍, ସିନୋପସିସ୍, ଆକ୍ସେଞ୍ଜର ଏବଂ ଇଓ୍ୱାଇ ଇଣ୍ଡିଆ ଭଳି ଅନେକ ଏମ୍‌ଏନ୍‌ସି ଆସିବା ଦ୍ୱାରା ରାଜ୍ୟ ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

ଅତିଷ୍ଠ କରିଥିଲା ଅତ୍ୟାବଶ୍ୟକ ଦ୍ରବ୍ୟ

ବିଦାୟୀ ବର୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ ହୋଇ ଉପଭୋକ୍ତାଙ୍କୁ କଲବଲ କରିଛି। ପନିପରିବାଠାରୁ ଆରମ୍ଭ କରି ଡାଲି, ଚାଉଳ ତେଲ, ଅଟା, ପିଆଜ, ରସୁଣ, ଅଦା, ଜିରା ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦର ପୂର୍ବ ବର୍ଷ ଅପେକ୍ଷା ଅହେତୁକ ବୃଦ୍ଧି ପାଇବା ଦେଖାଦେଇଥିଲା। ଜିରା ଭଳି ମସଲା ଜାତୀୟ ଦ୍ରବ୍ୟର କେଜି ମୂଲ୍ୟ ୨୦୦ ଟଙ୍କାରୁ ବୃଦ୍ଧି ପାଇ ୯୦୦ ଟଙ୍କା ଯାଏ ଛୁଇଁଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ଲୋକଙ୍କୁ କିଛି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ ମଧ୍ୟ ଏହାର ସୁଫଳ ଅନେକେ ପାଇପାରିନାହାନ୍ତି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ସବୁଜ ଶକ୍ତିରେ ୯୩୫୦ କୋଟି ନିବେଶ କରିବ ଏଜିଇଏଲ୍

ନୂଆଦିଲ୍ଲୀ,୨୬।୧୨ ଭୁବନେଶ୍ୱର

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏଜିଇଏଲ୍) ସବୁଜ ଶକ୍ତି କ୍ଷେତ୍ରରେ ପ୍ରାୟ ୯୩୫୦କୋଟି ଟଙ୍କା ନିବେଶ କରିବ ବୋଲି ଜଣାପଡ଼ିଛି। ଏପରିକି ୨୦୩୦ ସୁଦ୍ଧା କମ୍ପାନୀ ୪୫ ଗିଗାୱାଟ୍ (ଜିଡବ୍ଲ୍ୟୁ) ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ପାଇଁ ଆଶା ପ୍ରକାଶ କରିଛି। ଅପରପକ୍ଷରେ ଏଜିଇଏଲ୍ ବୋର୍ଡ ମଙ୍ଗଳବାର ପ୍ରୋମୋଟର ଗ୍ରୁପ୍ କମ୍ପାନୀ, ଆର୍ଡର ଇନ୍‌ଭେଷ୍ଟମେଣ୍ଟ ହୋଲ୍ଡିଂ ଲିମିଟେଡ୍ ଏବଂ ଆଦାନୀ ପ୍ରପର୍ଟିଜ୍ ପିଭି ଲିମିଟେଡ୍‌କୁ ୧,୪୮୦.୭୫ ଟଙ୍କା ମୂଲ୍ୟରେ ୬.୩୧ କୋଟି ୱାରେଣ୍ଟ ପ୍ରଦାନ ଯୋଜନାକୁ ଅନୁମୋଦନ କରିଛି। ଫଳରେ ଏଜିଇଏଲ୍‌ରେ ୯,୩୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ଏବଂ ତ୍ୱରିତ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେବ ବୋଲି ଫାର୍ମ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରଯାଇଛି। ବିଶେଷକରି ଉକ୍ତ ପୁଞ୍ଜି ବିନିଯୋଗକାରୀ କମ୍ପାନୀ ସଂସ୍ଥାଗୁଡ଼ିକୁ ଏଜିଇଏଲ୍ ୩.୮୩୩% ଇକ୍ୱିଟି ଅଂଶ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ, ବିଏସ୍‌ଇରେ ଏଜିଏଲ୍ ୪.୩% ବୃଦ୍ଧି ପାଇ ୧,୫୯୯.୯୦ ଟଙ୍କାରେ ବନ୍ଦ ହୋଇଛି। ଏପରିକି କମ୍ପାନୀର ୧.୨ ବିଲିୟନ ଡଲାର ମୂଲ୍ୟର ବଣ୍ଡ ପରିପକ୍ୱତା ଆସନ୍ତା ବର୍ଷ ଆସିବ ଏବଂ ସେଗୁଡିକର ପରିଶୋଧ କିମ୍ବା ରିଫାଇନାନ୍ସ ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଛି। ସେହିଭଳି ସବୁଜ ଶକ୍ତି ବିକାଶକାରୀଙ୍କ ପାଖରେ ୧୯.୮ ଗିଗାୱାଟ୍‌ର ପାୱାର ପର୍ଚେଜ ଏଗ୍ରିମେଣ୍ଟ (ପିପିଏ) ଟାଇ-ଅପ୍ ରହିଛି। ଏପରିକି କ୍ଷମତାରେ ତାଲା ପଡ଼ିଥିବା ୨୦.୬ ଜିଡବ୍ଲ୍ୟୁ ମଧ୍ୟରୁ ୮୦୦ ମେଗାୱାଟ୍ ବ୍ୟବସାୟୀ ଏବଂ ୨,୦୦,୦୦୦ ଏକରରୁ ଅଧିକ ଜମି ଅତିରିକ୍ତ ୪୦ ଜିଡବ୍ଲ୍ୟୁରୁ ଅଧିକ କ୍ଷମତା ଉତ୍ସ-ସମୃଦ୍ଧ କ୍ଷେତ୍ରରେ ରହିଛି। ସେହିପରି ୨୦୩୦ ସୁଦ୍ଧା ୪୫ ଗିଗାୱାଟ୍‌ର ସବୁଜ ଶକ୍ତି କ୍ଷମତାର ଲକ୍ଷ୍ୟ ରଖିଥିବା କମ୍ପାନୀ ବୋର୍ଡ ପ୍ରମୋଟରମାନଙ୍କୁ ଶେୟାର ପିଛା ୧,୪୮୦.୭୫ ଟଙ୍କା ମୂଲ୍ୟରେ ୯,୩୫୦ କୋଟି ଟଙ୍କା ପାଇଁ ୱାରେଣ୍ଟ ପ୍ରଦାନକୁ ଅନୁମୋଦନ କରିଛି। ଏପରିକି ୨୦୨୪ ଜାନୁୟାରୀ ୧୮ରେ ଧାର୍ଯ୍ୟ ହୋଇଥିବା ଇଜିଏମ୍‌ରେ ନିୟାମକ ତଥା ବିଧିଗତ କର୍ତ୍ତୃପକ୍ଷ ତଥା କମ୍ପାନୀର ଅଂଶୀଦାରଙ୍କ ଅନୁମୋଦନ ଅନୁଯାୟୀ ଏହି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ ବିସ୍ତୃତ ଭାବେ କୁହାଯାଇଛି।

ଏହା ପୂର୍ବରୁ ଏଜିଇଏଲ୍ ଭାରତର ବୃହତ୍ତମ ସରପାର୍କ ଗୁଜରାଟର ଖାଭଡାଠାରେ ୨,୧୬୭ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ପାଇଁ ୮ ଅଗ୍ରଣୀ ବ୍ୟାଙ୍କ ଦ୍ୱାରା ୧.୩୬ ବିଲିୟନ ଡଲାର ନିର୍ମାଣ ସୁବିଧା ଘୋଷଣା କରିଥିଲା। ଏଥିସହ ଏଜିଇଏଲ୍ ୧.୪୨୫ ବିଲିୟନ ଡଲାରର ଇକ୍ୱିଟି ପୁଞ୍ଜି ଘୋଷଣା କରିଛି (ପ୍ରୋମୋଟର୍ସଙ୍କ ଦ୍ୱାରା ଅଗ୍ରାଧିକାର ପ୍ରଦାନରୁ ୧.୧୨୫ ବିଲିୟନ ଡଲାର ଏବଂ ଟୋଟାଲ ଏନେରଗିଜ୍ ଜେଭିରୁ ୩୦୦ ମିଲିୟନ୍ ଡଲାର), ଯାହା ୩ ବିଲିୟନ ଡଲାରରୁ ଅଧିକ ପୁଞ୍ଜି ସଂଗ୍ରହକୁ ଅନୁମୋଦନ କରିଥାଏ। ଆଦାନୀ ପରିବାରର ଏହି ପୁଞ୍ଜି ବିନିଯୋଗ କେବଳ ଆମ ଦେଶର ସ୍ୱଚ୍ଛ ଶକ୍ତି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ପାଇଁ ନୁହେଁ ବରଂ ଏକ ସମାନ ଶକ୍ତି ପରିବର୍ତ୍ତନ ପାଇଁ ମଧ୍ୟ ଆମ ପ୍ରତିବଦ୍ଧତାକୁ ସୂଚିତ କରୁଛି, ଯେଉଁଠାରେ ଆମେ ପାରମ୍ପରିକ ଶକ୍ତି ଉତ୍ସକୁ ତ୍ୱରାନ୍ୱିତ କରିବା ସହ ତ୍ୱରାନ୍ୱିତ ଅଭିବୃଦ୍ଧି ଏବଂ ବିକାଶକୁ ଇନ୍ଧନ ଦେବା ପାଇଁ ସବୁଜ, ସୁଲଭ ବିକଳ୍ପକୁ ପର୍ଯ୍ୟାୟକ୍ରମେ ଚରଣ କରିଥାଉ ଏବଂ ଯୋଜନାଗୁଡ଼ିକ ପାଣ୍ଠି ଯୋଗାଣ ସହ ଏଜିଇଏଲ୍‌ର ତ୍ୱରିତ ଅଭିବୃଦ୍ଧି ପଥ ହାସଲ କରିବାକୁ ଅନୁକୂଳ ସ୍ଥିତିରେ ରହିଛି ବୋଲି ଆଦାନୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୬।୧୨

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୦ (୨୨୯.୮୪) ପଏଣ୍ଟ ବଢ଼ି ୭୧,୩୩୭(୭୧,୩୩୬.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୨ (୯୧.୯୫) ପଏଣ୍ଟ ବୃଦ୍ଧି ଘଟି ୨୧,୪୪୧ (୨୧,୪୪୧.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟର ଶୁଭାରମ୍ଭ

ନୂଆଦିଲ୍ଲୀ,୨୬।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଉତ୍ପାଦ 'ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୧୬ ରୁ ୨୫ ବର୍ଷ ବୟସର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା 'ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ' ଏକ ଜିରୋ ବାଲାନ୍ସ ସେଭିଂସ୍ ଆକାଉଣ୍ଟ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ ଛାତ୍ରୀଛାତ୍ରଙ୍କୁ ବ୍ୟାଙ୍କିଙ୍ଗ୍ ପ୍ରୋଗ୍ରାମର ବିଭିନ୍ନ ସୁବିଧା ପ୍ରଦାନ କରିଥାଏ। ଏହା ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ କଷ୍ଟୋମାଇଜ୍ ହୋଇଛି ଏବଂ ସର୍ବନିମ୍ନ ବାଲାନ୍ସ ଆବଶ୍ୟକତା ନାହିଁ। ଏକ ଆଜୀବନ ମାଗଣା ଡେବିଟ୍ କାର୍ଡ ଏବଂ ଅନ୍ୟାନ୍ୟ କେତେକ ସୁବିଧା ସହ କାର୍ଯ୍ୟ କରିବା ସହଜ ଓ ସରଳ ହୋଇଛି। ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟରେ ଛାତ୍ରୀଛାତ୍ରଙ୍କ ପାଇଁ ସର୍ବନିମ୍ନ ବାଲାନ୍ସ ନ ଥିବା, ଶିକ୍ଷାରଣ ଉପରେ ୧୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ସୁଧ ହାର ରିହାତି, ଶିକ୍ଷା ରଣ ଉପରେ ପ୍ରକ୍ରିୟାକରଣ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ଏବଂ ଇଲେକ୍‌ଟ୍ରୋନିକ୍ସ, କଞ୍ଜୁମର ଡ୍ୟୁରେବଲ୍ସ ଭଳି ବର୍ଗର ଶୀର୍ଷ ବ୍ରାଣ୍ଡ ଯଥା ଭ୍ରମଣ, ଖାଦ୍ୟ, ଫ୍ୟାଶନ, ମନୋରଞ୍ଜନ, ଲାଇଫଷ୍ଟାଇଲ୍, ଗ୍ରୋସେରି ଓ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଅଫର ସହ ଜୀବନବ୍ୟାପୀ ମାଗଣା ଭାବରେ ପ୍ଲାଟିନମ୍ ଡେବିଟ୍ କାର୍ଡ ଆଦି ଅଫର ରହିଛି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର ରିଟେଲ ଲାଏବିଲିଟିଜ୍ ଏବଂ ଏମ୍‌ଆର୍‌ଆଇ ବିଜ୍‌ନେସ୍‌ର ମୁଖ୍ୟ ମହାପ୍ରବନ୍ଧକ ରବୀନ୍ଦ୍ର ସିଂ ନେଗୀ କହିଛନ୍ତି, ଆଜିର ଯୁବପିଢ଼ି ସୁରକ୍ଷା ଏବଂ ସେବା ସହିତ ସେମାନଙ୍କ ବ୍ୟାଙ୍କ ସହିତ ଏକ ସମୃଦ୍ଧ, ଅଧିକ ବ୍ୟକ୍ତିଗତ ଏବଂ ଲାଭଦାୟକ ଅଭିଜ୍ଞତାର ଆଶା କରିଥାନ୍ତି। ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ ଯୁବ ବୟସ୍କମାନଙ୍କୁ ବ୍ୟାଙ୍କିଙ୍ଗ୍ ଦୁନିଆ ସହ ପରିଚିତ କରାଇଥାଏ ଯାହା ସେମାନଙ୍କ ନିର୍ଦ୍ଦିଷ୍ଟ ବ୍ୟାଙ୍କିଙ୍ଗ୍ ଆବଶ୍ୟକତାଗୁଡ଼ିକର ଯତ୍ନ ନେଇଥାଏ ଏବଂ ସେମାନଙ୍କୁ ସେମାନଙ୍କ ସର୍ବାଧିକ ଗୁରୁତ୍ୱ ଦେଉଥିବା ବୈଶିଷ୍ଟ୍ୟ ଏବଂ ସୁବିଧାଗୁଡ଼ିକ ଉପଲବ୍ଧ କରାଇଥାଏ। ବର୍ ବ୍ରୋ ବ୍ୟାଙ୍କିଙ୍ଗ୍‌କୁ ସରଳ କରିଥାଏ, ଯାହା ସେମାନଙ୍କୁ ସହଜରେ ସଞ୍ଚୟ ଏବଂ ଆର୍ଥିକ ସ୍ୱାଧୀନତା ଦିଗରେ ଯାତ୍ରା ଆରମ୍ଭ କରିବାକୁ ସକ୍ଷମ କରିଛି। ସେହିଭଳି ବ୍ୟାଙ୍କ ଅଫ୍ ବରୋଦାର ମାର୍କେଟିଂ ଓ ବ୍ରାଣ୍ଡିଂ ହେଡ୍ ଭି. ଜି. ସେଣ୍ଟିଲ୍ କୁମାର କହିଛନ୍ତି, ଦ୍ରୁତଗତିରେ ପରିବର୍ତ୍ତିତ ପରିପ୍ରେକ୍ଷୀରେ ବ୍ୟାଙ୍କ ଅଫ୍ ବରୋଦା ନୂତନ ପିଢ଼ିର ଗ୍ରାହକଙ୍କ ପାଇଁ ପ୍ରାସଙ୍ଗିକ ଓ ଅର୍ଥପୂର୍ଣ୍ଣ ରହିବା ପାଇଁ ବିକଶିତ ତଥା ରୂପାନ୍ତରିତ ହେବାରେ ଲାଗିଛି।

CLASSIFIED DISPLAY

MORE SPACE ' SAME PRICE

For Single Day		For 7 Days		For 15 Days		For 30 days	
6x4	12x4	6x4	12x4	6x4	12x4	6x4	12x4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସିସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆଇଆର୍‌ଏସ୍ ସହ ଜିଜିଓଆଇର ବୁଝାମଣା

ନୂଆଦିଲ୍ଲୀ,୨୬।୧୨

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ସଂସ୍ଥା ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ୧୦୦% ଅଂଶୀଦାର (ସବ୍‌ସିଡାରି) ଆମେରିକୀୟ କମ୍ପାନୀ ଗେଲ୍ ଗ୍ଲୋବାଲ ୟୁଏସ୍‌ଏ ଇଙ୍କ୍ (ଜିଜିୟୁଆଇ) ଏବଂ ଇଣ୍ଟରନାଲ ରେଭିନ୍ୟୁ ସର୍ଭିସ୍ (ଆଇଆର୍‌ଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଆସନ୍ତା ୫ବର୍ଷ ପାଇଁ ୟୁଏସ୍‌ଏରୁ ଏଲ୍‌ଏନ୍‌ଜି ରପ୍ତାନି ପାଇଁ ଉକ୍ତ ବୁଝାମଣା ହୋଇଛି। ଏପରିକି ଆଇଆର୍‌ଏସ୍ ଆଡଭାନ୍ସ ପ୍ରାଇସିଂ ଏଗ୍ରିମେଣ୍ଟ (ଏପିଏ) ଜରିଆରେ ଏଲ୍‌ଏନ୍‌ଜି ରପ୍ତାନି ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏପିଏମ୍‌ଏର ନିର୍ଦ୍ଦେଶକ ଜନ୍ ୱାଲଙ୍କ ଜିଜିଆଇର ପ୍ରେସିଡେଣ୍ଟ ଅଜୟ ଚିତ୍ରେ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏସ୍‌ୟୁଭି ବର୍ଗର ଅଲ ନ୍ୟୁ ଟାଟା ସଫାରି ଏବଂ ହ୍ୟାରିୟରକୁ ନିକଟରେ ଭାରତ ନ୍ୟୁ କାର୍ ଆସେସ୍‌ମେଣ୍ଟ ପ୍ରୋଗ୍ରାମ (ଭାରତ-ଏନ୍‌ସିଏପି) ୫ ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ,କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ ଟାଟା ମୋଟର୍ସର ଏମ୍‌ଡି (ପିଭି ଆଣ୍ଡ ଇଭି ଡିଭିଜନ) ଶୈଳେଶ ଚନ୍ଦ୍ରା ଉକ୍ତ ପ୍ରମାଣପତ୍ର (୫ ଷ୍ଟାର ରେଟିଂ) ଗ୍ରହଣ କରୁଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଟାଟା ମୋଟର୍ସର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

Classified Everyday
0674-2580101, 2549949

MATRIMONIAL

BRIDE WANTED

Handsome Brahmin Boy 1990, 5'8" B.Tech (NIT), MBA (XIMB) Serving Manager MNC Bangalore, "Sunasansar". 9937512659, 8249969649. D-75285

Handsome Karan Boy Judicial Magistrate/ Bhubaneswar (Caste no bar) 'SUHAG'. 9938199964. D-2095

Unmarried Under Graduate ଜ୍ୟୋତିଷ ପାତ୍ରୀ (F) ଜ୍ୟୋତିଷ (M) ଘର ସମ୍ପର୍କ ନଂ.- 6370062866, Professiona Librarian (M). D-2109

GROOM WANTED

ବୟସ 33, Government Clerk ଥିବା ବ୍ରାହ୍ମିନ୍ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75310

Wanted qualified groom 35-38yrs. Service/Business for a beautiful bride 34yrs. Ph.D. Continue Bhubaneswar. Caste no bar. 8917585202. D-74314

AUTOMOBILE

SALE

MARUTI EECO 2020 ac 5str 26000km for sale. Contact 9555990006. D-2096

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

REAL ESTATE

SALE

Ready to Move New (1BHK- Rs.11,00,000/) and (2BHK- Rs. 22,00,000/-) flats for sales at Sundarpada, Bhubaneswar. Contract: 7008346486. D-75509

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

Duplex sale at Bhubaneswar @57 lakhs only. Contact- 9777433701. D-75284

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବା **6370469894.** D-75286

5 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar cost@85lac (land area-1560sqft. built up-2426sqft.). Mob- 9938867397. D-2114

Relax, Refresh your body, Mind at Saikrupa Spa with best therapies. 8984068077. D-2080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

Newly open Spa positively health benefit with expert. Contact: 7749976301. D-2073

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

Newly open Jyoti Spa positively health benefits (Expert Therapist). 8458067955. D-75179

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

3bedroom drawing cum dining, 2washroom, one kitchen ground floor, in BJB nagar near radha krishna tample Bhubaneswar on rent, no space for 4wheeler. mob-9439012691, 9778037682. D-2111

BUSINESS

Concrete Mixture Machine & Lift with Ladder available for Roof Slab Casting at Chief cost At- Phulanakhara, Cuttack. 8327792030 (HITULA), 9682013654 (ALLI BABU). D-75085

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱସରୋଜିନୀ ମହାନ୍ତି

ଆଗର, ଦାସକୁଦ, ଜଗତ୍‌ସିଂହପୁର

ଆବିର୍ଭାବ: ୦୫।୦୫।୧୯୪୮
ତିରୋଧାନ: ୧୭।୧୨।୨୦୨୩

ତୁମେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲା ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ଆଜି ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର/ ପୁତ୍ରବଧୂ, ନାତି/ନାତୁଣୀ ଓ ଆତ୍ମୀୟସ୍ୱଜନ ।

ଧ-୨୧୧୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଶେଷାର୍ଦ୍ଧରେ ଉପନୀତ ୨୦୨୩। ଚଳିତ ବର୍ଷ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...

ଦୃଷ୍ଟାନ୍ତ

ଓୟୁଏଟିର ନୂଆ କିସମ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ତରଫରୁ ଚଳିତ ବର୍ଷ ବିକଶିତ ହୋଇଥିବା ନୂତନ କିସମ ମଧ୍ୟରେ ରହିଛି ଶ୍ରୀ ଅନ୍ନ ମାଣ୍ଡିଆର 'ଶ୍ରୀରତ୍ନ' ଏବଂ ବାଇଗଣର 'ଗୌରୀ'। ଏଥି ସହିତ ଧାନ ଫସଲର ୬ ଟି କିସମ, ମାଣ୍ଡିଆ, ମୁଗ, ଚିନାବାଦାମ, ସୋରିଷ ଓ ରାଶିର ଗୋଟିଏ ଲେଖାଁ କିସମ, ଲଙ୍କାମରିଚ, ବିଲାତି ବାଇଗଣ ଓ ଶିମ୍ବର ଗୋଟିଏ କିସମ, ମସଲା ଜାତୀୟ ଫସଲ ମଧ୍ୟରେ ଅଦାର ଦୁଇଟି ଏବଂ ହଳଦୀର ଦୁଇଟି କିସମ ରହିଛି। ଧାନ କିସମ ମଧ୍ୟରେ ଓୟୁଏଟି କଳିଙ୍ଗ ଧାନ-୧ (କୋଲାବ), ଓୟୁଏଟି କଳିଙ୍ଗ ଧାନ-୬ (ଭାର୍ଗବୀ), ଓୟୁଏଟି କଳିଙ୍ଗ ଧାନ-୭ (ବରୁଣେଇ) ଅନ୍ୟତମ।

କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ମାନ୍ୟତା ପାଇଁ ବିଜ୍ଞପ୍ତି

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଓଗ୍ରାଫିକାଲ ଇଣ୍ଡିକେଶନ(ଜିଆଇ) ମାନ୍ୟତା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି ଆଉ କେହି ଦାବିଦାର ନ ରହନ୍ତି, ତେବେ ଏହି ବାଇଗଣକୁ ଜିଆଇ ମାନ୍ୟତା ମିଳିଯିବ। ଉକ୍ତ ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ଲାଗି ଦରଖାସ୍ତ ନଂ. ୭୩୯ରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନ ପକ୍ଷରୁ ଆବେଦନ କରାଯାଇଥିଲା। ନୀଳରଙ୍ଗ ଏବଂ ଗୋଲାକାର ବିଶିଷ୍ଟ ଏହି ବାଇଗଣର ଗଛ, ପତ୍ର ଏବଂ ଫଳରେ କଣ୍ଟା ଥାଏ। ଉକ୍ତ ବାଇଗଣର ଆକାର ଛୋଟ ହୋଇଥିଲେ ମଧ୍ୟ ଅଧିକ ମଞ୍ଜି ଥାଏ ଏବଂ ଏହା ସ୍ୱାଦିଷ୍ଟ । ନୂଆ ଲଗାଯାଇଥିବା ବାଇଗଣ ଗଛରେ ୩୦-୩୫ ଦିନ ମଧ୍ୟରେ ଫଳ ଆସିଥାଏ।

ଓଡ଼ିଶା ମତ୍ସ୍ୟ ଷ୍ଟଲ୍ ପୁରସ୍କୃତ

କେରଳର କୋଚିଠାରେ ଆୟୋଜିତ ୩ଦିନିଆ କୃଷି ବିଜ୍ଞାନ କଂଗ୍ରେସ ଏବଂ ଏକ୍ସ-ପୋ'ରେ ଓଡ଼ିଶା ମତ୍ସ୍ୟ ଷ୍ଟଲ୍‌କୁ 'ବେଷ୍ଟ ଏଗ୍ରି ଏକ୍ସପୋ ଷ୍ଟଲ୍ ଭାବରେ ପୁରସ୍କୃତ କରାଯାଇଥିଲା।

ବିଶ୍ୱ ଅଣ୍ଡା ଦିବସ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ବିଶ୍ୱ ଅଣ୍ଡା ଦିବସ ପାଳିତ। ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ଅଣ୍ଡାର ଗୁଣବତ୍ତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ଲାଭଜନକ କୁକୁଡା ପାଳନ ଉପରେ ଉକ୍ତ ଉତ୍ସବରେ ଗୁରୁତ୍ୱାରୋପ କରାଯାଇଥିଲା।

ଦାରିଙ୍ଗିବାଡ଼ିରେ ଷ୍ଟ୍ରବେରି ଚାଷ

ଚଳିତ ବର୍ଷ ଆମ ରାଜ୍ୟର ଦାରିଙ୍ଗିବାଡ଼ିରେ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ କରାଯାଇଛି। ଗ୍ରୀନ୍‌ବାଡ଼ି ପଞ୍ଚାୟତର ଏଲିଜାବେଥ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲା ପ୍ରଶାସନ ସହାୟତାରେ ଏଭଳି ଉଦ୍ୟମ ସଫଳ ହୋଇଛି। ଏହି ଚାଷ ଥରେ ହେବା ପରେ ତାହା ଲଗାତର ୫ ବର୍ଷ ପର୍ଯ୍ୟନ୍ତ ଫଳିବ। ରାଜ୍ୟ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା ପରେ ଏହି ଚାଷ ପାଇଁ ଅନୁମତି ଦିଆଯାଇଥିଲା।

ରାଜ୍ୟସ୍ତରୀୟ କୃଷି ଶିକ୍ଷା ମେଳା

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ଚଳିତ ବର୍ଷ ୩ଦିନିଆ ରାଜ୍ୟସ୍ତରୀୟ କୃଷିମେଳା ଅନୁଷ୍ଠିତ ହୋଇଥିଲା। କୃଷି ଓ ଆନୁଷଙ୍ଗିକ ବୈଷୟିକ ଜ୍ଞାନକୌଶଳକୁ ଏଥିରେ ପ୍ରଦର୍ଶନ କରିବା ଏବଂ ଏହାର ବହୁଳ ପ୍ରଚାରପ୍ରସାର ଏହି ମେଳାର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ମେଳାରେ କୃଷିଜାତ ଦ୍ରବ୍ୟ ସହ ଖାଦ୍ୟ, ପୋଷାକ ମେଳା ମଧ୍ୟ ଦେଖିବାକୁ ମିଳିଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପାଖାପାଖି ୭୧ ଷ୍ଟଲ୍ କରାଯାଇଥିଲା। ତା'ସହ ଓୟୁଏଟି ଦ୍ୱାରା ବିକଶିତ ନୂତନ କିସମ ଯନ୍ତ୍ରପାତି, ବିହନ ଆଦି ପ୍ରଦର୍ଶିତ ହୋଇଥିଲା। ଏଥିରେ ରାଜ୍ୟର ୪୦୦ କୃଷକ ଯୋଗଦେଇଥିଲେ। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ରାଜ୍ୟସ୍ତରୀୟ ଗୋଶାଳା ସମ୍ମିଳନୀ

ଭୁବନେଶ୍ୱରସ୍ଥ କୃଷି ଭବନରେ ରାଜ୍ୟସ୍ତରୀୟ ଗୋଶାଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଏହି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ। ରାଜ୍ୟର ଅନେକ ଗୋଶାଳାର ମାଲିକ ମଧ୍ୟ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ। ଗୋଶାଳାର ଆର୍ଥିକ ଅନୁଦାନ ବୃଦ୍ଧି ସହ ବିଭିନ୍ନ ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଓୟୁଏଟିରେ କୃଷି ସାମ୍ବାଦିକତା କର୍ମଶାଳା

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଚଳିତ ବର୍ଷ 'କୃଷି ସାମ୍ବାଦିକତା ଓ ଓଡ଼ିଶା କୃଷିର ରୂପାନ୍ତରୀକରଣ' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା। କୁଳପତି ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଖବର ସରବରାହ ସଂସ୍ଥାର କର୍ମକର୍ତ୍ତା, ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

ଜାତୀୟ ଦୁଗ୍ଧ ଦିବସ

ଚଳିତ ବର୍ଷ ନଭେମ୍ବର ୨୬ରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଛି। ଏଥିରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଭାଗୀୟ ପ୍ରମୁଖ ସଚିବ ସୁରେଶ ବଶିଷ୍ଠ ଏବଂ ନିର୍ଦ୍ଦେଶକ ରାମାଶିଷ୍ ହାଜରା ଯୋଗଦେଇଥିଲେ। ଏଥିରେ ମଧ୍ୟ ରାଜ୍ୟର ଅନେକ ଦୁଗ୍ଧଚାଷୀ ଅଂଶଗ୍ରହଣ କରିଥିଲେ।

କୃଷି ଉଦ୍ୟାନ ଯୋଜନାରେ ସବ୍‌ସିଡି

ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାନ ଯୋଜନାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଏବଂ ପ୍ରାଣୀପାଳନ ନିମନ୍ତେ ରାଜ୍ୟର ଯୁବୋଦ୍ୟୋଗୀମାନଙ୍କୁ ଅଧିକ ଆତ୍ମନିର୍ଭରଶରୀଳ କରାଇବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ସବ୍‌ସିଡି ଘୋଷଣା କରାଯାଇଥିଲା।

ରାଜ୍ୟ କୃଷି ବିପଣନ ବୋର୍ଡ ପୁରସ୍କୃତ

ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡକୁ 'ସ୍କଚ୍-୨୦୨୩' ପୁରସ୍କାର ମିଳିଛି। କୃଷିରେ ରୌପ୍ୟ ବର୍ଗରେ ଇ-ନାମ୍ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇ-ନାମ୍ ହେଉଛି ଏକ ପାନ୍-ଇଣ୍ଡିଆ ଅନ୍‌ଲାଇନ ପ୍ଲାଟ୍‌ଫର୍ମ। ଏହା କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହୋଇଛି।

ଓଡ଼ିଶାକୁ ଗୋପାଳନ ରତ୍ନ ପୁରସ୍କାର

ଚଳିତବର୍ଷ ନଭେମ୍ବର ୨୬ରେ ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ହୋଇଥିଲା ଜାତୀୟ ଦୁଗ୍ଧ ଦିବସ। ଏହି ଅବସରରେ ସମଗ୍ର ଦେଶରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଓଡ଼ିଶାକୁ ପ୍ରଶଂସା କରାଯାଇଥିଲା। ଉକ୍ତ ଦିବସରେ ରାଜ୍ୟ ସରକାରଙ୍କ ତରଫରୁ ମନୋନୀତ ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କୃତ୍ରିମ ପ୍ରଜନନକାରୀ ତଥା ବାଏଫ୍‌ରେ କାର୍ଯ୍ୟ କରୁଥିବା ଅନୀଲ କୁମାର ପ୍ରଧାନଙ୍କୁ ସମ୍ମାନଜନକ 'ଗୋପାଳନ ରତ୍ନ' ପୁରସ୍କାର ପ୍ରଦାନ କରାଯାଇଥିଲା। ଆସାମର ମତ୍ସ୍ୟ, ପଶୁପାଳନ ବିଭାଗ ମନ୍ତ୍ରୀ ପାଶୋଉମ ରୁପେଲା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବରେ ନିକଟରେ ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଭାବରେ ଅବସର ଗ୍ରହଣ କରିଥିବା ଡା. ବୀରକିଶୋର ପରିଡ଼ା ଯୋଗଦେଇଥିଲେ।

ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ଲୋକାର୍ପିତ

ପ୍ରାଣୀମାନଙ୍କୁ ଭ୍ରାମ୍ୟମାଣ ସେବା ଯୋଗାଇଦେବା ପାଇଁ ୧୮୧ଟି ସ୍ୱତନ୍ତ୍ର ଡିଜାଇନ୍‌ର ଆମ୍ବୁଲାନ୍ସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ।

ଏନ୍‌ଆର୍‌ଆର୍‌ଆଇର ନୂତନ କିସମ ଧାନ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପକ୍ଷରୁ ଚଳିତ ବର୍ଷ ବିକଶିତ ନୂଆ ଧାନ କିସମଗୁଡିକ ହେଲା- ସିଆର୍ ଧାନ ୮୦୭,ସିଆର୍ ଧାନ ୮୦୪,ସିଆର୍ ଧାନ ୮୦୮,ସିଆର୍ ଧାନ ୨୧୨,ସିଆର୍ ଧାନ ୨୧୪, ସିଆର୍ ଧାନ ୩୨୨,ସିଆର୍‌ଧାନ ୩୨୯ଏବଂ ସିଆର୍ ଧାନ ୩୩୧। ଆସାମର ଜୋର୍‌ହାଟରେ ଆୟୋଜିତ ବାର୍ଷିକ ବୈଠକରେ ଅଖିଳ ଭାରତୀୟ ସମନ୍ୱିତ ଚାଉଳ ଅନୁସନ୍ଧାନ ପ୍ରକଳ୍ପର କିସମ ପରିଚୟନ ସମିତି ଦ୍ୱାରା ଏହି କିସମଗୁଡିକୁ ଚିହ୍ନଟ କରାଯାଇଥିଲା। ଫସଲ ମାନକ,ଅଧିସୂଚନା ଏବଂ କିସମ ଉନ୍ମୋଚନ ପାଇଁ ଗଠିତ କେନ୍ଦ୍ରୀୟ ଉପ ସମିତି ଏହାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି କିସମଗୁଡ଼ିକ ଏକାଧାରରେ ୧୧ଟି ରାଜ୍ୟ ଯଥା ଉତ୍ତର ପ୍ରଦେଶ ,ଓଡ଼ିଶା, ବିହାର,ଝାଡ଼ଖଣ୍ଡ, ଛତିଶଗଡ଼ ,ମଧ୍ୟପ୍ରଦେଶ,ମହାରାଷ୍ଟ୍ର,ଗୁଜରାଟ, ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା ଏବଂ ତାମିଲନାଡୁରେ ଚାଷ ପାଇଁ ଉପଯୋଗୀ।

ଗୋ-ସମ୍ବର୍ଦ୍ଧନା

ଚଳିତ ବର୍ଷ ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ରାଜ୍ୟରେ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ଜିଲାରେ ଗୋ-ପୂଜନ, ଗୋ-ପ୍ରଦର୍ଶନୀ, ସାଧାରଣ ସଭା ଏବଂ ଗୋ-ପାଳକମାନଙ୍କୁ ସମ୍ବର୍ଦ୍ଧନା ଆଦି ଆୟୋଜନ କରାଯାଇଥିଲା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୭/୨୦୨୩ Bhubaneswar, Wednesday, December 27/ 2023

ଭାରତର ବ୍ୟାଟିଂ ବିପର୍ଯ୍ୟୟ

ସେଞ୍ଚୁରିଅନ୍,୨୬।୧୨

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଘରୋଇ ବୋଲରମାନେ ପିଚ୍ ଓ ପରିବେଶରୁ ଫାଇଦା ଉଠାଇବାରେ ସକ୍ଷମ ହୋଇଥିବାବେଳେ ପ୍ରଥମ ଦିବସରେ ବର୍ଷା ଯୋଗୁ ଖେଳ ବନ୍ଦ ହେବା ବେଳକୁ ଭାରତ ୫୯ ଓଭରରେ ୮ ଉଇକେଟ ହରାଇ ୨୦୮ ରନ୍ ସଂଗ୍ରହ କରିଛି। ଲୋକେଶ ରାହୁଲ ୭୦ ରନରେ ଅପରାଜିତ ରହି ଭାରତ ସ୍କୋରକୁ ୨୦୦ ଅତିକ୍ରମ କରାଇଛନ୍ତି। ବର୍ଷା କାରଣରୁ ମ୍ୟାଚ୍ ୧୫ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା।

ଟସ୍ ହାରି ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ସେଞ୍ଚୁରିଅନ୍‌ର ପେସ୍ ଓ ବାଉନ୍ସି ପିଚ୍‌ରେ ଭାରତୀୟ ଟପ୍ ଅର୍ଡର ଫେଲ୍ ମାରିଥିଲା। ମାତ୍ର ୨୪ ରନ୍‌ରେ ଦଳର ୩ ବ୍ୟାଟର ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ରୋହିତ ଶର୍ମା ୫, ଯଶସ୍ୱୀ ଜୟସ୍ୱାଲ ୧୭ ଓ ଶୁବମନ ଗିଲ୍ ୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚ୍‌ର ପଞ୍ଚମ ଓଭରରେ ରୋହିତଙ୍କୁ ଆଉଟ କରି ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ କାଗିସୋ ରାବାଡା। ଯଶସ୍ୱୀ ଜୟସ୍ୱାଲ ୪ ଚୌକା ସହିତ ୧୭ ରନ୍ କରିଥିବା ବେଳେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳୁଥିବା ନାନ୍ଦ୍ରେ ବର୍ଗରଙ୍କ ଶିକାର ହୋଇଥିଲେ। ଏହାର ୨ ଓଭର ମଧ୍ୟରେ ଗିଲ୍ ୨ ରନ୍ କରି ବର୍ଗରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିଶ୍ୱକପ ଫାଇନାଲ ପରେ ଆକ୍ସନକୁ ଫେରିଥିବା ବିରାଟ କୋହଲି (୩୮) ଓ ଶ୍ରେୟସ ଆୟର (୩୧) ଥରେ ଲେଖାଏ ଜୀବନଦାନ ପାଇ ଚତୁର୍ଥ ଉଇକେଟରେ ୬୮ ରନ୍ ଯୋଡିଥିଲେ। ପ୍ରଥମ ସେସନରେ ଭାରତ ୨୬ ଓଭରରେ ୩ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ତେବେ ଲଞ୍ଚ ପରବର୍ତ୍ତୀ ପ୍ରଥମ ଓଭରରେ ଆୟରଙ୍କୁ ଆଉଟ କରି ଭାରତକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲେ ରାବାଡା। ଏହାର ୩ ଓଭର ପରେ ଷ୍ଟାର ବ୍ୟାଟର କୋହଲିଙ୍କୁ ସେ ତୃତୀୟ ଶିକାର ବନାଇଥିଲେ। କୋହଲି ୬୪ ବଲ୍ ଖେଳି ୫ ଚୌକା ସହିତ ୩୮ ରନ୍ କରିଥିବା ବେଳେ ଆୟର ୫୦ ବଲ୍ ଖେଳି ୩ ଚୌକା ସହ ୩୧ ରନ କରିଥିଲେ।

ଉଇକେଟ ନେବାପରେ ଉଲ୍ଲସିତ କାଗିସୋ ରାବାଡ଼ା।

ପ୍ରଥମ ଟେଷ୍ଟ
- ଲୋକେଶ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ
- କାଗିସୋ ରାବାଡ଼ାଙ୍କୁ ୫ ଉଇକେଟ

ଲୋକେଶ ରାହୁଲ ଓ ଶାର୍ଦ୍ଦୂଳ ଠାକୁର ସତର୍କତାର ସହ ବ୍ୟାଟିଂ କରି ଇନିଂସ ଗଢ଼ିଥିଲେ। ତେବେ ୭ମ ଉଇକେଟରେ ୪୩ ରନର ଭାଗୀଦାରି ପରେ ଶାର୍ଦ୍ଦୂଳ ୨୪ ରନକରି ରାବାଡ଼ାଙ୍କ ୫ମ ଶିକାର ହୋଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୮ ଓ ଯଶପ୍ରୀତ୍ ବୁମ୍‌ରା ମାତ୍ର ୧ ରନ କରି ପାରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ରାବାଡା ୫ ଉଇକେଟ ସଫଳତା ପାଇଥିବାବେଳେ ବର୍ଗର ୨ଟି ଓ ମାର୍କୋ ଜାନସେନ ଗୋଟିଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୦୮/୮ (ଲୋକେଶ ରାହୁଲ-୭୦*, ବିରାଟ କୋହଲି-୩୮, ଶ୍ରେୟସ ଆୟର-୩୧, କାଗିସୋ ରାବାଡ଼ା-୫/୪୪, ନନ୍ଦ୍ରେ ବର୍ଗର-୨/୫୦, ମାର୍କୋ ଜାନସେନ-୧/୫୨)।

ପ୍ରଥମ ଦିବସରେ ଅଷ୍ଟ୍ରେଲିଆ ୧୮୭/୩

ମେଲବୋର୍ନ, ୨୬।୧୨ (ଏପି)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ବର୍ଷାରେ ପ୍ରଭାବିତ ଏହି ମ୍ୟାଚରେ ମାର୍ନସ ଲାବୁସେନଙ୍କ ଅପରାଜିତ ୪୪ ରନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୧୮୭ ରନ କରିଛି। ପାକିସ୍ତାନ ଅଧିନାୟକ ଶନ ମାସୁଦ ମେଘୁଆ ପାଗରେ ଟସ୍ ଜିତି ଅଷ୍ଟ୍ରେଲିଆକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ହେଲେ ସିମ୍ ବୋଲରଙ୍କୁ ସୁହାଉଥିବା ଏହି ପିଚ୍‌ରୁ ସେ ଫାଇଦା ଉଠାଇ ପାରିଲେନି। ଓପନର ଡେଭିଡ ୱାର୍ନର (୮୩ ବଲ୍‌ରୁ ୩୮ରନ) ଏବଂ ଉସ୍‌ମାନ ଖ୍ୱାଜା (୧୦୧ ଲ୍‌ରୁ ୪୨ ରନ) ପାର୍ଟନରଶିପ୍ ଭାଙ୍ଗିବା ପୂର୍ବରୁ ପ୍ରଥମ ଉଇକେଟରେ ୯୦ ରନ ଯୋଗ କରିବାରେ ସମର୍ଥ ହୋଇଥିଲେ। ଆସନ୍ତା ତୃତୀୟ ଟେଷ୍ଟ ପରେ ଅବସର ନେବାକୁଥିବା ୱାର୍ନର ମଧ୍ୟାହ୍ନ ଭୋଜନ ପୂର୍ବରୁ ଶେଷ ଓଭରରେ ସ୍ପିନର ଆଘା ସଲମନଙ୍କ ବୋଲିଂରେ ଅଫ୍ ଷ୍ଟମ୍ପ ବାହାରେ ଏକ ଲୁଜ୍ ଶଟ ଖେଳିବାକୁ ଯାଇ ସ୍ଲିପ୍‌ରେ କ୍ୟାଚ ଆଉଟ ହୋଇଯାଇଥିଲେ। ପର୍ଥଠାରେ ପ୍ରଥମ ଟେଷ୍ଟରେ ୧୬୪ ରନ ସଂଗ୍ରହ କରିଥିବା ୩୭ ବର୍ଷୀୟ ୱାର୍ନରଙ୍କ ପକ୍ଷେ ସୌଭାଗ୍ୟର ବିଷୟ ଯେ, ସେ ଦୁଇ ଅଙ୍କ ସ୍କୋର କରିପାରିଛନ୍ତି। ୱାର୍ନର ବ୍ୟକ୍ତିଗତ ମାତ୍ର ୨ ରନ କରି ଖେଳୁଥିବା ବେଳେ ତୃତୀୟ ଓଭରରେ ଶାହିନ ଶାହା ଆଫ୍ରିଦି ବୋଲିଂରେ ପ୍ରଥମ ସ୍ଲିପ୍‌ରେ କ୍ୟାଚ ସୁଯୋଗ ଦେଇଥିଲେ। ଅବଦୁଲ ଶାଫିକ୍ କିନ୍ତୁ ଏହାକୁ ହାତଛଡ଼ା କରିଦେଇଥିଲେ। ମଧ୍ୟାହ୍ନ ଭୋଜନ ବେଳେ ୩୬ ରନ କରି ଅପରାଜିତ ରହିଥିବା ଖ୍ୱାଜା ପରେ ଆଉ ୬ ରନ ଯୋଗ କରି ହସନ ଅଲିଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ ଆଉଟ ହୋଇଥିଲେ। ସେତେବେଳେ ସ୍କୋର ୧୦୮/୨ରେ ହୋଇ ଯାଇଥିଲା। ୨୦୨୩ରେ ଅଗ୍ରଣୀ ଟେଷ୍ଟ ସ୍କୋରର ଖ୍ୱାଜା ଇତିମଧ୍ୟରେ ୧,୨୧୦ ରନ କରିସାରିଛନ୍ତି। ବର୍ଷା ବାଧା ଦେବାରୁ ୩୭ ମିନିଟ ଆଗୁଆ ଚା' ବିରତି ହୋଇଥିଲା।

ଉସମାନ ଖ୍ୱାଜାଙ୍କୁ ଆଉଟ କରିବାପରେ ହସନ ଅଲୀ।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୬୬ ଓଭରରେ ୧୮୭/୩ (ମାର୍ନସ ଲବୁସେନ-୪୪*, ଉସ୍‌ମାନ ଖ୍ୱାଜା-୪୨, ଡେଭିଡ୍ ୱାର୍ନର-୩୮ ; ଆଘା ସଲମନ-୧/୫, ହସନ ଅଲି-୧/୨୮)।

ଜାତୀୟ ହକି କ୍ୟାମ୍ପ ପାଇଁ ୩୪ ଜଣିଆ ମହିଳା ଦଳ


ମୁଖ୍ୟ କୋଚ୍ ଜାନେକ ସ୍କୁପମାନ।

ବେଙ୍ଗାଲୁରୁ,୨୬।୧୨(ପି.ଟି.)

ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଓ ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ଜାତୀୟ କ୍ୟାମ୍ପ ପାଇଁ ୩୪ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି। ଭାରତୀୟ ମହିଳା ଦଳ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରି ନ ଥିବା ବେଳେ ରାଞ୍ଚିରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ। ଭାରତୀୟ ମହିଳା ହକି ଦଳ ବର୍ତ୍ତମାନ ପଞ୍ଚରାଷ୍ଟ୍ରୀୟ ଟୁର୍ନାମେଣ୍ଟ ପାଇଁ ସ୍ପେନର ଭାଲେନ୍ସିଆରେ ରହିଛି। ଟୁର୍ନାମେଣ୍ଟ ଶେଷ ହେବା ପରେ ଦଳ ଜାତୀୟ କ୍ୟାମ୍ପରେ ଯୋଗ ଦେବ। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଜାନୁୟାରୀ ୧୩-୧୯ ପର୍ଯ୍ୟନ୍ତ ରାଞ୍ଚିରେ ଖେଳାଯିବ। ଭାରତ ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ନ୍ୟୁଜିଲାଣ୍ଡ, ଇଟାଲୀ ଓ ଯୁକ୍ତରାଷ୍ଟ୍ର ଆମେରିକା ସମାନ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ ଏ'ରେ ଜର୍ମାନୀ, ଜାପାନ, ଚିଲି ଓ ଚେକ୍ ରିପବ୍ଲିକ ରହିଛନ୍ତି। ପୂର୍ବରୁ ରାଞ୍ଚିରେ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ଓମେନ୍ସ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହୋଇଥିଲା। ପଞ୍ଚରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଆମ ପାଇଁ ଅଲିମ୍ପିକ୍ସ ପ୍ରସ୍ତୁତିର ଲିଟମସ୍ ଟେଷ୍ଟ ବୋଲି କହିଛନ୍ତି ମୁଖ୍ୟ କୋଚ୍ ଜାନେକ୍ ସ୍କୋପମାନ୍। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ ପରେ ଆମେ ଆଉ ଭଲ ପ୍ରଦର୍ଶନ ପାଇଁ ପ୍ରୟାସ କରିବୁ। ଦଳ ବର୍ତ୍ତମାନ ଉଭୟ ଶାରୀରିକ ଓ ମାନସିକ ଭାବରେ ଦୃଢ ହେବାକୁ ପ୍ରୟାସ ଜାରି ରଖିଛି। ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିବାକୁ ଏହା ଅନ୍ତିମ ସୁଯୋଗ ରହିଥିବା ବେଳେ ଏହାର ପୂର୍ଣ୍ଣ ବ୍ୟବହାର ପାଇଁ ପ୍ରୟାସ କରିବୁ ବୋଲି ସ୍କୁପମାନ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଶେଷ ହେବା ପରେ ଭାରତୀୟ ଦଳ ଓମାନର ମସ୍କାଟ ଗସ୍ତ କରି ଜାନୁୟାରୀ ୨୪-୨୭ ମଧ୍ୟରେ ଫାଇଭ୍ ଏ ସାଇଡ୍ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ।

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ସମ୍ବର୍ଦ୍ଧିତ ସ୍କେଟରମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

୯୭ ସ୍କେଟର୍ସ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ)

ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ଓ ଓଡ଼ିଶା ସ୍କେଟିଂ ଏକାଡେମୀ ପକ୍ଷରୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ୯୭ ସ୍କେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସ୍କେଟରମାନେ ଗତ ଅଗଷ୍ଟ ୧୫ରେ କଳିଙ୍ଗ ଷ୍ଟାଡିୟମରେ ନନ୍‌ଷ୍ଟପ୍ ୫ ଘଣ୍ଟା ରୋଲର ସ୍କେଟିଂ ରିଲେ ମାରାଥନ କରି ଏସିଆ ପାସିଫିକ୍ ରେକର୍ଡ୍ସ, ଏକ୍ସଟ୍ରିମ ରେକର୍ଡ୍ସ ଓ ନ୍ୟାଶନାଲ ରେକର୍ଡ୍ସର ଅଧିକାରୀ ହୋଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ପର୍ବତାରୋହି ସିଦ୍ଧାର୍ଥ ରାଉତରାୟ, ସାମାଜିକ କର୍ମୀ ଧରିତ୍ରୀ ଗୌଡ଼, ଓଡ଼ିଶା ରୋଲର୍ସ ସ୍କେଟିଂ ଆସୋସିଏଶନ ଉପସଭାପତି ସତ୍ୟ ଜୟସିଂ, ସମ୍ପାଦକ ପାର୍ଥ ସାରଥି ଜେନା ଏବଂ ସଦସ୍ୟ ଜଗନ୍ନାଥ ରାଉତ, ସୌଦାମିନୀ ପାତ୍ର, ଇତିଶ୍ରୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

ରଗ୍‌ବୀରେ ଓଡ଼ିଶାକୁ ଦ୍ୱିତୀୟ ସ୍ଥାନ

ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ)

ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କିଟ୍ ଓ କିସ୍‌ର ମିଳିତ ଆନୁକୂଲ୍ୟରେ ୬୭ତମ ଜାତୀୟ ସ୍କୁଲ ଭଲିବଲ ଓ ରଗ୍‌ବୀ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କିଟ୍ ଓ କିସ୍ ପରିସରରେ ଅନୁଷ୍ଠିତ ରଗ୍‌ବୀ ପ୍ରତିଯୋଗିତାର ବାଳିକା ଓ ବାଳକ ବିଭାଗରେ ବିହାର ପ୍ରଥମ, ଓଡ଼ିଶା ଦ୍ୱିତୀୟ ଓ ମହାରାଷ୍ଟ୍ର ୩ୟ ସ୍ଥାନ ଅଧିକାର କରିଛି। ବାଳକ ଭଲିବଲରେ ଉତ୍ତର ପ୍ରଦେଶ, ହରିୟାଣା ଓ ଆନ୍ଧ୍ର ପ୍ରଦେଶ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ସିବିଏସ୍‌ଇ ଡବ୍ଲ୍ୟୁଏସଓ, ଉତ୍ତର ପ୍ରଦେଶ ଓ ତାମିଲନାଡୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥୀ ଏସ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି, ଅର୍ଜୁନ ପୁରସ୍କାର ପ୍ରାପ୍ତ ଭାରୋତ୍ତୋଳକ କେ. ରବିକୁମାର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏସ୍‌ଜିଏଫ୍‌ଆଇ ପର୍ଯ୍ୟବେକ୍ଷକ ମୁର୍ତ୍ତୀ ରାଜୁ, ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ କୌଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ସପନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

ମୁଜିବ୍, ନବୀନ, ଫାରୁକିଙ୍କୁ ମିଳୁନି ଏନ୍‌ଓସି

କାବୁଲ,୨୬।୧୨(ପି.ଟି.)

ଆଫଗାନିସ୍ତାନର ୩ ଖେଳାଳି ମୁଜିବ୍ ଉର ରେହମାନ, ନବୀନ ଉଲ୍ ହକ୍ ଓ ଫଜଲ୍‌ହକ୍ ଫାରୁକିଙ୍କୁ ଆଫଗାନିସ୍ତାନ କ୍ରିକେଟ ବୋର୍ଡ(ଏସିବି) ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ମନା କରାଯାଇଛି। ଏହି ୩ ଖେଳାଳି ଜାତୀୟ ଦଳ ପାଇଁ ନ ଖେଳି ବିଭିନ୍ନ ଫ୍ରାଞ୍ଚାଇଜ କ୍ରିକେଟ ଖେଳିବାକୁ ପ୍ରାଧାନ୍ୟ ଦେଇଥିବା ବେଳେ ଏସିବି ଏଭଳି ନିଷ୍ପତ୍ତି ନେଇଛି। ୩ ଖେଳାଳି ଏସିବିର ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଜାତୀୟ କ୍ରିକେଟର ହିତକୁ ଆଖି ଆଗରେ ରଖି ଏହି ୩ ଖେଳାଳିଙ୍କୁ ଆଗାମୀ ଦୁଇ ବର୍ଷ ଯାଏ ବିଦେଶୀ ଲିଗ୍‌ରେ ଖେଳିବାକୁ ଅନୁମତି ନ ଦେବା ଲାଗି ଏସିବି ନିଷ୍ପତ୍ତି ନେଇଛି। ଫଳରେ ଆସନ୍ତା ଆଇପିଏଲ୍‌ରେ ଏହି ୩ ଖେଳାଳିଙ୍କ ଅଂଶଗ୍ରହଣ କରିବାକୁ ନେଇ ଆଶଙ୍କା ଲାଗି ରହିଛି। ଏସିବିର ଅଫିସିଆଲ ୱେବ୍‌ସାଇଟ୍‌ରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କିଛି ଖେଳାଳି ବ୍ୟକ୍ତିଗତ ସ୍ୱାର୍ଥକୁ ଜାତୀୟ ସ୍ୱାର୍ଥ ଅପେକ୍ଷା ପ୍ରାଧାନ୍ୟ ଦେଉଛନ୍ତି। ଆମେ ଏହାକୁ ବିରୋଧ କରୁଥିବା ବେଳେ ଏହାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି।

କ୍ଲବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟ୍‌ବଲ ଆରମ୍ଭ

ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ)

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କ୍ଲବ-୭୩ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସତ୍ୟବ୍ରତ ମହାପାତ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ବିଧାୟକ ଜୟନାରାୟଣ ମିଶ୍ର ଓ ସୁରେଶ କୁମାର ରାଉତରାୟ, ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସତ୍ୟବ୍ରତଙ୍କ ବଡ଼ଭାଇ ବିଭୂଦତ୍ତ ମହାପାତ୍ର, ସ୍ପୋର୍ଟ୍ସ ଏମ୍ପୋରିୟମ ମାଲିକ ରୌନକ ଧୁପର ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ-୭୩ ସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ କିଶୋର କ୍ଲବ ୬-୦ ଗୋଲରେ କିଟ୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପପୁ ମାଝି ହ୍ୟାଟ୍ରିକ ସହ ୭, ୩୪, ୫୪ ଓ ୬୦ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିବାବେଳେ ନିକେଶ ମୁଣ୍ଡା ୧୧ ଓ ଭବାନୀ ଶଙ୍କର ୩୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପପୁ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ୟୁନିଟ-୬କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭାବଗ୍ରାହୀ ପରିହା ୩୨ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ସେକ୍ ସାକିବ ଶାହାଜାଦ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଥମ ମ୍ୟାଚରେ କ୍ଲବ-୭୩ ଉପସଭାପତି ସିଦ୍ଧାର୍ଥ ପାଢ଼ୀ ଏବଂ ଦ୍ୱିତୀୟ ମ୍ୟାଚରେ ପ୍ରଦ୍ୟୁମ୍ନ ବଳିୟାରସିଂ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ୮ ଦଳକୁ ନେଇ ହେଉଥିବା ଏହି ପ୍ରତିଯୋଗିତା ୨୯ ତାରିଖରେ ଶେଷ ହେବ।

ପ୍ରଥମ ଦିବସରେ କିଶୋର କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଏମ୍‌ବିଏସ୍ ଏକାଦଶ ୭୯ ରନରେ ବିଜୟୀ

ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗଡ଼ ଗୋପୀନାଥ ପ୍ରସାଦ (ଜିଜିପି) ସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱରର ଏମ୍‌ବିଏସ୍ ଏକାଦଶ ବିଜୟୀ ହୋଇଛି। ଏହି ଦଳ ୭୯ ରନରେ କଟକର ମାଭେରିକ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏମ୍‌ବିଏସ

ସନ୍ତୋଷ ମେମୋରିଆଲ କ୍ରିକେଟ

ଏକାଦଶ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୭୬ ରନ କରିଥିଲା। ଦଳ ପକ୍ଷରୁ ପଙ୍କଜ କୁମାର ଦାସ ୩୧ ବଲ୍‌ରୁ ସର୍ବାଧିକ ୯୩ ରନ କରିଥିଲେ। ବିପକ୍ଷ ଦଳର ପ୍ରିତମ ମହାନ୍ତି ୨ ଉଇକେଟ ନେଇଥିଲେ। ୧୭୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ମାଭେରିକ୍ସ ପୂରା ୧୨ ଓଭର ଖେଳିଥିଲେ ହେଁ ୯୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଭିଜିତ ଜେନା ସର୍ବାଧିକ ୨୮ ରନ କରିଥିବାବେଳେ ବିଜୟୀ ଦଳର ସମିତ ପାଇକରାୟ ୩୧ ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ଏମ